

ଆମେରିକା ସହ ବୁଝାମଣା ଜରୁରୀ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 193 | ଭାଗ ୩୩ | ସଂଖ୍ୟା ୧୯୩ | Monday 6 October 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୬ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଦାର୍ଜିଲିଂରେ ଭୂସ୍ଖଳନ





### ୨୦ ମୃତ

**ସିକିମକୁ ଯୋଗାଯୋଗ ବିଚ୍ଛିନ୍ନ**

**ଦାର୍ଜିଲିଂ-ସିଲିଗୁଡ଼ି ରାସ୍ତା ବନ୍ଦ**

କୋଲକାତା,୫।୧୦ଃ ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ, ଏହି ବିପର୍ଯ୍ୟୟ ହିମାଳୟ ରାଜ୍ୟ ସିକିମକୁ ଯୋଗାଯୋଗ ବିଚ୍ଛିନ୍ନ କରିଛି। ଦାର୍ଜିଲିଂରେ ଗତକାଲି ରାତିରେ ପ୍ରବଳ ବର୍ଷା ହୋଇ ମିରିକ ଏବଂ ସୁଖିଆ ପୋଖରୀ ଭଳି ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ଏହି ବିପର୍ଯ୍ୟାୟରେ ଆନକ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ଏବେ ବି ବିପଦ ମଧ୍ୟରେ ରହିଛନ୍ତି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୂସ୍ଖଳନ ଯୋଗୁ ପ୍ରମୁଖ ରାସ୍ତାଗୁଡ଼ିକ ଅବରୋଧ ହୋଇଛି। ବିଶେଷ କରି ପଶ୍ଚିମବଙ୍ଗରୁ ସିକିମ୍ ଓ ଦାର୍ଜିଲିଂରୁ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ହୋଇଛି। ଦୁର୍ଗାପୂଜା ପରେ କୋଲକାତା ଏବଂ ପଶ୍ଚିମବଙ୍ଗର ଅନ୍ୟାନ୍ୟ ଅଞ୍ଚଳରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଦାର୍ଜିଲିଂ ଯାତ୍ରା କରନ୍ତି। ତେଣୁ ଅନେକ ପର୍ଯ୍ୟଟକ ଏହି ବିପର୍ଯ୍ୟୟରେ ଫସି ରହିଥିବାର ସମ୍ଭାବନା ରହିଛି। କୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ, ଗୋର୍ଖାଲ୍ୟାଣ୍ଡ ଆଞ୍ଚଳିକ ପ୍ରଶାସନ ଦାର୍ଜିଲିଂରେ ଟାଇଗର ହିଲ୍ ଏବଂ ରକ୍ ଗାର୍ଡେନ୍ ସମେତ ➪ପୃଷ୍ଠା-୬

# ବିସ୍ଫୋରକ ହେଲା ଭସାଣି ବିବାଦ

**କଟକରେ ୩୬ଘଣ୍ଟା କର୍ଫ୍ୟୁ**

**ଦରଘାବଜାରରେ ତୁମୁଳ କାଣ୍ଡ**

**ଆଜି ବନ୍ଦ ଡାକରା ଦେଇଛି ଭିଏଚ୍‌ପି**

କଟକ, ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ): ଗୋଷ୍ଠୀ ବିବାଦ ଘଟଣା ନେଇ କଟକରେ ପୁଲିସ ବଡ଼ ପଦକ୍ଷେପ ନେଇଛି। ଆଗାମୀ ୩୬ ଘଣ୍ଟା ପାଇଁ କଟକର ୧୩ଟି ଥାନା ଅଞ୍ଚଳର କିଛି ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। କର୍ଫ୍ୟୁ ଜାରି କରାଯାଇଥିବା ଅଞ୍ଚଳଗୁଡ଼ିକ ହେଲା ଦରଘାବଜାର, ମଙ୍ଗଳବାଗ, କ୍ୟାଣ୍ଟନମେଣ୍ଟ, ଲାଲବାଗ, ସିଡିଏ-୨, ପୁରୀଘାଟ, ଜଗତପୁର, ମର୍କତନଗର, ବାଦାମବାଡ଼ି, ବୟାଳିସମୌଜା, ସଦର, ବିଡ଼ାନାସୀ, ମାଲଗୋଦାମ ଥାନା ପ୍ରମୁଖ। ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି। ➪ପୃଷ୍ଠା-୬



## ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

**ଶାନ୍ତି ଭଙ୍ଗକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ): କଟକରେ ଦେଖାଯାଇଥିବା ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଟକ ସହର ହେଉଛି ହଜାର ବର୍ଷର ସହର। ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର। କିନ୍ତୁ, ଗତ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ସହରରେ ଶାନ୍ତି ଭଙ୍ଗ ହୋଇଛି ଏବଂ ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହିଭଳି ➪ପୃଷ୍ଠା-୬

## କଟକରେ ଇଣ୍ଟରନେଟ୍ ସେବା ବନ୍ଦ

**ସୋସିଆଲ୍ ମିଡିଆ ଉପରେ କଟକଣା**

କଟକ, ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ): କଟକ ସହରରେ ଉତ୍ତେଜନାକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସୋମବାର ସଂଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣା ଲାଗିଛି। ହ୍ୱାଟସ ଆପ୍, ଫେସବୁକ୍, ଇନଷ୍ଟାଗ୍ରାମ୍ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି। ସିଏମସି, ସିଡିଏ ଓ ବୟାଳିଶି ମୌଜା ଅଞ୍ଚଳ ପାଇଁ କଟକଣା ଲାଗୁ ହୋଇଛି। ଇଣ୍ଟରନେଟ୍ ବାତିଲ୍ ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭସାଣ ଗଣ୍ଡଗୋଳକୁ ନେଇ କଟକରେ ବିଭିନ୍ନ ସଂଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବଜ୍ରକବାଟି ରୋଡ୍, ଦୋଳମୁଣ୍ଡାଇ ଛକଦେଇ ଦରଘାବଜାରରେ ପହଞ୍ଚିଥିଲେ ଆନ୍ଦୋଳନକାରୀ। ରାସ୍ତାରେ ପୁଲିସ ଅଟକାଇବାରୁ ବିଭିନ୍ନ ସଂଗଠନ କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ତା ସହିତ କଟକ ଡିସିପି, ଦରଘା ବଜାର ଆଇଆଇସିଙ୍କ ➪ପୃଷ୍ଠା-୬

**ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ**

## 'ବାଜି ରାଉତଙ୍କ ନାଁରେ ହେବ ଯୋଜନା'



**ଭୁବନେଶ୍ୱରରେ ଏକ ରାସ୍ତା ତାଙ୍କ ନାମରେ ନାମିତ ହେବ**

**୧୨୦ କୋଟିରେ ହେବ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ**

**ସୌର ଶିଳ୍ପରେ ସମୃଦ୍ଧ ହେବ ଢେଙ୍କାନାଳ**

ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ): ଭାରତର ଗୌରବ, ଓଡ଼ିଶାର ଗର୍ବ ସହିଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ। ମାତ୍ର ୧୨ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆଗରେ ଛାତି ପତେଇଦେଇଥିଲେ। ବାଜି ରାଉତଙ୍କ ସାହସ ଯୁବଗର୍ବଙ୍କ ଆଦର୍ଶ। ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନରେ ବାଜି ରାଉତଙ୍କ ପଥ ଅନୁସରଣୀୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଢେଙ୍କାନାଳ ଭୁବନର ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର ଠାରେ ଆୟୋଜିତ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବାଜି ରାଉତଙ୍କ ଆଦର୍ଶକୁ ଉଜ୍ଜିବିତ ରଖିବାକୁ ଭୁବନେଶ୍ୱରରେ ଏକ ରାସ୍ତାକୁ ବାଜି ରାଉତଙ୍କ ନାମରେ ନାମିତ କରାଯିବା ସହ ବାଜି ରାଉତଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ପୀଠରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଲୁକା କଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ➪ପୃଷ୍ଠା-୬

**ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି**

## ପଞ୍ଚମ ଦଲାଲ ଗିରଫ, ମୋଟ ୧୧୯

ଭୁବନେଶ୍ୱର ୫।୧୦(ସଂଚାର ବ୍ୟୁରୋ): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ପଞ୍ଚମ ଦଲାଲ ଗିରଫ ହୋଇଛି। ବାଲେଶ୍ୱର ସିଂଲାର ଅରବିନ୍ଦ ଦାସକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗୋଲନ୍ଥରା ଥାନାରେ ହୋଇଥିବା ମାମଲାରେ ଅରବିନ୍ଦ ଗିରଫ ହୋଇଛି। ଅରବିନ୍ଦ ଠାରୁ ଆପତ୍ତିଜନକ ଡକ୍ୟୁମେଣ୍ଟ ମିଳିଥିବା ସୂଚନା ମିଳିଛି। ପୂର୍ବରୁ ୧୧୪ ପରୀକ୍ଷାର୍ଥୀ ଓ ୪ ଦଲାଲ ଗିରଫ ହୋଇଛନ୍ତି।

ସେପଟେ ଭୁବନେଶ୍ୱର ଫେକ୍ ସେଣ୍ଟରରେ କ୍ରାଇମବ୍ରାଞ୍ଚ ରେଡ କରିଛି। ଏସଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚର ତନାଘନା। ରଘୁନାଥପୁର ଅଞ୍ଚଳରେ ଥିବା ଏହି ପ୍ରାଇଭେଟ ଘରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍। ତାଲା ଭାଙ୍ଗି ଭିତରେ ପଶିଥିଲା। ଏହି ଘରକୁ କାର୍ପେଟଦାର ଶଙ୍କର ପୃଷ୍ଟି ଯିବା ଆସିବା କରୁଥିଲା। ଏହାକୁ ସେଣ୍ଟର ଭାବେ ଫିକ୍ସ କରୁଥିଲା। ରେଡ୍ ବେଳେ ଘରୁ କିଛି ମିଳିନଥିଲା। ଯାହା ଜଣାଯାଉଛି କ୍ରାଇମବ୍ରାଞ୍ଚ ପହଞ୍ଚିବା ପୂର୍ବରୁ ଘର ସଫା ହୋଇ ସାରିଛି। କିନ୍ତୁ କାନ୍ଥରେ ଲାଗିଛି କିଛି ଷ୍ଟିକର ଏବଂ ନୋଟିସ୍ ବୋର୍ଡ। ଏହି ଘରଟିକୁ ସିଲ୍ କରିଥିଲା କ୍ରାଇମବ୍ରାଞ୍ଚ। କେବଳ ପୁଲିସ ଏସଆଇ ପରୀକ୍ଷା ନୁହେଁ ବରଂ କନେଷ୍ଟବଳ, ହାବିଲଦାର, ବ୍ୟାଙ୍କ୍ ପିଓ, ରେଳୱେ ଭଳି ଅନେକ ସରକାରୀ ଓ କର୍ପୋରେଟ ଚାକିରି ପାଇଁ ଏଠାରେ ପରୀକ୍ଷା କରାଯାଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।





**କିଙ୍ଗପିନ ଶଙ୍କରର ଅପରାଧ ପାଞ୍ଜି ଲମ୍ବି ଚାଲିଛି**

**ସରପଞ୍ଚ ପ୍ରାର୍ଥୀଙ୍କୁ ହତ୍ୟା ମାମଲାରେ ଥିଲା ମୁଖ୍ୟ ଅଭିଯୁକ୍ତ**

**ଗଜପତିରେ ସିପାହୀ ନିଯୁକ୍ତି ରାକେଟର ଥିଲା ମାଷ୍ଟରମାଇଣ୍ଡ**

ଅନ୍ୟପକ୍ଷରେ ରାଜ୍ୟବ୍ୟାପୀ ଚାକିରି ଆଶାୟୀଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଥିବା ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀରେ ଶଙ୍କର ପୃଷ୍ଟି ଲିଙ୍କରେ ଛାପା ମାରିଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱର ରଘୁନାଥପୁରରେ ଥିବା ଶ୍ରୀ ଲିଙ୍ଗରାଜ ଇନଫୋସଲ୍ ଅନଲାଇନ ପରୀକ୍ଷା କେନ୍ଦ୍ର ଉପରେ ଚଢ଼ାଉ ହୋଇଥିଲା। ତାଲା ଖୋଲିବା ସହ ପରୀକ୍ଷା କେନ୍ଦ୍ରରେ ସର୍ଚ୍ଚ ଅପରେସନ୍ କରାଯାଇଛି। ତେବେ ସେଣ୍ଟର ଭିତରୁ ବଳିଷ୍ଠ ତଥ୍ୟ ପ୍ରମାଣ କ୍ରାଇମବ୍ରାଞ୍ଚ ହାତେଇଥିବା ଜଣାପଡ଼ିଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସପି କହିଛନ୍ତି, ଶଙ୍କର ପୃଷ୍ଟି ଏଠାକୁ ଆସି ଫିକ୍ସିଂ କରୁଥିଲା। କେବଳ ଭୁବନେଶ୍ୱର କାହିଁକି, ରାଜ୍ୟବ୍ୟାପୀ ରହିଛି ମାଳ ମାଳ ପରୀକ୍ଷା କେନ୍ଦ୍ର ସହ କୋଚିଂ ସେଣ୍ଟର। ଯାହା ଶଙ୍କର ପୃଷ୍ଟିର ଥିଲା ଘୋଟାଲାର ପ୍ରୟୋଗଶାଳା। ବାଲେଶ୍ୱର, ପୁରୀ, ପାରଳାଖେମୁଣ୍ଡି, ➪ପୃଷ୍ଠା-୬

## ନଭେମ୍ବର ୨୨ ପୂର୍ବରୁ ବିହାର ଭୋଟ

**ନଭେମ୍ବର ୨୨ରେ ସରୁଛି ବିଧାନସଭା କାର୍ଯ୍ୟକାଳ**

**ସମସ୍ତ ମତଦାନ କେନ୍ଦ୍ରରେ ହେବ ୧୦୦% ୱେବକାଷ୍ଟିଂ**

**ଇଭିଏମ୍‌ରେ ରହିବ ରଙ୍ଗୀନ ଫଟୋ, ସିରିୟଲ ନମ୍ବର**



ନୂଆଦିଲ୍ଲୀ,୫।୧୦ଃ ରାଜନୈତିକ ଦଳଗୁଡ଼ିକ ବିହାର ବିଧାନସଭା ନିର୍ବାଚନରେ ସକ୍ରିୟ ଭାବରେ ନିୟୋଜିତ ଥିବା ବେଳେ ନିର୍ବାଚନ କମିସନ ମଧ୍ୟ ପ୍ରସ୍ତୁତି ସମାପ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି ଯେ, ବିହାର ବିଧାନସଭା ନିର୍ବାଚନ ନଭେମ୍ବର ୨୨ ତାରିଖ ପୂର୍ବରୁ ସମାପ୍ତ ହେବ। କାରଣ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ତାରିଖରେ ଶେଷ ହେଉଛି। ସେ କହିଛନ୍ତି, ବିହାର ପରି ସାରା ଦେଶରେ ଏସଆଇଆର ପରିଚାଳନା କରାଯିବ। ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଏହି ନିର୍ବାଚନରେ ➪ପୃଷ୍ଠା-୬

## ବାଲିଯାତ୍ରା ଆୟୋଜନରେ ପୁଣି ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୫।୧୦ (ସଂଚାର ବ୍ୟୁରୋ): ପୁଣି କଟକ ବାଲିଯାତ୍ରା ଆୟୋଜନରେ ବ୍ୟାପକ ଅନିୟମିତତା ଅଭିଯୋଗ। ଗୋଟିଏ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ସୁଯୋଗ ଦେବାକୁ ସବୁ ନୀତି ନିୟମକୁ ଦଳିଚକଟି ଫୁ କରିଦେଇଛନ୍ତି ବାଲିଯାତ୍ରା କମିଟି ଓ ଖୋଦ ଜିଲ୍ଲାପାଳ। ଗତବର୍ଷ ବାଲିଯାତ୍ରା ସମୟରେ ମଧ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କିନ୍ତୁ ଜିଲ୍ଲାପାଳ କୌଣସି ଅଭିଯୋଗକୁ ଖାତିର କରୁନାହାନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଫେରାଦ ହେଇଛନ୍ତି କିଛି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା।



ଶାତିର୍ ଶିନ୍ଦେ

**ସେଲିବ୍ରେସନ ଲାଇଭ ପ୍ରତି ଏତେ ଦୁର୍ବଳତା କାହିଁକି ?**

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା**

ଚଳିତ ବର୍ଷ ବାଲିଯାତ୍ରା ଆୟୋଜନ ପାଇଁ ଗତ ସେପ୍ଟେମ୍ବର ୧୨ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅକ୍ଟୋବର ୩ ତାରିଖରେ ଟେଣ୍ଡର ଖୋଲା ହେଇଥିଲା। ଏଥିରେ ଟେଣ୍ଡର ନିୟମର ଉଲ୍ଲଂଘନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିନଥିଲେ ମଧ ସେଲିବ୍ରେସନ ଲାଇଭ ପ୍ରାଇଭେଟ ଲିମିଟେଡର ଟେଣ୍ଡରକୁ ଗ୍ରହଣ କରାଯାଇଛି। ଟେକ୍ନିକାଲ, ଫାଇନାନ୍ସ ଓ ମାଷ୍ଟର ତିନୋଟି ଟେଣ୍ଡର ପେପର ଦାଖଲ ଟେଣ୍ଡର ପ୍ରକ୍ରିୟାରେ ବାଧ୍ୟତାମୂଳକ ହୋଇଥିଲେ ବି ସେଲିବ୍ରେସନ ଲାଇଭ ଏଥିରେ ଉଲ୍ଲଂଘନ କରିଛି। ତଥାପି ଜିଲ୍ଲାପାଳ ଏହାକୁ ଗ୍ରହଣ କରିଛନ୍ତି। ଗତବର୍ଷ ବାଲିଯାତ୍ରାର ଆୟୋଜନ ଦାୟିତ୍ୱ ମଧ ➪ପୃଷ୍ଠା-୬

**ନୂଆପଡ଼ା ଉପନିର୍ବାଚନ: ବଢ଼ିଲା ରାଜନୈତିକ ଉଷ୍ମତା**

## ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତ

**ଜିଲ୍ଲା ପାଇଁ ରହିଛି ବିକାଶର ଲମ୍ବା ତାଲିକା**

**ଆଜିଠୁ ଡେରା ପକାଇବେ ପିସିସି ସଭାପତି**



ଭୁବନେଶ୍ୱର,୫।୧୦ (ସଂଚାର ବ୍ୟୁରୋ): ଆଉ ଦିନ କେଇଟା ପରେ ନୂଆପଡା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବ। ତା'ପୂର୍ବରୁ ବିଜେପି ଓ କଂଗ୍ରେସ ନିର୍ବାଚନୀ ମାହୋଲକୁ ଗରମ କରିଦେଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପିସିସି ସଭାପତି ନୂଆପଡା ଯିବେ। ତାରିଖ ଘୋଷଣା ପୂର୍ବରୁ ଦୁଇ ହେଭିୱେଟ ନେତାଙ୍କ ଗସ୍ତ ପଶ୍ଚିମ ଓଡିଶାର ଏହି ଅନ୍ୟତମ ପଛୁଆ ନିର୍ବାଚନମଣ୍ଡଳୀର ➪ପୃଷ୍ଠା-୬ ରାଜନୈତିକ ବାତାବରଣକୁ ସରଗରମ କରିଛି। ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନଥିଲେ ବି ନିଜେ ମୁଖ୍ୟମନ୍ତ୍ରୀ ନୂଆପଡା ବିକାଶର ଦାୟିତ୍ୱ ନେଇଥିଲେ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପୂର୍ବତନ ବିଧାୟକଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନର ପରିଚୟ ଦେବା ସହ ପଶ୍ଚିମ ଓଡିଶାର ଅନ୍ୟତମ ପଛୁଆ ଜିଲ୍ଲାର ବିକାଶ ପାଇଁ ଥିବା ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ମଧ ଦେବେ। ନିବାଚନମଣ୍ଡଳୀ ଓ ସାମଗ୍ରିକ ଭାବେ ଜିଲ୍ଲାର ➪ପୃଷ୍ଠା-୬



## କାନ ଡେରିଥା

ଦୋଷ ଲଦାଲଦି
ଗୋଡ଼ ଭିଡ଼ାଭିଡ଼ି
ଏଇ ସବୁ ଆମ ଦଳ
ଘଟଣା ଭିତରେ ସତକୁ ଲୁଚାଇ
ଖେଳୁଥାନ୍ତି ଖାଲି ଖେଳ
ଭୋଟ ପାଇଁକି ଭୋଳ...
ତାଡ଼ି ପକେଇବୁ
ଜିତିଗଲେ ଆମେ
ହେଲେ କିନ୍ତୁ ପୂରା କାଳ ।

■ *ଦେବାଶିଷ*

## କଟକ ଜଳୁଥିବା ବେଳେ ନବୀନଙ୍କ ଦେଖାନାହିଁ



**ବିନା ମୁଖିଆରେ ପଦଯାତ୍ରା ଓ ଘେରାଉ**

**ଭାଙ୍ଗୁଛି କର୍ମୀଙ୍କ ମନୋବଳ**

**ବିଜେପି ଆଶ୍ୱସ୍ତ ; କଂଗ୍ରେସ ଉତ୍ସାହିତ**

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ) : କଟକ ଏବେ ଜଳୁଛି। ଖବର ପଲ୍ଲୀରୁ ଯାଇ ଦିଲ୍ଲୀର ପହଞ୍ଚିଲାଣି। ହେଲେ କଟକରେ ଜନ୍ମ ହୋଇଥିବା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡିଶାରେ ଅନୁପସ୍ଥିତ। କେବେ ଏଠାକୁ ଆସିବେ ତାହା ବି କେହି କହିପାରୁ ନାହାନ୍ତି। ଏହା ଏବେ ଦଳର ନେତା ଓ କର୍ମୀଙ୍କୁ ବିଚିତ୍ର ସ୍ଥିତିରେ ପକାଇ ଦେଇଛି।

ବିଜେଡି ଏବେ ସଂଗଠନକୁ ବଳ ଦେବାପାଇଁ ଆସନ୍ତା ୯ ତାରିଖରୁ ରାଜ୍ୟବ୍ୟାପୀ ପଦଯାତ୍ରାର ଆୟୋଜନ କରିଥିବା ବେଳେ ପୁଲିସ୍ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ଆଜି ରାସ୍ତାକୁ ଓହ୍ଲାଇବାକୁ ଯାଉଛି। ଏଭଳି ଘଡିସନ୍ଧି ମୂହୂର୍ତ୍ତରେ କିନ୍ତୁ ଦଳ ମୁଖିଆ ନବୀନ ପଟ୍ଟନାୟକ ଓଡିଶାରେ ନାହାନ୍ତି। ବିନା ଦଳପତିରେ ଦଳୀୟ କର୍ମୀ କିଭଳି ରାସ୍ତାକୁ ଓହ୍ଲାଇବେ ତାହାକୁ ନେଇ ଚିନ୍ତାରେ ପଡିଥିବାବେଳେ ନବୀନଙ୍କ ଫେରିବା ନେଇ କିନ୍ତୁ କାହାରି ପାଖରେ କିଛି ଖବର ନାହିଁ। ଓଲଟା କର୍ମୀମାନେ ଏବେ ଏଭଳି ସ୍ଥିତିକୁ ନେଇ ରୋମ୍ ଜଳିବାର ଉଦାହରଣ ଦେବା ଆରମ୍ଭ କରିଦେଇଛନ୍ତି।

ରାଜ୍ୟ ରାଜନୀତି ଦ୍ରୁତ ଗତିରେ ବଦଳୁଥିବା ବେଳେ ବିଜେଡି ଘନ ଘନ ସାମ୍ବାଦିକ ସମ୍ମିଳନୀ କରିବାରେ ଲାଗିଛି। ପୁଲିସ୍ ନିଯୁକ୍ତି ପରୀକ୍ଷା ହେଉ କିମ୍ବା କଟକରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ହେଉ, ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ବୟାନବାଜି ଜାରି ରଖିଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତ ସେମାନଙ୍କୁ ଅଡୁଆରେ ପକାଇ ଦେଇଛି। ଯାହା ଫଳରେ ଗୋଟିଏ ଦାବିକୁ ଦଳର ନେତାମାନେ ବାରମ୍ବାର ଦୋହରାଇବାରେ ଲାଗିଛନ୍ତି। ଏପରିକି ଦୁଇ ତିନିଟି ସାମ୍ବାଦିକ ସମ୍ମିଳନୀରେ ଗୋଟିଏ ଦାବି ଏବେ ଦଳକୁ ହାସ୍ୟାସ୍ପଦ ସ୍ଥିତିରେ ପକାଇଛି।

ନବୀନ ମଧ ଦିଲ୍ଲୀରୁ ରହି ବିଭିନ୍ନ ପ୍ରସଙ୍ଗରେ ବିବୃତ୍ତି ଜାରି କରିବାରେ ଲାଗିଛନ୍ତି। ପ୍ରଥମେ ପୁଲିସ୍ ନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରି ବିବୃତ୍ତି ଦେଇଥିବା ବେଳେ କଟକ ଘଟଣାରେ ଦୁଇ ଦୁଇଟି ବିବୃତ୍ତି ଜାରି କଲେଣି। ତେବେ ନବୀନ କାହିଁକି ଦିଲ୍ଲୀରୁ ଫେରୁ ନାହାନ୍ତି ତାହାକୁ ନେଇ ଦଳୀୟ କର୍ମୀମାନେ ଅକଳରେ ପଡିଛନ୍ତି। ଉଲ୍ଲେଖନୀୟ ଯେ, ଉପରାଷ୍ଟ୍ରପତି ନିର୍ବାଚନର ଅବ୍ୟବହିତ ପୂର୍ବରୁ ସାମାଜିକ ➪ପୃଷ୍ଠା-୬

## ଆଇଆଇଟି ଭୁବନେଶ୍ୱରରେ ହେବ 'ନମୋ ସେମିକଣ୍ଡକ୍ଟର ଲ୍ୟାବ୍'

**ପ୍ରକଳ୍ପ ସ୍ଥାପନକୁ କେନ୍ଦ୍ରର ମଞ୍ଜୁରୀ**

**ପ୍ରଧାନମନ୍ତ୍ରୀ ଓ ଆଇଟି ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରୀ' ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ଏମପି ଲ୍ୟାଡ ଯୋଜନା ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ। ପ୍ରକଳ୍ପର ଆନୁମାନିକ ମୂଲ୍ୟ ୪.୯୫ କୋଟି ରହିଛି। ଏହି ଲ୍ୟାବ୍ ଆଇଆଇଟି ଭୁବନେଶ୍ୱରକୁ ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶର ଏକ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବ। ଏହା ସାରା ଭାରତରେ ପ୍ରତିଷ୍ଠିତ ହେବାକୁ ଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ପ୍ରତିଭା ବିକାଶ କରିବାରେ ସାହାଯ୍ୟ କରିବ। ଏହି ନୂତନ ପ୍ରୟୋଗଶାଳା 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଆହୁରି ପ୍ରୋତ୍ସାହିତ କରିବ। ଏହା ଭାରତର ➪ପୃଷ୍ଠା-୬

# ଅସତ୍ୟ ଉପରେ ସତ୍ୟର ବିଜୟ



ଭାରତୀୟ ସଂସ୍କୃତି ବୀରତ୍ୱର ପୂଜକ ଓ ଶୌର୍ଯ୍ୟର ଉପାସକ। ବ୍ୟକ୍ତି ଏବଂ ସମାଜର ରକ୍ତରେ ବୀରତ୍ୱ ପ୍ରକାଶ ହେବା ପାଇଁ ଦଶହରା ଉତ୍ସବ ରୂପରେ ପାଳନ କରାଯାଉଛି। ଆଦ୍ୟା ପୂଜା ଭାବେ ଭାରତର ଏହା ଏକ ପ୍ରମୁଖ ପର୍ବ। ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥି ବିଜୟା ଦଶମୀ ପର୍ବ ରୂପେ ବଡ଼ ଧୁମଧାମରେ ପୂର୍ବ ଭାରତର ପଶ୍ଚିମବଙ୍ଗ, ଓଡ଼ିଶା ଓ ଆସାମରେ ପାଳିତ ହୋଇଥାଏ। ବର୍ଣ୍ଣିତ ଅଛି, ଭଗବାନ ରାମ ଏହି ଦିନରେ ରାବଣଙ୍କୁ ବଧ କରିଥିଲେ। ଏହାକୁ ଅସତ୍ୟ ଉପରେ ସତ୍ୟର ବିଜୟ ରୂପରେ ସ୍ୱୀକାର କରାଯାଏ ଏବଂ ଏହି ଦିନଟି ବିଜୟା ଦଶମୀ ପର୍ବ ନାମରେ ନାମିତ। ଦଶହରା ବର୍ଷର ତିନିଟି ପ୍ରମୁଖ ପର୍ବ ମଧ୍ୟରୁ ଗୋଟିଏ। ଅନ୍ୟ ପର୍ବ ଦୁଇଟି ଚୈତ୍ର ଶୁକ୍ଳ ଏବଂ କାର୍ତ୍ତିକ ଶୁକ୍ଳର ପ୍ରତିପଦା।

ପ୍ରାଚୀନ କାଳରେ ରାଜାମାନେ ଏହି ଦିନ ଈଶ୍ୱରଙ୍କ ନିକଟରେ ବିଜୟର ସଂକଳ୍ପ କରି ଯୁଦ୍ଧ ଯାତ୍ରା ପାଇଁ ପ୍ରସ୍ଥାନ କରୁଥିଲେ। ଦଶହରା ଅର୍ଥାତ୍ ଦଶ ଶିର ଛେଦନ। ରାବଣର ଦଶ ଶିର କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ଆଳସ୍ୟ, ଈର୍ଷ୍ୟା, ଦ୍ୱେଷ, ଛଳ, ହଟ ଆଦି ଯାହାକି ଦଶ ବିକାର ରୂପେ ଆମଠାରେ ଦେଖା ଦେଇଥାଏ, ଦଶହରା ଦିନ ସେଗୁଡ଼ିକୁ ତ୍ୟାଗ କରିବାର ଦୃଢ଼ ସଂକଳ୍ପ ଆତ୍ମା ବୋଧ ଦ୍ୱାରା ଆସୁରୀ ପ୍ରବୃତ୍ତି ଉପରେ ଦୈବୀଶକ୍ତିର ବିଜୟ ହୋଇଥାଏ। କିଛି ଲୋକଙ୍କ ମତ, କୃଷିପ୍ରଧାନ ଦେଶ ଭାରତରେ କୃଷିଭିତ୍ତିକ କିଛି ପର୍ବପର୍ବାଣି ରହିଛି ଯେପରି ଗହ୍ମାପୂର୍ଣ୍ଣିମା, ରଜ, ନୂଆଖାଇ, ମକର ସଂକ୍ରାନ୍ତି ଆଦି। ଦଶହରାକୁ ମଧ୍ୟ କୃଷି ପର୍ବ ବୋଲି ଗ୍ରହଣ କରାଯାଏ କାରଣ ଦଶହରା ବେଳକୁ ବର୍ଷା ସମାପ୍ତ ହୋଇଥାଏ, ବନ୍ୟା ମଧ୍ୟ ଥମି ଯାଇଥାଏ, ପ୍ରକୃତି କୋଳରେ ଆନନ୍ଦରେ ଧାନକେଣ୍ଡା, କାଶତଣ୍ଡି ଲହରୁଥାଏ। ଏହି ଉତ୍ସବର ସମ୍ବନ୍ଧ ନବରାତ୍ରି ସହିତ ମଧ୍ୟ ଜଡ଼ିତ। ନବରାତ୍ରି ପଶ୍ଚାତ୍ ଦଶମ ଦିନରେ ଦଶହରା ଅର୍ଥାତ୍ ବିଜୟା ଦଶମୀ ପାଳନ କରାଯାଏ। ଏହିଦିନ ମା' ଦୁର୍ଗା ମହିଷାସୁରଙ୍କୁ ଏବଂ ରାମ ରାବଣଙ୍କୁ ବଧ କରିଥିଲେ। ପ୍ରତିବର୍ଷ ବିଜୟା ଦଶମୀ ଦିନ ରାବଣର ପୁତୁଳିକା ଜଳାଯାଇଥାଏ। ରାବଣ ପୋଡ଼ିକୁ ହଜାର ହଜାର ଆବାଳ-ବୃଦ୍ଧ-ବନିତା ହର୍ଷୋଲ୍ଲାସ ସହ ଦେଖନ୍ତି। ତେବେ ସତରେ କ'ଣ ରାବଣ ଜଳିଯାଏ ? ବାସ୍ତବରେ ରାବଣ କିଏ ? କାହାର ରାବଣକୁ ଉପରି ଜଳା ଯାଇପାରିବ ? ସାଧାରଣତଃ ଜୀବିତ ଶତ୍ରୁର ପ୍ରତିମା ଜଳାଯାଏ ଓ ଏପରି ପିତୁଳା ପୋଡିବା ଏକ ସାଧାରଣ ଘଟଣା ହୋଇଥିଲେ ମଧ୍ୟ ରାବଣର ପିତୁଳା ଏକଭଳି ଭବ୍ୟ ଆକାରରେ ପୋଡ଼ିବାର ରହସ୍ୟ କ'ଣ ହୋଇପାରେ ? ମୃତ ଶତ୍ରୁଙ୍କ ପିତୁଳା ଜଳାଯାଏ ନାହିଁ। ରାବଣକୁ ପ୍ରତିବର୍ଷ ଜଳାଇଥିବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ ରାବଣ ଜୀବନ୍ତ ଏବଂ ତା' ଦ୍ୱାରା ସମାଜ ଅତିଷ୍ଠ। କେବଳ ସେତିକି ନୁହେଁ ପ୍ରତିବର୍ଷ ରାବଣର କାୟା ବୃଦ୍ଧି ହେବାର ଦେଖିବାକୁ ମିଳେ। ଅତଏବ ବିକାର ଦିନ ପ୍ରତିଦିନ ତା'ର କାୟା ବିସ୍ତାର କରିଚାଲିଛି।

ଜୀବନ୍ତ ମଣିଷ ଦଶମୁଣ୍ଡଧାରୀ ହେବା ଅସମ୍ଭବ। ରାବଣର ଦଶମୁଣ୍ଡ ଅର୍ଥାତ୍ ଦଶ ବିକାର। ପାଞ୍ଚ ବିକାର ନର ଆଉ ପାଞ୍ଚ ବିକାର ନାରୀର। ପ୍ରବୃତ୍ତି ମାର୍ଗ ଭାରତୀୟ ସଂସ୍କୃତିର ପରିଚାୟକ। ପବିତ୍ର ପ୍ରବୃତ୍ତି ମାର୍ଗର ପ୍ରତୀକ ଚତୁର୍ଭୁଜ ବିଷ୍ଣୁ, ଦୁଇ ହାତ ଶ୍ରୀଲକ୍ଷ୍ମୀ ଓ ଦୁଇ ହାତ ଶ୍ରୀ ନାରାୟଣଙ୍କର ଅଟେ। ଏହିପ୍ରକାର ରାବଣ ବିକାରୀ ପ୍ରବୃତ୍ତି ମାର୍ଗର ପ୍ରତୀକ। ଏ ସଂସାର କାମ ଅଗ୍ନିରେ ଜଳିବା ଆମେ ସମସ୍ତେ ଅଙ୍ଗେ ଅଙ୍ଗେ ଅନୁଭବ କରୁଛେ। ଖବରକାଗଜ ଏବଂ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ସମ୍ବାଦ କାମବିକାର ଉପରେ ପର୍ଯ୍ୟବେଶିତ। ପ୍ରତିବର୍ଷ ରାବଣ ପିତୁଳାଟିର ଆକାର ବଢୁଛି ଅର୍ଥାତ୍ ଏ ଦୁନିଆରେ ବିକାରର ରାଜ୍ୟ ଦୃତ ଗତିରେ ବଢ଼ି ଚାଲିଛି। କାମାଗ୍ନିରୁ କ୍ରୋଧ, ଲୋଭ, ମୋହ, ଅହଂକାର, ଈର୍ଷ୍ୟା, ଦ୍ୱେଷ ଇତ୍ୟାଦି ବୃଦ୍ଧି ପାଇବାରେ ଲାଗିଛି। ଏହି ସବୁ ବିକାର କ'ଣ ସାଧାରଣ ପିତୁଳାଟିଏକୁ ଜାଳି ଦେଲେ ଜଳିଯିବ ? ବରଂ ଏହା ଦାବାନଳ ପ୍ରାୟ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେବ। ଏହି ମନୋବିକାରରୁ ଜଳାଗ୍ନିକୁ ଲିଭେଇବାରେ ଯୋଗବଳର ପ୍ରୟୋଗ ଆବଶ୍ୟକ ଏବଂ ତଦ୍ୱାରା ଆମେ ପ୍ରକୃତ ବିଜୟା ଦଶମୀ ପାଳନ କରିପାରିବା। ରାମ ରାବଣ ଯୁଦ୍ଧର ଗାୟନ ଅଛି। କାରଣ ଏହା ଏକ ଆଧ୍ୟାତ୍ମିକ ଯୁଦ୍ଧ। ରାମ ହିଁ ରାବଣକୁ ମାରିଥିଲେ। ବାସ୍ତବରେ ସେ ରାମ କିଏ ? କଥାରେ କହନ୍ତି,

ଏକ ରାମ ଦଶରଥ କା ବେଟା
ଏକ ରାମ ଘଟ ଘଟ ମେଁ ଲେଟା,
ଏକ ରାମ ସକଳ ପସାରା
ଏକ ରାମ ସବସେ ନ୍ୟାରା ଗ୍ୟାରା

ରାମାୟଣ ପଢ଼ି ସମସ୍ତେ ଦଶରଥଙ୍କ ପୁତ୍ର ରାମଙ୍କୁ ମାନ୍ୟତା ଦେଇଥାନ୍ତି। ଦ୍ୱିତୀୟ ପ୍ରକାର ଆତ୍ମା ରାମ, ତୃତୀୟ ରାମ ଜୀବଜଗତ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବ୍ୟାପ୍ତ, ଚତୁର୍ଥ ରାମ ସବୁଠାରୁ ନିଆରା ଏବଂ ସମସ୍ତଙ୍କର ପ୍ୟାରା (ପ୍ରିୟ) ପରମାତ୍ମା ନିରାକାର ଜ୍ୟୋତିବିନ୍ଦୁ ରାମ, କୃପାରେ ବିନ୍ଦୁ ଗୁଣରେ ସିନ୍ଧୁ। ରାମ ଚରିତ ମାନସରେ ରାମ ଯୁଦ୍ଧରେ ରାବଣ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ଆଧ୍ୟାତ୍ମିକ ରଥର ଆବଶ୍ୟକତା ବର୍ଣ୍ଣନା କରାଯାଇଛି। ଯାହାର ଅର୍ଥ କ୍ଷମା, ଦୟା, ସନ୍ତୋଷ ଏବଂ ଈଶ୍ୱରୀୟ ସ୍ମୃତି ଦ୍ୱାରା ସୂକ୍ଷ୍ମ ମାନସିକ ବିକାର ଉପରେ ବିଜୟ ପ୍ରାପ୍ତ କରି ହେବ। ସ୍ଥୂଳ ଶରୀରଧାରୀ ଶତ୍ରୁଙ୍କ ପାଇଁ ନୁହେଁ। ତୁଳସୀଦାସ ମଧ୍ୟ ରାବଣ ଆଦି ଅସୁରଙ୍କୁ ବିକାରର ପ୍ରତୀକ ମାନିଛନ୍ତି ଓ ମୋହ ରାବଣ, ଅହଂକାର ଭାଇ କୁମ୍ଭକର୍ଣ୍ଣ, ସୁଖ-ଶାନ୍ତି ନଷ୍ଟ କରୁଥିବା 'କାମ' ହେଉଛି ମେଘନାଦ, ଲୋଭ ରୂପୀ ପ୍ରତିକାୟ ମତ୍ସର ରୂପୀ ଦୁଷ୍ଟ ସହୋଦର, ଆଉ କ୍ରୋଧ ରୂପୀ ମହାପାପୀ ଦେବାନ୍ତକ। ଦ୍ୱାପର ଯୁଗରୁ ଆତ୍ମା ରୂପୀ ସୀତା ସ୍ୱର୍ଣ୍ଣ ମୃଗର ଆକର୍ଷଣରେ ପଡ଼ି ପରମାତ୍ମା ରାମଙ୍କଠାରୁ ଦୂରେଇ ଯାଇ ମାୟା ରୂପୀ ରାବଣର ଶୋକ ବାଟିକାରେ ରାକ୍ଷସ ରାକ୍ଷସୀଙ୍କ ମେଳରେ ବନ୍ଦୀ ଅବସ୍ଥାରେ ନିଜକୁ ଅସହାୟ ମନେକରି ଏକ ରାମଙ୍କୁ ସ୍ମରଣ କରୁଥିଲେ। କଳିଯୁଗର ଅନ୍ତିମ ସମୟରେ ଅଶୋକ ବାଟିକା ନୁହେଁ ସମଗ୍ର ସୃଷ୍ଟି ଶୋକ ବାଟିକା ହୋଇଯାଇଛି। ନିରାକାର ପରମାତ୍ମା ଜ୍ଞାନ ଯୋଗର ଅସ୍ତ୍ରଶସ୍ତ୍ର ଦ୍ୱାରା ମାୟା ରୂପୀ ରାବଣ ଉପରେ ବିଜୟ ପ୍ରାପ୍ତ କରାଉଛନ୍ତି। ସମଗ୍ର ବିଶ୍ୱ କାମାଗ୍ନିରେ ହୁ.. ହୋଇ ଜଳୁଛି। ମା' ଦୁର୍ଗା ପରମାତ୍ମାଙ୍କଠାରୁ ଦିବ୍ୟଶକ୍ତି ଆହରଣ କରି ମହିଷାସୁର (ମମ ହିଂସା ଅସୁର) ଉପରେ ବିଜୟ ପ୍ରାପ୍ତ କରି ଦେବତ୍ୱର ବିଜୟ ପତାକା ଉଡାଇବାକୁ ପ୍ରସ୍ତୁତ ହେଉଛନ୍ତି। ଅଧା କଳ୍ପରୁ ରାଜ୍ୟ କରି ଆସୁଥିବା ମାୟା ରାବଣ ମହିଷାସୁର, ରକ୍ତବୀର୍ଯ୍ୟ ଆଦି ଅସୁରଙ୍କୁ ଧରାଶାୟୀ କରିବା ପାଇଁ ସ୍ୱୟଂ ପରମାତ୍ମା ମାତୃଶକ୍ତିଙ୍କୁ ନିମିତ୍ତ କରି, ମାତା କନ୍ୟାଙ୍କ ମୁଣ୍ଡରେ ଜ୍ଞାନାମୃତର କଳସ ରଖିଛନ୍ତି। ଜ୍ଞାନ ଯୋଗ ଏବଂ ଅଖଣ୍ଡ ବ୍ରହ୍ମଚର୍ଯ୍ୟର ଦିବ୍ୟଶକ୍ତିରେ ସୁସଜ୍ଜିତ ଭାରତର ମାତୃଶକ୍ତି ଦ୍ୱାରା ରାବଣ ପରାଜିତ ହେବା ନିଶ୍ଚିତ। ସମଗ୍ର ବିଶ୍ୱରେ ବିକାର ରୂପୀ ରାକ୍ଷସ ଶକ୍ତି ଅତିରେ ପହଁଞ୍ଚିଛି ଅର୍ଥାତ୍ ଚରମ ସୀମାରେ ପହଁଞ୍ଚିଛି। ଅତିକୁ ଇତିରେ ପରିଣତ କରିବା ପାଇଁ ମାତୃଶକ୍ତି ଆଜି ସଂକଳ୍ପବଦ୍ଧ। ସେଥିପାଇଁ ବିଜୟାଦଶମୀ ପୂର୍ବ ନବରାତ୍ରିରେ କନ୍ୟାମାନଙ୍କ ପୂଜା ବା ଶୀତଳା ଦେବୀଙ୍କ ପୂଜା କରାଯାଇଥାଏ। ବିକାର ଅଗ୍ନିରେ ଜଳୁଥିବା ମନୁଷ୍ୟାତ୍ମାଙ୍କୁ ଶୀତଳା ଦେବୀ ଜ୍ଞାନାମୃତ ସିଞ୍ଚନରେ ଶୀତଳ କରାଇଥାନ୍ତି।

'ଦଶହରା'ର ଅର୍ଥ ନରନାରୀଙ୍କ ଦଶ ବିକାରକୁ ହରଣ କରାଇବା। ପ୍ରକୃତ ଦଶହରା ସେତେବେଳେ ଉତ୍ସବ ମୁଖର ହେବ ଯେତେବେଳେ ରାମେଶ୍ୱର ପରମାତ୍ମା ପତିତ ମନୁଷ୍ୟାତ୍ମାଙ୍କୁ ପୁନଃ ପାବନ ଅର୍ଥାତ୍ ଯୋଗବଳ ଦ୍ୱାରା ନିର୍ବିକାର କରି ସତ୍ୟ ରାମରାଜ୍ୟର ପୁନଃସ୍ଥାପନ କରିବେ। ବିଜୟା ଦଶମୀ ବା ବିଜୟ ଦଶମୀର ଭାବାର୍ଥ ଦଶ ବିକାର ଉପରେ ବିଜୟ ପ୍ରାପ୍ତ କରିବା। ପାଞ୍ଚ ଜ୍ଞାନେନ୍ଦ୍ରିୟ ଆଉ ପାଞ୍ଚ କର୍ମେନ୍ଦ୍ରିୟ, ଏହି ଦଶଇନ୍ଦ୍ରିୟ ଦ୍ୱାରା ଉତ୍ପନ୍ନ ବିକାରର ବଶୀଭୂତ ହୋଇ ବିକର୍ମ, କୁକର୍ମ ଆଦି ଅତିମାତ୍ରାରେ ବଢ଼ି ଚାଲିଛି। "ଅତିରୁ ଇତି" ଏବଂ "ଇତିରୁ ଆଦି"- ଏହି ଅକାଟ୍ୟ ସତ୍ୟ ପ୍ରମାଣିତ ହେବାର ସମୟ ଏବେ ନିକଟତର। ପରମାତ୍ମା ରାମଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟ ଜ୍ଞାନ ଅସ୍ତ୍ର ଦ୍ୱାରା ଦଶ ବିକାର ରୂପୀ ଅସତ୍ୟ ରାବଣ ଉପରେ ବିଜୟ ପ୍ରାପ୍ତ କରିବା ହିଁ ସତ୍ୟର ବିଜୟ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ

# ଭାବନା

ସତ୍ୟନାରାୟଣ ପ୍ରଧାନ

ଆମ ଦୁହିଁଙ୍କର ଦେଖା ଓ କଥାହେବା ଭିତରେ ଘନିଷ୍ଠତା କେତେବେଳେ ଭଲ ପାଇବାରେ ପରିଣତ ଯାଇଥିଲା। ମାସେ ଖଣ୍ଡେ ହେବ ତାଙ୍କ ସହିତ ମୋର ଆଉ ଦେଖା ହୋଇନି। ମୁଁ ତାଙ୍କୁ କେବେ ଦେଖିବାର ସୁଯୋଗ ପାଇଲେ ବି ସେ କେଜାଣି କାହିଁକି ମୋଠାରୁ ଦୂରେଇ ରହୁଥିଲେ। ଯାହାକୁ ନିଜର ବୋଲି ଭାବି ନେଇଥିଲି ତାର ପ୍ରତିଦାନ ମୋତେ ଏହା ମିଳିବ ବୋଲି ଯାହା ବିଶ୍ୱାସର ଅନେକ ବାହାରେ ଥିଲା।

ଦିନେ ସନ୍ଧ୍ୟାରେ ଯିବା ଆସିବା କରୁଥିବା ଗାଁ ନଦୀବନ୍ଧ ଆଡେ ଟିକେ ବୁଲିବା ପାଇଁ ଯାଇଥିଲି। ଅଚାନକ ତାଙ୍କ ସହିତ ପୁଣି ଭେଟ ହୋଇଯିବ ମୋତେ ସ୍ୱପ୍ନ ଭଳି ଲାଗିଥିଲା। ସେ ଚଳାଉଥିବା ସାଇକେଲର ଚେନ ଠିକ ସେଇ ସମୟରେ ଖସି ଯାଇଥିଲା। ମୋତେ କିଛି କହି ନ ପାରି ଖାଲି ଛୋଟ ପିଲା ପରି ଚାହିଁ ରହିବାଟା ବେଶି ଯନ୍ତ୍ରଣା ଦାୟକ ବୋଲି ହୃଦୟଙ୍ଗମ କରିଥିଲି। ମୁଁ ନିଜକୁ ସମ୍ଭାଳି ନ ପାରି ଗୋଟେ ମଣିଷର କର୍ତ୍ତବ୍ୟ ପାଳନ କରିଥିଲି। ସେ କିନ୍ତୁ କିଛି ନ କହି ଶୁଖିଲା ଧନ୍ୟବାଦ ପାଇଁ କୁଣ୍ଠାବୋଧ ପ୍ରକାଶ କରି ନିଜ ବାଟରେ ଚାଲିଗଲେ। ମନଟା ଭାରି ଛୋଟ



ଲାଗିଥିଲା। କାହିଁକି ବିନା ଡାକରାରେ ସାହାଯ୍ୟ କରି ଶେଷରେ ଅପମାନ ବରଣ କରିଥିଲି। କୌଣସି ଉପାୟରେ ତାଙ୍କ ମନରେ କ'ଣ ଅଛି ଜାଣିବାକୁ ମନରେ ଇଚ୍ଛା କରିଥିଲି। ଗାଁ ଗଣ୍ଡାରେ ପ୍ରଚାର ହୋଇ ଯାଇଥିଲା ସେ ଆଉ କାହାକୁ ଦେଖା କରିବା ପାଇଁ ଅନେକ ଦିନ ତଳୁ ସବୁଦିନ ସହରକୁ ଯାଇ ପୁଣି ରାତିରେ ଘରକୁ ଫେରେ ବୋଲି। ରାଗରେ ଭଲ ହୋଇଛି ଏପରି ଝିଅ ଠାରୁ ରକ୍ଷା ପାଇଛି ଆଉ ବିଷୟରେ ବେଶି ଭାବିବାକୁ ପଡ଼ିବ ନାହିଁ। ରାତିରେ ଆଖିକୁ ମୋଟେ ନିଦ ନ ଥିଲା ଜୀବନରେ ଆଉ କାହାକୁ ବିଶ୍ୱାସ କରିବି ନାହିଁ ବୋଲି ଭାବନା ରାଜ୍ୟକୁ ଚାଲି ଆସିଥିଲା। ମନରେ ପ୍ରତିଶୋଧର ନିଆଁ ଜଳି ଉଠିଲା ଘଟଣାର ସତ୍ୟତା ଜାଣି ତାକୁ ବଦନାମ କରିବି ବୋଲି ନିଷ୍ପତ୍ତି ନେଲି। ରାତିର ଅନ୍ଧାରରେ ବିଶ୍ରାମ ବଦଳରେ ସିଧା ତାଙ୍କ ଘରକୁ ବାହାରି ପଡ଼ିଲି।

ସେଠାରେ ପହଞ୍ଚିବା ପରେ ଝରକା ବାଟେ ସବୁ କିଛି ଶୁଣିବାକୁ ପାଇଥିଲି। ହୃଦୟର ନଇ କୂଳେ ଯାହା ଛବିକୁ ଆଙ୍କିଥିଲି ତାଙ୍କର ପ୍ରକୃତ ସ୍ଥିତିକୁ ଜାଣି ସାଇତି ସ୍ତବ୍ଧ ହୋଇ ଯାଇଥିଲି।

କିଛି ବର୍ଷ ତଳେ ଏକ ଦୁର୍ଘଟଣାରେ ନିଜର ଦୁଇ ଗୋଡ଼ ହରାଇଥିବା ବାପାକୁ ଶୁଆଇ ଦେଉ ଦେଉ କହୁଥିଲା। ବାପା ଏ ଅଭିନୟର ଜୀବନ ଆଉ ଭଲ ଲାଗୁନି। କେତେଦିନ ଆଉ ଏପରି ଚାଲିଥିବ ଦିନେ ତ ସତ ନିଶ୍ଚୟ ଜଣା ପଡ଼ିବ। ପିଲାମାନଙ୍କୁ ମୁଁ କି ଉତ୍ତର ଦେବି। ନିଜକୁ କ୍ଷମା କରି ପାରିବି ତା ଟଙ୍କା କେଇଟା ପାଇଁ ମାତୃତ୍ୟକୁ ମିଛ ଅଭିନୟରେ ବଦଳାଇ ମୁଁ କ୍ଳାନ୍ତ ହୋଇ ପଡ଼ିଲିଣି। ମିଛର ଖୋଳପା ଭିତରେ ଏଇ ଅଭିନୟର ଜୀବନ ଦୁର୍ବିସହ ହୋଇ ପଡ଼ିଲାଣି। ଏ କଥା କହୁଥିବା ବେଳେ ତା ଆଖିରୁ ଝରି ଯାଉଥିବା ଲୁହ ଧାର ମୋତେ ବିବ୍ରତ କରି ପକାଉ ଥାଏ। ମୋ ମନରେ ପୂର୍ବରୁ ତାଙ୍କ ପ୍ରତି ଉଙ୍କି ମାରିଥିବା ଭାବନା ଗୁଡାକରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଜଣେ ଦେବୀ ଭାବି ପୂଜା କରିବାକୁ ଆହୁରି ସମ୍ମାନ ବଢ଼ି ଯାଇଥିଲା। କେହି ଦେଖିବା ଆଗରୁ ସେଠାରୁ ଚାଲି ଆସିଲା ବେଳେ ଏମେତି ଝିଅ ସହିତ ଜୀବନର କିଛି ମୁହୂର୍ତ୍ତ ବିତାଇଥିବାରୁ ନିଜକୁ ଧନ୍ୟ ମନେ କରିଥିଲି।।

ଅଣ୍ଡିଆ, ଜେନାପୁର, ଯାଜପୁର, ମୋବାଇଲ୍: ୯୧୭୮୩୧୩୬୪୪

# ଭୋକ



ଡଃ ତାନଶ୍ରୀ ପାଣିଗ୍ରାହୀ



ସହରରେ ରଙ୍ଗ ବେରଙ୍ଗର ଆଲୋକର ରୋଷଣୀ... ଦୁଇ ଦିନ ପୂର୍ବରୁ ଦୁର୍ଗାପୂଜା ବେଶ ଧୁମଧାମରେ ସରିଛି...ଆଜି ଭସାଣି ପର୍ବ... ପ୍ରତ୍ୟେକ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇଛନ୍ତି ମାଆ ଦୁର୍ଗାଙ୍କୁ ବିଦାୟ ଦେବା ପାଇଁ... ବାଜା... ରୋଷଣୀ... ଡିଜେ ପ୍ରଭୃତିର କାନଫଟା ଶବ୍ଦ ଛାତି ଥରେଇ ଦେଉଥାଏ...କ୍ଷ ସ୍ୱାମୀ ମହାପାତ୍ର ବାବୁଙ୍କ ସାଙ୍ଗରେ ବାଇକରେ ମାର୍କେଟ ଯାଉଥିଲି ଲକ୍ଷ୍ମୀପୂଜା ପାଇଁ କିଛି ପୂଜା ସାମଗ୍ରୀ କିଣିବା ପାଇଁ...ରାସ୍ତା କଡ଼ରେ ଗୋଟିଏ ଦୃଶ୍ୟ ଦେଖି ହଠାତ ପାଟି କରି ଉଠିଲି... ଏ...ଗାଡି ରଖ ତ...

କଣ ହେଲା...? ଏତେ ଜୋର ପାଟି କରୁଛ...

ରାସ୍ତା ମଝିରେ ପୁଣି ଭିଡ଼ରେ

ସାମାନ୍ୟ ବିରକ୍ତ ହେଲେ ମହାପାତ୍ର ବାବୁ...

ଗାଡିରୁ ଓହ୍ଲାଇବା କ୍ଷଣି ତିନି/ ଚାରି ଜଣ ଯୁବକ ଦୌଡ଼ି ପଳାଇ ଗଲେ... ଆଉ ଦୁଇ ଜଣ ନିଶାସକ୍ତ ଯୁବକ ଜଣେ ଅଳ୍ପ ବୟସ୍କା ସ୍ତ୍ରୀ ଲୋକଟିକୁ ଅମାନୁଷିକ ଭାବରେ ବିଧା ଗୋଇଠା...ପିଟିବାରେ ଲାଗିଥାନ୍ତି...ଗୋଡ଼ରୁ... ହାତରୁ... ଓଠରୁ ସବୁଠି ରକ୍ତ ଝରୁଥାଏ... ସମସ୍ତେ ନୀରବଦର୍ଶକ... କେହି ଜଣେ ବି ପାଟି ଖୋଲୁ ନାହାନ୍ତି...

ମୁଁ କିନ୍ତୁ ଧୈର୍ଯ୍ୟ ଧରି ରହି ପାରିଲିନି... ସାମ୍ନାକୁ ଆଗେଇ ଯାଇ... ରୁହ ରୁହ ବୋଲି କହି... ଏମିତି ପିଟିବାର କାରଣ ପଚାରିଲି...

ଜଣେ କହିଲା - ଠାକୁରଙ୍କ ଥାଳିରୁ ପୁଣି ପଇସା ଚୋରି...ମୁଁ ପଚାରିଲି କେତେ ଟଙ୍କା...ଲୋକଟି କହିଲା... ଦୁଇ ଶହ ଟଙ୍କା...

ଭ୍ୟାନିଟରୁ ଦୁଇ ଶହ କାଢି କହିଲି... ଏଇ ନିଅ... ଆଉ ତାକୁ ଛାଡି ଦିଅ... ଟଙ୍କା ପାଇ ସେମାନେ ପଳାଇ ଗଲେ...।

ସ୍ତ୍ରୀ ଲୋକଟିକୁ ପଚାରିଲି...

ଆରେ ଚୋରି କରୁଥିଲୁ କାହିଁକି... ସେ ଉତ୍ତର ଦେବା ପାଇଁ ସମର୍ଥ ନ ଥିଲା ବୋଧେ... ଦୁଇ ହାତରେ ଲୁହକୁ ପୋଛି କହିଲା... ମୋତେ ଆଉ ମାରନି...ତା ତଣ୍ଟି ଶୁଖି ଯାଉଥାଏ...ପାଖରେ ଥିବା ପାଣି ବୋତଲରୁ ପାଣି ପିଇବାକୁ ଦେଲି...ସେ ଭୟରେ ଗୋଟାପଣେ ଥରୁଥିଲା...। ତାକୁ ସାହସ ଦେଇ କହିଲି... କିଛି ଡରିବାର ନାହିଁ... ଚାଲ ଏଇ ପାଖ ମେଡ଼ିସିନ ଦୋକାନ ...

ତୋ ଗୋଡ଼ରୁ ହାତରୁ ରକ୍ତ ଝରୁଛି...ଔଷଧ କିଣି ଲଗେଇ ଦେବି... କଣ ଖାଇଛୁ...?

ଏଥର ସ୍ତ୍ରୀ ଲୋକଟି ମନ ଖୋଲା ଭୋ ଭୋ ହୋଇ କାନ୍ଦିଲା... ଦୁଇ ଦିନ ହେଲା ମୁଁ କି ମୋ ଛୁଆ କିଛି ବି ଖାଇନୁ...

ତୋର ପିଲାଟେ ବି ଅଛି...

ଆଉ ତୋର ସ୍ୱାମୀ...?

କାନ୍ଦି କାନ୍ଦି ଉତ୍ତର ଦେଲା କଣ ଅଜଣା ରୋଗରେ ବର୍ଷ ଟିଏ ହେବ ମରିଯାଇଛି...

ଡାକ୍ତର ରୋଗ ଚିହ୍ନି ପାରିଲେ ନାହିଁ... ସେ ଗଲା ଦିନଠାରୁ ଛୋଟ ପିଲାଟିକୁ ଦୁଇ ଓଳି ଖାଇବାକୁ ଦେଇ ପାରୁନି... ଯେଉଁ ଦିନ କାମ ପାଉଛି ଖାଉଛୁ... ନ ହେଲେ ଓପାସରେ ଦିନ ଯାଉଛି...ଆଜି ଦୁଇଦିନ ଧରି ମୋତେ ଜ୍ୱର... କିଛି କାମ କରି ପାରୁନି...କହି ପୁଣି କାନ୍ଦିଲା...

ତୋର ଘର କେଉଁଠି...?ତୋର ଆତ୍ମୀୟ କେହି ଅଛନ୍ତି କି...?

ହାତ ଦେଖାଇ କହିଲା...

ସେଇ କେନାଲ ପାଖ ଝୁମ୍ପୁଡି ହେଉଛି ଆମ ଘର... ସେଇ ପାଖ କେତେ ଜଣ ମୋର ଆତ୍ମୀୟ...କେତେବେଳେ କିଏ ମୋର ଛୋଟ ଛୁଆଟିକୁ ଦିନସାରା ରଖନ୍ତି...ଆଉ ମୁଁ କାମକୁ ଯାଏ...

ଆଉ ଧୈର୍ଯ୍ୟ ନ ଥିଲା ଶୁଣିବା ପାଇଁ... ତାର କଥା ଶୁଣି ମୋ ଆଖିରୁ ମଧ୍ୟ ଧାର ଧାର ହୋଇ ଲୁହ ବୋହିଗଲା...

ତାର ଚିକିତ୍ସା କରାଇ...କିଛି ଶୁଖିଲା ଖାଦ୍ୟ କିଣି ଦେଲି...ପାଖରେ ଯାହା ଟଙ୍କା ଥିଲା ତାକୁ ସବୁ ଦେଇ

ଆମେ ସ୍ୱାମୀ ସ୍ତ୍ରୀ... ତାକୁ ତା ଘରେ ଛାଡି ଆସିଲୁ...

ସେଇ ଘଟଣାଟିକୁ ନେଇ ମନଟା ବହୁତ ଆନ୍ଦୋଳିତ ହେଉଥିଲା...

ଭାବିଲି ମୁଁ ଦେଇଥିବା ଖାଦ୍ୟ ତ ମାତ୍ର କେତେଦିନ ପାଇଁ

କିନ୍ତୁ ବାକି ସବୁଦିନ...?କେବେ କାମ ନ ପାଇଲେ...??

କେମିତି ସେ ଭୋକରେ ରହିବ...।

ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫

# ସ୍ମୃତି ତୁମେ...

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ



ମଣିଷ ଜୀବନ ପରିବର୍ତ୍ତନଶୀଳ। ସମୟ ସହ ତାଳ ଦେଇ ଆଗେଇ ଯିବା ହିଁ ଜୀବନ। ଅତୀତକୁ ପାଥେୟ କରି କେହି ବଞ୍ଚନ୍ତି ନାହିଁ। ମାତ୍ର ନିଜର ଅତୀତକୁ ମଧ୍ୟ କେହି ଭୁଲନ୍ତି ନାହିଁ। ବର୍ତ୍ତମାନର ପିଢ଼ିଗତ ତଫାତ୍ କିନ୍ତୁ ଗୋଟିଏ ବିରାଟ ଶୂନ୍ୟସ୍ଥାନ ନେଇ ଠିଆ ହୋଇଛି। ତଥା କଥିତ ଜେନ୍ ଜି ମାନେ ଅତୀତକୁ ଛିନ୍ନ କରି ବର୍ତ୍ତମାନମନସ୍କ ହୋଇପଡ଼ିଥିବା ବେଳେ ପୂର୍ବ ପିଢ଼ି ନିଜ ଅତୀତରୁ ବାହାରି ପାରୁ ନାହାଁନ୍ତି। ଏହାର ବ୍ୟବସାୟୀକରଣ ମଧ୍ୟ ବେଶ୍ ରୋଚକ। ପୁରୁଣା ବିଜ୍ଞାପନ ହେଉ କି ଧାରାବାହିକର ଦୃଷ୍ୟାଂଶ, ଖୁବ୍ ବେଶି ଲୋକପ୍ରିୟତା ହାସଲ କରିଛି ସାମାଜିକ ଗଣମାଧ୍ୟମରେ। କିଛି ଗଣମାଧ୍ୟମ ପ୍ରଭାବକାରୀ ମଧ୍ୟ ଏଥିରୁ ଭଲ ରୋଜଗାର କରି ପାରୁଛନ୍ତି। ପୁରୁଣା କଥା, ପୁରୁଣା ଚଳଣୀ, ପର୍ବପର୍ବାଣୀର ସ୍ମୃତି ରୋମନ୍ଥନ କରି ନିଜର ପ୍ରଶଂସକ ସୃଷ୍ଟି କରିବାରେ ଏମାନେ ସଫଳ ହେଇ ପାରୁଛନ୍ତି। ଏହା ବେଶ୍ ଭଲ କଥା। ମାତ୍ର, ଭାବିବାର କଥା ଏହା ଯେ ଯଦି ଲୋକମାନେ ନିଜର ଅତୀତ ସହ ଏତେ ମାତ୍ରାରେ ଯୋଡ଼ି ହୋଇ ରହିଛନ୍ତି, ତେବେ ଏହା କେବଳ ଶୁଣିବାରେ ସୀମିତ ରହି ଯାଉଛି କାହିକିଁ? କାହିଁକି ସେମାନେ ପୁରୁଣା ରୀତିନୀତି ଅନୁସାରେ ଚଳୁ ନାହାନ୍ତି ବା ପୁରୁଣା ମୂଲ୍ୟବୋଧକୁ ରଖୁନାହାନ୍ତି ? ଗୋଟିଏ ଉଦାହରଣ ଦେବି। ଥରେ ଜଣେ ବୟସ୍କ ବ୍ୟକ୍ତି ଗୋଟିଏ ଭୋଜିରେ ବେଶ୍ ବଡ଼ ପାଟିରେ କହୁଥାନ୍ତି କି ଆଜିକାଲିର ବୋହୂ ମାନେ କିଛି କାମ ଜାଣନ୍ତି ନାହିଁ। ଘରକରଣା, ରୋଷେଇ କିଛି ଆସେନି। ମୁଁ ପଚାରିଲି ମଉସା ଆପଣଙ୍କର ବୋହୂ ଅଛନ୍ତି ? କହିଲେ ହାଁ। ଅଫିସ୍ ରେ ଅଛି। ଆପଣ କଣ ଖାଉଛନ୍ତି ? ବାଲି ପ୍ରନ୍ ଫ୍ରାଏ ଓ ଚିକେନ୍ କଟଲେଟ ? କାହିଁକି, ଆପଣଙ୍କ ବୟସରେ ତ ରୁଟି ସନ୍ତୁଳା ଖାଇବା କଥା। ଯଦି ଆପଣଙ୍କ ଖାଇବାର ରୁଚି ବଦଳି ଯାଇଚି ତେବେ ବୋହୂ କାହିଁକି ରୋଷେଇ ଶିଖିବାକୁ ଯିବ? ଚାକିରୀ ବି କରିବ ଘର କାମ ବି? ବାଃ। ସେ ସେଠୁ ରାଗି ଚାଲିଗଲେ। କାରଣ ସେ ସତ ଶୁଣିବାକୁ ଚାହାଁନ୍ତି ନାହିଁ। ଏହା ତ ଘରେ ବୋହୂକୁ ନିର୍ଯ୍ୟାତନା ଦେଇ ସଭାରେ ନାରୀ ସ୍ୱାଧୀନତା କଥା କହିବା ପରି କଥା ହେଲା। ସମାଜରେ ଶୃଙ୍ଖଳା ରକ୍ଷା କରିବା ପାଇଁ ସବୁଠୁ ବେଶି ଉପଦେଶ ଝିଅ ମାନଙ୍କୁ ଦିଆ ଯାଏ। ଅଥଚ ସବୁଠାରୁ ବେଶି ବିଶୃଙ୍ଖଳା ପୁରୁଷମାନେ ହିଁ କରନ୍ତି। ନିଜ ପସନ୍ଦରେ ସବୁକିଛି ଚାହୁଁଥିବା ପୁରୁଷମାନେ ନିଜକୁ ଆଧୁନିକତାର ଦ୍ୱାହି ଦେଇ ଆଗେଇ ଯିବାର ଅଭିନୟ କରନ୍ତି କେବଳ। ନିଜର ସ୍ତ୍ରୀ କୁ ନିଜ ମାଆ ସହ ତୁଳନା କରି ଦୁଃଖୀ ହୁଅନ୍ତି ଏବଂ ଅଶାନ୍ତି ସୃଷ୍ଟି କରନ୍ତି। ଏହି ପ୍ରକାର ମାନସିକତାରେ ଆମ ପିଢ଼ି ବେଶି ଆକ୍ରାନ୍ତ। ମୁଁ ଏଠାରେ ଚାଳିଶରୁ ଷାଠିଏ ବର୍ଷ ବୟସର ଲୋକମାନଙ୍କ କଥା କହୁଛି। ସମୟ ତ ସମସ୍ତଙ୍କ ପାଇଁ ସମାନ ପରିବର୍ତ୍ତନ ଆଣି ଥାଏ। ଏହା ତେବେ ନାରୀ ପୁରୁଷ ମଧ୍ୟରେ ପ୍ରଭେଦ କରିବ କେମିତି ? ସେମିତି ଆମ ପୂର୍ବ ପିଢ଼ି ମଧ୍ୟ ବର୍ତ୍ତମାନ ମୋବାଇଲ୍ ଆକ୍ରାନ୍ତ ହୋଇ ପଡ଼ିଛନ୍ତି। ଗାଆଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ। ଦୁଃଖ ତ ସେତେବେଳେ ଲାଗେ ଯେତେବେଳେ ଆଜିର ପିଢ଼ିକୁ ନୈତିକତାର ପାଠ ପଢ଼ାଉଥିବା ସତୁରୀ ବର୍ଷର ବୁଢ଼ା ମେସେଞ୍ଜର ରେ ନାତୁଣୀ ବୟସର ଝିଅକୁ ହାୟ ଜାନୁ ବୋଲି ଲେଖି ପଠାଏ। ଯଦି ପୁରୁଣାକୁ ଧରି ରଖିବାକୁ ଏତେ କୁହା ଯାଉଛି, ତେବେ ପ୍ରଥମେ ସେଥିରୁ ନିଜେ ମୁକୁଳି ଯିବା ଉଚିତ୍ ନୁହେଁ କି? ଅଧିକାଂଶ ଲୋକ ଅବସର ପରେ ସାମାଜିକ ଗଣମାଧ୍ୟମରେ ନିଜର ଆକାଉଣ୍ଟ୍ ଖୋଲି ବସି ଯାଉଛନ୍ତି। ସେମାନଙ୍କ ପାଖେ କାମ ନାହିଁ ଅଥଚ




ନିଜର ଜୀବନବ୍ୟାପୀ ଆଧିପତ୍ୟକୁ ସେମାନେ ଭୁଲି ପାରୁ ନାହାଁନ୍ତି। ସେମାନେ ଚାହାଁନ୍ତି ଯେ ନୂଆ ପିଢ଼ି ମଧ୍ୟ ତାଙ୍କୁ ସେତିକି ଗୁରୁତ୍ୱ ଦିଅନ୍ତୁ ଏବଂ ତାଙ୍କର ସିଂହାସନ ସୁରକ୍ଷିତ ରହୁ। ଏହା ଆଗରୁ ମଧ୍ୟ ହେଉଥିଲା ମାତ୍ର ବର୍ତ୍ତମାନ ସମୟ କ୍ଷୀପ୍ର ଗତିରେ ବଦଳୁଥିବା ବେଳେ ଚିନ୍ତାଧାରା ମଧ୍ୟ ବେଶ୍ ବଦଳି ଯାଇଛି। ନୂଆର ଖୋଳପା ପିନ୍ଧିଥିବା ଏହି ପୁରୁଣା କଳାକାର ମାନଙ୍କୁ ମଞ୍ଚରେ କେହି ଦେଖିବାକୁ ଚାହୁଁ ନାହାଁନ୍ତି। ନୂଆ କଳାକାରମାନେ ନିଜ ଭୂମିକା ନେଇ ବେଶ୍ ସଚେତନ। ସେମାନଙ୍କ ପାଇଁ ବେଶି କିଛି ପରିବର୍ତ୍ତନ ଆସିନାହିଁ। ଆମେ ଯେପରି ପ୍ରଜାପତି ଧରିବାରେ, ବୋହୂଚୋରୀ ଖେଳିବାରେ, ଲୁଚି ଲୁଚି ସାରା ଖରାବେଳ କାଟିବାରେ ବ୍ୟସ୍ତ ହେଇ ଯାଉଥିଲୁ ଆମ ପିଲାମାନଙ୍କର ସେପରି କଟି ନାହିଁ। ସେମାନଙ୍କ ପିଲାବେଳ ମୋବାଇଲ୍ ରୁ ହିଁ ଆରମ୍ଭ ହୋଇଛି। ଆମେ ସେମାନଙ୍କୁ ଧୂଳିରେ ଖେଳିବାକୁ, ଖରାରେ ବୁଲିବାକୁ, କି ପାଣି କାଦୁଅ ହେବାକୁ ଦେଇ ନାହୁଁ। ଆମେ ତାଙ୍କ କୁନି କାନ୍ଧରେ ବହି ବ୍ୟାଗ୍ ର ଓଜନ ଚଢାଇ ଦେଇ ତାଙ୍କୁ ପ୍ରକୃତି ଠାରୁ ବହୁ ଦୂରକୁ ପଠାଇ ଦେଇଛୁ। ଆମକୁ ଭଲ ଲାଗୁନାହିଁ ବୋଲି ଆମେ ଅନେକ ଖାଦ୍ୟ ତାଙ୍କୁ ଖୁଆଇ ନାହୁଁ। ସେମାନେ କରିବାକୁ ଯିବେ ବା କାହିଁକି? ଆମେ ନିଜେ ସେମାନଙ୍କୁ ପ୍ରବାସରେ ରହିବାର ସ୍ୱପ୍ନ ଦେଖାଇ ଗାଁ ଭୂଇଁକୁ ଝୁରି ହେଉଚୁ। କେହି ଜଣେ ମୁଖ ପୁସ୍ତିକାରେ ପୁରୁଣା



ଦିନ କଥା କହିଲେ ଆମେ ବାଃ ବାଃ ତ କରୁଚୁ ହେଲେ ନିଜେ ସେକଥା ଦୋହରାଇବାକୁ ଚାହୁଁନୁ। ଅନେକ ସମୟରେ ଆମ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ମାନେ ଆଲୋଚନା କରନ୍ତି କି ପୁରୁଣା ଦିନ ଆଉ ନାହିଁ। ଆଗର ବରିଷ୍ଠ ମାନେ ଏମିତି କରିତ୍ କର୍ମା ଥିଲେ। ଏମିତି ବ୍ୟକ୍ତିତ୍ୱ ତାଙ୍କର ଥିଲା। ଆମେ ତାଙ୍କୁ ଦେଖିଲେ ମୁଣ୍ଡ ନଇଁ ଯାଉଥିଲା। ଏବର ପିଲା କାହାକୁ ଭକ୍ତି କରୁ ନାହାନ୍ତି। ବରିଷ୍ଠ ଙ୍କୁ ସମ୍ମାନ ନାହିଁ। ମୁଁ ପଚାରେ, ଆଛା ସତରେ ଆପଣମାନେ ତାଙ୍କୁ ଭକ୍ତି କରୁ ଥିଲେ ନା ଭୟରେ ସେମିତି ଅଭିନୟ କରୁଥିଲେ ? ମୋର ତ କାଇଁ ମନେପଡୁନି କେହି ବରିଷ୍ଠ ଦିନେ ମୋର ଗୋଟିଏ କ୍ଲାସ୍ ନେବାର କି କିଛି ଉତ୍ସାହ ଦେବାର ? ଏବେ ନାଁ କମେଇଲା ପରେ କାହିଁକି ମୁଁ ନତମସ୍ତକ ହେବି ଶୁଖିଲାରେ? ତୁମେ ବା ବରିଷ୍ଠ ହୋଇ କେତେଜଣଙ୍କୁ କୋଳେଇ ନେଇଚ ଯେ ସେମାନେ ମୁଣ୍ଡ ନଇଁ ଚାଲିବେ? ଏହାକୁ ମୋର ଅହଙ୍କାର ବୋଲି ଧରାଯାଏ। ମାତ୍ରା ସ୍ମୃତିରେ ତ ମୋର ସ୍ନେହ କମ୍ ଓ ଅସୂୟା ବେଶି ଆସେ। ନିଜ ସୁଖଦ ଅନୁଭୂତି ତକ ହିଁ ସ୍ମୃତି ହୋଇ ଉଙ୍କି ମାରେ ମାନସ ପଟରେ। ମାତ୍ର ସମୟ ସହ ଆଗକୁ ବଢ଼ିବାକୁ ହିଁ ହୁଏ। ତେବେ, ପଛରେ ପଡ଼ିଯିବା ଭୟରେ ନୂଆ ପିଢ଼ି ସହ ରେସ୍ ଲଗାଇଲେ ବି ଚଳିବ ନାହିଁ। ନୂଆ ରକ୍ତ ନିଶ୍ଚୟ ଆଗରେ ଦୌଡ଼ିବେ। ଏହାକୁ ସ୍ୱାଗତ କରିନେଲେ ଅସୁବିଧା କଣ? ମୁଁ ବାହାରେ ପାର୍ଟି କରିବି ଏବଂ ମୋର ବୋହୂ ମାଣବସା କରିବ, ଏହା ତ ସମ୍ଭବ ନୁହେଁ ନା! ପୁରୁଣା ପିଢ଼ି ନୂଆ ହେବାକୁ ଚାହିଁଲା ବେଳେ ନୂଆଙ୍କ ଠାରୁ ପୁରୁଣା ଚଳଣୀ ଆଶା କରିବା ବୃଥା। ସ୍ମୃତି କୁ ସ୍ମୃତି ହୋଇ ରହିବାକୁ ଦିଆ ଯାଉ। ତାହାକୁ ଝୁରି ହୋଇ ବର୍ତ୍ତମାନକୁ ନଷ୍ଟ କରିବା ଉଚିତ୍ ନୁହେଁ। ଯାହା ଅଛି ତାକୁ ନେଇ ଏକ ସୁସ୍ଥ ପାରିବାର ଓ ସମାଜ ଗଠନର ଆବଶ୍ୟକତାକୁ ହୃଦୟଙ୍ଗମ କରିବା ହିଁ ବୁଦ୍ଧିମାନର ଲକ୍ଷଣ।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪



● ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ

# ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି

**ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ):** ଭାରତର ସ୍ୱାଧୀନତା ସଂଗ୍ରାମ ସ୍ରୋତରେ ଦେଶର ସର୍ବକନିଷ୍ଠ ଦେଶଭକ୍ତ ୧୨ ବର୍ଷର ବାଳକ ବାଜି ରାଉତ ତାଙ୍କ ଜୀବନକୁ ବାଜି ଲଗାଇ ଶହୀଦ ହୋଇଥିଲେ। ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଶହୀଦ ବାଜି ରାଉତ। ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡ଼ଜାତର ସୂର୍ଯ୍ୟ। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପାଶ୍ୱର୍ସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା, ସମାଜସେବୀ ଜଗନ୍ନାଥ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ ପ୍ରମୁଖ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ରାଜ୍ୟପାଳ

**ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ):** ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରଗତିଶୀଳ ସମାଜବାଦୀ ତଥା ଜନସେବୀ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କର ଜୀବନ ସରଳତା, ନୈତିକ ସାହସ ଏବଂ ଜନସାଧାରଣଙ୍କ ପାଇଁ ନିଷ୍ପାପର ସେବାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟ ପ୍ରାଣନାଥ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କର ୫୫ ତମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।



ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକ ଥିଲେ ଏକ ବିରଳ ବହୁମୁଖୀ ପ୍ରତିଭା ଏବଂ ଗଭୀର ବିଶ୍ୱାସର ବ୍ୟକ୍ତିତ୍ୱ। ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ଯିଏ ସ୍ୱାଧୀନତା ପାଇଁ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇଥିଲେ, ଜଣେ ରାଜନୈତିକ ଚିନ୍ତକ ଥିଲେ ଯିଏ ସାଧାରଣ ଜନତାଙ୍କ ସପକ୍ଷରେ ବହନ କରିଥିଲେ, ଜଣେ ସମାଜ ସଂସ୍କାରକ ଥିଲେ ଯିଏ ପୁରୁଣା କୁସଂସ୍କାର ବିରୋଧରେ ଲଢେଇ କରିଥିଲେ, ଜଣେ ବିଧାୟକ ଥିଲେ ଯିଏ ନୀତିକୁ ସ୍ୱାର୍ଥ ଉର୍ଦ୍ଧ୍ୱରେ ରଖିଥିଲେ, ଜଣେ ଲେଖକ ଥିଲେ ଯିଏ ସମାଜକୁ ଜାଗ୍ରତ କରିବା ପାଇଁ କଲମ ଚାଳନା କରୁଥିଲେ, ଜଣେ ଶିକ୍ଷାବିତ ଥିଲେ ଯିଏ ଜ୍ଞାନର ମଞ୍ଜି ବୁଣିଥିଲେ ଏବଂ ସର୍ବୋପରି ଜଣେ ସାଧାରଣ ଲୋକଙ୍କର ସେବକ ଥିଲେ ଏବଂ ସେମାନଙ୍କ ଆଶା ଆକାଂକ୍ଷା ସହିତ ଗଭୀର ଭାବେ ଜଡ଼ିତ ଥିଲେ। ମହାନତା କେବେ ଧନ ସମ୍ପତ୍ତି କିମ୍ବା ପଦ ପଦବୀ ଦ୍ୱାରା ମପା ଯାଏ ନାହିଁ ବରଂ ତ୍ୟାଗ, ସେବା ଏବଂ ସତ୍ୟ ପାଇଁ ଛିଡା ହେବାର ସାହସ ଦ୍ୱାରା ମପା ଯାଏ। ଏହା ହିଁ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ ବୋଲି ରାଜ୍ୟପାଳ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଲୋକସେବକ ମଣ୍ଡଳ ନୂଆ ଦିଲ୍ଲୀର ଜାତୀୟ ଉପସଭାପତି ଦୀପକ ମାଲବ୍ୟ, ପୂର୍ବତନ ସାଂସଦ, ବିଧାୟକ ତଥା ସମ୍ବାଦ ଓ ଆମ ଓଡ଼ିଶାର ପ୍ରତିଷ୍ଠାତା-ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ ଡ଼. ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ପ୍ରାଣନାଥ ସ୍ମୃତି କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷା ତଥା ବିଶିଷ୍ଟ ଲେଖିକା ଡ଼. ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ପାଞ୍ଚ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ପ୍ରାଣନାଥ ପୁରସ୍କାର-୨୦୨୫' ରେ ସମ୍ମାନିତ କରାଯାଇଥିଲା।

● ଗାଁକୁ ଆସିପାରୁନି ଦାଦନଙ୍କ ମରଶରୀର

## ପରିବାରର ଆକୁଳ ନିବେଦନ



**ବାଲେଶ୍ୱର,୫।୧୦(ସଂଚାର ବ୍ୟୁରୋ) :** ମା' ଅନାଇଛି ପୁଅକୁ, ସ୍ତ୍ରୀ ଚାହିଁ ବସିଛି ସ୍ୱାମୀର ଫେରିବା ବାଟକୁ। ସ୍ୱାମୀର ଫଟୋ ଧରି ସ୍ତ୍ରୀ ଗୁମୁରି ଗୁମୁରି କାନ୍ଦୁଛି। ରୋଜଗାରିଆ ପୁଅକୁ ହରାଇ ମା' ମୁଣ୍ଡରେ ହାତ ଦେଇ ବସିଛି। ହେଲେ ଗାଁ ମାଟିକୁ ଆସି ପାରୁନି ମରଶରୀର। ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ଆଠ ବର୍ଷ ଧରି ପ୍ରାଇଭେଟ୍ କମ୍ପାନୀରେ କାର୍ଯ୍ୟକରି ପରିବାର ଚଳାଉଥିଲେ। ପରିବାର ଏବେ ମୃତ ଦେହକୁ ଆଣିବା ପାଇଁ ପରିବାର ଓ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଗତ ଶୁକ୍ରବାର କେରଳର ପାଲକ୍କଡ ଷ୍ଟେସନ ନିକଟରେ ବିଜରେ ତାଙ୍କ ମୃତଦେହ ଦେଖି ରେଳବାଇ ପୋଲିସ ଉଦ୍ଧାର କରିଥିଲେ। ତାଙ୍କ ପକେଟରେ ଥିବା ମୋବାଇଲରେ ପୋଲିସ ତାଙ୍କ ଘରକୁ ଖବର ଦେଇଥିଲେ। ଜଗବନ୍ଧୁଙ୍କ ମୃତ ଦେହ ଓଡ଼ିଶାକୁ ଆଣିବା ପାଇଁ ପରିବାର ସିମୁଳିଆ ବିଧାୟକ, ଜିଲ୍ଲାପାଳ, ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ପୂର୍ବତନ ବସ୍ ମାଲିକ ସଂଘ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୫।୧୦(ସଂଚାର ବ୍ୟୁରୋ):** ପୂର୍ବତନ ବସ ସଭାପତି ଗୌରାଙ୍ଗ ଚରଣ ପଣ୍ଡାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଘରୋଇ ବସ ମାଲିକ ସଙ୍ଘ ସଭାପତି ରବୀନ୍ଦ୍ରନାଥ ସାମନ୍ତରାୟଙ୍କ ସଭାପତିତ୍ୱରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୌରାଙ୍ଗ ଚରଣ ପଣ୍ଡା କେନ୍ଦ୍ରାପଡ଼ାର ଜଣେ ବିଶିଷ୍ଟ ବ୍ୟବସାୟୀ, ପୂର୍ବତନ ପୌର ସଦସ୍ୟ ଥିଲେ। ଖୁବ କମ ଦିନ ମଧ୍ୟରେ ଏକ ସଫଳ ଓ ଆଗଧାଡିର ବ୍ୟବସାୟୀ ଭାବେ ଜିଲ୍ଲାରେ ବେଶ ପରିଚିତ ଥିଲେ। କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଅରବିନ୍ଦ ଲେଙ୍କା, ରେବତୀ ରମଣ ଦାସ, ସୁଧାଂଶୁ ପତି, ହରେକୃଷ୍ଣ ନାୟକ, ଅଭିମନ୍ୟୁ ପାତ୍ର, ରାଜକିଶୋର ଲେଙ୍କା, ବସନ୍ତ କୁମାର ସାହୁ, ପ୍ରଭାସ ପାତ୍ର, ମୀନକେତନ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ, ଶ୍ରୀବସ୍ତ ମହାନ୍ତି, ନିୟାମତ ଖାନ ପ୍ରମୁଖ ବସ ମାଲିକମାନେ ତାଙ୍କ ସ୍ମୃତିସଭାରେ ଉପସ୍ଥିତ ହୋଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟ୍

**ଧର୍ମଶାଳା, ୫।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କାନପୁର ନିକଟରେ ଗତକାଲି ରାତି ପ୍ରାୟ ସାଢେ ଆଠଟାରେ ଜଣେ ବାଇକ ଆରୋହୀ ଯୁବକଙ୍କୁ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରି ୧୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଯୁବକ କଟକ ସାଲେପୁର ଅଞ୍ଚଳର ମାନସ ଓଝା ( ୨୨) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ମାନସ ଗତକାଲି ଏକ ବୁଲେଟ ଯୋଗେ ନିଜ ବନ୍ଧୁଘର ଥାନୁଆଳ ଅଞ୍ଚଳକୁ ଯାଉଥିବା ବେଳେ ଜାରକା ବଜାରରେ ଥିବା ଏଟିଏମରୁ ଟଙ୍କା ଉଠାଇଥିଲେ। ପରେ ସେ ନିଜ ବନ୍ଧୁଘର ଅଭିମୁଖେ ଯାଉଥିବା ବେଳେ ନାନପୁର ଛକରେ ୩ ଜଣ ଦୁର୍ବୃତ ଏକ ଧଳା ଆପାଚି ବାଇକରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଭୟଭିତ କରିବା ସହ ତାଙ୍କ ନିକଟରୁ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏଥିସହ ଦୁର୍ବୃତମାନେ ତାଙ୍କ ବୁଲେଟକୁ ଛଡାଇ ନେବାକୁ ଉଦ୍ୟମ କରିଥିବା ବେଳେ ମାନସ ଚିତ୍କାର କରିବାରୁ ଲୋକେ ରୁଣ୍ଡହେବା ଭୟରେ ଦୁର୍ବୃତମାନେ ଗାଁ ରାସ୍ତାଦେଇ ଫେରାର ହୋଇଯାଇଥିଲେ। ମାନସଙ୍କ ଦୁଇ ହାତରେ ଗଭିର ଆଘାତ ଲାଗିଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଗତକାଲି ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଧର୍ମଶାଳା ଥାନା ପୁଲିସ ୬୨୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗୋରୁ ବୋଝେଇ କଣ୍ଟେନରକୁ ଅଟକାଇଲେ ଯୁବକ

**ଧର୍ମଶାଳା, ୫।୧୦ (ସଂଚାର ବ୍ୟୁରୋ):** ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ଏକ କଂଟେନର ଗାଡିରେ ଗୋରୁ ବୋଝେଇ ହୋଇଥିବା ସନ୍ଦେହ କରି ଆରୁହା ଛକ ନିକଟରେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଅଟକାଇ ପୁଲିସ ଜିମ୍ମା ଦେଇଥିବା ଜଣାପଡ଼ିଛି। ଥାନାରେ ପୁଲିସ ଗାଡିର ଚାବି ଖୋଲି ଭିତରେ ତାଲାସି ନେଇଥିଲା। ହେଲେ ଏହି କଂଟେନର ଗାଡିରୁ କେବଳ ଲୁହା ସାମଗ୍ରୀ ବାହାରିଥିଲା। ଉକ୍ତ କଂଟେନର ଗାଡିଟି କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାକୁ ଯାଉଥିବା ଜଣପଡ଼ିଛି। ପରେ ପୁଲିସ କଂଟେନର ଗାଡିକୁ ଛାଡି ଦେଇଥିବା ଜଣାପଡ଼ିଛି।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା

**ଧର୍ମଶାଳା, ୫।୧୦ (ସଂଚାର ବ୍ୟୁରୋ):** ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ବାଲାଙ୍ଗିଆ ଗ୍ରାମରେ ଜଣେ ଅସହାୟ ପରିବାରକୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସୂଚନା ମୁତାବକ ବଲାଙ୍ଗିଆ ଗ୍ରାମର ସନ୍ତୋଷ ସାନ୍ତିଆ କିଛି ଦିନ ତଳେ କିଡନୀ ଜନୀତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ପୁର୍ବରୁ ସ୍ୱର୍ଗତ ସନ୍ତୋଷଙ୍କ ମାଆ ଓ ବଡ ଭାଇ ମଧ୍ୟ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଘରର ଏକମାତ୍ର ରୋଜଗାରିଆ ସନ୍ତୋଷଙ୍କ ମୃତ୍ୟୁ ପରେ ପରିବାରରେ ରହିଥିବା ଛୋଟ ଛୋଟ ପିଲାମାନେ ଅସହାୟ ହୋଇପଡ଼ିଛନ୍ତି। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପରିବାରକୁ ଆର୍ଥିକ ସହାୟତା ଯୋଗଇ ଦିଆଯାଛି। ଯୁବ ସଙ୍ଗଠକ ରାଜେଶ କୁମାର ପାଳ ଅନ୍ୟ ସଦସ୍ୟମାନଙ୍କ ସହ ଉକ୍ତ ପରିବାର ନିକଟରେ ପହଁଚି ସମବେଦନା ଜଣାଇବା ସହିତ ଆର୍ଥୀକ ସହାୟତା ଯୋଗାଇ ଦେଇଛନ୍ତି।

## ୩ ଦିନ ପରେ ଉଦ୍ଧାର ହେଲେ ୨ ଅପହୃତ ନାବାଳିକା:୨ ଅଟକ

**ମାଲକାନଗିରି,୫।୧୦ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି - ୪୧ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକା ଅପହରଣ ହୋଇଥିବାର ୩ ଦିନ ପରେ କୋଇମେଟଲା ପଞ୍ଚାୟତ ଏମପିଭି - ୩୩ ଗ୍ରାମରୁ ଉଦ୍ଧାର କଲେ ପରିବାର ଲୋକେ। ସୂଚନା ମୁତାବକ, ଏମଭି - ୪୧ ଗ୍ରାମର ସପନ ମଣ୍ଡଳଙ୍କ ୧୪ ବର୍ଷର ଝିଅ ଏବଂ ଭାଇ ରମେଶ ମଣ୍ଡଳଙ୍କ ୧୩ ବର୍ଷର ଝିଅ ଗତ ବୁଧବାର ଦିନ ରାତିରୁ ଘରୁ ନିଖୋଜ ହୋଇଯାଇଥିଲେ। ନିଖୋଜ ହେବାର ୩ ଦିନ ଧରି ପରିବାର ଲୋକ ବହୁ ଖୋଜା ଖୋଜି ପରେ ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ତେବେ ନିଖୋଜ ହେବାର ୩ ଦିନ ପରେ ଏମପିଭି - ୩୩ ଗ୍ରାମରୁ ଦୁଇ ନାବାଳିକା ଉଦ୍ଧାର ହେବା ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ପକ୍ଷରୁ ଏହି ଘଟଣାରେ ସମ୍ପୃକ୍ତ ଏମପିଭି - ୩୩ ଗ୍ରାମର ଦୁଇ ଯୁବକ ବିକ୍ରମ ହାଲଦାର ( ୨୨ ) ଏବଂ ବିକ୍ରମ ରାୟ ( ୨୩ ) ଙ୍କୁ ଉଠାଇ ପଚରାଉଚରା କରୁଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକ ମାନେ ଏହି ଦୁଇ ଭଉଣୀକୁ ଅପହରଣ କରି ଛତିଶଗଡ଼ ରାଜ୍ୟ ଜଗଦଳପୁର ନେଇ ରଖିଥିଲେ।

● ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ମୁଖା ଖସିପଡ଼ିଛି: ବିଜେଡି

**ଭୁବନେଶ୍ୱର, ୫।୧୦(ସଂଚାର ବ୍ୟୁରୋ):** ପୋଲିସ ଏସ୍ଆଇ ପରୀକ୍ଷାର କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ମାଧ୍ୟମରେ କେବଳ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡମାନଙ୍କୁ ଖସାଇଦେବାକୁ ବିଜୁ ଜନତା ଦଳ କହିଛି। ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡେଇ କହିଥିଲେ, କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ ମୁଣ୍ଡକୁ ଛାଡି ଦିଆଯାଉଛି। ଶ୍ରୀ ଘଡେଇ କହିଥିଲେ, ଚାକିରି ଚୋର ସରକାରଙ୍କ କାର୍ଯ୍ୟରେ ରାଜ୍ୟର ଯୁବ ସମାଜ ବ୍ୟତିବ୍ୟସ୍ତ ହୋଇ ପଡିଲେଣି। ରାଜ୍ୟର ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଲେଣି । ମୁଖ୍ୟମନ୍ତ୍ରୀ



ମୋହନ ମାଝୀ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତରେ ଦେଇଛନ୍ତି। ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା ବେଳେ କାରଣ ଜଣାପଡ଼ିନଥିଲା। ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ, ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ ମାଇଣ୍ଡ୍ସକୁ ହଟାଯାଇ ସିଲିକନ୍ ଟେକକୁ ଦିଆଯାଇଥିଲା। ସିଲିକନ ଟେକ ପୁଣି ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ଭାବେ ଗ୍ରହଣ କରିଥିଲା। ଆଉଟସୋର୍ସିଂର ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି କାର୍ଯ୍ୟକ୍ରମ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ।

■ ପୀରହାଟ -ନିମେଇସାହି ରାସ୍ତା ବିପଦସଂକୁଳ

# ଦୁର୍ଦ୍ଦଶା ଭୋଗୁଛନ୍ତି ୧୪୫ ପରିବାର

**ଭଦ୍ରକ,୫।୧୦ (ସଂଚାର ବ୍ୟୁରୋ):** ଭଦ୍ରାକ ଜିଲ୍ଲା ତିହିଡି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ପୀରହାଟରୁ ନିମେଇସାହି କଂକ୍ରିଟ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହାଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ନିମେଇସାହି ଓ ପାଟଣାସାହି ଗ୍ରାମର ୧୪୫ ପରିବାର ଓ ଯାତାୟାତ କରୁଥିବା ଲୋକ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ସେହି ୨ଗ୍ରାମର ଅଧିବାସୀ ବିଭିନ୍ନ ସମୟରେ ବିଡ଼ିଓଙ୍କୁ ଭେଟି ରାସ୍ତା ପୁର୍ନନିର୍ମାଣ ଓ ପ୍ରଶସ୍ତିକରଣ ପାଇଁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଦର୍ଶାଇଛନ୍ତି ଯେ ପୀରହାଟ ମଝି ବଜାରରୁ ନିମେଇସାହି ଓ ପାଟଣାସାହିକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତାର ଅବସ୍ଥା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ରାସ୍ତା ଫାଟିଯିବା ସହ ଛୋଟ ବଡ଼ ଗାଡ଼ ସୃଷ୍ଟି ହୋଇଥିବାରୁ ଯାତାୟାତ ଜନିତ ସମସ୍ୟା ଉପୁଜୁଛି। ଗମନାଗମନ ପାଇଁ ନିମେଇସାହି ଗ୍ରାମର ୭୦ପରିବାର ଏବଂ ପାଟଣାସାହି ଗ୍ରାମର ୭୫ପରିବାର ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାଟି ଅଣ ଓସାରିଆ ହୋଇଥିବାରୁ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେ ନାହିଁ। ଯାହାଫଳରେ ଜରୁରୀକାଳୀନ ପରିସ୍ଥିତିରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏପରିସ୍ଥଳେ ରାସ୍ତାକୁ ପ୍ରଶସ୍ତ କରାଯାଇ ପୁନଃ ନିର୍ମାଣ କରିବାକୁ ମନୋଜ ନାଥ, ମୁନା ପରିଡ଼ା, ଦୀପକ ବାରିକ, ଚଗିଲି ବାରିକ, ଶ୍ରୀକାନ୍ତ ସାହୁ, ବିଶ୍ୱରଞ୍ଜନ ଭଳ, ନାଗାର୍ଜ୍ଜୁନ ଭଳ, ଅନ୍ନପୂର୍ଣ୍ଣା ଜେନା ପ୍ରମୁଖ ଦାବି ଜଣାଇଛନ୍ତି। ତେବେ ଏସମ୍ପର୍କରେ ବିଡ଼ିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ପରିସ୍ଥିତି ଅନୁଧ୍ୟାନ କରାଯିବା ପରେ ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

● ଦୋକାନ ସମ୍ମୁଖରେ ବେଲୁନ୍ ବିକ୍ରି ଅଭିଯୋଗ

# ବ୍ୟବସାୟୀଙ୍କୁ ପିଟିପିଟି ହତ୍ୟା, ଜଣେ ଗିରଫ

**ସମ୍ବଲପୁର, ୫।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ପୂଜା ଉତ୍ସବରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ଘଟିଯାଇଛି ଏକ ଆକ୍ରୋଶ ମୂଳକ ହତ୍ୟାକାଣ୍ଡ। ଦୋକାନ ସମ୍ମୁଖରେ ବେଲୁନ ବିକ୍ରି କରୁଥିବା ଅଭିଯୋଗରେ ଗୁଡ୍ଡୁ ରଜକ ନାମକ ବ୍ୟବସାୟୀଙ୍କୁ ସର୍ବସମ୍ମୁଖରେ ପିଟି ପିଟି ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ମୃତ ଗୁଡ୍ଡୁଙ୍କ ବିଧବା ପତ୍ନୀ। କୁଚିଣ୍ଡା ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ୨୭୯/୨୫ରେ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ପତ୍ନୀ। ତେବେ ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତ କରାଯାଉଛି ବୋଲି ପ୍ରକାଶ କରିଛନ୍ତି କୁଚିଣ୍ଡା ଉପଖଣ୍ଡ ଅଧିକାରୀ ପ୍ରଦୀପ ଦାଶ। ମୃତକଙ୍କ ପତ୍ନୀ କରିଥିବା ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ଦଶହରା ରାତିରେ କୁଚିଣ୍ଡା ପୁରୁଣା ବସଷ୍ଟାଣ୍ଡ ନିକଟରେ ରାମଲାଲ ଅଗ୍ରୱାଲଙ୍କ କପଡ଼ା ଦୋକାନ ସମ୍ମୁଖରେ ଗୁଡ୍ଡୁ ଏକ ବେଲୁନ୍ ଦୋକାନ ଲଗାଇଥିଲେ। ନିଜ ଦୋକାନର ଗ୍ରାହକ ଆସିବାରେ ଅସୁବିଧା ଦର୍ଶାଇ ଅନ୍ୟତ୍ର ଚାଲିଯିବା ପାଇଁ ଗୁଡ୍ଡୁଙ୍କୁ ରାମଲାଲ ତାଗିଦ୍ କରିବା ସହ ଧମକଚମକ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ହଠାତ୍ ରାମଲାଲ ଓ ତାଙ୍କର କିଛି ସମର୍ଥକ ଗୁଡ୍ଡୁଙ୍କୁ ଆଖିବୁଜା ମାଡମାରି ଗୁରୁତର କରି ଦେଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ଗୁଡ୍ଡୁ ରାସ୍ତାରେ ପଡ଼ିଥିବା ବେଳେ କୁଚିଣ୍ଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁଡ୍ଡୁଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଗୁଡ୍ଡୁଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀର ଏଭଳି ମୃତ୍ୟୁରେ ଗୁଡ୍ଡୁଙ୍କ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହ ନ୍ୟାୟ ପାଇଁ ମୁଖ୍ୟ ଅଭିଯୁକ୍ତ ରାମଲାଲ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହି ହତ୍ୟା ଘଟଣାର ତିନିଦିନ ପରେ ପୋଲିସ କେବଳ ରାମଲାଲକୁ ଧରିବାରେ ସଫଳ ହେଇଛି। ମାତ୍ର ଶାରୀରିକ ଅସୁସ୍ଥତା ଦର୍ଶାଇବାରୁ ରାମଲାଲକୁ ପୋଲିସ ତୀକ୍ଷ୍ଣ ନଜରରେ ରଖି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଛି। ଅପରପକ୍ଷେ ରାମଲାଲ ବିଜେପିର ଜଣେ ସକ୍ରିୟ ସଦସ୍ୟ ଥିବାରୁ କୁଚିଣ୍ଡାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ହତ୍ୟାକାଣ୍ଡ ଘଟଣାକୁ ଚପାଇ ଦେବାକୁ ଅପଚେଷ୍ଟା କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି। ଏପରିକି ଗୁଡ୍ଡୁ ମୃତଦେହର ବ୍ୟବଚ୍ଛେଦ ସମୟରେ ଏହି ଗୋଷ୍ଠୀର କିଛି ସଦସ୍ୟ କୁଚିଣ୍ଡା ଡାକ୍ତରଖାନାରେ ପଇଁତରା ମାରିବା ସହ ଗୁଡ୍ଡୁଙ୍କ ବିଧବା ପତ୍ନୀଙ୍କୁ ବୁଝାସୁଝା କରାଉଥିବା ଦେଖିବାକୁ ମିଳିଛି। କୁଚିଣ୍ଡା ଏସଡିପିଓ ପ୍ରଦୀପ ଦାଶଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଅଭିଯୋଗ ପରେ ରାମଲାଲକୁ ଗିରଫ କରାଯାଇଛି ଏବଂ ଶରୀର ଅସୁସ୍ଥତା ଯୋଗୁଁ ସେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା କହିଛନ୍ତି। ବର୍ତ୍ତମାନର ସରକାରରେ ଗୋଟିଏ ଗରିବ ଅସହାୟ ବିଧବା ମହିଳାଙ୍କୁ ପୋଲିସ ସଠିକ୍ ନ୍ୟାୟ ଦେବ ନା ବଡ ବଡ଼ିଆ ତଥା ରାଜନୈତିକ ଚାପରେ ତଦନ୍ତ ବାଟବଣା ହେବ ସେନେଇ ମୃତକଙ୍କ ପରିବାର ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି।

# ପଞ୍ଚଭୂତରେ ବିଲୀନ ହେଲା ସହିଦ୍ ଶ୍ୟାମସୁନ୍ଦରଙ୍କ ପାର୍ଥିବ ଶରୀର

**ପୁରୀ,୫।୧୦ (ସଂଚାର ବ୍ୟୁରୋ) :** ଜୀବନରେ କେବେ ହାରିବ ନାହିଁ କି ଡରିବ ନାହିଁ। ଜୀବନରେ ଯେତେ ପ୍ରତିକୂଳ ଓ କଠିନ ପରିସ୍ଥିତି ଆସୁନା କାହିଁକି ରାଗ ଦ୍ୱାରା ଦ୍ୱାରା ନୁହେଁ ବରଂ ସ୍ଥିର ଓ ଶାନ୍ତିର ସହ ଏହାର ମୁକାବିଲା କରାଯାଇପାରିବ। କୋହ ଭରା କଣ୍ଠରେ ଏହା କହିଛନ୍ତି ସହିଦ ଶ୍ୟାମସୁନ୍ଦର କରଙ୍କ ପୁଅ। ଦଶହରା ଦିନ ଶେଷ ଥର ପାଇଁ ସେ ବାପାଙ୍କ ସହ କଥା ହୋଇଥିଲେ। ସୁଯୋଗ ମିଳିଲେ ସେ ମଧ୍ୟ ଦେଶ ସେବା କରିବେ ବୋଲି କହିଛନ୍ତି। ଆସାମ ରାଇଫଲ ମଣିପୁରରେ ଯବାନ ଭାବେ କାର୍ଯ୍ୟରତ ଓଡ଼ିଆ ଯୁବକ ଶହୀଦ ହୋଇଛନ୍ତି। ଶହୀଦ ଯବାନ ହେଉଛନ୍ତି ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ କପିଳେଶ୍ୱରପୁର ଦ୍ୱିତୀୟ ସହ ଗାଁର ଦୀନବନ୍ଧୁ କରଙ୍କ ପୁଅ ଶ୍ୟାମସୁନ୍ଦର କର। ତାଙ୍କ ପାର୍ଥିବ ଶରୀର ଆଜି ବିରାଟ ଶୋଭାଯାତ୍ରାରେ ଗାଁରେ ଆସି ପହଞ୍ଚିଥିଲା। ପୁରୀ - ବ୍ରହ୍ମଗିରି ରାସ୍ତାର ଜଗନ୍ନାଥ ରୋଡ ଛକରୁ କପିଳେଶ୍ୱରପୁର ଗାଁ ଯାଏଁ



ରାସ୍ତାର ଉଭୟ ପାର୍ଶ୍ୱରେ ଏକତ୍ରିତ ହୋଇଥିଲେ ଶତାଧିକ ଲୋକେ। ଗାଁ ଶ୍ମଶାନରେ ଗାର୍ଡ ଅଫ ଅନର ଦିଆଯିବା ପରେ ଶେଷ କୃତ୍ୟ ସଂପନ୍ନ ହୋଇଛି। ପଞ୍ଚଭୂତରେ ବିଲୀନ ହୋଇଛି ଶ୍ୟାମସୁନ୍ଦରଙ୍କ ପାର୍ଥିବ ଶରୀର। ଶ୍ୟାମସୁନ୍ଦରଙ୍କ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ବ୍ରହ୍ମଗିରି ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କ ପାଇଁ କେବଳ କପିଳେଶ୍ୱରପୁର କି ପୁରୀ ନୁହେଁ ସମଗ୍ର ରାଜ୍ୟ ଆଜି ଗର୍ବିତ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଆରସିସିଙ୍କ ଅବମାନନା

**ଭଦ୍ରକ, ୫।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଆରସିସି ଅବମାନନା କରିବା ସହିତ ନୂତନ ସିଆରସିସିଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ନଳଗୋହିରା କ୍ଲଷ୍ଟରର ନୂତନ ସିଆରସିସି ଭାବେ ମନୋଜ ସାହୁଙ୍କୁ ଭଦ୍ରକ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୨୧-୬-୨୫ ରିଖ ପତ୍ରାଙ୍କ ୧୫୪୫ ମୂଳେ ନଳଗୋହିରା କ୍ଲଷ୍ଟର ରେ ନୂତନ ସିଆରସିସି ଭାବରେ ଯୋଗ ଦେବାକୁ ଚିଠି କରାଯାଇଥିଲା। ଏହି ଚିଠି ମୂଳେ ୨୩-୬-୨୫ ରେ ମନୋଜ ସାହୁ ଏହି କ୍ଲଷ୍ଟରରେ ଯୋଗ ଦେଇଥିଲେ। ହେଲେ ଉକ୍ତ କ୍ଲଷ୍ଟରରେ ପୂର୍ବରୁ ଦାୟିତ୍ୱ ରେ ଥିବା ସିଆରସିସି ବିରନାରାୟଣ ଦାସ ନୂତନ ସିଆରସିସିଙ୍କୁ ୨୩-୭-୨୫ ରିଖ ସୁଦ୍ଧା ନୂତନ ସିଆରସିସି ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସେ ଆଜି ପର୍ଯ୍ୟନ୍ତ ଏହି ଦାୟିତ୍ୱ ହସ୍ତାନ୍ତର କରୁ ନାହାନ୍ତି। ତେବେ ପୂର୍ବତନ ସିଆରସିସି ନୂତନ ସିଆରସିସିଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନଥିବା କାରଣରୁ ନୂତନ ସିଆରସିସି ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ସିଆରସିସି ମନୋଜ ସାହୁ ଙ୍କୁ କ୍ଲଷ୍ଟର ଚଳାଇବା ପାଇଁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିବା ସହ ଏହି କ୍ଲଷ୍ଟର ରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ହେଉନଥିବା ସହ ପୂର୍ବତନ ସିଆରସିସି ସମସ୍ତ କାର୍ଯ୍ୟ ରେ ବାଧା ସୃଷ୍ଟି କରୁଛନ୍ତି ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହିତ ତାଙ୍କୁ ନଳଗୋହିରା କ୍ଲଷ୍ଟର ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସିଆରସିସି ମନୋଜ ସାହୁ ଚାନ୍ଦବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ବିଷୟରେ ବ୍ଲକ ଶିକ୍ଷା ଅଧିକାରୀ କୌଣସି ମତ ରଖି ନଥିଲେ।

# ଦୁଗ୍ଧ ଗୁଣବତ୍ତା ନିୟମିତ ଯାଞ୍ଚ ହେଉ

**ଭୁବନେଶ୍ୱର,୫।୧୦:** ରାଜ୍ୟର ଦୁଗ୍ଧ ବ୍ୟବସାୟ କରୁଥିବା ଘରୋଇ କମ୍ପାନୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏମାନଙ୍କ ଦୁଗ୍ଧର ଯାଞ୍ଚ ପ୍ରତି ଛଅ ମାସରେ ଥରୁଟିଏ ହେଉଛି। ଏହିସବୁ କମ୍ପାନୀ ସହିତ ସହରରେ ଟ୍ୟାଙ୍କରରେ ବିକ୍ରି ହେଉଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ନିୟମିତ ଯାଞ୍ଚ ପାଇଁ ମତପ୍ରକାଶ ପାଉଛି।

ରାଜ୍ୟରେ ଏବେ ସରକାରୀ ସଂସ୍ଥା ଓମଫେଡ୍ ସମେତ ଆଉ ୮ଟି ସଂସ୍ଥା ସେମାନଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ବ୍ୟବସାୟ କରୁଛନ୍ତି। ଏମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଓ ପଶ୍ଚିମବଙ୍ଗର ଗୋଟିଏ କରି ସଂସ୍ଥା ରହିଛି। ଅବଶିଷ୍ଟ ପାଞ୍ଚଟି ସଂସ୍ଥା ରାଜ୍ୟ ଭିତରର। ଓମଫେଡ୍





ସଂଗ୍ରହ କରୁଥିବା ଦୁଗ୍ଧର ଗୁଣବତ୍ତା ଯାଞ୍ଚ ପାଇଁ ଦୁଗ୍ଧ ଉତ୍ପାଦକ ସମିତିଗୁଡିକୁ ସବୁ ସରଞ୍ଜାମ ଯୋଗାଇ ଦେଇଛି। ଏଥି ମଧ୍ୟରେ ଜାତୀୟ ଦୁଗ୍ଧ ଉତ୍ପାଦନ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଅପମିଶ୍ରଣ ଚିହ୍ନଟକାରୀ କିଟ୍ ରହିଛି। ଏଥି ସହିତ ଲାକଟୋ ସ୍କ୍ରିନ୍ ମେସିନ୍ ଯୋଗାଇ ଦିଆଯାଇଛି। ଏହା ଫଳରେ ଓମଫେଡ୍ ଦୁଗ୍ଧ ସଂଗ୍ରହ ସ୍ଥାନରେ ହିଁ ଏହାର ଗୁଣବତ୍ତା ସହିତ କ୍ଷୀରରେ ଥିବା ଘିଅ, ଛେନା ଓ ଅନ୍ୟାନ୍ୟ ସାମଗ୍ରୀର ପରିମାଣକୁ ସହଜରେ ଚିହ୍ନଟ କରିଥାଏ। ତେବେ ଘରୋଇ କମ୍ପାନୀମାନଙ୍କ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ରାଜ୍ୟର ଖାଦ୍ୟ ପରୀକ୍ଷାଗାରରେ ହୋଇଥାଏ। ଓଡିଶା ଖାଦ୍ୟ ନିରାପତ୍ତା ନିର୍ଦ୍ଦେଶକଙ୍କ ତଥ୍ୟ ଅନୁଯାୟୀ ଘରୋଇ କମ୍ପାନୀର ସାମଗ୍ରୀକୁ ପ୍ରତି ଛଅ ମାସରେ ଥରେ ଯାଞ୍ଚ କରାଯାଏ। ଏଥି ସହିତ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଦୁଗ୍ଧ ଓ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀର ନିୟମିତ ଯାଞ୍ଚ କରିଥାନ୍ତି। ତେବେ ଉଭୟ ଘରୋଇ ସଂସ୍ଥା ଓ ରାଜ୍ୟ ବାହାରର ସଂସ୍ଥାମାନେ ଓଡିଶାରେ କୋଟି କୋଟି ଟଙ୍କାର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ବିକ୍ରି କରୁଥିବାବେଳେ ଏହାର ଗୁଣବତ୍ତା ଯେଭଳି ଭାବେ ଯାଞ୍ଚ ହେବାକଥା ତାହା ହେଉନଥିବା ମତପ୍ରକାଶ ପାଉଛି। ଉଲ୍ଲେଖନୀୟ ଯେ, ରାଜ୍ୟ ବାହାରର ସଂସ୍ଥାମାନେ ସେମାନଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀକୁ ଓଡିଶା ବଜାରରେ ପ୍ରତିଯୋଗିତା ମୂଳକ ଭାବେ ବ୍ୟବସାୟ କରୁଥିବାରୁ ସରକାରୀ ସଂସ୍ଥା ଓମଫେଡ୍ ଏଥିରେ ଏକ ପ୍ରକାର ପଛରେ ପଡିଯାଉଛି। ଏହାଦ୍ୱାରା ରାଜ୍ୟର ଦୁଗ୍ଧଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଓମଫେଡ୍‌ର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ ଯେଭଳି କଡାକଡି ହେଉଛି ଅନୁରୂପ ଭାବେ ସମସ୍ତ କମ୍ପାନୀର ସାମଗ୍ରୀ ଯାଞ୍ଚ ପାଇଁ ଖାଉଟିମାନେ ମତ ଦେଉଛନ୍ତି।

# ମା' ତାରିଣୀଙ୍କ ହୁଣ୍ଡିରୁ ବାହାରିଲା ୨୦.୮୧ ଲକ୍ଷ

**କେନ୍ଦୁଝର, ୫।୧୦ (ସଂଚାର ବ୍ୟୁରୋ):** ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ହୁଣ୍ଡିରୁ ୨୦ ଲକ୍ଷ ୮୧ହଜାର ୫୮୮ ଟଙ୍କା ଆୟ ହୋଇଛି। ଦେବୋତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୁଲିସ କର୍ମଚାରୀ ମଙ୍ଗଳ ନାଏକଙ୍କ ଉପସ୍ଥିତିରେ ଏହି ଗଣନା କାର୍ଯ୍ୟ ସମ୍ପାଦନ ହୋଇଥିଲା। ସର୍ବମୋଟ ୧୩ଟି ହୁଣ୍ଡି ଖୋଲି ଗଣନା କରାଯାଇଛି। ନଗଦ ପଇସା ସହ ୪୭ ଗ୍ରାମ୍ ୭୧୦ ମିଲିଗ୍ରାମ୍ ସୁନା ଓ ୧ କେଜି ୮୨୨ଗ୍ରାମ୍ ୬ଶହ ମିଲିଗ୍ରାମ୍ ରୁପା ମଧ୍ୟ ମିଳିଛି। ବରିଷ୍ଟ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତି ଦେହୁରୀ, ନବୀନ ମହାନ୍ତି, କାଳନ୍ଦୀ ମହାନ୍ତି, ତୁଷାରକାନ୍ତି ରାଉତ, ଲକ୍ଷ୍ମୀଧର ମହାନ୍ତି, ଦେବଦ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତି ରାଉତ, ହରିହର ମହାନ୍ତି, ନାରାୟଣ ମୁଖୀ, ପ୍ରମୁଖ ଉପସ୍ଥିତ ରହି ଗଣତି କାର୍ଯ୍ୟରେ ସାହାଯ୍ୟ କରିଥିଲେ।

sanchar.live
SANCHAR
ସଂଚାର
୪
ସୋମବାର ୬ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Monday 6 October 2025, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ଏକ ଅନିୟମିତ ସଙ୍କଟରେ ବିଶ୍ୱ

ଆଜି ୫ ଅକ୍ଟୋବର ୨୦୨୫, ରୁଷ-ୟୁକ୍ରେନ୍ ଯୁଦ୍ଧର ଆକାର ଆହୁରି ବୃଦ୍ଧି ପାଇଛି। ରାତିରେ ରୁଷର ବିପୁଳ ମିସାଇଲ ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ୍‌ରେ ଅତିକମ୍ ୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଶକ୍ତି ସମ୍ବଳରେ ଭାରୀ କ୍ଷୟକ୍ଷତି ହୋଇଛି। ପୋଲାଣ୍ଡ ଏହି ଆକ୍ରମଣରେ ବାୟୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିଛି, ଯାହା ଏହାକୁ ନାଟୋର ସୀମାନ୍ତକୁ ଛୁଇଁବା ପରି ପରିଣତ କରିଛି। ଏହି ଘଟଣା କେବଳ ସ୍ଥାନୀୟ ସଂଘର୍ଷ ନୁହେଁ, ବରଂ ବିଶ୍ୱ ଶାନ୍ତିର ପାଇଁ ଏକ ଗମ୍ଭୀର ଧ୍ୱଂସାତ୍ମକ ସୂଚନା।

ପୂର୍ବବର୍ତ୍ତୀ କିଛି ଦିନରେ ଯୁଦ୍ଧର ନୂତନ ଦିଗ ଦେଖାଯାଇଛି। ୟୁକ୍ରେନ୍‌ର ଦୀର୍ଘ ଦୂରତ୍ୱର ଡ୍ରୋନ୍ ଆକ୍ରମଣରେ ରୁଷର ତେଲ ସଂସାଧନ କାରଖାନାଗୁଡ଼ିକୁ ଲକ୍ଷ୍ୟ କରାଯାଇଛି, ଯାହା ରୁଷରେ ପେଟ୍ରୋଲ୍ ଅଭାବକୁ ଆହୁରି ତୀବ୍ର କରିଛି। ଇନଷ୍ଟିଚ୍ୟୁଟ ଫର୍ ଦି ଷ୍ଟଡି ଅଫ୍ ୱାର୍ (ଆଇଏସଡବ୍ଲ୍ୟୁ)ର ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ରୁଷର ସମ୍ପୂର୍ଣ୍ଣ ସାଧନ କ୍ଷମତାର ୧୭ ପ୍ରତିଶତ ଅସ୍ଥାୟୀ ଭାବେ ବନ୍ଦ ହୋଇଛି। ଏହା ରୁଷର ଅର୍ଥନୀତିକୁ ଦୁର୍ବଳ କରୁଛି ଏବଂ ଅର୍ଥନୈତିକ ଯୁଦ୍ଧକୁ ନୂତନ ଉନ୍ନତି ଦେଉଛି। ପରବର୍ତ୍ତୀ ରାତିରେ ରୁଷର ମିସାଇଲ-ଡ୍ରୋନ୍ ସମ୍ମିଶ୍ରଣ ଆକ୍ରମଣରେ ୟୁକ୍ରେନ୍‌ର ସହରଗୁଡ଼ିକୁ ଲକ୍ଷ୍ୟ କରାଯାଇଛି, ଯାହା ଏହାକୁ ଏକ ନିୟମିତ ପ୍ରକ୍ରିୟାରେ ପରିଣତ କରିଛି। ଆନ୍ତର୍ଜାତିକ ସ୍ତରରେ ମଧ ପରିସ୍ଥିତି ଜଟିଳ ହେଉଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଅମେରିକାକୁ ଚେତାବନୀ ଦେଇଛନ୍ତି ଯେ, ୟୁକ୍ରେନ୍‌କୁ ଟମାହକ୍ ମିସାଇଲ୍ ଯୋଗାଇବା ଦ୍ୱାରା ଯୋଗୁ ଦେଶଙ୍କ ସମ୍ପର୍କ ଧ୍ୱଂସ ହୋଇଯିବ। ଏହା ଯୁଦ୍ଧରେ ନୂତନ ଅସ୍ତ୍ର ଯୋଗାଇବାର ସମ୍ଭାବନାକୁ ବନ୍ଦ କରିବାକୁ ଏକ ରାଜନୈତିକ ଚାଲ ଭାବେ ଦେଖାଯାଉଛି। ଅଧିକ ଚିନ୍ତାଜନକ ଯେ, ୟୁକ୍ରେନ୍‌ର ଜେଲେନସ୍କିଙ୍କ ଅଧିକାରୀଙ୍କ ଦାବି ଅନୁଯାୟୀ, ଚୀନ୍ ରସର ମିସାଇଲ୍ ଲକ୍ଷ୍ୟଗୁଡ଼ିକର ବିଷୟରେ ଜେଲେନସ୍କି ଯୋଗାଇବାରେ ସହଯୋଗୀ। ଏହା ଯୁଦ୍ଧକୁ ଏକ ବିଶ୍ୱବ୍ୟାପୀ ସମର୍ଥନର ରୂପ ଦେଉଛି, ଯାହା ନାଟୋ ଦେଶମାନଙ୍କୁ ଆହୁରି ସତର୍କ କରିଛି। ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡରିକସେନ୍ କହିଛନ୍ତି, ଇଉରୋପ୍ ରସ ଦ୍ୱାରା ଏକ ହାଇବ୍ରିଡ୍ ୱାରରେ ରହିଛି, ଯେଉଁଥିରେ ୟୁକ୍ରେନ୍ ପ୍ରଥମ ରକ୍ଷା ରେଖା। ଏହି ବିକାଶଗୁଡ଼ିକ ଯୁଦ୍ଧର ମାନବୀୟ ଓ ଅର୍ଥନୈତିକ ପ୍ରଭାବକୁ ଆହୁରି ଗଭୀର କରୁଛି। ରୁସରେ ଇନ୍ଧନ ଅଭାବ ଯୋଗୁଁ ଆମ ସାଧାରଣ ଜୀବନ ବ୍ୟବସ୍ଥା ବିବ୍ରତ ହୋଇଛି, ଯେତେବେଳେ ୟୁକ୍ରେନ୍‌ରେ ସହରାଞ୍ଚଳର ବିଦ୍ୟୁତ ଓ ଜଳସେବା ବିନାଶ ହୋଇଛି। ଲକ୍ଷାଧିକ ବ୍ୟକ୍ତି ବିଚ୍ଛିନ୍ନ, ଏବଂ ଅର୍ଥନୈତିକ କ୍ଷତି ଟ୍ରିଲିୟନ୍ ଡଲାର୍ ପର୍ଯ୍ୟନ୍ତ ପହଞ୍ଚିଛି। ସଂଯୋଗିତାର ଅଭାବରେ ବିଶ୍ୱ ବଜାର ଅସ୍ଥିର ହୋଇଛି, ଯାହା ଦରିଦ୍ର ଦେଶମାନଙ୍କୁ ଆହୁରି କ୍ଷତି ପହଞ୍ଚାଉଛି। ପୁଟିନ୍‌ର ଚେତାବନୀ ଓ ଚୀନ୍‌ର ସହଯୋଗ ଏହାକୁ ଏକ ମହାଶକ୍ତିମାନଙ୍କ ମଧ୍ୟରେ ପ୍ରକ୍ସି ଯୁଦ୍ଧରେ ପରିଣତ କରିଛି, ଯାହା କେବଳ ସଂଘର୍ଷକୁ ଲମ୍ବା କରିବ ନାହିଁ, ବରଂ ଆଣବିକ ବିପଦ ସୃଷ୍ଟି କରିବ।



ଏହି ପରିସ୍ଥିତିରେ ସମାଧାନର ଏକମାତ୍ର ବାଟ କୂଟନୀତି। ଜଣେ ଜଣେ ସଂଯୋଗିତାର କଲ୍ୟାଣ ଯୋଗୁଁ କେବଳ ଧ୍ୱଂସର ମାତ୍ରା ବୃଦ୍ଧି ପାଉଛି। ବିଶ୍ୱ ସମାଜ, ବିଶେଷକରି ସଂଯୁକ୍ତ ରାଷ୍ଟ୍ର, ଏହାକୁ ରୋଧ କରିବା ପାଇଁ ସକ୍ରିୟ ହେବା ଆବଶ୍ୟକ। ୟୁକ୍ରେନ୍‌ର ରାଷ୍ଟ୍ରପତି ଜେଲେନସ୍କିଙ୍କ ସହଯୋଗରେ ପରି ନେତାମାନେ ଶାନ୍ତି ପାଇଁ ଆହ୍ୱାନ ଜଣାଉଛନ୍ତି, କିନ୍ତୁ ରସର ଅଧିକାରୀମାନଙ୍କ ହଠାତ୍ ନୀତି ଏହାକୁ ବାଧା ଦେଉଛି। ଆମେ ବିଶ୍ୱାସ କରୁଛୁ, ଏହି ଯୁଦ୍ଧ ଶୀଘ୍ରାତିଶୀଘ୍ର ଭାବେ ଶେଷ ହେବା ଉଚିତ୍, ନହେଲେ ଏହାର ପ୍ରଭାବ ସମଗ୍ର ବିଶ୍ୱକୁ ଗ୍ରାସ କରିବ। ଶାନ୍ତିର ଆହ୍ୱାନ କରି ଆମେ ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଏକଜୁଟ ହେବା ଆବଶ୍ୟକ।

# ଏସଆଇଆର ପାଇଁ ପରୀକ୍ଷାର ବେଳ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ବିହାରରେ ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିବା ଭୋଟର ତାଲିକାର ବହୁଚର୍ଚ୍ଚିତ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରୀୟା (ଏସଆଇଆର) ପରେ ଗଲା ପହିଲାରେ ପ୍ରକାଶ ପାଇଥିବା ଚୂଡାନ୍ତ ତାଲିକାରେ ମୋଟ ୭କୋଟି ୪୨ଲକ୍ଷ ଭୋଟରଙ୍କ ନାମ ରହିଛି। ବିହାରରେ ଆସନ୍ତା ବିଧାନସଭା ନିର୍ବାଚନ ଲାଗି ଏହା ଚୂଡାନ୍ତ ଭୋଟର ତାଲିକା ବୋଲି ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୨୫ ଜୁନ୍ ୨୪ରେ ବିହାରର ମୋଟ ଭୋଟରଙ୍କ ସଂଖ୍ୟା ୭କୋଟି ୭୯ଲକ୍ଷ ଥିଲା। ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ଏବେ ୪୨ଲକ୍ଷ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ତେବେ ଗଲା ସେପ୍ଟେମ୍ବର ପହିଲାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିବା ଏବଂ ବିହାର ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏସଆଇଆରକୁ ବହୁ ବିରୋଧିଦଳ ତୀବ୍ର ବିରୋଧ କରିବା ସୁପ୍ରିମକୋର୍ଟରେ ଏକାଧିକ ପିଟିସନ ଦାୟର କରିଥିଲେ। ପିଟିସନ ଗୁଡିକର ଏକତ୍ର ଶୁଣାଣୀ କରି ସୁପ୍ରିମକୋର୍ଟ ଆଧାରକୁ ପରିଚୟ ପତ୍ର ଭାବେ ଗ୍ରହଣ କରିବା ପାଇଁ କଡା ନିର୍ଦ୍ଦେଶ ଦେବା ପରେ ଚିଠା ଭୋଟର ତାଲିକାରେ ୨୧ଲକ୍ଷ ୫୩ହଜାର ନାମ ସଂଯୁକ୍ତ ଓ ୩ଲକ୍ଷ ୬୬ହଜାର ନାମ ବିଯୁକ୍ତ କରାଯାଇ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରିଛି ଯାହାକି ସାମନ୍ୟ ଆଶ୍ୱସ୍ତିର କାରଣ ହୋଇଛି। ୪୪ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିବା କମିଶନ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସଆଇଆର ପାଇଁ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ୧୩ଟି ପରିଚୟ ପତ୍ର ମଧରୁ ଆଧାର ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡକୁ ବାଦ୍ ଦେଇଥିଲେ। ଆଧାରକୁ ପରିଚୟ ପତ୍ର ଭାବେ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେବା ପରେ କମିଶନ ଏହାକୁ ଗ୍ରହଣ କରିଥିଲେ। କିନ୍ତୁ ଚିଠା ପ୍ରସ୍ତାବ ଉପରେ ଦାବି ଓ ଆପତି ଅଭିଯୋଗ ପାଇଁ କମିଶନଙ୍କ ଚୂଡାନ୍ତ ଅବଧି ଆଉ ମାତ୍ର ୧୦ଦିନ ବାକି ଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିବା ଭୋଟରଙ୍କୁ ସହାୟତା କରିପାରିନଥିବା କୁହାଯାଏ। ଆଧାର'କୁ ଉଭୟ ଜନ୍ମ ଓ ବାସସ୍ଥାନ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବିହାର ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ଏସଆଇଆର ପାଇଁ ନିର୍ବାଚନ କମିଶନଙ୍କ ଘୋଷଣା ବିବାଦ ସୃଷ୍ଟି କରିଥିଲା। ପ୍ରଥମତଃ ସ୍ୱଳ୍ପ ଅବଧି, ବିହାର ପରି ଏକ ବୃହତ ରାଜ୍ୟରେ କମ୍ ସମୟ ମଧରେ ବାସସ୍ଥାନ ପ୍ରମାଣପତ୍ର ସହ ଭୋଟର ବ୍ୟକ୍ତିଗତ ଭାବେ ହାଜର ହେବା ଏବଂ ତୃତୀୟତଃ ଆଧାର, ରାସନକାର୍ଡ ଏବଂ କମିଶନ ନିଜେ ପ୍ରଦାନ କରିଥିବା ଭୋଟର ପରିଚୟ ପତ୍ରକୁ ପ୍ରମାଣପତ୍ର ତାଲିକାରୁ ବାଦ୍ ଦେବା ଘୋଷଣାକୁ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲା। ଏପରିକି ଖୋଦ୍ ସର୍ବୋଚ୍ଚ ଅଦାଲତ ଏସଆଇଆର ସମୟକୁ ନେଇ ପ୍ରଶ୍ନ ଉଠାଇବା ସହ ଆଧାର'କୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ପରାମର୍ଶକୁ କମିଶନ ଗ୍ରହଣ ନକରିବାରୁ ଶେଷରେ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ ନକରି ଆଧାରକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏସଆଇଆରରେ ଯଦି କିଛି ଅନିୟମିତତା ପ୍ରମାଣିତ ହେଲେ, ପ୍ରକ୍ରୀୟାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ଆସନ୍ତା ୭ତାରିଖରେ ଏସଆଇଆର ଉପରେ ସୁପ୍ରିମକୋର୍ଟ ଚୂଡାନ୍ତ ରାୟ ଦେବା ଦିବସ ଧାର୍ଯ୍ୟ କରିଛନ୍ତି ଏବେ ଚୂଡାନ୍ତ ରାୟକୁ ଅପେକ୍ଷା। କାରଣ ଇତିମଧରେ ଦେଶର ଅନ୍ୟ ରାଜ୍ୟଗୁଡିକରେ ଏସଆଇଆର ପ୍ରକ୍ରୀୟା କମିଶନ ଆରମ୍ଭ କରିଛନ୍ତି। ଏଥିପାଇଁ ଭୋଟରଙ୍କୁ ମାସେ ନୁହେଁ ଅଧିକ ସମୟ ଦେବା ଜରୁରୀ। କାରଣ ସୁପ୍ରିମକୋର୍ଟ ଚୂଡାନ୍ତ ରାୟ ସାରା ଦେଶରେ ଲାଗୁ ହେବ। ଇତିମଧରେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ତଥା ଏନଡିଏର ଅନ୍ୟତମ ବଡ ଅଂଶୀଦାର ତେଲୁଗ ଦେଶମ୍ ପାର୍ଟିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ଏସଆଇଆର ପାଇଁ ମାସେ ନୁହେଁ, ୬ମାସରୁ ଅଧିକ ସମୟ ଦେବା ଦାବି କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଉଠାଇଥିବା ଭୋଟ ଚୋରୀ ଅଭିଯୋଗ ଉପରେ କମିଶନ ମୁକାବିଲାତ୍ମକ ନୁହେଁ, ଏହାର ସତ୍ୟାସତ୍ୟ ପାଇଁ ଅନୁସନ୍ଧାନ କରି ଏହାର ସତ୍ୟାସତ୍ୟ ଦେଶବାସୀଙ୍କୁ ଜଣାଇବା ଜରୁରୀ। ଦେଶର ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନ ଦେଶବାସୀଙ୍କ ନିକଟରେ ନିଜର ବିଶ୍ୱାସନୀୟତା, ଆସ୍ଥା ଓ ନିରପେକ୍ଷତା ଅତୁଟ ରଖିବା ସମୟ ଏବେ ଉପନୀତ। ତେଣୁ ଏସଆଇଆର ପାଇଁ ଏବେ ପରୀକ୍ଷାର ବେଳ ବୋଲି କୁହାଯାଇପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**



# ସାମ୍ପ୍ରଦାୟିକ ରାଷ୍ଟ୍ରବାଦ ଓ ଧର୍ମଗୁରୁ

**ଗୋପାଳ ମହାପାତ୍ର**



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କିଛି ମାସ ହେବ ଚର୍ଚ୍ଚାରେ ରହିଛନ୍ତି। ପ୍ରଥମେ କିଛି ମାସ ତଳେ ଭାଷଣ କ୍ରମରେ ଅସ୍ପଷ୍ଟ ସଙ୍କେତ ଦେଲେ ଯେ ରାଜନେତା ମାନେ ୭୫ ବର୍ଷ ବୟସରେ ରାଜନୀତିରୁ ଅବସର ନେବା ଉଚିତ୍। ମୋହନ ଭାଗବତଙ୍କ ଏହି କଥା ବା ସଙ୍କେତକୁ ପ୍ରଧାନମନ୍ତ୍ରୀ ମୋଦୀ ୭୫ବର୍ଷରେ ପହଞ୍ଚିବା ପରେ ପଦବୀ ଛାଡିବେ ବୋଲି ଜୋଡି ଦିଆଗଲା। ଏହାକୁ ନେଇ ବିରୋଧିମାନେ ମଧ ଅନେକ କଥା କହିଲେ। ପୁଣି ଦିଲ୍ଲୀରେ ସଂଘର କାର୍ଯ୍ୟକ୍ରମରେ ପୁର୍ବରୁ କହିଥିବା କଥା ଉପରେ ସ୍ପଷ୍ଟିକରଣ ଦେଇ କହିଲେ ଯେ ସେ ୭୫ବର୍ଷ ପ୍ରସଙ୍ଗରେ ଯାହା କହିଥିଲେ ତାର କିଛି ମୂଲ୍ୟ ନାହିଁ। ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ମୋହନ ଭାଗବତଙ୍କ ୭୫ତମ ଜନ୍ମଦିନ ପାଳନ କରାଯାଇଥିଲା ଓ ତାଙ୍କ ଜନ୍ମଦିନର କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କର ଯୋଗଦେଇଥିଲେ। ରବିଶଙ୍କରଙ୍କୁ ଜଣେ ପ୍ରମୁଖ ଧର୍ମଗୁରୁ ବୋଲି ଗ୍ରହଣ କରାଯାଇଥାଏ। ଏପରିକି ବାବା ମାନଙ୍କ ଗୋଷ୍ଠି ବା ସମୁହର ସେ ଜଣେ ପ୍ରମୁଖ ବ୍ୟକ୍ତି ଭାବେ ଜଣାଶୁଣା। ରବିଶଙ୍କର ଭାଗବତଙ୍କ ଜନ୍ମଦିନ ଅବସରରେ ଯୋଗଦେଇ କହିଥିଲେ ଯେ ରାଜନୀତିର ଦୁନିଆରେ ସେ ପଶିବାକୁ ଚାହାଁନ୍ତି ନାହିଁ, ତାଙ୍କ ମୁଖ୍ୟ ଚିନ୍ତା ଆଧାତ୍ମିକ ଆର୍ଟ ଅଫ୍ ଲିଭିଙ୍ଗ ନାମରେ ତାଙ୍କର ଏକ ବିଶାଳ ସାମ୍ରାଜ୍ୟ ରହିଛି ଓ ଅନ୍ୟ ବାବା ମାନଙ୍କ ଭଳି ତାଙ୍କର ଅପାର ସମ୍ପତ୍ତି ମଧ ରହିଛି। ଏହା ଏକ ବିରୋଧାଭାସ ନିଶ୍ଚୟ। ବାବାମାନେ ସାଧାରଣତଃ ଉପଦେଶ ଦେଇଥାନ୍ତି ଯେଧନ, ସଂସାର ସବୁ ମିଛ ମାୟା ଏବଂ ଏସବୁ ପଛରେ ଦୌଡିବା ଉଚିତ୍ ନୁହେଁ। କିନ୍ତୁ ବାବାମାନେ ଅପାର ଅଚଳାଚଳ ସମ୍ପତ୍ତି ଅର୍ଜନ କରୁଛନ୍ତି।

ରବିଶଙ୍କର ସୁଦର୍ଶନ କ୍ରିୟାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଏବଂ ଏହି କ୍ରିୟା ଯୋଗର ଶିକ୍ଷା ଦେଇ ଲକ୍ଷ ଲକ୍ଷ ଅନୁଗାମୀ/ଭକ୍ତଙ୍କୁ ଆକର୍ଷିତ କରିଛନ୍ତି। ରବିଶଙ୍କର ଯୋଗ ଶିକ୍ଷା ଦେବା ସହ ଆର୍ଟଅଫ ଲିଭିଙ୍ଗର ସ୍ଥାପନା କରି ଅନେକଙ୍କୁ ଏଥିରେ ସାମିଲ କରିପାରିଛନ୍ତି। ୨୦୧୭ ରେ ସେ ଏକ ସାସ୍କୃତିକ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବ ପାଇଁ ଯମୁନା ନଦୀର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ପ୍ରଦୂଷଣ ଜନିତ କ୍ଷତି ହୋଇଥିଲା ଏଥିପାଇଁ ଉତ୍ସବର ଅନ୍ୟତମ ଆୟୋଜକ ସୁଶାନ୍ତ ସିଂହ ରାଜପୁତଙ୍କ ଉପରେ ଏନ୍‌ଜିଟି କୋଟି କୋଟି ଟଙ୍କାର ଜୋରିମାନା ଲଗାଇଥିଲେ କିନ୍ତୁ ଆୟୋଜକ ମଣ୍ଡଳୀ ଏହି ଜୋରିମାନା ଦେବାକୁ ମନା କରିଥିଲେ। ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧି ଆନ୍ଦୋଳନକୁ ରବିଶଙ୍କର ସମର୍ଥନ କରୁଥିଲେ। ସୁଶାନ୍ତ ସିଂହ ରାଜପୁତ ଏବଂ ବାବା ରାମଦେବ ମଧ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ସକ୍ରିୟ ଥିଲେ। ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ବାବା ରାମଦେବଙ୍କର ଘନିଷ୍ଠ ସମ୍ପର୍କ ରହିଛି। ରାମଦେବ ଯୋଗ ଶିକ୍ଷକରୁ ଏବେ ପତଞ୍ଜଳୀ ବ୍ରାଣ୍ଡର ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଶାସକ ଦଳ ବିଜେପି ସହ ତାଙ୍କର ସମ୍ପର୍କ କାରଣରୁ ରାମଦେବଙ୍କ ବ୍ୟବସାୟର ସାମ୍ରାଜ୍ୟ ଏବେ ଆକାଶ ଛୁଆଁ। ତାଙ୍କ ଯୋଗ କାର୍ଯ୍ୟକ୍ରମ ଲକ୍ଷଲକ୍ଷ ଲୋକଙ୍କୁ ଆକର୍ଷିତ କରିଥାଲା। କୋରେନା ମହାମାରୀ ସଙ୍କଟ କାଳର ପୁରା ଫାଇଦା ଉଠାଇ ଚିକିତ୍ସା ମାନଦଣ୍ଡର ଉଲଂଘନ କରି ଏକ ନୂଆ ଔଷଧ ସ୍କୋରୋନିଲସ ଲଞ୍ଚ କଲେ ବା ବଜାରକୁ ଛାଡିଲେ। ତାଙ୍କର ଏହି ଔଷଧକୁ ଲଞ୍ଚ କରିଥିଲେ ଦୁଇ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଏବଂ ନୀତିନ ଗଡ଼କରୀ। ତାଙ୍କର ଏହି ଔଷଧକୁ ନେଇ ଇଣ୍ଡିଆନ ମେଡିକାଲ ଆସୋସିଏସନ ଅଦାଲତକୁ ଯାଇଥିଲା ଓ ଅଦାଲତରେ ବାବା ରାମଦେବ କ୍ଷମା ମାଗିବା ପାଇଁ ବାଧ ହୋଇଥିଲେ। ରୁହ-ଆଫଜା ଭଳି ପାନୀୟ ଉତ୍ପାଦ ଭଳି ବାବା ରାମଦେବ ଏକ ଉତ୍ପାଦ ଲଞ୍ଚ କରି ମୁସଲିମ ବିରୋଧି ବୟାନ ଦେବା ଯୋଗୁଁ କ୍ଷମା ମାଗିବା ପାଇଁ ମଧ ବାଧ ହୋଇଥିଲେ।

ଶାସକ ଦଳ ସହ ଘନିଷ୍ଠତା କାରଣରୁ ବ୍ୟବସାୟିକ ସାମ୍ରାଜ୍ୟ ବୃଦ୍ଧି କରିବା ଏବଂ ସାମ୍ପ୍ରଦାୟିକ ବୟାନ ଦେବା ତାଙ୍କ ପାଇଁ ସହଜ ହୋଇଯାଇଛି। ରାମଦେବଙ୍କ ଭଳି ଅନେକ ଲୋକ ଏ ଦେଶରେ ଅଛନ୍ତି। ସେମାନଙ୍କ ମଧରେ ବାଗେଶ୍ୱର ବାବା ଧିରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏକ ନୂଆ ନାମ। ସେ ଲୋକଙ୍କ ଅତୀତ କଥା କହିପାରୁଛନ୍ତି ବୋଲି କୁହାଯାଏ। କିନ୍ତୁ ତାଙ୍କର ଜଣେ ସହଯୋଗୀ/ ଅନୁଗାମୀ ଶ୍ୟାମ ମାନବ



ତାଙ୍କୁ ଠକ କହି ଚାଲେଞ୍ଜ କରିଥିଲେ। ଧିରେନ୍ଦ୍ର ଶାସ୍ତ୍ରୀ ଏବେ ବାଗେଶ୍ୱର ଠାରେ ଆଶ୍ରମ କରି ରହୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଧିରେନ୍ଦ୍ର ଶାସ୍ତ୍ରୀଙ୍କୁ ତାଙ୍କ ଛୋଟ ଭାଇ ବୋଲି କହିଛନ୍ତି। ଏବେ ଧିରେନ୍ଦ୍ର ଶାସ୍ତ୍ରୀ ଏକ ହିନ୍ଦୁ ଗ୍ରାମ ସ୍ଥାପନ କରିବେ ବୋଲି କହୁଛନ୍ତି ଯେଉଁ ଗ୍ରାମରେ କେବଳ ହିନ୍ଦୁମାନେ ରହିପାରିବେ।

ଏକଥା ସତ୍ୟ ଯେ ବାବାମାନେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ନୁହଁନ୍ତି। କିନ୍ତୁ ବାବାମାନେ ସଂଘର ହିନ୍ଦୁରାଷ୍ଟ୍ର ଏଜେଣ୍ଡା ସହ ସହମତ ଯାହା ଜାତି ଏବଂ ଲିଙ୍ଗର ପଦାନୁକ୍ରମକୁ ଗୁରୁତ୍ୱ ଦେଇଥାଏ। ଧର୍ମଗୁରୁ ଏକ ପାରମ୍ପରିକ ପଦବୀ ନୁହେଁ। ଏମାନେ ଲୋକଙ୍କୁ ନିଜର ଅନୁଗାମୀ କରିବା ପାଇଁ ବିଭିନ୍ନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିଥାନ୍ତି। ପାରମ୍ପରିକ ଜ୍ଞାନ ହେଉ ବା ନିଜର ମନଗଢ଼ା କଳ୍ପନା/କାହାଣୀ କୁ ନେଇ ଏମାନେ ଏଭଳି ବାକ୍ୟାଂଶ ଗଠନ କରିଥାନ୍ତି ଯାହା ସେମାନଙ୍କର ନୂଆ ପରିଚୟ ସୃଷ୍ଟି କରାଇଥାଏ। ଏମାନେ ମଧ ପ୍ରଭାବଶାଳୀ ବକ୍ତା ଅଟନ୍ତି। ଏହି ବାବା ଗୋଷ୍ଠୀର ଏକ ଅନ୍ୟ ପାର୍ଶ୍ୱ ମଧ ରହିଛି। ଶଙ୍କରାଚାର୍ଯ୍ୟ ଜୟେନ୍ଦ୍ର ସରସ୍ୱତୀଙ୍କ ଆଶ୍ରମରେ ଶଙ୍କରରମଣ ନାମକ ଜଣେ ବ୍ୟକ୍ତିର ହତ୍ୟା କରାଯାଇଥିଲା ଓ ଆଶ୍ରମର ଜଣେ କର୍ମଚାରୀ ଶଙ୍କରରମଣଙ୍କ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସତ୍ୟସାଇ ବାବାଙ୍କ ପ୍ରଶାନ୍ତି ନିଳୟମରେ ମଧ ଜଣେ ଅନୁଗାମୀଙ୍କର ହତ୍ୟା ହୋଇଥିଲା। ଯେତେବେଳେ ଜୟେନ୍ଦ୍ର ସରସ୍ୱତୀଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ହେଲା ସେତେବେଳେ ଏହି ଅଭିଯୋଗକୁ ବିରୋଧ କରି ଅଟଳ ବିହାରୀ ବାଜପେୟୀ ଓ ଆଶାରାମ ବାପୁ ଧାରଣାରେ ବସିଥିଲେ। ଗୁରୁମିତ ରାମ ରହିମଙ୍କ କଳା କାରବାର ବହୁ ତଥ୍ୟକୁ ଲୋକ ଲୋଚନକୁ ଆଣିଥିବା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ହତ୍ୟା କରାଯାଇଥିଲା। ବହୁ କଷ୍ଟରେ ଗୁରୁମିତ ରାମ ରହିମଙ୍କ ଗିରଫ କରାଯାଇଥିଲା।

ଆଶାରାମ ବାପୁଙ୍କ ଆଶ୍ରମରେ ଦୁଇଟି ଛୋଟ ପିଲାଙ୍କର ହତ୍ୟା ହୋଇଥିଲା। ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦୀ ଆଶାରାମଙ୍କ ଆଶ୍ରମକୁ ପରିଦର୍ଶନ ପାଇଁ ଯାଇଛନ୍ତି। ୨୦୧୪ର ହରିଆଣା ନିର୍ବାଚନ ବେଳେ ଗୁରୁମିତ ରାମରହିମ ତାଙ୍କ ଅନୁଗାମୀ ମାନଙ୍କୁ ବିଜେପିକୁ ଭୋଟ ଦେବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନରେ ବିଜୟ ପରେ ମନୋହରଲାଲ ଖଟରଙ୍କ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ଗୁରୁମିତଙ୍କ ଆଶୀର୍ବାଦ ନେବା ପାଇଁ ଯାଇଥିଲେ। ଗୁରୁମିତ ରାମରହିମ ଏବେ ଜେଲରେ ରହିଛନ୍ତି କିନ୍ତୁ ଅନେକ ସମୟରେ ପେରୋଲରେ ଆସୁଛନ୍ତି। ମଜାଦାର କଥା ହେଉଛି ଯେଉଁ ଜେଲର ତାଙ୍କୁ ପେରୋଲ ଛାଡିଥିଲେ ସେ ଅବସର ଗ୍ରହଣ ପରେ ବିଜେପିରେ ସାମିଲ ହୋଇଥିଲେ। ବାବା ମାନଙ୍କର ଏଇ ବିଶାଳ ଦୁନିଆରେ ଅନେକ କଥା ରହିଛି କିନ୍ତୁ ଅଲଗା ଅଲଗା ନାମରେ। କେବଳ ଯେ ହିନ୍ଦୁ ସଂସ୍କୃତିର ବାବା ମାନେ ଏଭଳି କରୁଛନ୍ତି ତା ନୁହେଁ ସବୁଧର୍ମ ବା ସମ୍ପ୍ରଦାୟର ଅନେକ ଧର୍ମଗୁରୁ ମାନେ କୌଣସି ନା କୌଣସି ଅଭିଯୋଗରେ ଜଡିତ। ଦେଶରେ ଏମିତି ଅନେକ ବାବା ଅଛନ୍ତି ଓ ସେମାନେ ଅକୁତ ସମ୍ପତ୍ତିର ମାଲିକ ଅଟନ୍ତି। ଓଡ଼ିଶାରେ ମଧ ଏମିତି ବାବା ମାନଙ୍କର ତାଲିକା ଲମ୍ବା। ସଂଘର ଅନେକ ଅନୁଗାମୀ ହିନ୍ଦୁରାଷ୍ଟ୍ରର ଗଠନ ପାଇଁ ପ୍ରୟାସରତ କିନ୍ତୁ ସଂଘ ସହ ଯୋଡି ନହୋଇ ମଧ ଅନେକ ବାବା ହିନ୍ଦୁରାଷ୍ଟ୍ରବାଦର ପ୍ରଚାର ପ୍ରସାର ପାଇଁ ବ୍ୟସ୍ତ। ସମାଜ ଉପରେ ଏହାର ଗଭୀର ପ୍ରଭାବ ପଡୁଛି ଏବଂ ସାମାଜିକ ଅସୁରକ୍ଷା ମଧ ବଢୁଛି। ଅନେକ ବାବାଙ୍କ ଜୀବନୀ ମଧ ପ୍ରକାଶିତ ହୋଇଛି। ବାବା ମାନଙ୍କ ଉପରେ ଅଧିକ ଅଧ୍ୟୟନ ଏବେ ସମୟର ଆବଶ୍ୟକତା। ବାବା ମାନଙ୍କର ପ୍ରଭାବ ଦିନକୁ ଦିନ ବଢୁଥିବା ବେଳେ ଗୌରୀ ଲଙ୍କେଶ, ଦାଭୋଲକର, ଗୋବିନ୍ଦ ପାନସରେଙ୍କ ଭଳି ତର୍କବାଦୀଙ୍କ ହତ୍ୟା କରାଯାଉଛି କିନ୍ତୁ ଅଧିକାଂଶ ମାମଲାରେ ଜଡିତ ଅପରାଧି ଖସି ଯାଉଛନ୍ତି।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯**

**ତୁଷାର ରଞ୍ଜନ ସାହୁ**

# ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି। ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ। ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ। ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର। ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ। ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି। ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ।

**ଆଦି ଲକ୍ଷ୍ମୀ:** ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ। ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି। ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର। ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ। ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି। ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ। ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ। ତାଙ୍କର ଅନ୍ୟନାମ ଇନ୍ଦିରା। ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ। ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ। ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ। ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୁଜିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍।

**ଧନଲକ୍ଷ୍ମୀ:** ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ। ଆଧାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ। ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି। ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା। ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି। ସେ ଲାଲ ଶାଢ଼ି ପରିଧାନ କରନ୍ତି। ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି। ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ। ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରଧଡ଼ା କରାଯାଏ। ଦିମିଧିମ ଧିମ୍‌ଧିମି, ଧୁମ୍‌ଧିମି, ଧିମ୍‌ଧିମି, ଧୁମ୍‌ଧୁଭିନାଦ ସୁପୂର୍ଣ୍ଣମାୟେ, ଘୁମଘୁମା ଗୁମ୍‌ଘୁମା, ଗୁନ୍‌ଘୁମା, ଗୁନ୍‌ଘୁମା ଶୃଙ୍ଖନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍।



**ଧାନ୍ୟ ଲକ୍ଷ୍ମୀ:** ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ। ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ। ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି। ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି। ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟା। ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି। ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି। ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ। ଧାନ୍ୟ ଲକ୍ଷ୍ମୀଙ୍କୁ - ଐକାଳି କଲ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍‌ଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଜବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍। ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ।

**ଗଜଲକ୍ଷ୍ମୀ:** ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ। ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ। ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର। ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନଥାନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି। ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି। ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ। ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୁଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍। ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ।

**ସନ୍ତାନ ଲକ୍ଷ୍ମୀ:** ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ। ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି। ଏହି ଲକ୍ଷ୍ମୀ ଷଡ଼ଭୂଜା। ଦୁଇ ହାତରେ କଳସ ଧାରଣ କରିଥାନ୍ତି। ଗୋଟିଏ ହାତରେ ଖଡ୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ। ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି। ତାଙ୍କ କୋଳରେ ଶିଶୁଟିଏ ଥାଏ। ଶିଶୁଟି ମଧ ପଦ୍ମଫୁଲ ଧରିଥାଏ। ଏ ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍। ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରଧନା କରାଯାଏ।

**ବୀରଲକ୍ଷ୍ମୀ:** ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ। ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଜୀବନରେ ସ୍ଥିରତା ପାଇଁ ମଧ ତାଙ୍କୁ ଆରଧନା କରାଯାଏ। ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟା। ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ। ଅନ୍ୟ ଦୁଇଟି ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ। ଜୟବରବର୍ଷିଣି, ବୈଷ୍ଣବୀ, ଭାର୍ଗବୀ, ମନ୍ଦ୍ରସ୍ୱରୂପିଣୀ ମନ୍ତ୍ରାମୟେ, ସୁରଗଣ ପୂଜିତା, ଶୀଘ୍ର ଫଳପ୍ରଦା ଜ୍ଞାନ ବିକାଶିନୀ ଶାସ୍ତ୍ରମାତେ, ଭବ ଭୟ ହାରିଣୀ, ପାପା ବିମୋଚନୀ, ସାଧୁଜନାଶ୍ରିତ ପଦୟୁତେ, ଜୟ ଜୟ ହେ ମଧୁସୂଦନ କାମିନୀ, ଧୈର୍ଯ୍ୟଲକ୍ଷ୍ମୀ, ଜୟ ପାଳୟମାମ୍। ସ୍ତୋତ୍ର ବୀରଲକ୍ଷ୍ମୀଙ୍କୁ ଆରାଧନା କରାଯାଏ।

**ବିଦ୍ୟାଲକ୍ଷ୍ମୀ:** ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ। ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି। ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ। ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ। ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ। ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ। ପ୍ରରତ ସୁରେଶ୍ୱରୀ, ଭାରତୀ, ଭାର୍ଗବୀ, ଶୋକ ବିନାଶିନୀ, ରତ୍ନମୟେ, ମଣିମାୟା ଭୂଷିତା କର୍ଣ୍ଣ ବିଭୂଷଣ, ଶାନ୍ତି ସମବୃତା, ହାସ୍ୟମୁଖେ, ନବନିଧି ଦାୟିନୀ କଳିମାଳା ହାରିଣୀ, କାମ୍ୟ ଫଳପ୍ରଦା, ହାସ୍ୟ ଯୁଥେ ଜୟ ଜୟ ହେ, ମଧୁସୂଦନ କାମିନୀ ବିଦ୍ୟାଲକ୍ଷ୍ମୀ ପାଳୟମାମ୍।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା। ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ। କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ। ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ୍କ ଆରାଧନା କରାଯାଏ। ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ। ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି। ହାତରେ ତାଙ୍କର ଚକ୍ର, ଶଙ୍ଖ, ଖଡ୍‌ଗ, ଢ଼ାଲ, ଫାଶ ଓ ପଦ୍ମ ଧରିଥାନ୍ତି। ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ। ଜୟ କମଳାସିନୀ ସଦ୍‌ଗତି ଦାୟିନୀ ଜ୍ଞାନ ବିକାଶିନୀ ଗଣମୟେ, ଅନୁଧିନା ମାର୍ଚ୍ଚିତା କୁଙ୍କୁମ୍ ଧୂସର ଭୂଷିତା। ବାସିତା ବାଦ୍ୟନୁତେ କନକଧାରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍। ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ।

**ରିଲାକ୍ସ, ଏକ୍ୱୋରିୟମ ଲେନ୍, ରାଣୀହାଟ, କଟକ**
**ମୋବାଇଲ୍: ୯୮୬୧୦୪୭୫୭୫**

### ପ୍ରତିରକ୍ଷା ମନ୍ତ୍ରୀଙ୍କ ଚେତାବନୀ

# ବଦଳିଯିବ ପାକିସ୍ତାନର ଇତିହାସ ଭୂଗୋଳ



**ନୂଆଦିଲ୍ଲୀ,୫।୧୦:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସମ୍ପ୍ରତି ଏକ ବିବୃତି ଜାରି କରି କହିଛନ୍ତି ଯେ କରାଚୀକୁ ଯିବା ପାଇଁ ରାସ୍ତା ସର କ୍ରିକ ଦେଇ ଯାଇଥାଏ। ଏହି ବିବୃତି ପାକିସ୍ତାନୀ ନୌସେନା ଭିତରେ ହଇଚଇ ସୃଷ୍ଟି କରିଛି। ପାକିସ୍ତାନୀ ନୌସେନା କରାଚୀ ବନ୍ଦର ସଂଲଗ୍ନ ଆରବ ସାଗରରେ କ୍ଷେପଣାସ୍ତ୍ର ଫାୟାରିଂ ଅଭ୍ୟାସ ସମ୍ପର୍କରେ ଶୀଘ୍ର ଏକ ନୋଟିସ ଜାରି କରିଛି।

ପାକିସ୍ତାନୀ ନୌସେନା ଆସନ୍ତା ୯ ଓ ୧୦ ତାରିଖରେ କରାଚୀ ସଂଲଗ୍ନ ଆରବ ସାଗରରେ କ୍ଷେପଣାସ୍ତ୍ର ଓ ବନ୍ଧୁକ ଗୁଳିଚାଳନା ସମ୍ପର୍କରେ ସୂଚନା ପ୍ରଦାନ କରି ଏକ ନୋଟ୍‌ମାର୍ (ମାରାଇନର୍ସଙ୍କୁ ନୋଟିସ) ଜାରି କରିଛି। ରାଜନାଥ ସିଂହଙ୍କ ବିବୃତିର ଦୁଇ ଦିନ ପରେ ପାକିସ୍ତାନୀ ନୌସେନା ପକ୍ଷରୁ ଏହି ନୋଟ୍‌ମାର୍ ଆସିଛି। ଗତ ବିଜୟା ଦଶମୀ ଅବସରରେ ରାଜନାଥ ସିଂହ ଗୁଜରାଟର ସର କ୍ରିକ ଅଞ୍ଚଳ ପରିଦର୍ଶନ କରିବା ଅବସରରେ ପାକିସ୍ତାନକୁ ଚେତାବନୀ ଦେଇଥିଲେ ଯେ ଏହି ଅଞ୍ଚଳରେ ଯେକୌଣସି ଦୁଃସାହସିକ କାର୍ଯ୍ୟ ପାକିସ୍ତାନର ଇତିହାସ ଓ ଭୂଗୋଳକୁ ବଦଳାଇଦେବ। ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତାର ୭୮ ବର୍ଷ ସତ୍ତ୍ୱେ ସର କ୍ରିକ ଅଞ୍ଚଳରେ ସୀମା (ପାକିସ୍ତାନ ପାର୍ଶ୍ୱରେ) ସମ୍ପର୍କରେ ବିବାଦ ଉଠାଯାଉଛି। ଭାରତ ବାରମ୍ବାର ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛି, କିନ୍ତୁ ପାକିସ୍ତାନର ଉଦ୍ଦେଶ୍ୟ ତ୍ରୁଟିପୂର୍ଣ୍ଣ ଓ ଅସ୍ପଷ୍ଟ। ସାର୍ କ୍ରିକ ସଂଲଗ୍ନ ଅଞ୍ଚଳରେ ସାମରିକ ଭିତ୍ତିଭୂମିର ସମ୍ପ୍ରତି ପ୍ରସାରଣ ଏହାର ଉଦ୍ଦେଶ୍ୟକୁ ପ୍ରକାଶ କରେ। ଶ୍ରୀ ସିଂହ କହିଛନ୍ତି ଯେ ଭାରତୀୟ ସେନା ଓ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ସତର୍କତାର ସହ ଭାରତର ସୀମାକୁ ସୁରକ୍ଷା ଦେଉଛନ୍ତି। ଯଦି ପାକିସ୍ତାନ ସାର୍ କ୍ରିକ ଅଞ୍ଚଳରେ କିଛି କରିବାକୁ ସାହସ କରେ, ତେବେ ଏହାର ଉପଯୁକ୍ତ ଜବାବ ଦିଆଯିବ, ଯାହା ଇତିହାସ ଓ ଭୂଗୋଳ ଉଭୟକୁ ବଦଳାଇ ଦେବ। ପାକିସ୍ତାନ ମନେ ରଖିବା ଉଚିତ ଯେ କରାଚୀକୁ ଯିବା ପାଇଁ ଗୋଟିଏ ରାସ୍ତା କ୍ରିକ ଦେଇ ଯାଉଛି।

# ଆମେରିକା ସହ କିଛି ପ୍ରସଙ୍ଗରେ ବୁଝାମଣା ଜରୁରୀ

## କେଇସି-୨୦୨୫ରେ ବୈଦେଶିକ ମନ୍ତ୍ରୀଙ୍କ ଅଭିଭାଷଣ



**ନୂଆଦିଲ୍ଲୀ,୫।୧୦:** ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କେଇସି-୨୦୨୫ରେ ଭାରତ ଓ ଆମେରିକା ସମ୍ବନ୍ଧକୁ ନେଇ ବର୍ତ୍ତମାନର ସମ୍ପର୍କ ଉପରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବାଣିଜ୍ୟ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ବର୍ତ୍ତମାନ ମତଭେଦ ରହିଛି। ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ଏପର୍ଯ୍ୟନ୍ତ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିନାହିଁ, ଯାହା ଫଳରେ ଆମେରିକା ଭାରତ ଉପରେ କିଛି ଶୁଳ୍କ ଲାଗୁ କରିଛି, ଯାହାକୁ ଭାରତ ସର୍ବସାଧାରଣରେ ଅନୁଚିତ ବୋଲି ବର୍ଣ୍ଣନା କରିଛି। ସେ ଉଲ୍ଲେଖ କରିଛନ୍ତି ଯେ ରୁଷିଆରୁ ଶକ୍ତି ଉତ୍ସ ଉପରେ ଆଉ ଏକ ଶୁଳ୍କ ଲାଗୁ କରାଯାଇଛି। ଜୟଶଙ୍କର ବ୍ୟାଖ୍ୟା କରିଥିଲେ ଯେ ରୁଷିଆ ସହ ଅଧିକ ଜଟିଳ କିମ୍ବା ଚ୍ୟାଲେଞ୍ଜିଂ ସମ୍ପର୍କ ଥିବା ଅନ୍ୟ ଦେଶମାନେ ସମାନ କ୍ରୟ କରିଛନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ ହେବା ଆବଶ୍ୟକ ଓ ଭାରତ ଏହା ଉପରେ ସକ୍ରିୟ ଭାବରେ କାମ କରୁଛି ବୋଲି ଶ୍ରୀ ଜୟଶଙ୍କର କୌଟିଲ୍ୟ ଇକୋନୋମିକ୍ କନ୍‌କ୍ଲେଭ୍ (କେଇସି)-୨୦୨୫ରେ ଅଭିଭାଷଣ ଦେବା ଅବସରରେ କହିଛନ୍ତି। ଏଥିସହ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କରେ ଆଲୋଚନା ପାଇଁ ପୃଷ୍ଠଭୂମିର ଅଭାବ ସବୁଠାରୁ ବଡ଼ ସମସ୍ୟା ବୋଲି ମଧ୍ୟ ବୈଦେଶିକ ମନ୍ତ୍ରୀ କହିଛନ୍ତି।

ଜୟଶଙ୍କର ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ବର୍ଷ କ୍ୱାଡ୍ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଦୁଇଟି ବୈଠକ ହୋଇଛି, ଯାହା ମଧ୍ୟରୁ ପ୍ରଥମଟି ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପରେ ହୋଇଥିଲା। ସେ କ୍ୱାଡ୍‌ର ସ୍ଥିରତା ଓ ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ କ୍ୱାଡ୍ ଜୀବନ୍ତ ଓ ସଫଳ ହେଉଛି। ଏହି ସମୟରେ ଚ୍ୟାଲେଞ୍ଜଗୁଡ଼ିକୁ ଦାୟିତ୍ୱର ସହ ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ଜରୁରୀ। ଆମକୁ ଉଭୟ ଚରମ ସୀମାକୁ ଏଡାଇବାକୁ ପଡିବ। ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିବା ନାହିଁ କିମ୍ବା କୌଣସି ପରିସ୍ଥିତିକୁ ଅତ୍ୟଧିକ ଭୟଙ୍କର ଭାବେ ଖାରଜ କରିବା ନାହିଁ। ଜୟଶଙ୍କର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଭାରତ ସକାରାତ୍ମକ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଖୋଜୁଛି।

### ଭାଇରାଲ୍ ହେଉଛି ହୋଟେଲ୍ ବିଲ୍

# ମଦ ଉପରେ ନିଆଯାଉଛି ୨୦ ପ୍ରତିଶତ ଗୋ-ଶୁଳ୍କ

**ଯୋଧପୁର,୫।୧୦:** ରାଜସ୍ଥାନର ଯୋଧପୁରସ୍ଥିତ ପାର୍କ ପ୍ଲାଜା ହୋଟେଲ କିଫେ଼ ବାର୍‌ର ଏକ ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବିଲ୍‌ରେ ମଦ ପାଇଁ ଗୁଡ୍‌ସ ଆଣ୍ଡ ସର୍ଭିସେସ୍ ଟାକ୍ସ (ଜିଏସ୍‌ଟି) ଏବଂ ଭାଲ୍ୟୁ ଆଡେଡ୍ ଟାକ୍ସ (ଭାଟ) ବ୍ୟତୀତ ୨୦% ଅତିରିକ୍ତ କାଓ ସେସ୍ ବା ଗୋ-ଶୁଳ୍କ ଆଦାୟ କରାଯାଇଛି। ଗୋ ସୁରକ୍ଷା ଏବଂ ଗୋ ଆଶ୍ରୟସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଏହି କାଓ ସେସ୍ ଆଦାୟ କରାଯାଉଛି। ଗତ ୩୦ ତାରିଖରେ କିଫେ଼ ବାର୍‌ରେ ଜଣେ ଗ୍ରାହକ କିଛି ଆମେରିକାନ୍ କର୍ଣ୍ଣ ଫ୍ରିଟର୍ସ ଓ ୬ଟି ବିଅର ଅର୍ଡର କରିଥିଲେ। ଗ୍ରାହକଙ୍କୁ ଏ ବାବଦରେ ୨,୬୫୦ ଟଙ୍କାର ଏକ ବିଲ୍ ଦିଆଯାଇଥିବା ବେଳେ ଜିଏସ୍‌ଟି, ଭାଟ୍ ଓ କାଓ ସେସ୍ ବାବଦକୁ ତାଙ୍କୁ ସମୁଦାୟ ୩,୨୬୨ ଟଙ୍କା ପୈଠ କରିବାକୁ ପଡ଼ିଥିଲା। ଏହି ବିଲ୍ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଘଟଣାକୁ ନେଇ ପାର୍କ ପ୍ଲାଜାର ମ୍ୟାନେଜର ନିଖିଲ ପ୍ରେମ କହିଛନ୍ତି ଯେ ରାଜସ୍ଥାନ ସରକାରଙ୍କ ଆଇନ ଅନୁଯାୟୀ ମଦ ବିକ୍ରି ପାଇଁ ଏହି ସେସ୍ ଲାଗୁ କରିବାକୁ ରାଜ୍ୟର ସମସ୍ତ ହୋଟେଲ ଓ ବାର୍ ବାଧ୍ୟ। ଏନେଇ ୨୦୧୮ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ମଦ ଉପରେ କାଓ ସେସ୍ ଲଗାଯିବା ଘଟଣାରେ କୌଣସି ନୂତନତ୍ୱ ନାହିଁ। କାଓ ସେସ୍ କେବଳ ମଦ ବିକ୍ରି ଉପରେ ଲାଗୁ ହୋଇଥାଏ, ଖାଦ୍ୟ ଉପରେ ଏହା ଲାଗୁ ହୁଏ ନାହିଁ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ, ଭାଟ ପରିମାଣ ଉପରେ ୨୦ ପ୍ରତିଶତ କାଓ ସେସ୍ ଲାଗୁ ହୋଇଥାଏ। ନିଖିଲ କହିଛନ୍ତି ଯେ ହୋଟେଲଗୁଡ଼ିକ ପକ୍ଷରୁ ଏହି ଅତିରିକ୍ତ ଟଙ୍କାକୁ ଗୋ-ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହନ ସେସ୍ ଭାବେ ସରକାରୀ ପୋର୍ଟାଲରେ ଅନ୍‌ଲାଇନରେ ଜମା କରାଯାଇଥାଏ। ଅନେକ ହୋଟେଲ ସେମାନଙ୍କ ବିଲ୍‌ରେ କେବଳ ସର୍‌ଚାର୍ଜ ଲେଖି ଏହି ଶୁଳ୍କ ଆଦାୟ କରୁଥିବାବେଳେ ପାର୍କ ପ୍ଲାଜା ପକ୍ଷରୁ ଦିଆଯାଉଥିବା ବିଲ୍‌ରେ ଉକ୍ତ ଶୁଳ୍କକୁ କାଓ ସେସ୍ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ ଗତ ୨୦୧୮ରେ ରାଜସ୍ଥାନର ତତ୍କାଳୀନ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ସରକାର ପକ୍ଷରୁ ମଦ ବିକ୍ରି ଉପରେ କାଓ ସେସ୍ ଲଗାଇବା ନେଇ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା।






# ପୁଣି ରାଜଙ୍କୁ ଭେଟିଲେ ଉଦ୍ଧବ



- ମହାରାଷ୍ଟ୍ର ରାଜନୀତି ସରଗରମ
- ଏକାଠି ଲଢ଼ିପାରନ୍ତି ପୌର ନିର୍ବାଚନ

**ମୁମ୍ବାଇ,୫।୧୦:** ଆଗାମୀ ଦିନରେ ଠାକ୍‌ରେ ଭ୍ରାତା ରାଜନୀତି ପଡ଼ିଆରେ ଏକାଠି ରଣନୀତି ପ୍ରସ୍ତୁତ କରିବେ ବୋଲି ସମ୍ଭାବନା ପ୍ରକଟ କରାଯାଉଛି। କାରଣ ଗତ କିଛି ମାସ ମଧ୍ୟରେ ଉଭୟଙ୍କ ମଧ୍ୟରେ ଥିବା ଦୂରତା ପ୍ରାୟତଃ ଅପସରି ଯାଇଛି ଏବଂ ରାଜ୍ ଠାକରେ ଓ ଉଦ୍ଧବ ଠାକ୍‌ରେ ଏକାଧିକ ବାର ପରସ୍ପରକୁ ଭେଟିବା ଫଳରେ ଉଭୟ ମିଳିତ ଭାବେ ଆଗାମୀ ପୌର ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଲାଣି। ଏପରି ଆକଳନ ପରିପ୍ରେକ୍ଷୀରେ ଆଜି ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଓ ମହାରାଷ୍ଟ୍ର ନବ ନିର୍ମାଣସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ପୁଣିଥରେ ପରସ୍ପରକୁ ସାକ୍ଷାତ କରିଛନ୍ତି। ଏଠାରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଆଜି ଦୁଇ ଭାଇଙ୍କ ମଧ୍ୟରେ ସାକ୍ଷାତାଲୋଚନା ହୋଇଛି। ଶିବସେନା ସାଂସଦ ସଞ୍ଜୟ ରାଉତଙ୍କ ନାତିର ନାମକରଣ ଉତ୍ସବରେ ଉଭୟଙ୍କ ମଧ୍ୟରେ ଏହି ସାକ୍ଷାତ ହୋଇଥିବା ବେଳେ ଉକ୍ତ ଅବସରରେ ମେଣ୍ଟ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। କାର୍ଯ୍ୟକ୍ରମରେ ଉଦ୍ଧବ, ରାଜ ଓ ଆଦିତ୍ୟ ଠାକରେଙ୍କ ସମେତ ଶିବସେନା ନେତା ଅନିଲ ଦେସାଇ ଓ ମିଳିନ୍ଦ ନର୍ଭେକର ବେଶ୍ ହସଖୁସିରେ ମାତିଥିବା ଦେଖାଯାଇଛି। ଉଦ୍ଧବଙ୍କ ଜନ୍ମଦିନରେ ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନ 'ମାତୋଶ୍ରୀ' ଯାଇଥିଲେ ରାଜ୍। ପାଖାପାଖି ୨୦ ବର୍ଷ ତଳେ ଶିବସେନାରୁ ଅଲଗା ହୋଇଥିବା ରାଜ। ଏଥିପାଇଁ ଉଦ୍ଧବଙ୍କୁ ଦାୟୀ କରିଥିଲେ। କିନ୍ତୁ ଗତ ୨୦୨୪ ନିର୍ବାଚନରେ ଏମଏନଏସ୍‌ର ଶୋଚନୀୟ ପରାଜୟ ଦୁଇ ଭାଇଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିଥିବା ଚର୍ଚ୍ଚା ହେଉଛି। ଅବଶ୍ୟ କୌଣସି ପ୍ରକାର ମେଣ୍ଟ ନେଇ କୌଣସି ସୂଚନା ମିଳିନାହିଁ।

ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଲାଗୁ ହେବାକୁ ଥିବା ତ୍ରିଭାଷୀ ସୂତ୍ର ମହାରାଷ୍ଟ୍ର ସରକାର ପ୍ରତ୍ୟାହାର କରିନେବା ପରେ ଉଭୟ ରାଜ ଓ ଉଦ୍ଧବ ମିଳିତ ଭାବେ 'ବିଜୟ ର୍‍ୟାଲି'ର ଆୟୋଜନ କରିଥିଲେ। ଏହାପରଠାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଆହୁରି ବଢ଼ିଯାଇଛି ଓ ବିଭିନ୍ନ ସମୟରେ ସାକ୍ଷାତ ଆଲୋଚନା ମଧ୍ୟ ଜାରି ରହିଛି। ଗତମାସରେ ଏମଏନଏସ୍ ମୁଖ୍ୟଙ୍କ ଦାଦରସ୍ଥିତ ବାସଭବନରେ ଉଦ୍ଧବ ପହଞ୍ଚିଥିଲେ। ସେହିଭଳି ଗଣେଶ ପୂଜାରେ ମଧ୍ୟ ସେ ସପରିବାର ରାଜଙ୍କ ଘରକୁ ଯାଇଥିଲେ। ଅନ୍ୟପକ୍ଷରେ ଗତ ଜୁଲାଇରେ

# ପହଲଗାମ୍ ଆତଙ୍କୀଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତି ଗିରଫ



**ଶ୍ରୀନଗର,୫।୧୦:** ଜମ୍ମୁ-କଶ୍ମୀର ପୁଲିସ ଓଭର ଗ୍ରାଉଣ୍ଡ ୱାର୍କର (ଓଡବ୍ଲ୍ୟୁଜି) ମହମ୍ମଦ ୟୁସୁଫ କଟାରୀ ନାମକ ଜନୈକ ବ୍ୟକ୍ତିକୁ ଗିରଫ କରିଛି। ଗତ ଏପ୍ରିଲ୍ ୨୨ ତାରିଖରେ ପହଲଗାମ୍ ଆକ୍ରମଣରେ ସାମିଲ ଆତଙ୍କମାନବାଦୀଙ୍କୁ ସେ ୪ ଥର ଦେଖା କରିଥିଲା। ଏଥିସହ ସେମାନଙ୍କୁ ଉକ୍ତ ବ୍ୟକ୍ତି ଜଣଙ୍କ ଏକ ଆଣ୍ଡ୍ରଏଡ୍ ଫୋନ୍ ଚାର୍ଜର ମଧ୍ୟ ଦେଇଥିଲା। ଶେଷରେ ଏହି ଚାର୍ଜର୍ ହିଁ ତାକୁ ପୁଲିସ୍ ହାତରେ ଧରାଇଦେବାରେ ମୁଖ୍ୟ ଭୂମିକା ନେଇଥିବା ଜଣାପଡ଼ିଛି। ଏନେଇ ୨୬ ବର୍ଷୀୟ କଟାରୀକୁ ଗତ ମାସ ଶେଷ ସପ୍ତାହରେ ସୁଲେମାନ ଓରଫ୍ ଆସିଫ୍, ଜିବରାନ ଓ ହମଜା ଅଫଗାନୀକୁ ସହାୟତା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଏହି ୩ ଆତଙ୍କବାଦୀ ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ପାଖାପାଖି ସପ୍ତାହେ ପର୍ଯ୍ୟନ୍ତ ଯାଞ୍ଚ ପରେ ପୁଲିସ୍ କଟାରୀକୁ ଗିରଫ କରିଛି। ଏନେଇ ପୁଲିସ୍ ଅଧିକାରୀଙ୍କ କହିବାନୁସାରେ, ପଚରାଉଚରା ସମୟରେ କଟାରୀ ସବୁକିଛି ସ୍ୱୀକାର କରିଛି। ସେ ଶ୍ରୀନଗର ବାହାରେ ଉକ୍ତ ତିନି ଆତଙ୍କୀଙ୍କୁ ଭେଟିଥିଲା। 'ଅପରେସନ୍ ମହାଦେବ' ହୋଇଥିବା ସ୍ଥାନରୁ ମିଳିଥିବା ସାମଗ୍ରୀର ଫରେନସିକ୍ ଯାଞ୍ଚ ପରେ କଟାରୀ ଆତଙ୍କୀମାନଙ୍କୁ ସାହାଯ୍ୟ କରିଥିବା ନେଇ ପୁଲିସ୍ ସୁରାକ୍ ପାଇଥିଲା। ଏହି ଅପରେସନ୍‌ରେ ଗତ ଜୁଲାଇରେ ପହଲଗାମ୍ ଆତଙ୍କୀମାନେ ନିପାତ ହୋଇଥିଲେ। ପୁଲିସ୍ ସାମାନ୍ୟ ନଷ୍ଟ ହୋଇଥିବା ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ ଚାର୍ଜରକୁ ମଧ୍ୟ ଯାଞ୍ଚ କରିଥିଲା। ଏହାପରେ କଟାରୀ ଉପରେ ପୁଲିସ୍ କଡ଼ା ନଜର ରଖିଥିଲା। ପରେ ପୁଲିସ୍ କଟାରୀ ହିଁ ଉକ୍ତ ଚାର୍ଜର୍‌ର ମାଲିକ ବୋଲି ଜାଣିବା ପରେ ତାକୁ ଗିରଫ କରିଛି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

# ଫାରୁକ ଅବଦୁଲ୍ଲା ହସ୍ପିଟାଲରେ ଭର୍ତ୍ତି



**ଶ୍ରୀନଗର,୫।୧୦:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନଫରେନ୍ସ (ଏନସି) ସଭାପତି ଡକ୍ଟର ଫାରୁକ ଅବଦୁଲ୍ଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡ଼ିଥିବା ବେଳେ ତାଙ୍କୁ ଏଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦଳୀୟ ନେତାଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ୮୭ ବର୍ଷୀୟ ଅବଦୁଲ୍ଲା ଚଳିତ ସପ୍ତାହ ପ୍ରାରମ୍ଭରେ ପେଟ ସଂକ୍ରମଣ ହେଉଥିବା କାରଣରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସଦ୍ୟ ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ଧରି ସେ ଅସୁସ୍ଥ ଅନୁଭବ କରିବା ସହ ତାଙ୍କୁ ଲଗାତାର ଦୁର୍ବଳ ବି ଲାଗୁଥିଲା। ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିୟମିତ ନଜର ରଖିବା ସହ ଚିକିତ୍ସା ଜାରି ରଖିଛନ୍ତି। ଏନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି ଯେ ଶ୍ରୀ ଅବଦୁଲ୍ଲାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି ଓ ତାଙ୍କୁ ଖୁବ୍‌ଶୀଘ୍ର ଡିସଚାର୍ଜ କରାଯିବାର ସମ୍ଭାବନା ରହିଛି। ଏନେଇ ନ୍ୟାସନାଲ କନଫରେନ୍ସର ଜନୈକ ବରିଷ୍ଠ ନେତା କହିଛନ୍ତି ଯେ ଡକ୍ଟର ଅବଦୁଲ୍ଲାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ଯଥେଷ୍ଟ ଭଲ ରହିଛି। ଡାକ୍ତର ତାଙ୍କୁ ଆହୁରି କିଛି ସମୟ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ସେ ଶୀଘ୍ର ଘରକୁ ଫେରିବେ ବୋଲି ମଧ୍ୟ ଆଶା କରାଯାଉଛି ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି।

# ବ୍ରିଟେନରେ ଏୟାର ଇଣ୍ଡିଆର ଜରୁରୀ ଅବତରଣ



**ନୂଆଦିଲ୍ଲୀ,୫।୧୦:** ବ୍ରିଟେନରେ ଏୟାର ଇଣ୍ଡିଆର ବୋଇଂ ଡ୍ରିମଲାଇନର ୭୮୭-୮ ବିମାନ ଅଚାନକ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ଗତକାଲି ଅମୃତସରୁ ବର୍ମିଂହାମ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଫ୍ଲାଇଟ୍ ନମ୍ବର ଏଇ-୧୧୭ରେ ଅବତରଣ ସମୟରେ ଏମର୍ଜେନ୍ସି ଟର୍ବାଇନ ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି) ସକ୍ରିୟ ହେବା ପରେ ଏହାର ଏମର୍ଜେନ୍ସିଂ ଲ୍ୟାଣ୍ଡିଂ କରାଯାଇଛି। ବିମାନଟି ବର୍ମିଂହାମ ପହଞ୍ଚିବାର ଶେଷ ପର୍ଯ୍ୟାୟରେ ଥିବା ସମୟରେ ଆର୍‌ଏଟି ସକ୍ରିୟ ହେବା ପରେ ବିମାନକୁ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରାଯାଇଛି ଏବଂ ଏହାର ସମସ୍ତ ଯାତ୍ରୀ ଓ ଚାଳକ ଦଳ ସୁରକ୍ଷିତ ଥିବା ଜଣାପଡ଼ିଛି। ଏନେଇ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହି ବିମାନଟିର ବର୍ମିଂହାମ୍-ଦିଲ୍ଲୀ ଉଡାଣକୁ ରଦ୍ଦ କରାଯାଇଛି। କାରଣ ଏପରି ଏକ ସମସ୍ୟା ଉପୁଜିବା ପରେ ବିମାନର ନିରୀକ୍ଷଣ ପାଇଁ ଏହାକୁ ସେଠାରେ ରୋକିଦିଆଯାଇଛି।

# ଜାପାନରେ ୬.୦ ତୀବ୍ରତାର ଭୂକମ୍ପ



**ଟୋକିଓ,୫।୧୦:** ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍‌ସିଏସ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ଶନିବାର ବିଳମ୍ବିତ ରାତିରେ ଜାପାନରେ ୬.୦ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏନ୍‌ସିଏସ୍ ଅନୁଯାୟୀ ଯେ ଭୂମିକମ୍ପ ୫୦ କିମି ଗଭୀରତାରେ ହୋଇଥିଲା। 'ଏକ୍ସ'ରେ ଏକ ପୋଷ୍ଟରେ ଏନ୍‌ସିଏସ୍ କହିଛି ଯେ ଭୂମିକମ୍ପ ରାତି ୮ଟା ୫୧ ମିନିଟ୍‌ରେ ହୋଇଥିଲା, ଯାହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୦ ଥିଲା। ସମଗ୍ର ଦେଶ ଏକ ଅତ୍ୟନ୍ତ ସକ୍ରିୟ ଭୂକମ୍ପୀୟ କ୍ଷେତ୍ରରେ ଅବସ୍ଥିତ ଓ ସେମାନଙ୍କର ବିଶ୍ୱର ସବୁଠାରୁ ଘନ ଭୂକମ୍ପୀୟ ନେଟୱାର୍କ ଅଛି, ତେଣୁ ସେମାନେ ଅନେକ ଭୂମିକମ୍ପ ରେକର୍ଡ କରିପାରିବେ। ଜାପାନ ଏକ ଜ୍ୱାଳାମୁଖୀ ଅଞ୍ଚଳରେ ଅବସ୍ଥିତ, ଯାହା ଫଳରେ ସମଗ୍ର ଦ୍ୱୀପପୁଞ୍ଜରେ ବାରମ୍ବାର କମ-ତୀବ୍ରତା କମ୍ପନ ଓ ବେଳେବେଳେ ଜ୍ୱାଳାମୁଖୀ କାର୍ଯ୍ୟକଳାପ ଘଟିଥାଏ। ସାମ୍ପ୍ରତିକ ପ୍ରମୁଖ ଭୂମିକମ୍ପରେ ୨୦୨୪ ନୋଟୋ ଭୂମିକମ୍ପ, ୨୦୧୧ ଟୋହୋକୁ ଭୂମିକମ୍ପ ଏବଂ ସୁନାମି, ୨୦୦୪ ଚୁଏସୁ ଭୂମିକମ୍ପ ଏବଂ ୧୯୯୫ ମହାନ ହାନସିନ ଭୂମିକମ୍ପ ଅନ୍ତର୍ଭୁକ୍ତ। ଜାପାନରେ ସିଣ୍ଡୋ ସ୍କେଲ ସାଧାରଣତଃ ଭୂମିକମ୍ପକୁ ତୀବ୍ରତା ବଦଳରେ ଭୂକମ୍ପୀୟ ତୀବ୍ରତା ଦ୍ୱାରା ମାପ କରିବା ପାଇଁ ବ୍ୟବହୃତ ହୁଏ। ଏହା ଆମେରିକାରେ ବ୍ୟବହୃତ ସଂଶୋଧିତ ମର୍କାଲି ତୀବ୍ରତା ସ୍କେଲ, ଚୀନରେ ବ୍ୟବହୃତ ଲିଡୁ ସ୍କେଲ, କିମ୍ବା ୟୁରୋପୀୟ ମାକ୍ରୋସିଜମିକ ସ୍କେଲ (ଇଏମ୍‌ଏସ୍) ସହ ସମାନ ଅର୍ଥାତ ଏହି ସ୍କେଲ ରିକ୍ଟର ସ୍କେଲ ପରି କେନ୍ଦ୍ରସ୍ଥଳରେ ଥିବା ଶକ୍ତି ଉତ୍ସ ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଭୂମିକମ୍ପର ତୀବ୍ରତା ମାପ କରେ। ଅନ୍ୟ ଭୂକମ୍ପ ତୀବ୍ରତା ସ୍କେଲ ପରି, ଯାହାର ୧୨ ସ୍ତରର ତୀବ୍ରତା ଅଛି, ଜାପାନ ପାଣିପାଗ ସଂସ୍ଥା ଦ୍ୱାରା ବ୍ୟବହୃତ ସିଣ୍ଡୋ (ଭୂମିକମ୍ପ ତୀବ୍ରତା, ଅର୍ଥାତ୍ 'କମ୍ପନର ଡିଗ୍ରୀ') ହେଉଛି ୧୦ ସ୍ତରବିଶିଷ୍ଟ ଏକକ ଯାହା ସିଣ୍ଡୋଶୂନ୍ୟ, ଏକ ଅତି ମୃଦୁକମ୍ପନ, ସିଣ୍ଡୋ ୭, ଏକ ଗୁରୁତର ଭୂମିକମ୍ପ ପର୍ଯ୍ୟନ୍ତ।

# ଶକ୍ତିଶାଳୀ ହେଉଛି ବାତ୍ୟା 'ମାତମୋ'

**ବେଜିଂ,୫।୧୦:** ଚୀନ୍‌ର ପାଣିପାଗ ବିଭାଗ ଶକ୍ତିଶାଳୀ ଝଡ 'ମାତମୋ' ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ବିଶେଷଜ୍ଞଙ୍କ ମତରେ ଏହା ୨୦୨୫ ର ୨୧ ତମ ବାତ୍ୟା, ଯାହାକି ଧିମା ଗତିରେ ଦେଶର ଦକ୍ଷିଣ ଅଞ୍ଚଳରେ ସ୍ଥଳଭାଗ ଛୁଇଁବାକୁ ଅଗ୍ରସର ହେଉଛି। ରାଷ୍ଟ୍ରୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶନିବାର ସକାଳ ପ୍ରାୟ ୫ଟା ବେଳେ ବାତ୍ୟା ୧୮ ଡିଗ୍ରୀ ଉତ୍ତର ଆକ୍ଷାଂଶ ଓ ୧୧୭.୭ ଡିଗ୍ରୀ ପୂର୍ବ ଦେଶାନ୍ତରରେ ଥିଲା। ଏହାର ବର୍ତ୍ତମାନ ଗତି ୨୫-୩୦ କିଲୋମିଟର ପ୍ରତିଘଣ୍ଟା ରହିଛି। ଏହା ଉତ୍ତର ପଶ୍ଚିମ ଦିଗ ଆଡକୁ ବଢୁଛି। ଏହି ଆଲର୍ଟକୁ ଚାରି-ସ୍ତରୀୟ ରଙ୍ଗ-କୋଡେଡ୍ ସିଷ୍ଟମରେ ଦ୍ୱିତୀୟ ସବୁଠାରୁ ଗମ୍ଭୀର ବର୍ଗ ଭାବରେ ବିବେଚନା କରାଯାଏ।

# ଲେହ ହିଂସାର ଯାଞ୍ଚ ଦାବି, ଶାନ୍ତି ପାଇଁ ନିବେଦନ

### ଜେଲ୍‌ରୁ ୱାଙ୍ଗଚୁକ୍ ଦେଲେ ବାର୍ତ୍ତା



**ନୂଆଦିଲ୍ଲୀ,୫।୧୦:** ଜଣାଶୁଣା ପରିବେଶବିତ୍ ସୋନମ ୱାଙ୍ଗଚୁକ୍ ଏବେ ଜେଲରେ ଅଛନ୍ତି। ତେବେ ଜେଲ୍‌ରେ ଥାଇ ଶ୍ରୀ ୱାଙ୍ଗ୍‌ଚୁକ୍ ବାର୍ତ୍ତା ଦେଇଛନ୍ତି। ଯୋଧପୁରରୁ ଶ୍ରୀ ୱାଙ୍ଗଚୁକଙ୍କ ଆଇନଜୀବୀଙ୍କ ପକ୍ଷରୁ ଜାରି ହୋଇଥିବା 'ଏକ୍ସ' ପୋଷ୍ଟ ଏବେ ସୋସିଆଲ ମିଡିଆରେ ବେଶ୍ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ଉକ୍ତ ପୋଷ୍ଟରେ ଶ୍ରୀ ୱାଙ୍ଗଚୁକ ଦେଶବାସୀ ଓ ଲଦାଖ ପାଇଁ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କର ମତାମତ ପ୍ରକାଶ କରିଛନ୍ତି।

ଉକ୍ତ ପୋଷ୍ଟରେ ଶ୍ରୀ ୱାଙ୍ଗଚୁକ୍ ସ୍ପଷ୍ଟ କରିଛନ୍ତି ଯେ ସେ ଶାରୀରିକ ଓ ମାନସିକ ଭାବେ ବେଶ୍ ସୁସ୍ଥ ଅଛନ୍ତି। ସମସ୍ତେ ତାଙ୍କ ପାଇଁ କରୁଥିବା ଚିନ୍ତା ଓ ପ୍ରାର୍ଥନା ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି। ଆନ୍ଦୋଳନ ସମୟରେ ଯେଉଁମାନେ ଜୀବନ ହରାଇଛନ୍ତି, ସେମାନଙ୍କ ପରିବାର ପ୍ରତି ମଧ୍ୟ ଶ୍ରୀ ୱାଙ୍ଗ୍‌ଚୁକ୍ ସମବେଦନା ଜଣାଇଛନ୍ତି। ଏହି ବାର୍ତ୍ତାରେ ଶ୍ରୀ ୱାଙ୍ଗ୍‌ଚୁପ୍ ସଦ୍ୟ ଲେହ ହିଂସାରେ ତାଙ୍କର ୪ ଜଣ ସାଥୀ ମୃତ୍ୟୁବରଣ କରିଥିବା ବେଳେ ସେ ଏହାର ନ୍ୟାୟିକ ତଦନ୍ତ ପାଇଁ ଦାବି ଜଣାଇଛନ୍ତି। ଏଥିସହ ସମସ୍ତଙ୍କୁ ଅହିଂସା ଓ ଶାନ୍ତି ବଜାୟ ରଖିବାକୁ ମଧ୍ୟ ସେ ନିବେଦନ କରିଛନ୍ତି। ସେ କହିଛନ୍ତି ।ଯେ ଆନ୍ଦୋଳନ ଓ ଏହାର ବାର୍ତ୍ତା ସର୍ବଦା ଶାନ୍ତି ଓ ଏକତାର ପଥରେ ରହିବା ଉଚିତ। ସେହିପରି ରମନ ମାଗାସେସ୍ ବିଜେତା ଶ୍ରୀ ୱାଙ୍ଗ୍‌ଚୁକ୍ ଲେହରେ ଆପେକ୍ସ ବଡି ଓ କାର୍ଗିଲ ଡେମୋକ୍ରାଟ୍ସ ଆଲାଏନ୍ସର ଷଷ୍ଠ ଅନୁସୂଚୀ ଓ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଆପେକ୍ସ ବଡି ଲଦାଖ୍ ହିତ ସାଧନ ପାଇଁ ଯାହା ବି ପଦକ୍ଷେପ ନେବେ, ସେଥିପ୍ରତି ତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ରହିଛି ବୋଲି ଶ୍ରୀ ୱାଙ୍ଗ୍‌ଚୁକ୍ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତାକାଲି ସୁପ୍ରିମକୋର୍ଟରେ ଶ୍ରୀ ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରୀ ନେଇ ଶୁଣାଣି ହେବ। ଶ୍ରୀ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ଆବେଦନ ଉପରେ ଶୁଣାଣି କରାଯିବ।

# ଭାରତ ବିରୋଧୀ ମନ୍ତବ୍ୟ ଦେବାରେ ରାହୁଲ ପ୍ରଥମ ନେତା: କିରେନ ରିଜିଜୁ

**ନୂଆଦିଲ୍ଲୀ,୫।୧୦ :** କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କରିଛନ୍ତି ଟାର୍ଗେଟ୍। କୋଲମ୍ବିଆ ଯାତ୍ରା ବେଳେ କରାଯାଇ ଥିବା ଟିପ୍ପଣୀକୁ ନେଇ ତାଙ୍କର କଡ଼ା ନିନ୍ଦା କରିଛନ୍ତି। ସେ ଦାବି କରିଛନ୍ତି ଯେ, ରାହୁଲ ଗାନ୍ଧୀ ପ୍ରଥମ ଏମିତି ବିରୋଧୀ ନେତା , ଯିଏ ବିଦେଶ ଯାଇ ଦେଶ , ଏହାର ବ୍ୟବସ୍ଥା ଓ ଗଣତନ୍ତ୍ର ବିରୋଧରେ କହୁଛନ୍ତି। ରିଜିଜୁ ଆହୁରି ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀ ଭାରତ ସହ ଜଡ଼ିତ ତଥ୍ୟକୁ ଏପଟ ସେପଟ କରି ଉପସ୍ଥାପିତ କରୁଛନ୍ତି, ଯେଉଁଥିରେ ଦେଶର ଛବିକୁ ଖରାପ କରିପାରେ। ନ୍ୟୁଜ୍ ଏଜେନ୍ସି ଏଏନଆଇ ସହ କଥା ହୋଇ ରିଜିଜୁ କହିଛନ୍ତି ଯେ, ମୁଁ ରାହୁଲ ଗାନ୍ଧୀଙ୍କ କୋଲମ୍ବିଆର ବିବୃତିକୁ ଶୁଣିଛି। ସେ ଦାବି କରିଛନ୍ତି ଯେ, ଭାରତ ବିଶ୍ୱ ସ୍ତରୀୟ ନେତୃତ୍ୱ ନେଇ ପାରିବ ନାହିଁ। ଏହି ବୟାନ ସଂପୂର୍ଣ୍ଣ ରୂପେ ଭୁଲ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅନେକ କ୍ଷେତ୍ରରେ ବିଶ୍ୱ ସ୍ତରରେ ନେତୃତ୍ୱ ସ୍ଥାପନା କରିଛି।

### ଏନ୍‌ସିଆର୍‌ବି ରିପୋର୍ଟ

# ପଶ୍ଚିମବଙ୍ଗ ଜେଲ୍‌ରେ ସର୍ବାଧିକ ବିଦେଶୀ କଏଦୀ



### ଅଧିକାଂଶ ଜେଲ୍‌ରେ କ୍ଷମତାଠାରୁ ଅଧିକ ବନ୍ଦୀ

**ନୂଆଦିଲ୍ଲୀ,୫।୧୦:** ଦେଶର ଅନେକ ରାଜ୍ୟରେ ଅଗଣିତ କଏଦୀ ବନ୍ଦୀ ଅଛନ୍ତି। ତେବେ ନିକଟରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ଏପରି ଏକ ତଥ୍ୟ ଦିଆଯାଇଛି, ଯାହା ନିଶ୍ଚିତ ଭାବେ କେଉଁଠି ନା କେଉଁଠି ପାଠକମାନଙ୍କୁ ସେ ସଂକ୍ରାନ୍ତରେ ଚର୍ଚ୍ଚା କରିବାକୁ ବାଧ୍ୟ କରିବ। ଉକ୍ତ ରାଜ୍ୟଟି ହେଉଛି ବିଭିନ୍ନ ସମୟରେ ହିଂସାକାଣ୍ଡ ପାଇଁ ଅପବାଦ ମୁଣ୍ଡାଇଆସିଥିବା ପଶ୍ଚିମବଙ୍ଗ। ଏନ୍‌ସିଆର୍‌ବି ଭାରତୀୟ କାରାଗାର ପରିସଂଖ୍ୟାନ-୨୦୨୩ ରିପୋର୍ଟ ଅନୁସାରେ, ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ଭାରତରେ ରହିଥିବା ମୋଟ ବିଦେଶୀ କଏଦୀଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ ରହିଛନ୍ତି। ଏବେ ଦେଶରେ ମୋଟ ୬,୯୫୬ ବିଦେଶୀ କଏଦୀ ଥିବା ବେଳେ ସେମାନଙ୍କ ମଧ୍ୟରୁ କେବଳ ପଶ୍ଚିମବଙ୍ଗ ଜେଲ୍ ଓ ସୁଧାର ଗୃହରେ ପ୍ରାୟ ୩୬ ପ୍ରତିଶତ ଅର୍ଥାତ୍ ୨,୫୦୮ ଜଣ ବିଦେଶୀ ବନ୍ଦୀ ଜୀବନ କାଟୁଛନ୍ତି।

ସେହିପରି ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ଥିବା ବିଦେଶୀ କଏଦୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବାଂଲାଦେଶୀ। ସେମାନେ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ସମୟରେ ଧରାପଡ଼ି ଏବେ ଜେଲ୍‌ରେ ଅଛନ୍ତି। ଏହାଛଡ଼ା ପଶ୍ଚିମବଙ୍ଗର ଜେଲରେ ଥିବା ମୋଟ କଏଦୀଙ୍କ ମଧ୍ୟରୁ ବିଦେଶୀ କଏଦୀଙ୍କ ସଂଖ୍ୟା ୯ ପ୍ରତିଶତ ରହିଛି। ଏମାନଙ୍କ ମଧ୍ୟରୁ ୭୭୮ ବାଂଲାଦେଶୀ କଏଦୀଙ୍କ ବିରୋଧରେ ଅପରାଧ ପ୍ରମାଣିତ ହୋଇଥିବା ବେଳେ ୧,୪୪୦ ଜଣଙ୍କ ବିରୁଦ୍ଧରେ ମାମଲା ବିଚାରାଧୀନ ରହିଛି। ଏହାଛଡ଼ା ପଶ୍ଚିମବଙ୍ଗର ଜେଲରେ ବିଦେଶୀ ନାଗରିକଙ୍କ ସଂଖ୍ୟାରେ ମିଆଁମାରର କଏଦୀମାନେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ବିଶ୍ୱର ପଞ୍ଚମ ସର୍ବାଧିକ ହୋଇଥିବା ବେଳେ ଏହା ପାଖାପାଖି ୫ ହଜାର କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ସୀମାର ଅଧିକାଂଶ ଅଞ୍ଚଳ ପଶ୍ଚିମବଙ୍ଗରେ ରହିଥିବାରୁ ଏହି କାରଣରୁ ଅନେକ ବାଂଲାଦେଶୀ ବେଆଇନ ଭାବେ ରାଜ୍ୟରେ ପ୍ରବେଶ କରିଥାନ୍ତି। ତେବେ ଏହି ବିଦେଶୀ କଏଦୀଙ୍କ ମଧ୍ୟରେ ଅନେକ ମହିଳା ବି ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଅଧିକନ୍ତୁ ପଶ୍ଚିମବଙ୍ଗର ଜେଲଗୁଡ଼ିକରେ କ୍ଷମତାଠାରୁ ଅଧିକ ସଂଖ୍ୟାରେ କଏଦୀ ରହୁଛନ୍ତି। ରାଜ୍ୟର ୬୦ଟି ଜେଲରେ ୨୧,୪୭୬ କଏଦୀ ରହିବାର କ୍ଷମତା ଥିଲେ ହେଁ ଏବେ ୨୫,୭୭୪ ଜଣ କଏଦୀ ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଏକମାତ୍ର ମହିଳା ଜେଲରେ ୧୧୦ ପ୍ରତିଶତରୁ ଅଧିକ କଏଦୀ ରହିଛନ୍ତି। ଉକ୍ତ ଜେଲରେ ମୋଟ ୭୬୯ ଜଣ ମହିଳା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୪ ଜଣ ବିଦେଶୀ ଓ ୧୨ ଜଣ ତୃତୀୟଲିଙ୍ଗୀ ବୋଲି ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

# କଫ୍ ସିରପର ଗୁଣବତ୍ତା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ବୈଠକ

- ନିୟମ ଅନୁପାଳନ ପାଇଁ ଔଷଧ ଉତ୍ପାଦନକାରୀଙ୍କୁ ନିର୍ଦ୍ଦେଶ
- ପ୍ରେସ୍କ୍ରିପସନ୍ ଲେଖିଥିବା ଡାକ୍ତର ଗିରଫ



**ନୂଆଦିଲ୍ଲୀ/ଭୋପାଳ,୫।୧୦:** କଫ୍ ସିରପର ଗୁଣବତ୍ତା ଓ ପ୍ରୟୋଗକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ସମସ୍ୟାକୁ ନେଇ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ସଚିବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ, ଆଇସିଏମଆର, ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ, ଔଷଧ ନିୟନ୍ତ୍ରକ ମହାନିର୍ଦ୍ଦେଶାଳୟ, ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର, ବିଭିନ୍ନ ଔଷଧ ନିୟନ୍ତ୍ରକ ସଂଗଠନର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ବୈଠକରେ ଔଷଧ ଗୁଣବତ୍ତା ନିୟମ ଅନୁପାଳନର ସମୀକ୍ଷା କରାଯିବା ସହ କାଶ ସିରପର ଯୁକ୍ତିସଙ୍ଗତ ବ୍ୟବହାର, ବିଶେଷକରି ଶିଶୁଙ୍କଠାରେ ଏହାର ପ୍ରୟୋଗକୁ ନେଇ ସତର୍କତା ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ମୁଖ୍ୟତଃ ଔଷଧ ଉତ୍ପାଦନ ୟୁନିଟଗୁଡ଼ିକରେ ଗୁଣବତ୍ତା ମାନକ ସଂକ୍ରାନ୍ତ ବ୍ୟବସ୍ଥା ଓ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନିୟମ ମାନୁ ନ ଥିବା ସଂସ୍ଥାକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପିଲାଙ୍କଠାରେ କଫ୍ ସିରପର ଯୁକ୍ତିସଙ୍ଗତ ବ୍ୟବହାର ଉପରେ ଆଲୋଚନା କରାଯାଇଛି। ଔଷଧର ଅଯୌକ୍ତିକ ମିଶ୍ରଣ ଓ ଅନୁପଯୁକ୍ତ ଫର୍ମୁଲେସନକୁ ଏଡ଼ାଇବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏପରି ଫର୍ମୁଲେସନର ବିକ୍ରୟ ଓ ଅପବ୍ୟବହାରକୁ ରୋକିବା ପାଇଁ ଖୁଚୁରା ଔଷଧ ଦୋକାନର ନିୟମକୁ ସୁଦୃଢ଼ କରିବା ନେଇ ମଧ୍ୟ ବିଚାରବିମର୍ଶ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଡାକ୍ତର ସୁନୀତା ଶର୍ମା ଶିଶୁଙ୍କ ଠାରେ କାଶ ସିରପର ସତର୍କତାପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ଆଜି କଫ୍ ସିରପ୍ ସେବନ ପାଇଁ ପ୍ରେସ୍କ୍ରପ୍ସନ୍ ଲେଖିଥିବା ଡାକ୍ତରଙ୍କୁ ଗିରଫ କରାଯାଇଛି। ଏହି କଫ୍ ସିରପ୍ ପିଇ ମଧ୍ୟପ୍ରଦେଶରେ ୧୧ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଯାଇଥିବା ବେଳେ ସମ୍ପୃକ୍ତ ଡାକ୍ତର ଡ. ପ୍ରବୀଣ ସୋନି ଗିରଫ ହୋଇଛନ୍ତି। ଛିନ୍ଦୱାଡା ଜିଲ୍ଲାର ପାରସିଆସ୍ଥିତ ସିଭିଲ୍ ହସ୍ପିଟାଲ୍‌ରେ ଡ. ସୋନି କାର୍ଯ୍ୟ କରୁଛନ୍ତି।

- ଖୋଲିଲା ମା' ସମଲେଶ୍ୱରୀ ମନ୍ଦିର ଦାନବାକ୍ସ

## ମିଳିଲା ୫ ଲକ୍ଷ ୪୨ ହଜାର ଟଙ୍କା

**ବରଗଡ଼, ୫।୧୦ (ସଂଚାର ବ୍ୟୁରୋ) :** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ରହିଥିବା ଦାନବାକ୍ସ (ହୁଣ୍ଡି)କୁ ବର୍ଷକ ପରେ ରବିବାର ସନ୍ଧ୍ୟାରେ ଖୋଲାଯାଇଛି। ରାତି ପ୍ରାୟ ସାଢ଼େ ୯ଟାରେ ଉକ୍ତ ଦାନବାକ୍ସରେ ଥିବା ଭକ୍ତଙ୍କ ଦାନରାଶି ଗଣତି ଶେଷ ହୋଇଥିଲା। ଗଣତି ପରେ ଦାନବାକ୍ସରୁ ମୋଟ ୫ ଲକ୍ଷ ୪୨ ହଜାର ୨୦୦ ଟଙ୍କା ମିଳିଛି। ଏହି ଦାନରାଶିକୁ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର ଆକାଉଣ୍ଟରେ ଜମା କରାଯିବ। ଆଜିର ଗଣତି ସମୟରେ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

### ମହିଳା ବିଶ୍ୱକପ-୨୦୨୫

# ପାକିସ୍ତାନକୁ ୮୮ ରନ୍‌ରେ ପରାସ୍ତ କଲା ଭାରତ

**କଲମ୍ବୋ,୫।୧୦:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମହିଳା କ୍ରିକେଟ୍ ବିଶ୍ୱକପ୍-୨୦୨୫ରେ ଭାରତୀୟ ଟିମ୍ ନିଜର ଦ୍ୱିତୀୟ ମୁକାବିଲାରେ ଦମଦାର ପ୍ରଦର୍ଶନ କରିଛି। ଭାରତୀୟ ମହିଳା ଟିମ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତ ୮୮ ରନ୍‌ରେ ବିଜୟୀ ହୋଇଛି। କଲମ୍ବୋସ୍ଥିତ ଆର ପ୍ରେମ୍‌ଦାସା ଷ୍ଟାଡିୟମରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାକିସ୍ତାନ ୪୩ ଓଭରରେ ସମସ୍ତ ୱିକେଟ୍ ହରାଇଛି। ପାକିସ୍ତାନ ଟିମ୍ ୧୫୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିଛି।

ବ୍ୟାଟିଂ ପରେ ଭାରତୀୟ ଟିମ୍ ବୋଲିଂ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛି। କ୍ରାନ୍ତି ଗୌଡ଼ ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ସ୍ନେହ୍ ରାଣାଙ୍କୁ ୨ଟି ୱିକେଟ୍ ମିଳିଥିଲା। ପାକିସ୍ତାନ ପାଇଁ ସିଦ୍ରା ଅମିନ ବ୍ୟକ୍ତିଗତ ଭାବେ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ। ସେ ୧୦୬ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ।

ଏହି ମ୍ୟାଚରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା। ପାକିସ୍ତାନୀ ଅଧିନାୟକ ଫାତିମା ସନା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଫଳରେ ଭାରତ ବ୍ୟାଟିଂ କରିଥିଲା। ଭାରତୀୟ ଷ୍ଟାର କ୍ରିକେଟର ହର୍ଲିନ ଦେଓଲ ୬୫ଟି




ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୬ ରନ୍ ସଂଗ୍ରହ କରିଥିଲେ। ହରମନପ୍ରୀତ କୌର ୧୯ ରନ୍, ଜେମିମା ରେଡ୍ରିଗଜ ୩୨ ରନ, ଦୀପ୍ତି ଶର୍ମା ୨୫ ରନ, ସ୍ନେହ୍ ରାଣା ୨୦ ରନ୍ ଓ ରିଚା ଘୋଷ ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ। ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା ଭାରତର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ। ମନ୍ଧାନା ପ୍ରଥମେ ପାକିସ୍ତାନର ଶିକାର ହୋଇଛନ୍ତି। ସେ ପଡ଼ିଆ ଛାଡ଼ିବା ପୂର୍ବରୁ ଫତିମା ସାନାଙ୍କ ବଲ୍‌ରେ ଏଲ୍‌ବିଡବ୍ଲୁ ଆଉଟ୍ ହୋଇଛନ୍ତି। ମନ୍ଧାନା ୩୨ଟି ବଲ୍ ଖେଳି ୨୩ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ୪ଟି ଚୌକା ସାମିଲ ଥିଲା। ଭାରତ ନିଜର ସ୍କୋର ୬୭ ରନ୍ ଥିବା ବେଳେ ପ୍ରତୀକା (୩୧ ରନ୍)ଙ୍କୁ ହରାଇ ଥିଲା। ସେ ୩୭ଟି ବଲ୍ ସାମ୍ନା କରି ୫ଟି ଚୌକା ମାରିଥିଲେ।

### ଯୌତୁକ ନିର୍ଯାତନା ହେଲା ଅସହ୍ୟ

## ଜୀବନ ହାରିଲେ ଇଞ୍ଜିନିୟରଙ୍କ ପତ୍ନୀ

**ଦିଗପହଣ୍ଡି,୫।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବଡ଼ବନ୍ଧ ସାହିର ଏ. ବାବା ରାଓଙ୍କ ଝିଅ ଏ.ସୋନାଲି ପାତ୍ର(୩୦) ରବିବାର ଭୋର୍‌ରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗତ ୨୦୧୯ରେ ସୋନାଲି ଜର୍ମାନୀରେ ଏରୋନେଟିକ୍ ଇଞ୍ଜିନିୟର ଚାକିରି କରୁଥିବା ବ୍ରହ୍ମପୁର ବଡ଼ ବଜାର ଥାନା ପାଣିଗ୍ରାହୀ ପେଣ୍ଠ ଗଣପତି ନଗରର ବଳରାମ ସୁବୁଦ୍ଧିଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶାଶୁଘର ଲୋକଙ୍କ ଦାବି ଅନୁଯାୟୀ ବିବାହ ସମୟରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହର କିଛିଦିନ ହସଖୁସିରେ କଟିବା ପରେ ଅଧିକ ଯୌତୁକ ଦାବି ନେଇ ସ୍ୱାମୀ, ଶାଶୂ ଓ ଶ୍ୱଶୁର ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇଥିଲେ। ଫଳରେ ସେ ଶାଶୂଘରୁ ଆସି ଦିଗପହଣ୍ଡି ବଡ଼ବନ୍ଧ ସାହିସ୍ଥିତ ବାପଘରେ ରହିଆସୁଥିଲେ। କିନ୍ତୁ ରବିବାର ଭୋର୍ ସମୟରେ ଘରେ ପରିବାର ଲୋକେ ଶୋଇଥିବା ସମୟରେ ସୋନାଲି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନାଲିଙ୍କ ବାପା ଏନେଇ ଏତଲା ଦେବା ପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୩୫୮/୨୫ ଅନୁଯାୟୀ ଅଭିଯୁକ୍ତମାନଙ୍କ ନାଁରେ ମୋକଦ୍ଦମା ରୁଜୁ କରି ଥାନା ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ମୃତଦେହକୁ ପୁଲିସ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି।

### ବରୁଣେଇରେ ବାର୍‌ହା ଆତଙ୍କ

## ଗଛରେ ବସିଛନ୍ତି ପର୍ଯ୍ୟଟକ, ଫସିଲା ପୁଲିସ



**ଖୋର୍ଦ୍ଧା,୫।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ବରୁଣେଇ ପାହାଡ଼ରେ ଏକ ହିଂସ୍ର ବାର୍‌ହା ଆତଙ୍କ ଚଳାଇଥିବା ବେଳେ ୩୦ରୁ ଅଧିକ ପର୍ଯ୍ୟଟକ ଓ ଉଦ୍ଧାରକାରୀ ଟିମ୍ ଗଛ ଉପରେ ଫସି ରହିଥିବା ଜଣାପଡ଼ିଛି। ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀ ନିଖୋଜ ଥିବା ବେଳେ ଜଣେ ପର୍ଯ୍ୟଟକ ଆହତ ଅବସ୍ଥାରେ ତଳକୁ ଫେରିଥିବା ଜଣାପଡ଼ିଛି। ବାର୍‌ହା ଆକ୍ରମଣ ଯୋଗୁଁ ଉଦ୍ଧାର କାର୍ଯ୍ୟ ଜଟିଳ ହୋଇପଡ଼ିଥିବା ବେଳେ ବନ ବିଭାଗ, ଅଗ୍ନିଶମ ବାହିନୀ ଓ ପୁଲିସ ମିଳିତ ଭାବେ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ମିଳିଥିବା ସୂଚନାନୁସାରେ, ୬ ଜଣ ପର୍ଯ୍ୟଟକ ବରୁଣେଇ ପାହାଡ଼ରେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ସମୟରେ ହଠାତ୍ ଉକ୍ତ ବାର୍‌ହା ସେମାନଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଉଦ୍ଧାର କାର୍ଯ୍ୟ ସମୟରେ ଜଣେ ପୁଲିସ କର୍ମଚାରୀ ବାର୍‌ହା ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେ ନିଖୋଜ ଥିବା ଜଣାପଡ଼ିଛି। ଆତଙ୍କିତ ହୋଇ କେତେକେ ଦୌଡ଼ି ପଳାଇଥିବା ବେଳେ ଆଉ କିଛି ଜୀବନ ବଞ୍ଚାଇବାକୁ ନିକଟରେ ଥିବା ଏକ ଗଛ ଉପରେ ଚଢ଼ି ଯାଇଥିଲେ। କିନ୍ତୁ ବାର୍‌ହା ଗଛ ତଳେ ଜଗି ବସିଥିବାରୁ ସେମାନେ ତଳକୁ ଓହ୍ଲାଇପାରିନଥିଲେ। ଖବର ପାଇ ପୁଲିସ, ବନ ବିଭାଗ ଓ ଅଗ୍ନିଶମ ବାହିନୀ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦାର୍ଜିଲିଂରେ...

ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଟୟ ଟ୍ରେନ୍ ସେବା ମଧ ବନ୍ଦ କରାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ବାସିନ୍ଦା ଏବଂ ପର୍ଯ୍ୟଟକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଦାର୍ଜିଲିଂ ସାଂସଦ ରାଜୁ ବିଷ୍ଟ ପ୍ରବଳ ବର୍ଷା ଯୋଗୁ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି।

## ଶାନ୍ତିଶୃଙ୍ଖଳା...

ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସହରର ଐତିହ୍ୟକୁ ଆହୁରି ଉପରକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢନ୍ତୁ ଏବଂ ସହରର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## କଟକରେ...

ସମେତ କିଛି ପୁଲିସ୍ କର୍ମଚାରୀ ଓ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ସେପଟେ କଟକରେ ବିଶୃଙ୍ଖଳାକାରୀଙ୍କୁ ଧରିବା ପାଇଁ କମିଶନରେଟ ପୁଲିସ ଗଠନ କଲା ସ୍ପେଶାଲ ଟିମ୍। ୩ଟି ସ୍ପେଶାଲ ଟିମ୍ ଗଠନ କଲେ ପୁଲିସ କମିଶନର। ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ କମିଶନ ଏସ ଦେବଦତ୍ତ ସିଂ।

## 'ବାଜି ରାଉତଙ୍କ...

ଆୟୋଜିତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତିଚାରଣ କରି କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବରପୁତ୍ର ମାନେ ହେଉଛନ୍ତି ଆମର ଆଦର୍ଶ। ଆମ ସରକାର ନିଷ୍ପତ୍ତି ନେଇଛନ୍ତି, ରାଜ୍ୟର ମହାପୁରୁଷ ଓ ମହାମନୀଷୀଙ୍କ ଜୟନ୍ତୀ କିମ୍ବା ବଳିଦାନ ଦିବସ ଭୁବନେଶ୍ୱର ନୁହେଁ, ତାଙ୍କ ଜନ୍ମମାଟିରେ ପାଳନ କରିବା ପାଇଁ। ଯାହା ଆଜି ପାଳନ ହେଉଛି। ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ଉନ୍ନତି କାର୍ଯ୍ୟ କରାଯାଉଛି। ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳ ଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଯାହା ଯୁବ ପିଢିଙ୍କ କ୍ରୀଡା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଅର୍ଥାତ ଯୁବଶକ୍ତିର ଉତ୍ଥାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏଥିରେ ୩୦ ହଜାର କୋଟି ଟଙ୍କାର କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ, ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମ ସରକାରର ଲକ୍ଷ୍ୟ। ଏହିସବୁ ପ୍ରକଳ୍ପ ଯୋଗୁଁ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜିରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଢେଙ୍କାନାଳ ଗଣସଂଗ୍ରାମର ଅମର ସହିଦ ବାଜି ରାଉତ ' ଓ ବାଜି ରାଉତଙ୍କ ଫଟୋ ଉନ୍ମୋଚନ କରିଥିଲେ। ଯାହା ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବଣ୍ଟନ କରାଯିବ। ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାଜି ରାଉତଙ୍କ ସାହସ, ବଳିଦାନକୁ ମନେପକାଇ ଏହା ଚିରଦିନ ଉଜ୍ଜିବିତ ରହିବ ବୋଲି କହିଥିଲେ। ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଧନ୍ୟବାଦ ଦେଇଥିଲେ।

## ନଭେମ୍ବର ୨୨...

କମିସନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ଭବିଷ୍ୟତରେ ସାରା ଦେଶରେ କାର୍ଯ୍ୟକାରୀ ହେବ। ବିହାରରେ ମୋଟ ୨୪୩ଟି ବିଧାନସଭା ଆସନ ଅଛି ଏବଂ ନିର୍ବାଚନ ସମୟ ସୀମାରେ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ନିର୍ବାଚନ କମିସନ ଦଳ ଦୁଇଦିନ ଧରି ବିହାରରେ ସକ୍ରିୟ ଅଛନ୍ତି। ଏହି ସମୟ ମଧ୍ୟରେ ଦଳ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ପାଟନାରେ ରାଜନୈତିକ ଦଳ, ପ୍ରଶାସନିକ ନିର୍ବାଚନ ଅଧିକାରୀ, ରାଜ୍ୟ ପ୍ରଶାସନିକ ଅଧିକାରୀ, ପ୍ରବର୍ତ୍ତନ ସଂସ୍ଥା, ମୁଖ୍ୟ ନିର୍ବାଚନ ଅଧିକାରୀ, ସ୍ୱତନ୍ତ୍ର ପୁଲିସ ନୋଡାଲ ଅଧିକାରୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ନୋଡାଲ ଅଧିକାରୀଙ୍କ ସହିତ ବୈଠକ କରିଥିଲେ।

ନିର୍ବାଚନ କମିସନ କହିଛନ୍ତି ଯେ, କୌଣସି ପୋଲିଂ ବୁଥରେ ଏବେ ୧୨୦୦ ରୁ ଅଧିକ ଭୋଟର ରହିବେ ନାହିଁ। ଏହି ବ୍ୟବସ୍ଥା ଭୋଟଦାନ ପ୍ରକ୍ରିୟା ଏବଂ ସୁରକ୍ଷା ଉଭୟକୁ ଉନ୍ନତ କରିବ। ବୁଥ୍ ସ୍ତରୀୟ ଅଧିକାରୀମାନେ ଏବେ ସିଧାସଳଖ ଭୋଟରଙ୍କ ସହିତ ଯୋଗାଯୋଗ କରିବେ ଏବଂ ସହଜରେ ଚିହ୍ନଟ ପାଇଁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି।

ଏହା ବ୍ୟତୀତ, ଭୋଟ ଦେବା ପାଇଁ ମୋବାଇଲ୍ ଫୋନ୍ ଜମା କରିବାର ବିକଳ୍ପ ମଧ୍ୟ ଆରମ୍ଭ କରାଯାଇଛି, ଯାହା ଦ୍ୱାରା ଭୋଟରମାନେ ମତଦାନ କେନ୍ଦ୍ରକୁ ସେମାନଙ୍କର ମୋବାଇଲ୍ ଫୋନ୍ ନେଇ ପାରିବେ ନାହିଁ। ମୁଖ୍ୟ ନିର୍ବାଚନ କମିସନର ଘୋଷଣା କରିଛନ୍ତି ଯେ, ବିହାରରେ ଏକ ୱାନ୍-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ପ୍ରାର୍ଥୀ ଏବେ ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସେମାନଙ୍କର ଏଜେଣ୍ଟ ନିୟୋଜିତ କରିପାରିବେ। ସମସ୍ତ ମତଦାନ କେନ୍ଦ୍ରରେ ୧୦୦% ୱେବକାଷ୍ଟିଂ ହେବ। ଇଭିଏମ୍‌ରେ ଏବେ କଳା ଏବଂ ଧଳା ବାଲଟ୍ ପେପର ବଦଳରେ ରଙ୍ଗୀନ ଫଟୋ ଏବଂ ସିରିଏଲ୍ ନମ୍ବର ଥିବା ବାଲଟ୍ ପେପର ବ୍ୟବହାର କରାଯିବ, ଯାହା ଦ୍ୱାରା ପ୍ରାର୍ଥୀଙ୍କ ଚିହ୍ନଟ ସହଜ ହେବ ଏବଂ ଭୋଟ୍ ପ୍ରକ୍ରିୟା ସ୍ୱଚ୍ଛ ହେବ।

## ଆଜି ମୁଖ୍ୟମନ୍ତ୍ରୀଙ୍କ...

ଶିକ୍ଷା, ପାନୀୟ ଜଳ, ରାସ୍ତାଘାଟ, ଯୁବକ ଯୁବତୀଙ୍କ ପାଇଁ କର୍ମସଂସ୍ଥାନ ଓ ଜଳସେଚନ ସମ୍ପର୍କିତ ଏକାଧିକ ଯୋଜନା ଘୋଷଣା କରିପାରନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସହ ଏକାଧିକ ମନ୍ତ୍ରୀ ବି ଗସ୍ତ କରିବେ।

ସେପଟେ ଆସନ୍ତାକାଲିଠାରୁ ନୂଆପଡାରେ ଡେରା ପକେଇବେ ପିସିସି ସଭାପତି ଭକ୍ତଚରଣ ଦାସ। ସେ ଖରିଆର ରୋଡ଼ରେ ନ୍ୟାୟ ସମାବେଶ କରିବେ। ଘାସିରାମ ମାଝୀ ୪ ଥର ନିର୍ବାଚନ ହାରିଛନ୍ତି। ଏଥର ନିଶ୍ଚୟ ଜିତିବେ ବୋଲି ଭକ୍ତ ଦାବି କରୁଛନ୍ତି। କଂଗ୍ରେସ ବୁଥ କମିଟି ଗଠନ କରିସାରିଥିବା ବେଳେ ସବୁ ବିଧାୟକଙ୍କୁ ନୂଆପଡାରେ କ୍ୟାମ୍ପ କରିବାକୁ କୁହାଯାଇଛି । ଜଣେ ବିଧାୟକ ଦୁଇ ଦୁଇଟା ଜୋନର ଦାୟିତ୍ୱ ନେବେ। ସେପଟେ ବିଜେଡି ଏଯାଏଁ ନିଜର ନୂଆପଡା ଅଭିଯାନ ଆରମ୍ଭ କରିନି। ସୁପ୍ରିମୋ ଦିଲ୍ଲୀରେ ଥିବା ବେଳେ କାର୍ପଟଦାର ନେତାଙ୍କ ଦେଖାନାହିଁ। ବିଜେଡି ନବୀନଙ୍କ ଉପରେ ଆସ୍ଥା ରଖିଛି। ବିଜେଡି ମଧ ଏଯାଏଁ ନିଜ ପ୍ରାର୍ଥୀ ଚୂଡାନ୍ତ କରିନି।

## ଆଇଆଇଟି...

ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବାବିଶ୍ୱ ଚିପ୍ ଡିଜାଇନ୍ ପ୍ରତିଭାର ୨୦ ପ୍ରତିଶତ ଭାରତ ପାଇଁ ରହିଛି। ଦେଶର ୨୯୫ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିଳ୍ପ ଦ୍ୱାରା ପ୍ରଦାନ କରାଯାଇଥିବା ନୂତନତମ ଇଡିଏ ଉପକରଣ ବ୍ୟବହାର କରୁଛନ୍ତି। ୨୦ଟି ପ୍ରତିଷ୍ଠାନର ୨୮ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଚିପ୍ସ ଏସସିଏଲ ମୋହାଲିରେ ପ୍ରଦର୍ଶିତ ହୋଇଥିଲା। ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାକୁ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ସମ୍ପ୍ରତି ଅନୁମୋଦନ ମିଳିଛି। ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍-ଆଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ କେନ୍ଦ୍ର। ଅନ୍ୟଟି ହେଉଛି ଉନ୍ନତ ୩ଡି ଗ୍ଲାସ୍ ପ୍ୟାକେଜିଂ ପାଇଁ ଏକ କେନ୍ଦ୍ର। ଆଇଆଇଟି ଭୁବନେଶ୍ୱରରେ ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର ରହିଛି। ଏହି ନୂତନ ପ୍ରୟୋଗଶାଳା ପୂର୍ବରୁ ଥିବା କ୍ଲିନ ରୁମ୍ ସୁବିଧାଗୁଡ଼ିକୁ ବୃଦ୍ଧି କରିବ ଏବଂ ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଏବଂ ବିକାଶ ସୁବିଧା ପ୍ରଦାନ କରିବ।

## କଟକ ଜଳୁଥିବା ବେଳେ...

କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଦର୍ଶାଇ ନବୀନ ଦିଲ୍ଲୀ ଯାଇଥିଲେ। ଇତି ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ସହିତ ବିଧାନସଭାର ବର୍ଷାକାଳୀନ ଅଧିବେଶନ ଓ ଦଶହରା ବି ଶେଷ ହୋଇଛି।

ହେଲେ ଚାରିଦିନ ପାଇଁ ଦିଲ୍ଲୀ ଯାଇଥିବା ନବୀନ କେବେ ସୁଦ୍ଧା ଫେରିବେ ତାହାର ସୂଚନା ଦଳର କାହାରି ପାଖରେ ନାହିଁ। ଏହା ଭିତରେ ଆସନ୍ତା ୯ ତାରିଖରୁ ବିଜେଡି ପଦଯାତ୍ରା ଆରମ୍ଭ କରିବ। ପ୍ରତିବର୍ଷ ଦଳୀୟ ସଂଗଠନକୁ ବଳ ଦେବାପାଇଁ ନବୀନ ନିଜେ ଏହି ପଦଯାତ୍ରା ଆରମ୍ଭ କରିଥାନ୍ତି। ଏହା ପୂର୍ବରୁ ସମସ୍ତ ଜିଲ୍ଲା ସଭାପତିଙ୍କୁ ପତ୍ର ଲେଖି ପଦଯାତ୍ରା ସଫଳ କରିବାକୁ କହିଥାନ୍ତି। ଏଥର ଦଳର ବରିଷ୍ଠ ନେତା ଦେବୀ ମିଶ୍ର ଏହି ପତ୍ର ଲେଖିଥିବାବେଳେ ନବୀନ କିନ୍ତୁ ପଦଯାତ୍ରାରେ ଯୋଗ ଦେବେ କି ନାହିଁ ତାହାକୁ ନେଇ କର୍ମୀମାନେ ଦ୍ୱନ୍ଦରେ ରହିଛନ୍ତି।

ଇତି ମଧ୍ୟରେ ଦଶହରା ସରିଥିବାବେଳେ କଟକରେ ଦେଖା ଦେଇଛି ସାମ୍ପ୍ରଦାୟିକ ଗଣ୍ଡଗୋଳ। ଏହା ପ୍ରସଙ୍ଗ ଏବେ ରାଜ୍ୟରୁ ଯାଇ ଦିଲ୍ଲୀରେ ପହଞ୍ଚିଲାଣି। ବିଜେଡି ଏହି ମଉକାରେ ସରକାରଙ୍କୁ ଘେରିବାରେ ଲାଗିଛି। ହେଲେ ଏଭଳି ସମୟରେ ବିରୋଧିଦଳ ନେତାଙ୍କ ଅନୁପସ୍ଥିତ ଅନେକ ପ୍ରଶ୍ନବାଚୀ ଛିଡା କରିଛି। କାରଣ କଟକ ହେଉଛି ନବୀନଙ୍କ ପୈତୃକ ଘର। ବିଜୁ ବାବୁଙ୍କ ନାମରେ ସେଠାରେ ମ୍ୟୁଜିୟମ ପ୍ରତିଷ୍ଠା ହୋଇଛି। ହେଲେ ଶାନ୍ତି ରକ୍ଷାପାଇଁ ଦିଲ୍ଲୀରୁ ଅପିଲଟିଏ କରି ନବୀନ କାମ ସାରିଦେଇଛନ୍ତି। ବିଜେଡିର କିଛି କର୍ମୀ ଏପରିକି ସାଧାରଣରେ ଏବେ ଚର୍ଚ୍ଚା ହେଉଛି ଯେ , ରୋମ୍ ଜଳୁଥିବା ବେଳେ ରାଜା ନିରୋ ଯେଭଳି ବଂଶୀବାଦନ କରୁଥିଲେ, ଏବେ ଓଡିଶା ଜଳୁଥିବା ବେଳେ ନବୀନ ସମାନ ଅବତାରରେ ରହିଛନ୍ତି। ଏହା କେବଳ ଦଳକୁ ପଛକୁ ପଛକୁ ନେଉନାହିଁ, ସରକାରଙ୍କୁ ଆଶ୍ୱସ୍ତ କରିବା ସହିତ କଂଗ୍ରେସକୁ ଆଗକୁ ବଢିବାକୁ ବଳ ଦେବାରେ ଲାଗିଛି।

## ବାଲିଯାତ୍ରା ଯୋଜନରେ...

ସେଲିବ୍ରେସନ ଲାଇଭକୁ ଦିଆଯାଇଥିଲା। ସେ ସମୟରେ ହୋଇଥିବା ଅବ୍ୟବସ୍ଥା ଜଳଜଳ ହେଇ ଦିଶିଥିଲା ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ବାଲିଯାତ୍ରା ଓଡ଼ିଆ କଳା ସଂସ୍କୃତିର ପ୍ରତିଫଳନ ହୋଇଥିଲେ ବି ଗତବର୍ଷ ବାଲିଯାତ୍ରା ଆୟୋଜନରେ ଏହି ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଓଡ଼ିଶାର କଳା ସଂସ୍କୃତିକୁ ଅପମାନିତ କରିଥିଲା। ଓଡ଼ିଆ ସଂସ୍କୃତିର ଏହି ଅପମାନ ପାଇଁ ସରକାର ବଦନାମ ହେଇଥିଲେ। ପୁଣି ଜିଲ୍ଲାପାଳ ସେହି ସଂସ୍ଥାକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଛି ପ୍ରିଲ୍ୟୁଡ଼ ନୋଭେଲ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ ଏବଂ ସାଉଣ୍ଡ, ଲାଇଟ, ଟେଣ୍ଟ ଭେଣ୍ଡର ସଙ୍ଘ।

କଟକର ବର୍ତ୍ତମାନ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଗତ ବର୍ଷ ବାଲିଯାତ୍ରା ଆୟୋଜନରେ ଏହି ସେଲିବ୍ରେସନ ଲାଇଭକୁ ଏକ ପାଖିଆ ସମର୍ଥନ କରିଥିଲେ। ସେ ବାଲେଶ୍ୱର ଜିଲ୍ଲାପାଳ ଥିବା ସମୟରେ ବି ଏହିଭଳି ଇଭେଣ୍ଟ ଆୟୋଜନରେ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଚୟନରେ ଅନିୟମିତତା କରୁଥିଲେ ବୋଲି ଅଭିଯୋଗ ହୋଇଛି। ତେଣୁ ସରକାର ବଦନାମ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରି କଟକରେ ହେଉଥିବା ଅବ୍ୟବସ୍ଥା ଦୂର କରିବାକୁ ଏହି ଦୁଇ ସଂସ୍ଥା ଅପିଲ କରିଛନ୍ତି।

## ବିସ୍ଫୋରକ...

ରାତି ଅଧରେ କାହିଁକି କଟକରେ ଘଟିଲା ଅଭାବନୀୟ କାଣ୍ଡ? ଭସାଣ ଉତ୍ସବ କାହିଁକି ପାଲଟିଗଲା ରଣକ୍ଷେତ୍ର? ଭାଇଚାରାକୁ ଜଳାଞ୍ଜଳି ଦେଇ ଢେଲାପଥର ମାଡ଼ ପଛରେ କିଏ? ଦୁଇଦିନ ହେଲା ଆଲୋଚନା, ବୁଝାସୁଝା ଏବଂ ଚାପା ଉତ୍ତେଜନା ଭିତରେ ଆଜି କଟକର ଗଳିକନ୍ଦିରେ ଦେଖିବାକୁ ମିଳିଥିଲା କିଛି ଭିନ୍ନ ଦୃଶ୍ୟ। ଶାନ୍ତି ଫେରାଇ ଆଣିବାକୁ ସହର ସାରା ପୁଲିସ ଛାଉଣୀ। ବାଜୁଥିଲା ସାଇରନ୍, ଘନଘନ ପହରା ମାରୁଥିଲା ପୁଲିସ୍। ହାତରେ ଲାଠି ଆଉ ବନ୍ଧୁକ। ଗଳିକନ୍ଦିରେ ପୁଲିସ ସମେତ ସ୍ପେଶାଲ୍ ଫୋର୍ସର ପଇଁତରା। ବାଇକ୍ ପାଟ୍ରୋଲିଂ ବି ଜୋରଦାର। ସମ୍ବେଦନଶୀଳ ସ୍ଥାନ ସମେତ ସମସ୍ତ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ। ଉପରକୁ ସ୍ଥିତି ସ୍ୱାଭାବିକ ଲାଗୁଥିଲେ ବି ଚାପା ଉତ୍ତେଜନାକୁ ନଜରରେ ରଖି ସବୁଠି ହାଇଆଲର୍ଟ, କଡ଼ାକଡ଼ି ସୁରକ୍ଷା। ପୁଲିସ କହିଛି, ଏବେ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। କୌଣସି ଜାଗାରେ ବିବାଦ ନାହିଁ। ତେବେ ଗୁଜବକୁ ବିଶ୍ୱାସ ନକରିବାକୁ ଜନସାଧାରଣଙ୍କୁ ଅପିଲ୍ କରିଛି ପୁଲିସ।

ଏପଟେ ଗଣ୍ଡଗୋଳ ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସୋମବାରି କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ମା' ଦୁର୍ଗାଙ୍କ ପ୍ରତିମା ଓ ଶୋଭାଯାତ୍ରାକାରୀଙ୍କ ଉପରେ ଆକ୍ରମଣକୁ ଘୋର ନିନ୍ଦା କରିବା ସହ ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ବିଫଳତାକୁ ଦାୟୀ କରିଛି। କଟକ ବଜ୍ରକବାଟି ରୋଡରେ ହିନ୍ଦୁ ସଂଗଠନ ତରଫରୁ ବିଶାଳ ଶୋଭାଯାତ୍ରା କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜୋରଦାର ହୋଇଛି ଦାବି। ସେପଟେ ଭାଇଚାରାକୁ ନଷ୍ଟ ନକରି ଶାନ୍ତି ରକ୍ଷା ପାଇଁ ଅପିଲ୍ କରିଛନ୍ତି ବିଭିନ୍ନ ରାଜନୈତିକ ଦଳ ଓ ସଂପ୍ରଦାୟ। ବୁଧବାର ଭସାଣ ଉତ୍ସବ ରାତିରେ ଦରଘାବଜାର ଜେଲ ରୋଡ ନିକଟରେ ଘଟିଥିଲା ଅସ୍ୱାଭାବିକ ଘଟଣା। ଶୋଭାଯାତ୍ରାକାରୀଙ୍କ ଉପରକୁ ବର୍ଷିଥିଲା ଟେକା, ଢେଲା ଓ କାଚ ବୋତଲ। ସିସିଟିଭି କ୍ୟାମେରା, ପ୍ରତ୍ୟକ୍ଷଦର୍ଶୀ ଓ ଅନ୍ୟ ତଥ୍ୟ ପ୍ରମାଣକୁ ଭିତ୍ତି କରି ପୁଲିସ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ବି ଛାନଭିନ୍ ଚାଲିଛି। ରାପିଡ୍ ଆକ୍ସନ ଫୋର୍ସ ସମେତ ସିଆରପିଏଫ ବାହିନୀ ବି ମୁତୟନ ହୋଇଛନ୍ତି।

## ପଞ୍ଚମ ଦଲାଲ...

ବ୍ରହ୍ମପୁର, କଟକ, କଳାହାଣ୍ଡି। ଆଜି ପ୍ରାୟ ୧୦ଟି ନାମୀଦାମୀ ସଂସ୍ଥାର ତଥ୍ୟ ଦେଇଛି କ୍ରାଇମବ୍ରାଞ୍ଚ। ୨୦୧୩ରେ ଗଜପତିରେ ସିପାହୀ ନିଯୁକ୍ତି ରାକେଟରୁ ୨୦୨୩ ଏପ୍ରିଲରେ ବ୍ରହ୍ମପୁରର ଜାଲ୍ ସାର୍ଟିଫିକେଟ୍ ରାକେଟ ଯାଏଁ, ଶଙ୍କର ଥିଲା ମାଷ୍ଟରମାଇଣ୍ଡ। ଜାଲ୍ ସାର୍ଟିଫିକେଟ୍ ମାମଲାରେ ମୁଖ୍ୟ ଅଭିଯୁକ୍ତ ଜେଲ ଯାଇଥିବା ବେଳେ ତାକୁ ସହଯୋଗ କରିଥିବା ଶଙ୍କର ପୃଷ୍ଟି ହାଇକୋର୍ଟରୁ ଜାମିନ ଆଣି ମୁକୁଳି ଯାଇଥିଲା। କେଳେଙ୍କାରୀର କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୨ରୁ। ଯେବେ ବ୍ରହ୍ମପୁର ଜଗନ୍ନାଥପୁରରେ ଆରମ୍ଭ କରିଥିଲା ଟ୍ରେନିଂ ଇନଷ୍ଟିଚ୍ୟୁଟ୍। ଆନ୍ଧ୍ର ବିଏଡଠୁ ଆରମ୍ଭ କରି ସେନାରେ ନିଯୁକ୍ତି ଲାଗି ଟ୍ରେନିଂ ଦେଉଥିଲା ସେ। ଏହାପରେ ବ୍ରହ୍ମପୁର ଡିଫେନ୍ସ କଲୋନୀରେ ସାମ୍ରାଜ୍ୟ ବିସ୍ତାର କରି ଆରମ୍ଭ କରିଥିଲା ପଞ୍ଚସପ୍ତ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍।

ଘର ତା'ର ଗଞ୍ଜାମ ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ଗାଁରେ। ସାଧାରଣ ପରିବାରରେ ଜନ୍ମ ହୋଇଥିଲା କୁଖ୍ୟାତ ଶଙ୍କର ପୃଷ୍ଟି। ଗାଁ ସ୍କୁଲରେ ମାଟ୍ରିକ ପରେ ବ୍ରହ୍ମପୁର ଏସଏମଆଇଟିରେ ପଢିଥିଲା। ତା'ପରେ କୋଚିଂ ସେଣ୍ଟର କରି ବହୁ ପିଲା ଓ ଶିକ୍ଷକଙ୍କ ସଂସ୍ପର୍ଶରେ ଆସି ଆରମ୍ଭ କରିଥିଲା ନିଜର କଳାଧନ୍ଦା। ଚାକିରି ଲୋଭ ଦେଇ ଆଶାୟୀଙ୍କଠୁଁ ନେଉଥିଲା ମୋଟା ଅଙ୍କର ଟଙ୍କା। କେବଳ ଏତିକି ନୁହେଁ, ଗାଁ ରାଜନୀତିର ଗୋଟିଚାଳନାରେ ବି ଥିଲା ଧୂରନ୍ଧର। ୨୦୧୭ ପଞ୍ଚାୟତ ନିର୍ବାଚନରେ ଜଣେ ସରପଞ୍ଚ ପ୍ରାର୍ଥୀଙ୍କୁ ହତ୍ୟା ମାମଲାରେ ଥିଲା ମୁଖ୍ୟ ଅଭିଯୁକ୍ତ। ସେଦିନଠୁ ଫେରାର୍ ହେବା ପରେ ୨୦୨୨ରେ ହାଇକୋର୍ଟରୁ ଆଗୁଆ ଜାମିନ୍ ଆଣିଥିଲା। ଶଙ୍କରର ମା'ଙ୍କ କହିବା କଥା, ଗତ ୨/୩ ବର୍ଷ ହେଲାଣି ସେ ଆଉ ଗାଁକୁ ଫେରିନି। ତାକୁ ଏବେ ଫସାଇ ଦିଆଯାଉଛି।

୨୦୨୩ରେ ବ୍ରହ୍ମପୁରରେ ଜାଲ୍ ସାର୍ଟିଫିକେଟ୍ ମାମଲା ହେଉ କି ୨୦୧୭ରେ ରାଜନୈତିକ ହତ୍ୟାକାଣ୍ଡ। ସବୁଥିରେ ଅଭିଯୁକ୍ତ ଥାଇ ବି ସେ ଫେରାର୍ ମାରି ଖସିଯାଉଥିଲା ବେଶ ଆରାମରେ। ଆଉ ଜାମିନ ଆଣି ପୁଲିସର ଗିରଫଦାରୀରୁ ବର୍ତ୍ତିଯାଉଥିଲା। ଆଉ ଏବେ ପୋଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ମାମଲାରେ ଫେରାର ମାରିଥିବା ବେଳେ କେବେ ବନ୍ଧା ହେଉଛି, ତାକୁ ଅପେକ୍ଷା।

ବ୍ରହ୍ମପୁର ପୁଲିସ ଏହି ମାମଲାରେ ୧୧୭ ଜଣଙ୍କ ନାଁରେ ଏକ ୧୨ ଫର୍ଦ୍ଦିଆ ତଥ୍ୟ ତାଲିକା ଜାରି କରିଥିବା ବେଳେ ଯେଉଁଥିରେ ରହିଛି କୋଚିଂ ସେଣ୍ଟରର ନାଁ, ପରୀକ୍ଷାର୍ଥୀଙ୍କ ନାଁ, ମୋବାଇଲ୍ ନମ୍ବର, ଏକ୍ସଜାମ୍ ରୋଲ୍ ନମ୍ବର ଏବଂ ମାଷ୍ଟର ମାଇଣ୍ଡ ମାନଙ୍କ ସବୁ କାରନାମା। ଯାହାର ସବୁ ତଥ୍ୟ ଗୋଟି ଗୋଟି କରି ଦେଇଛି ବ୍ରହ୍ମପୁର ପୋଲିସ। ଏମିତିକି, କିଏ କାହାକୁ କେତେ ଥର କଲ୍ କରିଛି ? କେତେ ଦିନ ଧରି ଯୋଗାଯୋଗରେ ଅଛି ? କ'ଣ ସବୁ ପ୍ଲାନିଂ ହୋଇଛି ? ସେ ସବୁ ତଥ୍ୟ ପ୍ରମାଣ ଅନୁସାରେ ଗଣମାଧମ ଆଗରେ ରଖିଛି। ଯାହାକୁ ଆପଣ କ୍ରାଇମର କଳା ତାଲିକା ବୋଲି କହିପାରିବେ।

ଏ ଘଟଣାର ମାଷ୍ଟମାଇଣ୍ଡ ଥିଲେ ଗଞ୍ଜାମର ଶଙ୍କର ପୃଷ୍ଟି ଆଉ କଟକର ମୁନ୍ନା ଭାଇ। ଦୀର୍ଘଦିନ ଧରି ଏମାନେ ପରୀକ୍ଷାର୍ଥୀମାନଙ୍କ ସହ କଣ୍ଟାକ୍ଟରେ ରହିଥିଲେ। ଆଉ ରାକେଶ ଗୌଡ଼ ନିଜେ ଜଣେ କ୍ୟାଣ୍ଡିଡେଟ୍ ହୋଇଥିଲେ ମଧ ସିଧାସଳଖ ଡିଲରେ ସାମିଲ ଥିବା ପୁଲିସ କହିଛି। ଆଉ ଏବେ ନଜର ପକାନ୍ତୁ କେଉଁ ସବୁ କୋଚିଂ ସେଣ୍ଟର ଏହି ଘଟଣାରେ ସିଧାସଳଖ ସାମିଲ୍ ଥିଲେ।

୧. ଖଲ୍ଲିକୋଟ, ଆର୍ଯ୍ୟ ଏକାଡେମୀର ମଙ୍ଗୁଳ ପ୍ରଧାନ ଗତ ୨ ବର୍ଷ ଧରି ରାକେଶ ଗୌଡ଼ ସହ କଣ୍ଟାକ୍ଟରେ ଥିଲେ। ୨. ରସୁଲଗଡ଼ର ବିନାୟକ ମାଝୀଙ୍କ ସହ ଷ୍ଟେଟ୍ ଲାଇବ୍ରେରୀରେ ଦେଖା କରିଥିଲେ ପରୀକ୍ଷାର୍ଥୀ ବିଶାଳ ପ୍ରଧାନ। ୩. ଏସଆଇ ଆଶାୟୀ ଭଗବାନ ସାହୁଙ୍କୁ ମୁନ୍ନା ସାହୁ ବିଶାଖାପାଟଣାମ୍ ଆସିବାକୁ କହିଥିବା ପୋଲିସ କହିଛି। ୪. ଭୁବନେଶ୍ୱରର ସିଆରପିରେ ଥିବା ବଣିକ କୋଚିଂ ସେଣ୍ଟରରୁ ଯୋଗାଯୋଗରେ ଥିଲେ ଶଶିକାନ୍ତ ବାରିକ। ୫. ପରୀକ୍ଷାର୍ଥୀ ଜ୍ୟୋତି ରଞ୍ଜନ ନାୟକ ବି ନୟାପଲ୍ଲୀ ଅବିନାଶ ପାଠଶାଳାରୁ ଯୋଗାଯୋଗରେ ରହିଥିଲେ। ୬. ବରମୁଣ୍ଡା ମହିନ୍ଦ୍ରା କୋଚିଂ ସେଣ୍ଟରରୁ ମଧ ମାଷ୍ଟର ଜୀବନ ପ୍ରଦୀପ ଯୋଗାଯୋଗରେ ଥିଲେ। ୭. କଟକ ବଣିକର ଆଶତୋଷ ଖୁଣ୍ଟିଆ ଓ ବ୍ରହ୍ମପୁର ବଣିକର ନରେନ୍ଦ୍ର ଗୌଡ଼ ମଧ କଣ୍ଟାକ୍ଟରେ ରହିଛନ୍ତି।

ଏହିପରି ଆହୁରି ଅନେକ ଲମ୍ବା ତାଲିକା ଦେଇଛି ପୋଲିସ। ପରୀକ୍ଷାର୍ଥୀମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ରହି ଶଙ୍କର ଆଉ ମୁନ୍ନାଙ୍କ ସହ ଯୋଗାଯୋଗରେ ରହିଥିଲେ। ତା' ସହ ଅନ୍ୟ କିଛି ଦଲାଲଙ୍କ ସହ ବି ଯୋଗାଯୋଗରେ ଥିଲେ ପରୀକ୍ଷାର୍ଥୀ। ଯାହାର ସବୁ ଖୁଲାସା ବ୍ରହ୍ମପୁର ପୁଲିସ କରିଛି।

# ବର୍ଷା ପାଣିରେ ବୁଡ଼ିଲା ବିସ୍ତୀର୍ଣ୍ଣ ଚାଷ ଜମି; ହୋଇନି କ୍ଷୟକ୍ଷତି ଆକଳନ

● ପ୍ରଶାସନର ଦୃଷ୍ଟି ଆଢୁଆଳରେ ପାତ୍ରପୁର ବ୍ଲକ୍!



**ବ୍ରହ୍ମପୁର, ୫।୧୦ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଏବେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବା ଫଳରେ ଚାଷ ଜମି ଗୁଡିକରେ ପାଣି ଜମି ରହିଛି। ଫସଲ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତିର ରିପୋର୍ଟ ଦେବାକୁ ମଧ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି କ୍ରମରେ ଜିଲ୍ଲାର ପାତ୍ରପୁର ବ୍ଲକ୍ ସତେ ଯେପରି ପ୍ରଶାସନର ସମ୍ପୂର୍ଣ୍ଣ ଦୃଷ୍ଟି ଆଢୁଆଳରେ ରହିଛି। ଉକ୍ତ ବ୍ଲକ୍ ଅଧିନସ୍ଥ ପାଖାପାଖି ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଚାଷ ଜମି ଜଳାର୍ଣ୍ଣବ ଅବସ୍ଥାରେ ରହିଛି। ପାତ୍ରପୁର, ସାମନ୍ତିଆପଲ୍ଲୀ, ବାଦପୁର, ଗୁଣ୍ଡୁରା, ଖମ୍ବାରି ଗାଁ ଆଦି ଅଞ୍ଚଳର ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ପ୍ରବଳ ବର୍ଷା ହେବାରୁ ବାହୁଦା କେନାଲରେ ଉଚ୍ଚ ଜଳସ୍ତର ପ୍ରବାହିତ ହେବା ଫଳରେ ଚାଷ ଜମି ଗୁଡିକୁ ପାଣି ମାଡ଼ି ଆସିଥିଲା। ଉପରୋକ୍ତ ସମସ୍ତ ପଞ୍ଚାୟତର ଶହ ଶହ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଧାନ ଚାଷ ବର୍ଷା ଜଳରେ ନଷ୍ଟ ହୋଇଥିବା ଅଭିଯୋଗ ବି ହୋଇଛି। ସମ୍ପ୍ରତି ଏନେଇ ପ୍ରଶାସନ ସ୍ତରରେ କିନ୍ତୁ କ୍ଷୟକ୍ଷତିର ଆକଳନ ହୋଇନଥିବା ଜଣାପଡ଼ିଛି। ଗଜପତି ଜିଲ୍ଲା ସୀମାନ୍ତକୁ ଲାଗି ଏହି ବ୍ଲକ୍ ରହିଛି।

## ଆଜି ଠାରୁ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା

# ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସ

**କେନ୍ଦ୍ରାପଡ଼ା,୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୩ ଓ ୧୪ ଦୁଇଦିନ ମେଲଣ ଓ ଭସାଣୀ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ାର ଏହି ପୂଜା ଦେଖିବା ପାଇଁ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଶ୍ରଦ୍ଧାଳୁ ଆସିବେ। ସେହିପରି ରାଜ୍ୟ ବାହାରୁ ମଧ୍ୟ ଲୋକେ ଏହି ଗଣପର୍ବରେ ନିଜକୁ ସାମିଲ କରିବେ। ତେଣୁ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଆଜି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପୌରସଂସ୍ଥା ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ଡିଆଇଜି ଶ୍ରୀ ନାୟକ ଯୋଗଦେଇ କହିଛନ୍ତି ଯେ ପୂଜା ବେଳେ କିମ୍ବା ମେଲଣ ବେଳେ କୌଣସି ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଧର୍ମକୁ ଆକ୍ଷେପ କରି କୌଣସି ସ୍ଲୋଗାନ ଦେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା ଚାଲିଥିବା ସମୟରେ ବେଆଇନ୍ ମଦ କାରବାରକୁ ବନ୍ଦ କରାଯିବ। ସେହିପରି ଜୁଆଖେଳ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରାଯିବ ସହ କୌଣସି ବେଆଇନ୍ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରତି ପୂଜା ପେଣ୍ଡାଲରେ ପୁଲିସ କର୍ମଚାରୀ ମୁତୟନ ହେବେ। ଯାହାଫଳରେ ପୂଜା ପେଣ୍ଡାଲ ନିକଟକୁ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁରକ୍ଷିତ ଭାବେ ଦର୍ଶନ

### ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

କରିପାରିବେ। ସହରକୁ ସିସିଟିଭି କ୍ୟାମେରା ନଜରରେ ରଖାଯିବ। ଫଳରେ ଲୁଟ୍, ଛିନତାଇ, ଚୋରି ଆଦିକୁ ରୋକାଯାଇପାରିବ। ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ପୁଲିସ ଉତ୍ତମ ସମ୍ପର୍କ ରକ୍ଷା କରି ପୂଜାକୁ ସୁରକ୍ଷିତ ଓ ସଫଳ କରିବ ବୋଲି ଡିଆଇଜି କହିଛନ୍ତି। ସେହିପରି କୌଣସି ପୂଜା କମିଟି ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ କରିପାରିବେ ନାହିଁ। ଏହାକୁ ବେଆଇନ୍ ଘୋଷଣା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗାଡ଼ି ମୋଟର ରଖିବା ପାଇଁ ସରକାରୀ ପାର୍କିଂ ବ୍ୟବସ୍ଥା କରାଯାଇଛି।

ଯଦି କେହି ବେଆଇନ୍ ଭାବେ ପାର୍କିଂ ଫି' ଆଦାୟ କରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା କମିଟି କର୍ମକର୍ତ୍ତାମାନେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସେମାନଙ୍କ କମିଟିର ସଦସ୍ୟମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଟ୍ରାଫିକ ଡ୍ୟୁଟିରେ ନିୟୋଜିତ କରିବେ। ଏନେଇ ପୋଲିସ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯିବ। ଫଳରେ ସେମାନେ ଭିଡ଼ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରିବେ ବୋଲି ଡିଆଇଜି ଡ. ନାୟକ ପ୍ରକାଶ କରିଥିଲେ। ଏହି ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରାଯିବା ପାଇଁ ଏସପିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସପି, ୧୩ଜଣ ଡିଏସପି, ୧୭ଜଣ ଇନସପେକ୍ଟର, ୧୨୨ଜଣ ସବଇନସପେକ୍ଟର ଓ ଏ.ଏସ.ଆଇ.ଙ୍କ ସହିତ ୧୫ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିବା ଡିଆଇଜି ଶ୍ରୀ ନାୟକ କହିଥିଲେ। ସେହିପରି ସନ୍ଧ୍ୟାରେ ଡିଆଇଜି ଓ ଏସପିଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଓ ଫୋର୍ସ ସହ ସହରରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ବୈଠକରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଡିଏସପି ସରୋଜ କୁମାର ସାହୁ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ା, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସସ୍ମିତା ସାହୁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନା ଓ ଜିଲ୍ଲା ବାହାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଜେପି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

## ବିଜେଡି କର୍ମୀଙ୍କୁ ଦାୟୀ କଲେ ବିଧାୟକ, କଠୋର କାର୍ଯ୍ୟାନୁଷ୍ଠାନ ଦାବି



**ବ୍ରହ୍ମପୁର,୫।୧୦ (ସଂଚାର ବ୍ୟୁରୋ):** ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକ ସୁରଙ୍ଗିଗଡ଼ର ବିଜେପି କାର୍ଯ୍ୟକର୍ତ୍ତା ଲୋକନାଥ ଦାସଙ୍କୁ କେତେକ ବିଜେଡି ସମର୍ଥକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଲୋକନାଥ ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ମଧ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନରେ ଲୋକନାଥ ଘର ବାରଣ୍ଡାରେ ବସିଥିବା ସମୟରେ ଗ୍ରାମର ୫/୬ ଜଣ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ଲୋକନାଥ ଗୁରୁତର ଭାବେ ଆହତ ହେବା ଫଳରେ ତାଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନସମାନ୍ତରା ମେଡ଼ିକାଲରେ ପହଞ୍ଚି ଲୋକନାଥଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏପରି ଆକ୍ରମଣକୁ ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରା ନିନ୍ଦା କରିବା ସହ ଏନେଇ ବିଧାୟକ ମନୋରଞ୍ଜନ ଦ୍ୟାନ ସମାନ୍ତରା ବିଜେପି କର୍ମୀଙ୍କ ଉପରେ ଏପରି ଆକ୍ରମଣକୁ କଦାପି ସହ୍ୟ କରାଯିବନାହିଁ ବୋଲି କହିଛନ୍ତି। ଏଥିସହ ଏହି ଆକ୍ରମଣ ଘଟଣାରେ ତୁରନ୍ତ ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ପଦକ୍ଷେପ ନେଇ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ

**ପଟ୍ଟାମୁଣ୍ଡାଇ,୫।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ ଗୃହରେ ପାଳିତ ହୋଇଯାଇଛି । ଉପଲକ୍ଷେ ଆୟୋଜିତ ମନୋଜ୍ଞ ଉତ୍ସବରେ କୋର୍ଟର ଅତିରିକ୍ତ ଜଜ ବିଦ୍ୟାଧର ପୃଷ୍ଟି ପୌରହିତ୍ୟ କରି ବରିଷ୍ଠ ନାଗରିକ ମାନେ ସମାଜର ପଥପ୍ରଦର୍ଶକ ହୋଇଥିବାରୁ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ ନକଲେ ସାମାଜିକ ବ୍ୟବସ୍ଥା ଭୁଷୁଡ଼ି ପଡିବ ବୋଲି ମତ ପ୍ରକାଶ କରି ସବୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ କୋର୍ଟ ଜେ ଏମଏଫସିଡିକେ ବାଲକ୍ରିଷ୍ଣନ ଯୋଗ ଦେଇ ସମାଜ ରେ ଅବହେଳିତ ହେଉଥିବା ବୃଦ୍ଧ ପିତା ମାତା ଓ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ପାଇଁ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

# ଜିଲ୍ଲାପାଳ ଓ ପୌରାଧ୍ୟକ୍ଷାଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା,୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ପୌରଧ୍ୟକ୍ଷା ସରିତା ସାହୁ ପୁରୁଣା ବସଷ୍ଟାଣ୍ଡ, ମାଛ ମାର୍କେଟ ଏବଂ ଆଖପାଖ ପୌରାଞ୍ଚଳରେ ସଫେଇ କରିଥିଲେ। ଏଥି ସହିତ ପରିବା ଦୋକାନୀ, ଫଳ ଦୋକାନୀ ଓ ଉଠା ଦୋକାନୀ ମାନଙ୍କୁ ପ୍ଲାଷ୍ଟିକ ପ୍ରଦାନ କରି ଅଳିଆ, ଆବର୍ଜନା ଗୁଡିକୁ ପ୍ଲାଷ୍ଟିକ ଭିତରେ ପୁରାଇ ସ୍ୱଚ୍ଛ କର୍ମଚାରୀଙ୍କୁ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କାଉନସିଲର ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା, ସୁକୁମାର ଚାନ୍ଦ, ସ୍ୱାଧୀନ ନାୟକଙ୍କ ସହିତ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ ତାର ଲାଗି ଜଣେ ମୃତ

**ଫୁଲବାଣୀ,୪।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଡଙ୍ଗିସାହି ମୁଢ଼ି ଫ୍ୟାକ୍ଟ୍ରିରେ ବିଦ୍ୟୁତ ତାର ଲାଗି ଜଣେ ମୃତ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ଦେହେଙ୍ଗି ସାହିର ଶ୍ରୀରାମ ଦେହୁରୀ ବୟସ ୩୮ ବର୍ଷ ସୂଚନା ଅନୁଯାୟୀ ଖଜୁରୀ ପଡ଼ା ଡଙ୍ଗିସାହି ନିଜସ୍ୱ ମୁଢ଼ି ଫ୍ୟାକ୍ଟ୍ରି ରେ କାମ କରୁଥିବା ସମୟରେ ଅସାବଧାନତା ଯୋଗୁଁ ସୋର୍ଟ ସର୍କିଟରେ ବିଦ୍ୟୁତ ତାର ଲାଗି ଯୁବକ ଜଣକ ଗୁରୁତର ଅବସ୍ଥା ରେ ପଡ଼ିରହିଥିଲା ଏହି ସମୟରେ ନିଜ ସ୍ତ୍ରୀ ତାକୁ ଦେଖିବାପରେ ପରିବାର ଲୋକେ ପ୍ରଥମେ ଖଜୁରୀ ପଡ଼ା ଡାକ୍ତରଖାନା କୁ ନେଇଥିଲେ। ସେଠାରେ ଶ୍ରୀରାମ କୁ ଡାକ୍ତର ମୃତ ଘୋଷଣା କରିଥିଲା ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣା ର ତଦନ୍ତ କରି ଏକ ଅପମୃତ କେଶ୍ ନମ୍ବର୍ ୧୪/୨୫ ମାମଲା ରୁଜ୍ଜୁ କରି ଥିବା ଜଣାପଡିଛି। ଶବ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲକୁ ପଠାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର କୁ ହସ୍ତାନ୍ତର କରିଥିବା ଥାନା ଏ ଅସ୍ ଆଇ ନୀମାଇପୁରୀ ସୁଚନା ଦେଇଛନ୍ତି।

# କାଞ୍ଚି ଅଭିଯାନ ପୂଜା ମଣ୍ଡପରେ କୃତି ପ୍ରତିଯୋଗୀ ସମ୍ବର୍ଦ୍ଧିତ

**ନିଶ୍ଚିନ୍ତକୋଇଲି,୫।୧୦(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଗୋପପୁର ପଣ୍ଡା ମାର୍କେଟରେ ଦଶହରା ଉପଲକ୍ଷେ କାଞ୍ଚି ଅଭିଯାନ ପୂଜା ମଣ୍ଡପରେ ପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର କାଳ ଧଳା ଘୋଡାରେ କାଞ୍ଚି ଅଭିଜାନରେ ଯାଉଥିବା ସହ ଦହିହାଣ୍ଡି ଧରି ଗଉଡୁଣୀର ମୁଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ପୂଜା ମଣ୍ଡପଟି ଆକର୍ଷଣୀୟ ସାଜସଜା ହୋଇଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ବେଳେ ଗୋପପୁର ପଣସପଡ଼ିଆସ୍ଥ ଓଁକାରନାଥ ନୃତ୍ୟ ସଂଗୀତ ବିଦ୍ୟାଳୟର କଳାକାରଙ୍କ ଦ୍ୱାରା ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ହୋଇଥିଲା। ମଣ୍ଡପର ସଭାପତି ସୁରେନ୍ଦ୍ର ନାଥ ସାଥୁଆଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ କୃତି ପାତିଯୋଗୀ ତଥା କୁନି ନୃତ୍ୟଶିଳ୍ପୀ ମନୋସ୍ୱିନୀ କାପଙ୍କ ସହ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

**ଡେରାବିଶ,୫।୧୦(ସଂଚାର ବ୍ୟୁରୋ):** ଏଆରସିଏସ୍‌ଙ୍କ ଅସହଯୋଗ ପାଇଁ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା, ଗୁରୁଜଙ୍ଗା ଓ ଛୋଟି ସମବାୟ ସମିତି କାର୍ଯ୍ୟକ୍ଷମ ନ ହେବା ଓ ଚାଷୀ ସେବା ନ ପାଇବା ପ୍ରତିବାଦରେ ଅଞ୍ଚଳର ଚାଷୀ ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଂଘର ସମ୍ପାଦକ କୃତିବାସ ଦାସ ଶରତ ମଲିକ, ରାଧାଶ୍ୟାମ ଦାସ, ଶଶାଙ୍କ ଶେଖର ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଜିଲ୍ଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ଧାରଣାରତ ଚାଷୀ ଦାବି କରିଛନ୍ତି ଯେ, ଡେରାବିଶ ବ୍ଲକ



୨୦୨୩ରେ ଗଠନ ହୋଇଥିବା ଚାଟରାଚକଡ଼ା, କୁରୁଜଙ୍ଗା, ଛୋଟି ସମବାୟ ସମିତିକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇ ଏ ଅଞ୍ଚଳରଚାଷୀଙ୍କୁରଣ, ସାର, ବିହନ, ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ଚାଷୀ ଓ ଜନସାଧାରଣଙ୍କୁ ଯୋଗକୁ ଦିଆଗଲା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଚିଠି ଅନୁଯାୟ ମୂଳ ସମିତିରୁ ସୁରତ ନୂତନ ସମିତିକୁ ଆସେସ୍ ଓ ଲିଆବିଲିଟିକୁ ହସ୍ତାନ୍ତର କରାଯାଉ।

# ମେଢ଼ ଦର୍ଶନ କଲେ ପାଟକୁରା ବିଧାୟକ

**ଡେରାବିଶ,୫।୧୦(ସଂଚାର ବ୍ୟୁରୋ):** ପବିତ୍ର ଦଶହରା ଅବସରରେ ଡେରାବିଶ ବ୍ଲକ ଅଞ୍ଚଳରେ ପୂଜା ପାଉଥିବା ମା'ଙ୍କ ମଣ୍ଡପକୁ ଗୁରୁବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପରିଦର୍ଶନ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର ହରିଅଙ୍କ ଭୋଳହାଟ ସ୍ଥିତ ମଣ୍ଡପ ପରିଦର୍ଶନ କରିବା ପରେ ଖରିଦାସାହି, ଜୟ ଭାରତୀ ସାଥୀ ସମାଜ, ଛଚିଣା, ତିଲଙ୍ଗ, ଏଣ୍ଡର, ହଳଦିଆ ପାଟଣା, କୁଅଁରପୁର ଓ କୁଶିଆପାଳ ଦୁର୍ଗାପୂଜା ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସରୋଜ ନାୟକ, ଜୟନ୍ତ କୁମାର ଶତପଥି, ଧୀରେନ୍ଦ୍ର ଜେନା ଓ ମମତାମୟୀ ସାମଲଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ଯୁବ ଆଇନଜୀବୀଙ୍କ ପକ୍ଷରୁ ଗାନ୍ଧି ଜୟନ୍ତୀ ପାଳିତ



**ଯାଜପୁର,୪।୧୦(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଯାଜପୁର ଯୁବ ଆଇନଜୀବୀମାନଙ୍କ ପକ୍ଷରୁ ସହରର ଗାନ୍ଧୀ ଛକ ନିକଟରେ ଥିବା ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମର ସଂଯୋଜନା ଯୁବ ଆଇନଜୀବୀ ସଂଗଠନର ସଦସ୍ୟା ଲିପ୍ସିତା ରାଉତରାୟଙ୍କ ନେତୃତ୍ୱରେ କରାଯାଇଥିଲା। ଏହି ଅବସରରେ ଆଇନଜୀବୀ ମାନସ ତ୍ରିପାଠୀ, ହୃଦାନନ୍ଦ ଦଳାଇ, ତପସ୍ୱିନୀ ପ୍ରିୟଦର୍ଶିନୀ, ବର୍ଷା ମହାନ୍ତି, ଜଗମୋହନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।ସେ କହିଲେ ଯେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ଓ ସମାନତାର ଆଦର୍ଶ ଆଜିର ସମାଜରେ ଅତ୍ୟନ୍ତ ପ୍ରସଙ୍ଗିକ। ଏହି ଅବସରରେ ସଭ୍ୟମାନେ ଉପଦେଷ୍ଟା ସଲିମ୍ ଅଲ୍ଲିଖାଁ ଙ୍କ ସହ ମିଶି ଗାନ୍ଧିଙ୍କ ସ୍ମୃତି ଚାରଣ କରି, ତାଙ୍କର ଜୀବନଦର୍ଶନକୁ ଅନୁସରଣ କରିବାକୁ ସଙ୍କଳ୍ପ ନେଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶପ୍ରେମ ଓ ସାମାଜିକ ସମନ୍ୱୟର ସନ୍ଦେଶ ପ୍ରସାରିତ ହୋଇଥିଲା।

# ବୃଦ୍ଧ ପିତାଙ୍କୁ ଠେଙ୍ଗାରେ ଆକ୍ରମଣ



**ସାଲେପୁର,୫।୧୦(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ରାମକୃଷ୍ଣପୁର ଗ୍ରାମପଞ୍ଚାୟତର ଏଲମାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ରବିବାର ଦିନ ଘଟିଛି। ଏଲମାପୁର ଗ୍ରାମର ଜଣେ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ତା'ର ନିଜ ପିତାଙ୍କୁ ଆକ୍ରମଣ କରିବା ଫଳରେ ବୃଦ୍ଧ ପିତା ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଏଲମାପୁର ଗ୍ରାମର କୈଳାସ ଚନ୍ଦ୍ର ବେହେରା (୭୦) ଙ୍କୁ ରବିବାର ଦିନ ସନ୍ଧ୍ୟାରେ ତାଙ୍କ ପୁତ୍ର ବିଶ୍ୱରଞ୍ଜନ ବେହେରା ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କର ପତ୍ନୀ ଓ ପିଲାମାନଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣାରେ ବିଶ୍ୱରଞ୍ଜନର ପିତା କୈଳାସ ପୁତ୍ରକୁ ବାରଣ କରିବାରୁ ବିଶ୍ୱ ରଞ୍ଜନ ନିଶାଗ୍ରସ୍ତ ଅବସ୍ଥାରେ ତା'ର ବାପାକୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବାରୁ କୈଳାସ ଜୀବନ ବଞ୍ଚାଇବାପାଇଁ ଦୌଡ଼ି ଦୌଡ଼ି ନିକଟସ୍ଥ ଜପକୁଦ ଫାଣ୍ଡିରେ ପହଞ୍ଚିଥିଲେ। ଫାଣ୍ଡି ପକ୍ଷରୁ ସଂଗେ ସଂଗେ ୧୧୨କୁ ଫୋନ୍ କଲାପରେ ସେଠାରୁ ପୁଲିସ ଗାଡ଼ି ତାକୁ ଆଣି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାଯାଇଛି। ଏବେ ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧଜଣକ ଚିକିତ୍ସିତ ହେଉଥିବାବେଳେ ପୁଲିସ ଏହି ଘଟଣାରେ ଅଦ୍ୟାବଧି କାହାକୁ ଗିରଫ କରିନଥିବା ଜଣାଯାଇଛି।

# ବରିଷ୍ଠ ନାଗରିକ ଦିବସ

**ରାଜନଗର,୫।୧୦(ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଛିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କ ପୋରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୭୦ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ବୋଇତ ବନ୍ଦାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ



**କେନ୍ଦ୍ରାପଡ଼ା,୫।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ବୋଇତ ବନ୍ଦାଣ ସମିତି, କେନ୍ଦ୍ରାପଡାର କାର୍ଯ୍ୟକାରୀ କମିଟି ବୈଠକ ଗୋପସ୍ଥିତ ଜାଭିଅର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସ୍ଥାୟୀ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ୨୦୨୪ର କର୍ମକର୍ତ୍ତାମାନଙ୍କୁ ଚଳିତ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ନୂତନ ସଦସ୍ୟ ଭାବେ ଡ. ଚୈତନ୍ୟ ଚରଣ ପରିଡା, ନିରଞ୍ଜନ ବେହେରା, ଅବଧୂତ ରାଉତ, ପ୍ରତିମା ପ୍ରଧାନ ଓ ଶୈଳବାଳା ସାମଲ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆସନ୍ତା ୨୧ରେ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏହାକୁ ସଫଳ କରିବା ପାଇଁ ରବିନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିରେ ମୁକ୍ତାର ଖାଁ, ହିମାଂଶୁ ଦାସ, ପ୍ରତିମା ପ୍ରଧାନ ଓ ଭାଗିରଥୀ ଜେନା ରହିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ଜଜାଙ୍ଗ ଆଦର୍ଶ ପୋଖରୀରେ ମଧ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ। ଏହାକୁ ସରୋଜ କୁମାର ସାହୁ, ଲୋହିତ କୁମାର ମହାନ୍ତି, ଗାୟତ୍ରୀ ମହାନ୍ତି, ରାଜେନ୍ଦ୍ର ମହାପାତ୍ର, ମନୋରଞ୍ଜନ ତ୍ରିପାଠୀ ଓ ଶ୍ରୀଧର ମହାନ୍ତି ପରିଚାଳନା କରିବେ। ବୈଠକରେ ଅନ୍ୟମାନଙ୍କ ମଧରେ ପ୍ରଫୁଲ୍ଲ କୁମାର ଦାସ, ଶରତଚନ୍ଦ୍ର ଧଳ, ରଣଧୀର ଜେନା, ବଂଶୀଧର ମହାନ୍ତି, ଗଜେନ୍ଦ୍ର ଚନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ପାତ୍ର, ଅମରେଶ ରଥ, ଅବନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଜ୍ରପାତରେ ୫ ଗୁରୁତର

● ସରଞ୍ଜାମ ଭାଙ୍ଗି ରୁଜି ନଷ୍ଟ

**କାକଟପୁର /ଅସ୍ତରଙ୍ଗ,୪।୧୦(ସଂଚାର ବ୍ୟୁରୋ):** ବଜ୍ରପାତ ସାଜିଲା କାଳ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ରଘୁନାଥପୁର ଗ୍ରାମରେ ରବିବାର ପୂର୍ବାହ୍ନ ୯ଘ ୩୦ମିନିଟ ସମୟରେ ବଜ୍ରପାତ ପଡ଼ି ୫ରୁ ଉର୍ଦ୍ଧ୍ୱ ଆହତ। ଖବର ମୁତାବକ ରବିବାର ସକାଳୁ ଅସ୍ତରଙ୍ଗ ଅଞ୍ଚଳ ରେ ଘଡ ଘଡି ସହ ବର୍ଷା ଜାରି ରହିଥିବା ବେଳେ ସକାଳ ୯ଟାରୁ ୯ଘ ୩୦ମିନିଟ ସମୟ ମଧ୍ୟରେ ରଘୁନାଥପୁର ଗ୍ରାମର ଜଗବନ୍ଧୁ ମହାନ୍ତି ଘର ନିକଟରେ ଥିବା ନଡ଼ିଆ ଗଛରେ ବଜ୍ରପାତ ପଡ଼ିଥିଲା। ଯାହାର ପ୍ରଭାବ ଏତେ ପ୍ରଚଣ୍ଡ ଓ ପ୍ରଖର ଥିଲା ନିକଟରେ ଥିବା ଏକ ଘରକୁ ଆଘାତ ପ୍ରାପ୍ତ ଫଳରେ ଘରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ସହ ବିଦ୍ୟୁତ ସଟ ସର୍କିଟ ହୋଇ ସରଞ୍ଜାମ ବିଚ୍ଛିନ୍ନ ହୋଇଥିଲା। ଏହା ପ୍ରଭାବ ରେ ଘରେ ଭିତରେ ଥିବା କିଛି ବ୍ୟକ୍ତି ବିଶେଷ ଗୁରୁତର ଆହତ ହୋଇଛନ୍ତି।

# ନିଶାଖୋର ପୁଅ ଅତ୍ୟାଚାର ଅସହ୍ୟ, ଥାନାରେ ପହଞ୍ଚିଲେ ବାପା-ମା'

**ସାଲେପୁର,୫।୧୦(ସଂଚାର ବ୍ୟୁରୋ):** ନିଶାଖୋର ପୁଅର ଅତ୍ୟାଚାର ସହିନପାରି ଶେଷରେ ଗ୍ରାମବାସୀମାନଙ୍କ ସହ ମିଶି ବୃଦ୍ଧ ପିତାମାତା ସାଲେପୁର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଅପର ପକ୍ଷରେ ମହଣ ପଞ୍ଚାୟତରେ ଚୋରା ନିଶା କାରବାରକୁ ରୋକିବା ଓ ନିଶାଖୋରମାନଙ୍କୁ ସାବାଡ଼ କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ସରପଞ୍ଚଙ୍କ ନେତୃତ୍ୱରେ ଏକ ଗ୍ରାମସଭା ଡକାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏହାନେଇ ଚୋରା ନିଶାକାରବାର ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକର ମହଣ ପଞ୍ଚାୟତର ବାସୁଦେବପୁର ଗ୍ରାମର ମହେନ୍ଦ୍ର ଦାସ(୭୦) ଓ ତାଙ୍କ ପତ୍ନୀ ଅରୁଣି ଦାସଙ୍କୁ ତାଙ୍କର କନିଷ୍ଠ ପୁତ୍ର ରଶ୍ମିରଞ୍ଜନ ଦାସ ନିଶାଗ୍ରସ୍ତ ହୋଇ ନିଜ ବୃଦ୍ଧ ପିତାମାତାଙ୍କୁ ବାରମ୍ବାର ଆକ୍ରମଣ କରିଆସୁଥିଲେ। ଏହାନେଇ ଆଜି ରଶ୍ମିରଞ୍ଜନର ପିତାମାତା ଗ୍ରାମବାସୀମାନଙ୍କୁ ଧରି ସାଲେପୁର ଥାନାରେ ପହଞ୍ଚି ଆଇ.ଆଇ.ସି. ଅନିତା ସାହୁଙ୍କୁ ଭେଟି ପୁତ୍ରର ଅତ୍ୟାଚାର ସହିନପାରି ପୁଅ ରଶ୍ମିରଞ୍ଜନ ଦାସକୁ ତୁରନ୍ତ ଗିରଫ କରିବାକୁ ଦାବି କରିବାକୁ ନିବେଦନ କରିଛନ୍ତି। ବାପା ମା' ଅଭିଯୋଗ କରିଛନ୍ତି ଯେ ତାଙ୍କର ସାନପୁଅ ରଶ୍ମିରଞ୍ଜନ ବିଭିନ୍ନ ଯୁବକଙ୍କ ସହ ମିଶି ପ୍ରତିଦିନ ରାତିରେ ବ୍ରାଉନସୁଗାର ଠାରୁ ଆରମ୍ଭ କରି ବିଭିନ୍ନ ନିଶାଦ୍ରବ୍ୟ ସେବନ କରି ଘରକୁ ଆସି ଆମକୁ ମାରଧର କରୁଅଛି।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

## ଫୁଟିବନି ବାଣ କି ବାଜିବନି ଡିଜେ ଓ ଭାଇବ୍ରେଟର



**ମାର୍ଶାଘାଇ,୫।୧୦(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଏବଂ ଭଷାଣି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ମାର୍ଶାଘାଇ ରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପୂଜାକୁ ଶୃଙ୍ଖଳିତ ସହିତ ପାଳନ କରିବା ସହିତ ଭଷାଣି ଉତ୍ସବରେ ଡିଜେ ନ ବଜାଇବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଭାଇବ୍ରେଟ ସାଉଣ୍ଡ ଏବଂ ବାଣ ଫୁଟାଇବାକୁ ମଧ୍ୟ ବାରଣ କରାଯାଇଛି ।

ପୂଜା କମିଟିର ସଦସ୍ୟ ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରିଲେ ସମ୍ପୃକ୍ତ କମିଟିର ସଭାପତି ଏବଂ ସମ୍ପାଦକ ଦାୟୀ ରହିବେ । ମଦୁଆଙ୍କୁ ସାବାଡ଼ କରିବା ପାଇଁ ପୂଜା କମିଟି ଏବଂ ପୋଲିସ ମଧ୍ୟରେ ସମନ୍ୱୟ ରଖାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ମାର୍ଶାଘାଇ ଥାନା ଆଇଆଇସି ତପନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଥାନାପତି ପୂଜା କମିଟି ର ସମ୍ପାଦକ ଅମରେନ୍ଦ୍ର ବେହେରା, ଲକଛକ ପୂଜା କମିଟିର ସୁଧୀର କୁମାର ପତି, ହାଟ ଲକ୍ଷ୍ମୀ ମେଢ଼ର ପ୍ରଶାନ୍ତ କୁମାର ବେହେରା, ବାସୁଦେବ ରଥ, ଜୁଣ କମିଟିର ଚନ୍ଦ୍ରମଣି ଖଟୁଆ, ବନମାଳୀ ଛକର ରାଜକୁମାର ବେହେରା, ରଞ୍ଜନ କୁମାର ସେଠୀ, ହନୁମାନ ପୂଜା କମିଟିର ସୌମ୍ୟରଞ୍ଜନ ସାହୁ, ଅରୁଣ କୁମାର ପ୍ରଧାନ, କଣକଖୋଟି ପୂଜାକମିଟିର ସତ୍ୟରଞ୍ଜନ ରଥ,ସଂଗ୍ରାମ କେଶରୀ ଲେଙ୍କା ପ୍ରମୁଖ ପୂଜା କମିଟି ସଦସ୍ୟ ସାମିଲ ହୋଇଥିଲେ। ସବ ଇନିସ୍ପେକ୍ଟର ନାରାୟଣ ସାହୁ ଏବଂ ପ୍ରବୀଣ କାନ୍ଦୁଲାନା ଉପସ୍ଥିତ ଥିଲେ ।

● ବାପାଙ୍କୁ ଫୋନ୍ ଯୋଗେ ମେସେଜ ଦେଇ ପୁଅ ନିଖୋଜ

# ପୋଲ ଉପରେ ପଡ଼ିଛି ଚପଲ, ନଦୀକୁ ଡେଇଁପଡ଼ିଥିବା ସନ୍ଦେହ





**ମହାକାଳପଡ଼ା,୫।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ତଥା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତ ଆଶ୍ରମ ବାଲିକୁଦା ଗ୍ରାମର ରଶ୍ମିରଞ୍ଜନ ରାଉତଙ୍କ ସାନପୁଅ ପ୍ରିତିରଞ୍ଜନ ଓରଫ୍ ଲିଙ୍କୁ ଶନିବାର ବିଳମ୍ବିତ ରାତିରୁ କେଉଁ ଆଡେ ଘରୁ ଚାଲିଯାଇଥିବା ନେଇ ମାର୍ଶାଘାଇ ଥାନାରେ ବାପା ରଶ୍ମିରଞ୍ଜନ ଅଭିଯୋଗ କରିଛନ୍ତି। ଏପରି ମେସେଜ ସହ ଘରଠାରୁ ଅଳ୍ପ କିଛି ମିଟର ଦୂରର ଦଶମୌଜି ପୋଲ ଉପରେ ଲିଙ୍କୁଙ୍କ ଚପଲ ରହିଥିବାରୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସକାଳଠାରୁ ମାର୍ଶାଘାଇ ଅଗ୍ନିଶମ ବାହିନୀ ଓ ମହାକାଳପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନଦୀ ମଧରେ ଖୋଜାଖୋଜି କରୁଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ଲିଙ୍କୁଙ୍କର କୌଣସି ପତ୍ତା ମିଳିପାରିନାହିଁ। ଏନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଇରନ୍ ଟ୍ରକ୍ ସହ ପିଟି ହେଲା ବାଇକ୍, ଆରୋହୀ ମୃତ

**ବାସୁଦେବପୁର,୨।୧୦(ସଂଚାର ବ୍ୟୁରୋ):** ବାସୁଦେବପୁର ବରଣ୍ଡୁଆ ପଞ୍ଚାୟତ ଚନ୍ଦନପୁର ଗାଁରେ ଘଟିଛି ବଡ଼ ଅଘଟଣ। ରବୀନ୍ଦ୍ର ସାହୁ (୪୨) ନାମକ ଜଣେ ବ୍ୟକ୍ତିଙ୍କ ବୁଧବାର ରାତିରେ ଏକ ଆଇରନ ଟ୍ରକ ଧକ୍କାରେ ମୃତ୍ୟୁ ବରଣ କରିଛନ୍ତି। ରବୀନ୍ଦ୍ର ଜାମଝାଡିରୁ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଧାମରାରୁ ଆସୁଥିବା ଟ୍ରକ ବାଡଲି ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲା।

# ସିଟି salad

## ରାଜଧାନୀରେ ବାପ ପୁଅ ରାତି ଅନିଦ୍ରା



କମିଶନରେଟ ପୁଲିସର ଏବେ ବାପ ପୁଅ ରାତି ଅନିଦ୍ରା ଅବସ୍ଥା। ପୁଲିସ୍ କମିଶନରଙ୍କ ଠାରୁ ଆରମ୍ଭ କରି ବଡ ଓ ସାନ ବାବୁମାନେ ଭୁବନେଶ୍ୱରରେ ଦଶହରାକୁ ବାଡି ପକାଇ ଜଗିଥିଲେ। ହେଲେ ମୁଗୁରା ପଛ ମେଲା ଭଳି ଚୋରମାନେ ହାତ ସଫା କରିଦେଲେ। ଦଶହରା ପୂର୍ବରୁ ଘନ ଘନ ବୈଠକ ସହିତ ପ୍ରସ୍ତୁତି ପର୍ବର ବିସ୍ତୃତ ଖବର ପ୍ରକାଶ ପାଇଲା। ଲୋକେ ଖବର ପଢି ଆଶ୍ୱସ୍ତ ହେଲେ ଯେ ଏଥର ଟିକେ ଶାନ୍ତିରେ ମଣ୍ଡପ ବୁଲିବେ। ବିଶେଷକରି ମହିଳାମାନେ ଖୁସି ହୋଇଥିଲେ। ହେଲେ ରାବଣପୋଡି ଦିନ ବହୁ ମହିଳାଙ୍କ ମନ ପୋଡି ଯାଇଛି। କାହାର ବେକରୁ ଚେନ୍ ପଳାଇଛି ତ ଆଉ କାହାର ମୋବାଇଲ। କିଛି ମହିଳା ଭ୍ୟାନିଟ୍ ହରାଇ ଖାଲି ହାତରେ ଫେରିଛନ୍ତି। ଅନେକ ବାବୁଙ୍କର ଦୁଇ ଚକିଆ ବି ଗାଏବ ହୋଇଯାଇଛି। ଏଥର ଚୋରମାନେ ଯେଭଳି ହାତ ସଫା କରିଛନ୍ତି ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ମାଳ ମାଳ ପୁଲିସ୍ ସହିତ ସିସିଟିଭି, ଡ୍ରୋନ ବ୍ୟବସ୍ଥା ସବୁକିଛି ଫେଲ୍ ମାରିଲା। ଏବେ କିଛି ଖାକି ବାବୁ କହୁଛନ୍ତି ଯେ ଶୁଭମିତ୍ରା ଘଟଣାରେ କମିଶନରେଟ ପୁଲିସ୍ ଯେଉଁ ବଦନାମ ମୁଣ୍ଡାଇଥିଲା ଶାନ୍ତି ଶୃଙ୍ଖଳା ଦଶହରାରେ ତାହାକୁ ମେକପ୍ କରିବାକୁ ବାବୁମାନେ ଆଶା ବାନ୍ଧିଥିଲେ। ହେଲେ ଚୋରମାନେ ତାହା କରାଇ ଦେଲେ ନାହିଁ। ଏବେ ଥାନା ବାବୁମାନଙ୍କର ଏଫ୍ଆଇଆର ରଖି ରଖି ବେଳ ଯାଉଛି। ଜିନିଷ ଫେରି ପାଇବା ଆଶାରେ ବି ଲୋକେ ଥାନାକୁ ଦଉଡିବାରେ ଲାଗିଛନ୍ତି। ତେବେ ଦଶହରାରେ ହଲାପଟା ହୋଇଥିବା କିଛି ଖାକିବାବୁଙ୍କ ମତ ହେଲା ବଡ ବଡିଆଙ୍କ ଦଶହରା ବୁଲାପାଇଁ ଏଭଳି ହେଲା। ସେମାନଙ୍କ ସୁରକ୍ଷାରେ ଯେତିକି ପୁଲିସ୍ ଲାଗିଲେ, ସେତିକି ଯଦି ଚୋରଙ୍କୁ ଜଗିଥାନ୍ତେ, ତେବେ ଏତେବଡ ଅଘଟଣ ଘଟିନଥାନ୍ତା। ତାଙ୍କ କଥାରେ ବି ଦମ୍ ଥିଲା ଭଳିଆ ଲାଗିଲା।

## କିଏ ଏହି ଦାନବୀର ?




ବାଣୀବିହାର ଛକରେ ଜଣେ ଦାନବୀରଙ୍କୁ ନେଇ ଚର୍ଚ୍ଚା। ଅବଶ୍ୟ ଏହା ବାଣିବିହାର ସହ ଜଡିତ କୌଣସି ପ୍ରସଙ୍ଗକୁ ନେଇ ନୁହେଁ। ନିକଟରେ ଥିବା ଶନି ମନ୍ଦିର ଆଗରେ ମୁକ୍ତ ହସ୍ତରେ ଗାନ୍ଧୀ ମୁଣ୍ଡ ଦାନ କରୁଥିବା ଏହି ଦାନବୀରଙ୍କୁ ନେଇ। ଏହି ଦାନବୀର ଜଣଙ୍କ ବଡ ଗାଡିରେ ଆସି ଭିକାରୀମାନଙ୍କୁ ଖାଲି ପାଞ୍ଚଶହ ଟଙ୍କିଆ ବାଣ୍ଟୁଛନ୍ତି। ଆଖପାଖରେ ଥିବା ଲୋକେ କିଭଳି ଏହା ଦେଖିବେ ସେଥିପାଇଁ ଗଣି ଗଣି ଟଙ୍କା ଦେଉଥିବାବେଳେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ନିକଟରେ ଦାନବୀର ଜଣଙ୍କ ଏଭଳି ଟଙ୍କା ବାଣ୍ଟୁଥିବା ବେଳେ ଅନେକ ତାଙ୍କର ଦାନକାର୍ଯ୍ୟ ଓ ରୋଜଗାରକୁ ନେଇ ଆଲୋଚନା କରୁଥିଲେ। ଆଲୋଚନା ଅନୁଯାୟୀ ବାବୁ ଜଣଙ୍କ ଅତ୍ୟନ୍ତ ଦୟାବାନ। ସେଥିପାଇଁ ବାବୁଙ୍କ ନାମ କୁଆଡେ ଦୟାନିଧି। ଘର ଉପକୂଳ ଜିଲ୍ଲାରେ। ବାବୁ ଖଣି ବ୍ୟବସାୟ ସହ ଜଡିତ। ତେବେ ଏହି ଟଙ୍କା ବାଣ୍ଟିବାର କାରଣଟି କିନ୍ତୁ ଭିନ୍ନ। ବାବୁ କୁଆଡେ ମାନସିକ କରିଥିଲେ ତାଙ୍କର ବନ୍ଧୁ ଗୋଟିଏ ଜାତୀୟ ରାଜନୈତିକ ଦଳର ମୁଖ୍ୟ ହୁଅନ୍ତୁ। ବାବୁ ଜଣଙ୍କ ମୁଖିଆ ପଦରେ ବସିବାପରେ ମାନସିକଧାରୀ ଦାନବୀର ଟଙ୍କା ବାଣ୍ଟି ମନସ୍କାମନା ପୂରଣ କରିଛନ୍ତି। ଆଗକୁ ତାଙ୍କର ଖଣି କାରବାର ବେଶ୍ ଭଲ ଚାଲିବ ବୋଲି ଆଶା ରଖିଛନ୍ତି। ତେବେ ବାବୁଙ୍କ ବିଷୟରେ ଅଧିକ କେହି କିଛି ଜାଣି ନଥିବାରୁ ଆଉ କେତେବେଳେ ଆସି ଏଭଳି ଦୟାବନ୍ତ ଅବତାର ଧରିବେ ତାହାକୁ ଚାତକ ଭଳି ଚାହିଁ ରହିଛନ୍ତି।

## କୃଷି ବିଭାଗକୁ ଜଗନ୍ନାଥ ଭରସା




କୃଷି ବିଭାଗକୁ ଏବେ ଜଗନ୍ନାଥ ଭରସା। ପ୍ରଭୁ ଟିକେ କୃପା ନକଲେ ଏ ବିଭାଗଟି ଶୀଘ୍ର ବଦନାମ ହୋଇଯିବ। ସଚିବାଳୟ କରିଡରରେ ଏଭଳି ଆଲୋଚନା ଶୁଣି ଆମେ ଟିକେ ଅଟକିଲୁ। ଏଠିତ କୃଷି ବିଭାଗ ନାହିଁ। ଏ ଆଲୋଚନା କାହିଁକି ? ଜଣେ ବାବୁଙ୍କୁ ପଚାରିବାରୁ ସିଏ କହିଲେ, ସିଏ କୃଷି ବିଭାଗର ଲୋକ। କାମ ଥିବାରୁ ଆସିଛନ୍ତି। ହେଲେ ଜଗନ୍ନାଥଙ୍କ କୃପା କଥା ପଚାରିବାରୁ ବାବୁ ଜଣଙ୍କ ଟିକେ ଏପଟ ସେପଟ ଅନେଇ କହିଲେ, ଏ ବିଭାଗର ସଚିବ ଏବେ ଜଗନ୍ନାଥଙ୍କ କାମରେ ବ୍ୟସ୍ତ। ଘନ ଘନ ପୁରୀ ଗସ୍ତରେ ଯାଉଛନ୍ତି। ବଡ ବଡିଆଙ୍କ ପାଇଁ ଦଉଡିବାକୁ ପଡୁଛି। ସେଠି ଝାମେଲା ଅଧିକ। ସେହି ମଉକାରେ ବିଭାଗର ବହୁ କର୍ମଚାରୀ ଆଉ ଚଉକିରେ ବସୁ ନାହାନ୍ତି। ଦିନ ସାରା ଚଉକି ଫାଙ୍କା। ଏମାନଙ୍କୁ ଜଗିବାପାଇଁ ପାଢୀ ବାବୁ ସିନା ଟିପ ଚିହ୍ନ ମେସିନ ଓ ସିସି ଟିଭି ଲଗାଇଛନ୍ତି, ହେଲେ ସଚିବ ଡାଳେ ଡାଳେ ଗଲେ କର୍ମଚାରୀ ପତ୍ରେ ପତ୍ରେ ଯାଉଛନ୍ତି। ଅଫିସ୍ ସମୟ ପୂର୍ବରୁ ଆସି କିଛି କର୍ମଚାରୀ ଆସି ଟିପ ଦେଇ ଫେରାର ମାରୁଛନ୍ତି। କିଏ ଘରକୁ ପଳାଉଛି ତ ଆଉ କିଏ ଅଫିସ ନିକଟରେ ଗୁଲିଖଟି କରୁଛି। ସେହିଭଳି ସିସି ଟିଭି ନଜରରୁ ବଞ୍ଚିବାପାଇଁ ଏମାନେ ବି ଭଲ ଉପାୟଟିଏ କରିଛନ୍ତି। ଅଣ୍ଡରଗ୍ରାଉଣ୍ଡ ପାର୍କିଂ ବାଟ ଦେଇ ଖସୁଛନ୍ତି। ତେଣୁ ସହଜରେ କ୍ୟାମେରା ନଜରରେ ଆସୁନାହାନ୍ତି। ଆସିଲେ ବି କିଏ ଦେଖୁଛି ଯେ। ଏହି ରଙ୍ଗିନ୍ ଅଫିସକୁ କେବଳ ଜଗନ୍ନାଥ ଭରସା। ପ୍ରଭୁ କୃପା ନକଲେ ତାଙ୍କରି ପରମ ସେବକ ସଚିବଙ୍କୁ ଏ ବାବୁମାନେ ଯେମିତି ଚିତା କାଟୁଛନ୍ତି ବିଭାଗକୁ ବଦନାମ ହେବାକୁ ବେଶି ସମୟ ଲାଗିବ ନାହିଁ।

## ଅନାମଙ୍କ ନାମ ଦେଲା କିଏ ?



ବିଜେଡିରୁ ନିଲମ୍ବିତ ନେତ୍ରୀ ଶ୍ରମୟୀଙ୍କ ଗଳ୍ପକୁ ନେଇ ଏବେ ଚର୍ଚ୍ଚା। ବହୁମୁଖୀ ପ୍ରତିଭାର ଅଧିକାରିଣୀ ଏହି ନାରୀନେତ୍ରୀ ଜଣଙ୍କ ଭଲ ଗୀତ ଗାଇବା ସହିତ ଗୀତ ମଧ ଲେଖନ୍ତି। ହେଲେ ତାଙ୍କର ଗଳ୍ପ ଲେଖିବାର କଳାକୁ ଅନେକ ଜାଣିନଥିଲେ। ବିଜେଡିରୁ ନିଲମ୍ବନ ହେଲାପରେ ଏବେ 'ଅନାମ ବାବୁଙ୍କ କାହାଣୀ' ନାମରେ ଛୋଟ ଗପଟିଏ ଲେଖିଛନ୍ତି। ଓଡିଶାର ଜନଜୀବନକୁ ନେଇ ଛୋଟ ଲେଖାଟିଏ। ଅନେକ ଦିଗକୁ ଦର୍ଶାଉଛନ୍ତି। ରାଜନେତା ଓ ଗଣମାଧମ ଏଥିରୁ ଭିନ୍ନ ଖିଅ ବାହାର କରୁଥିଲେ ମଧ ସାଧାରଣ ପାଠକମାନେ ଏହାକୁ ପ୍ରଶଂସା କରୁଛନ୍ତି। ହେଲେ କିଛି ନିନ୍ଦୁକ କିନ୍ତୁ ଏହି ଅନାମ କାହାଣୀର ନାମକରଣ କିଏ କଲା ବୋଲି ପ୍ରଶ୍ନ କରିବାରେ ଲାଗିଛନ୍ତି। ସେହିଭଳି କିଛି ପାଠକଙ୍କ ଯୁକ୍ତି ହେଲା ଶ୍ରୀମୟୀଙ୍କ ଗଳ୍ପର ନାମକରଣ ପଛରେ ନିଶ୍ଚିତ ଭାବେ କେହି ଜଣେ ନାମକରା ସାହିତ୍ୟିକ ରହିଛନ୍ତି। ହୁଏତ ତାଙ୍କରି ପ୍ରୋତ୍ସାହନରେ ଶ୍ରୀମୟୀ ଏତେ ଛୋଟ ଲେଖାରେ ଓଡିଶାର ଜନ ଜୀବନ ଓ ସାମାଜିକ ବ୍ୟବସ୍ଥାକୁ ନିଚ୍ଛକ ଭାବେ ଦର୍ଶାଇଛନ୍ତି। ତେବେ ଆଉ କିଛି ପାଠକଙ୍କ କଥା ହେଉଛି କଳାରେ ରୁଚି ରଖୁଥିବା ଶ୍ରମୟୀ ଏଭଳି ଉଚ୍ଚକୋଟୀର ଲେଖା ଲେଖିବାରେ କିଛି ଅସୁବିଧା ନାହିଁ। ବିଜେଡି ସିନା ତାଙ୍କର ବହୁମୁଖୀ ପ୍ରତିଭାକୁ ଚିହ୍ନି ପାରିଲା ନାହିଁ, ପାଠକେ କିନ୍ତୁ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। ରାଜନୀତିରେ ସଫଳ ହୋଇଥିବା ଶ୍ରୀମୟୀ ଆଗାମୀ ଦିନରେ ଓଡିଶା ସାହିତ୍ୟ ଜଗତରେ ନିଶ୍ଚିତ ସଫଳ ହେବେ ବୋଲି ସେମାନେ ଆଶା ରଖିଛନ୍ତି।

## ମହଙ୍ଗା ହେଲା ୱାର୍ଡରଙ୍କ ପୂଜା ବୁଲା



ରାଜ୍ୟର ସବୁଠାରୁ ସୁରକ୍ଷିତ ଜେଲ୍ କୁହାଯାଉଥିବା ଚୌଦ୍ୱାର ଜେଲ୍ ଏବେ ଚର୍ଚ୍ଚାରେ। ଏଠାରେ ଥିବା ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧି ସମସ୍ତଙ୍କ ଆଖିରେ ଧୂଳିଦେଇ ଚମ୍ପଟ ମାରିଛନ୍ତି। ଏମାନେ ଖସିବାପରେ ଏବେ ନାନା କଥା ଆଲୋଚନା ଚାଲିଛି। କିଏ କହୁଛି ଦୁଇ ବିହାରୀ ଅପରାଧି ଜିଭ ଛେଲା ପାଡିଆରେ କାନ୍ଥକୁ କାଟି ପଳାଇଲେ ତ ଆଉ କିଏ କହୁଛି କମ୍ବଳରେ ଦଉଡି ତିଆରି କରି ଖସିଗଲେ। ଜେଲ୍ ବିଭାଗର ବଡ ବାବୁମାନେ ତୁରନ୍ତ ଦୁଇଜଣ ୱାର୍ଡରଙ୍କୁ ନିଲମ୍ବିତ କରିଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କିଛି ୱାର୍ଡରଙ୍କ ପୂଜା ଦେଖା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କୁ ମହଙ୍ଗା ପଡ଼ିଛି। ଦଶହରାରେ ଏମାନେ ଚୁପ୍‌ଚାପ୍ ସପରିବାର ପୂଜା ବୁଲିବାକୁ ଯାଇଥିଲେ। ଜଣେ ଅନ୍ୟକୁ ଦାୟିତ୍ୱ ଦେଇ ଖସିଥିଲେ। ଏହି ଫର୍ମୁଲାରେ ଜେଲ୍ ସୁରକ୍ଷା ପୂରା ଢିଲା ହୋଇଥିଲା। ସବୁବର୍ଷ କୁଆଡେ ଦଶହରାରେ ଏଭଳି ହୁଏ। ବଡ ବାବୁମାନେ ଜାଣିଛନ୍ତି। ହେଲେ ଏଥର ଦୁଇ ବିହାରୀ ସବୁ ଗଡ଼ବଡ କରିଦେଲେ। ୱାର୍ଡରଙ୍କ ପୂଜା ବୁଲାର ଫାଇଦା ଉଠାଇ ଏମାନେ ଖସିଗଲେ। ଧରିବାପାଇଁ ଏବେ ଜୋରଦାର ଅପରେସନ ଚାଲିଛି। ଲେଖାଟି ପ୍ରକାଶ ପାଇଲା ବେଳକୁ ପୁଲିସ୍ ହାତରେ ଜଣେ କି ଦୁଇଜଣ ଧରାପଡ଼ିବେ ବୋଲି ଆଶା କରାଯାଉଛି। ହେଲେ ଏମାନେ ଯେଭଳି ଢଙ୍ଗରେ ଚୌଦ୍ୱାର ଜେଲକୁ ବଦନାମ କରିଦେଲେ ତାହାକୁ ସୁଧାରିବା କଷ୍ଟକର ହୋଇପଡ଼ିବ। କାରଣ ପରାଧିନ ଭାରତର କଳାପାଣି ପରି ଦୁର୍ଦ୍ଦାନ୍ତ ଅପରାଧିଙ୍କ ପାଇଁ ଚୌଦ୍ୱାର ଜେଲ୍। ଅତି ସୁରକ୍ଷିତ ସ୍ଥାନ ହୋଇଥିବାରୁ ରାଜ୍ୟ ସରକାର ଦୁର୍ଦ୍ଦାନ୍ତ ଅପରାଧିମାନଙ୍କୁ ଏଠାକୁ ପଠାଇ ଦିଆଯାଏ। ଏବେ ଦୁଇ ବିହାରୀ ଅପରାଧି ଚମ୍ପଟ ମାରିବାପରେ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ କେଉଁଠି ସୁରକ୍ଷିତ ରଖାଯିବ ତାହା ଚିନ୍ତାର କାରଣ ପାଲଟିଲାଣି।

---

### ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ

# ପ୍ରତି ଗାଁ ଭାଗବତ ଟୁଙ୍ଗିର ହେବ ପୁନରୁଦ୍ଧାର

**ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ):** ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ଆଜି ଭୁବନେଶ୍ୱରର କଟକ ରୋଡ ସ୍ଥିତ ତେରାପନ୍ଥ ଭବନଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ

**ଘରେ ଘରେ ପହଞ୍ଚିବ ଭାଗବତ**



ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗାଁର ଭାଗବତ ଟୁଙ୍ଗିମାନଙ୍କର ପୁନରୁଦ୍ଧାର ଓ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ତାଙ୍କ କହିବା କଥା ଯେ ଆଜିର ସମାଜର ସମସ୍ତ ବିକାଶରେ ଯୁବବର୍ଗ ମୁଖ୍ୟ ଭୂମିକା ନିଭାଇଥାନ୍ତି। ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧ୍ୟମ। ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର ଅମୂଲ୍ୟ ଶିକ୍ଷା ସହ ଜନସାଧାରଣଙ୍କୁ ଭଗବତ କାର୍ଯ୍ୟରେ ସମ୍ପୃକ୍ତ କରେ। ସେ ଦୃଷ୍ଟିରୁ ଏହି ମହୋତ୍ସବ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମଦ ଭାଗବତ ଗ୍ରନ୍ଥର ମହତ୍ତ୍ୱ ୫ଟି ମୂଳତତ୍ତ୍ୱ ଯଥା ଈଶ୍ୱର, ଜୀବ, ପ୍ରକୃତି, କାଳ, ସମୟ ଓ କର୍ମକୁ ନେଇ ଏ ବିଶ୍ୱ ସଂଚାଳିତ। ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ ଭାଗବତ ଶୁଣି ଶେଷ ନିଃଶ୍ୱାସ ତ୍ୟାଗ କରିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କରିଥିଲେ ଯେ ସମସ୍ତେ ପ୍ରତ୍ୟେହ ଭାଗବତ ପାଠ କରିବା ଉଚିତ। କାରଣ ଏହା ଆମ ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବ। ଏହି ପ୍ରକାରର ମହୋତ୍ସବ ସମାଜରେ ଏକତାର ସୂଚକ। ଏହା ଭକ୍ତି, ସମ୍ମାନ, ଓ ମୌଳିକ ମୂଲ୍ୟକୁ ଦୃଢ଼ କରେ। ଏହି ମହୋତ୍ସବର ଅନୁଭୂତି ଓ ଶିକ୍ଷା ଉପସ୍ଥିତ ସୁଧିବୃନ୍ଦଙ୍କ ଜୀବନରେ ନିତିମୂଳକ, ଧର୍ମୀୟ ଓ ସାମାଜିକ ଉନ୍ନତି ଆଣିବାରେ ସାହାଯ୍ୟ କରିବ। ୨୦୧୪ରେ କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ଦେଶରେ ଭାରତୀୟ ସଂସ୍କୃତି, ପରମ୍ପରାର ଏକପ୍ରକାର ଅଭ୍ୟୁଦୟ ହୋଇଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବିକାଶ ଭି, ବିରାଶତ ଭି'ର ନାରା ଦେବା ସହ ଏହି ଭାବକୁ ସ୍ଲୋଗାନ କି ଭାବନାରେ ସୀମାବଦ୍ଧ କରି ରଖିନାହାନ୍ତି। ଆଜି ପ୍ରତ୍ୟେକ ହିନ୍ଦୁ ସଗର୍ବେ ନିଜକୁ ସନାତନୀ ବୋଲି ପରିଚୟ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇଥିବା ବେଳେ ଧର୍ମ ଜାଗରଣ ସମିତିର ପୂର୍ବପ୍ରାନ୍ତ ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଧର୍ମ ଜାଗରଣ ସମିତିର ସଂଯୋଜକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଧନ୍ୟବାଦ ଦେଇଥିଲେ।

---

### ● କଏଦୀ ଫେରାର ପରେ ଚୌଦ୍ୱାର ଜେଲ୍ ଓ ସବ୍‌ଜେଲରେ ଚଢ଼ାଉ

# ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ

**ଚୌଦ୍ୱାର,୫।୮(ସଂଚାର ବ୍ୟୁରୋ):** ଚୌଦ୍ୱାର ଜେଲରୁ କଏଦୀ ଫେରାର ହେବା ପରେ ସାରା ରାଜ୍ୟରେ ଜେଲ ସୁରକ୍ଷା କଡ଼ାକଡ଼ି। ସକାଳୁ ସକାଳୁ ଜେଲ୍ ଓ ସବଜେଲରେ ଚଢାଉ ହୋଇଛି। ଅତର୍କିତ ଭାବେ ବରଗଡ଼ ଜେଲ ସମେତ ସବ ଜେଲରେ ପୁଲିସ ଚଢାଉ କରିଛି। ପଦ୍ମପୁର ଓ ସୋହେଲା ସବ ଜେଲରେ ମଧ୍ୟ ରେଡ୍ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଚଢାଉ କରିଥିଲା। ଜେଲ ଭିତରୁ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରିଛି ପୁଲିସ। ଭାଙ୍ଗ, ବିଡି, ସିଗାରେଟ ଓ ତମାଖୁ ଜବତ ହୋଇଛି। ସୂଚନାଯୋଗ୍ୟ ଯେ କଏଦୀଙ୍କୁ ଧରିବା ପାଇଁ ତିନୋଟି ଟିମ୍ ଗଠନ କରାଯାଇଥିବା ବେଳେ ସେମାନେ ବାହାର ରାଜ୍ୟକୁ ଯାଇ ଖୋଜାଖୋଜି ଆରମ୍ଭ କରିଛନ୍ତି। ତେବେ ଜେଲରୁ କଏଦୀ ଫେରାର ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପାଚେରୀ ଚଢ଼ି କଏଦୀ ଫେରାର ହୋଇଛନ୍ତି। ଜେଲ୍ ପାଚେରୀରେ ଝୁଲିଥିବା କମ୍ବଳକୁ ଯୋଡ଼ି ତିଆରି କରିଥିବା ଦଉଡ଼ି ସହାୟତାରେ ପାଚେରୀ ଡେଇଁ ଚମ୍ପଟ ମାରିଛନ୍ତି ଦୁଇ କଏଦୀ। ଗୁରୁବାର ରାତି ପ୍ରାୟ ଗୋଟାଏ। ହାଇ ସିକ୍ୟୁରିଟି ସେଲରେ ଥିବା ଦୁଇ ବିହାରୀ କୁଖ୍ୟାତ ଡକାୟତ ମଧୁକାନ୍ତ ଓ ରାଜା ସାହାଣୀ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କୁ ଚକମା ଦେଇ ଚମ୍ପଟ୍ ମାରିଛନ୍ତି। ଉଭୟ କଏଦୀଙ୍କ ଫଟୋ ଜାରି କରିବା ସହ ସେମାନଙ୍କ ସମ୍ପର୍କରେ କୌଣସି ସୂଚନା ଦେଲେ, ସୂଚନାଦାତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ମଧ୍ୟ ଘୋଷଣା କରାଯାଇଛି।



---

# ଦିବ୍ୟାଙ୍ଗଙ୍କ ଦୁଃଖ ଦୂର କଲେ ଜିଲ୍ଲାପାଳ

### ଗୀତ ମାଧ୍ୟମରେ ଘର ପାଇଁ କରିଥିଲେ ନିବେଦନ

**ସୁବର୍ଣ୍ଣପୁର,୫।୧୦(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗଙ୍କ ଦୁଃଖ ଦୂର କଲେ ଜିଲ୍ଲାପାଳ। ଘର କାର୍ଯ୍ୟାଦେଶ ପ୍ରଦାନ କଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ ଜଣେ ଦିବ୍ୟାଙ୍ଗଙ୍କ ଦୁଃଖକୁ ଦୂର କରିଛନ୍ତି। ଗୁହାରି ଶୁଣିବାର ୧୨ ଦିନ ପରେ ଅର୍ଥାତ ତ୍ରୟୋଦଶ ଦିନରେ



ଜିଲ୍ଲାପାଳ ଡ. ନୃପରାଜ ସାହୁ ଦିବ୍ୟାଙ୍ଗଙ୍କ ନିକଟରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଘର ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିବା ଜଣାପଡ଼ିଛି। ଗତ ୨୨ ତାରିଖରେ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ ବାବା କପିଳେଶ୍ୱର ଓ ମାଁ ଚରଦେଇ ପୀଠକୁ ଜିଲ୍ଲାପାଳ ଶ୍ରୀ ସାହୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ମନ୍ଦିର ସାମ୍ନାରେ କଇନ୍ତରା ପଞ୍ଚାୟତ କଟାପାଲି ଗାଁର ଦୃଷ୍ଟିବାଧିତ ଦିବ୍ୟାଙ୍ଗ ସୁଧୀର ଦୀପ ଗୀତ ମାଧ୍ୟମରେ ତାଙ୍କୁ ଦୁଃଖ ଜଣାଇଥିଲେ। ସେ ଦୀର୍ଘଦିନ ହେବ ଭଙ୍ଗା କୁଡିଆ ଘରେ ରହୁଥିବାର ଯନ୍ତ୍ରଣା ଗୀତ ମାଧ୍ୟମରେ ବଖାଣିଥିଲେ। ଏଥିରେ ପ୍ରଭାବିତ ହୋଇ ଜିଲ୍ଲାପାଳ ତାଙ୍କୁ କୁଣ୍ଢାଇ ଧରିବା ସହ ଘର ଯୋଗାଇଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେ ତତକ୍ଷଣାତ୍ ସେଠାରେ ଉପସ୍ଥିତ ବିଡିଓଙ୍କୁ ସୁଧୀରଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ନିଜେ ଆଜି ବିନିକା ଗସ୍ତରେ ଆସି ସୁଧୀରଙ୍କୁ ଭେଟିବା ସହ ଆବାସ ଘରର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। କାର୍ଯ୍ୟାଦେଶ ପାଇବା ପରେ ସୁଧୀର ଖୁସିରେ ଆତ୍ମହରା ହୋଇ 'ମୋର ଗୁହାରି ଶୁଣିଲେ ହଜୁର କଲେକ୍ଟର ସାହେବ' ବୋଲି ଗୀତ ଗାଇ ଜିଲ୍ଲାପାଳଙ୍କୁ କୋଟି ଜୁହାର ଜଣାଇଥିଲେ।

---

# ଶିକାରୀ ଗିରଫ, ମୃଗ ମାଂସ ଜବତ

**ବାଲୁଗାଁ, ୫।୧୦ (ସଂଚାର ବ୍ୟୁରୋ) :** ମୃଗକୁ ମାରି ନେଉଥିଲେ ମାଂସ। ହେଲେ ଫେରିବା ବାଟରେ ପଡିଗଲେ ବନ କର୍ମଚାରୀଙ୍କ ହାତରେ। ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ରେଞ୍ଜ ବାଣପୁର ଷଣ୍ଢା ଜଙ୍ଗଲରୁ ଜଣେ ଶିକାରୀ ଗିରଫ। ୨୧ କିଲୋ ଓଜନର ମୃଗ ମାଂସ ସହ ଚମଡା ଜବତ କରିଛି ବାଲୁଗାଁ ବନ ବିଭାଗ। ଏହି ମାମଲାରେ ଜଣେ ଗିରଫ ହୋଇଥିବା ବେଳେ ଅନ୍ୟ ଜଣେ ଶିକାରୀ ଘଟଣାସ୍ଥଳରୁ ବନ ବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଚମ୍ପଟ୍ ମାରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନାନୁସାରେ, ନାଚୁଣୀ ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ଦୁଇ ଜଣ ଶିକାରୀ ବାଣପୁର ପଦ୍ମପୁର ସେକ୍ସନ ଷଣ୍ଢା ଜଙ୍ଗଲରୁ ଶିକାର କରି ଫେରୁଥିବା ସମୟରେ ସେମାନଙ୍କ ଉପରେ ସନ୍ଦେହ ହେବାରୁ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ବ୍ୟାଗ ଯାଞ୍ଚ୍ କରିଥିଲେ। ଏହି ସମୟରେ ବ୍ୟାଗ୍‌ରେ କିଛି ଜଙ୍ଗଲୀ ମାଂସ ଥିବା ବେଳେ ଅନ୍ୟ ଏକ ବ୍ୟାଗ୍‌ରେ ଏକ ଜନ୍ତୁର ମୁଣ୍ଡ ଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତେଣୁ ସେମାନେ ଏକ ମୃଗକୁ ଫାସ ପକେଇ ମାରିବା ସହ ତା'ର ମାଂସ ଧରି ଆସୁଥିଲେ। ଘଟଣାସ୍ଥଳରୁ ୨୧ କିଲୋଗ୍ରାମ ମୃଗ ମାଂସ, ଛାଲ, କଟୁରୀ ଓ ବଟକରା ଆଦିକୁ ଜବତ କରାଯାଇଛି। ସେମାନେ ଉକ୍ତ ଅଭିଯୁକ୍ତକୁ ବାଣପୁର କୋର୍ଟକୁ ଚାଲାଣ କରିଥିବା ଖୋର୍ଦ୍ଧା ଏସିଏଫ୍ ସୋନାଲି ସିଓ ସୂଚନା ଦେଇଛନ୍ତି।



---

### ଭୁଶୁଡ଼ିପଡ଼ିଲା ନିର୍ମାଣାଧୀନ ବ୍ରିଜ୍ ସ୍ଲାବ୍

# ନାବାଳିକା ମୃତ

**ଭଦ୍ରକ,୫।୧୦(ସଂଚାର ବ୍ୟୁରୋ):** ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଜିଲ୍ଲା ଧାମନଗର ଥାନା ବିଷ୍ଣୁପୁର ଛକ ନିକଟରେ ପ୍ରୋଟେକ୍ସନ ସ୍ଲାବ୍ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଲୋକେ ସେଠାରେ କାର୍ଯ୍ୟରେ ନିୟୋଜିତ ଏକ ଜେସିବି ମେସିନ ଜାଳିଦେବା ସହ ରାଜପଥ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ଧାମନଗର ପୁଲିସ ମୁତୟନ ରହିଛି। ମିଳିଥିବା ସୂଚନାନୁସାରେ, ବହୁଦରଡ଼ା ପଞ୍ଚାୟତ ବେନ୍ତାଳିଆ ଗ୍ରାମର ଭଜ ଗୋବିନ୍ଦ ମଲିକଙ୍କ ୭ ବର୍ଷର ଝିଅ ଆଜି ଅପରାହ୍ନରେ ଉକ୍ତ ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଆସୁଥିଲେ। ତେବେ ରାଜପଥ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ହଠାତ୍ ଏକ ପ୍ରୋଟେକ୍ସନ ସ୍ଲାବ୍ ଉକ୍ତ ନାବାଳିକାଙ୍କ ଉପରେ ଖସିପଡ଼ିଥିଲା। ଫଳରେ ସ୍ଲାବ୍‌ରେ ଚାପି ହୋଇ ନାବାଳିକାର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି।

---

# ଠକ ଗ୍ୟାଙ୍ଗର ଦୁଇ ସଦସ୍ୟ ଗିରଫ



କମିଶନ୍ ଅଧ୍ୟକ୍ଷ କହି ଠକୁଥିଲେ

**ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ):** ପୁଲିସ୍ କବଜାରେ ଦୁଇ ଆନ୍ତଃରାଜ୍ୟ କୁଖ୍ୟାତ ଠକ। ନିଜକୁ ନ୍ୟାସନାଲ ସୋସିଆଲ ଆଣ୍ଡ ଓମେନ୍ ଏମ୍ପୱାରମେଣ୍ଟ କମିଶନ୍‌ର ଅଧ୍ୟକ୍ଷ କହି ଲୋକଙ୍କୁ ଠକୁଥିଲେ। ସେମାନେ ହରିଆଣାର ଚୌଧୁରୀ ରିଙ୍କୁ ସାଇନି ଏବଂ ମନିନ୍ଦର୍ ସିଂହ। ଉଭୟଙ୍କୁ ଭୁବନେଶ୍ୱର ମୈତ୍ରୀବିହାର ଅଞ୍ଚଳରୁ ଗିରଫ କରିଛି କମିଶନରେଟ୍ ପୁଲିସ। ଗତ ୩ ତାରିଖରେ ଚୌଧୁରୀ ରିଙ୍କୁ ଓ ମନିନ୍ଦର ସିଂହ ଏକ ଫ୍ଲାଇଟରେ ଭୁବନେଶ୍ୱର ଆସିଥିଲେ। ଏକ ତାରକା ହୋଟେଲରେ ରହିଥିଲେ। ସେଠାରେ ରହି ଠକେଇ କରିବାକୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ନ୍ୟାସନାଲ ସୋସିଆଲ ଆଣ୍ଡ ଓମେନ୍ ଏମ୍ପୱାରମେଣ୍ଟ କମିସନ କହି ଠକୁଥିଲେ। ସାଙ୍ଗରେ ପିଏସଓ ଓ ପିଏ ଧରି ପ୍ରୋଟୋକଲରେ ବିଭିନ୍ନ ସ୍ଥାନକୁ ଯାଉଥିଲେ। କେନ୍ଦ୍ର ସରକାରଙ୍କ ବଡ଼ ବଡ଼ ପୋଷ୍ଟରେ ନିଯୁକ୍ତି ଦେବାକୁ କହି ଏମାନେ ଠକିଆସୁଥିଲେ। ଏପରିକି କମିଶନରେଟ୍ ପୁଲିସକୁ ସେମାନଙ୍କ ସୁରକ୍ଷା ବାବଦକୁ ଏସ୍କର୍ଟ ପାଇଁ ଗୋଟିଏ ମିଥ୍ୟା ପ୍ରୋଗ୍ରାମ ଲେଟର ବି ଦେଇଥିଲେ। ଲେଟରରେ ନିଜକୁ ଅଧ୍ୟକ୍ଷ ପରିଚୟ ଦେଇଥିଲେ। ତେବେ ଏପରି ଲେଟର ଦେଖିବା ପରେ ପୁଲିସର ସନ୍ଦେହ ହୋଇଥିଲା। ତେଣୁ ଦୁଇ ଠକଙ୍କ ଗତିବିଧି ଉପରେ ନଜର ରଖିବାକୁ ଜଣେ ପୁଲିସକର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଏହି ଦୁଇ ଠକଙ୍କୁ ଗିରଫ କରିବା ପରେ କମିଶନରେଟ୍ ପୁଲିସ୍ ହରିଆଣା ପୁଲିସ ସହ ଯୋଗାଯୋଗ କରି ସମସ୍ତ ତଥ୍ୟ ନେବା ପରେ ଠକେଇର ଶିକାର ହୋଇଥିବା ଲୋକମାନେ ଅଭିଯୋଗ କରିବା ସକାଶେ ପୁଲିସ୍ କମିଶନର୍ ଜଗମୋହନ ମୀନା ନିବେଦନ କରିଛନ୍ତି।

---

# ବାଣ ବିସ୍ଫୋରଣରେ ୨ ଆହତ

**ବୈଶିଙ୍ଗା,୫।୧୦(ସଂଚାର ବ୍ୟୁରୋ):** ଆଜିସକାଳୁ ଭୟଙ୍କର ବାଣ ବିସ୍ଫୋରଣ ଘଟିବା ଫଳରେ ଏଥିରେ ଜଣେ ମହିଳାଙ୍କ ସମେତ ମୋଟ ୨ ଜଣ ଆହତ ହୋଇଛନ୍ତି। ବୈଶିଙ୍ଗା ଥାନା ଅଧୀନସ୍ଥ ବାଛୁରିପଡା ଗ୍ରାମରେ ବାଣ ଭିଡୁଥିବା ସମୟରେ ଅଚାନକ ବିସ୍ଫୋରଣ ହେବା ଫଳରେ ଏପରି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏହି ବିସ୍ଫୋରଣ ଘଟିଥିବା ବେଳେ ଏହାର ତୀବ୍ରତା ଏତେ ଅଧିକ ଥିଲା ଯେ ଉକ୍ତ ଘରର ଆଜବେଷ୍ଟସ୍ ସହ କାନ୍ଥ ବି ଉଡ଼ିଯାଇଥିଲା। ଆହତ ଦ୍ୱୟଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଆହତ ହୋଇଥିବା ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ବିସ୍ଫୋରଣ ପରେ ସ୍ଥାନୀୟ ଲୋକେ ତୁରନ୍ତ ପୁଲିସ୍‌କୁ ସୂଚନା ଦେଇଥିଲେ। ବୈଶିଙ୍ଗା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ପରେ ଉକ୍ତ ଘରେ ଦୀର୍ଘ ଦିନ ଧରି ବେଆଇନ ବାଣ ପ୍ରସ୍ତୁତି ଚାଲିଥିଲା। ଆଜି ବିସ୍ଫୋରଣ ପରେ ଏପରି ଏକ ତଥ୍ୟ ପୁଲିସ୍ ହାତରେ ଲାଗିଛି। ଏହି ମାମଲାରେ ପୁଲିସ୍ ତଦନ୍ତକୁ ଆଗକୁ ବଢ଼ାଇବା ସକାଶେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇପାରେ। ତେବେ ଏହି ବିସ୍ଫୋରଣ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ପୁଲିସ୍ ବେଆଇନ ବାଣ ବ୍ୟବସାୟ ଉପରେ ରୋକ ଲଗାଇବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତ ଫେରିବାକୁ ଡରୁଛନ୍ତି ନିରବ ମୋଦି

## ପ୍ରତ୍ୟର୍ପଣ ମାମଲାର ପୁନଃଶୁଣାଣି ପାଇଁ ଆବେଦନ

## ନଭେମ୍ବର ୨୩ରେ ଶୁଣାଣି



ଲଣ୍ଡନ, ୫।୧୦: ପଳାତକ ହୀରା ଗହଣା ବ୍ୟବସାୟୀ ନିରବ ମୋଦି ତାଙ୍କ ପ୍ରତ୍ୟର୍ପଣ ମାମଲାର ପୁନଃଶୁଣାଣି ପାଇଁ ଆବେଦନ କରିଛନ୍ତି। ଏହି ମାମଲାର ଶୁଣାଣି ଆସନ୍ତାମାସ ୨୩ ତାରିଖରେ ହେବ। ଭାରତକୁ ପ୍ରତ୍ୟର୍ପିତ ହେଲେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କ ଉପରେ ଅତ୍ୟାଚାର କରିବା ଡର ତାଙ୍କୁ ଘାରିଛି। ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହା ଉପରେ ଯୁକ୍ତି ରଖିବେ ବୋଲି ଆଶା କରାଯାଉଛି। ତାଙ୍କୁ ଜେରା କରାଯିବ ନାହିଁ। କେବଳ ବିଚାର ପ୍ରକ୍ରିୟା ଚାଲିବ ବୋଲି ଅଦାଲତଙ୍କୁ ଅବଗତ କରାଯିବ। ୱେଷ୍ଟମିନିଷ୍ଟର କୋର୍ଟରେ ଏହି ମାମଲାର ଶୁଣାଣି ହେବ। ତେବେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଗଲେ କୌଣସି ପ୍ରକାର ଅତ୍ୟାଚାର ତାଙ୍କ ଉପରେ କରାଯିବ ନାହିଁ। ଭାରତର ଆଇନ ଅନୁସାରେ ତାଙ୍କ ବିଚାର ଚାଲିବ। କୌଣସି ଏଜେନ୍ସି ତାଙ୍କୁ ଜେରା କରିବେ ନାହିଁ ବୋଲି ପୁନର୍ବାର ପ୍ରତିଶ୍ରୁତି ଦେବେ। ଏ ନେଇ ଜଣେ ଅଧିକାରୀ କହିଛନ୍ତି ଯେ, ନିରବ ମୋଦୀଙ୍କ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇସାରିଛି। ବର୍ତ୍ତମାନ ତାଙ୍କୁ ପଚରାଉଚରା କରିବାର ଆବଶ୍ୟକତା ନାହିଁ। ଆମର ତଦନ୍ତ ମଧ ପ୍ରାୟତଃ ଶେଷ ହୋଇଛି। ଯଦି ବ୍ରିଟେନର ଅଦାଲତ ଆମକୁ ଏ ନେଇ ପ୍ରଶ୍ନ କରନ୍ତି ତା'ହେଲେ ଆମେ ପୂର୍ବ ପ୍ରତିଶ୍ରୁତିକୁ ଦୋହରାଇବୁ ବୋଲି ଉକ୍ତ ମାମଲା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଶତାଧିକ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ୬୪୯୮ କୋଟି ଟଙ୍କା ତୋସରପାତ ମାମଲାର ତଦନ୍ତ କରୁଥିବା ଏକାଧିକ ଏଜେନ୍ସିଙ୍କର ମତ ପ୍ରାୟ ସମାନ ରହିଛି। ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ବ୍ରିଟେନ ସରକାରଙ୍କୁ କୁହାଯାଇ ସାରିଛି ଯେ ନିରବ ମୋଦୀଙ୍କୁ ମୁମ୍ବାଇସ୍ଥିତ ଆର୍ଥର ରୋଡ୍ ଜେଲ୍‌ର ବାରାକ୍ ନମ୍ବର ୧୨ରେ ରଖାଯିବ। ସେଠାରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଚିକିତ୍ସା ସୁବିଧା ମଧ ସେଠାରେ ଉପଲବ୍ଧ ରହିଛି। ଭାରତର ଆଇନ ଅନୁସାରେ ତାଙ୍କର ବିଚାର ଚାଲିବ। ତାଙ୍କ ବିରୋଧରେ ନୂଆ ଅଭିଯୋଗ କିଛି କରାଯିବ ନାହିଁ। ଉଲ୍ଲେଖଯୋଗ୍ୟ, ୫୪ ବର୍ଷୀୟ ନିରବ ମୋଦୀଙ୍କୁ ପ୍ରତ୍ୟର୍ପଣ ୱାରେଣ୍ଟ ବଳରେ ୨୦୧୯ ମାର୍ଚ୍ଚ ୧୯ରେ ଲଣ୍ଡନରେ ଗିରଫ କରାଯାଇଥିଲା। ଏହାପରେ ୨୦୨୧ ଏପ୍ରିଲରେ ତତ୍କାଳୀନ ଗୃହ ସଚିବ ପ୍ରୀତି ପଟେଲ ତାଙ୍କର ପ୍ରତ୍ୟର୍ପଣ ନିର୍ଦ୍ଦେଶ ଦେଇଥିଲେ। ଗିରଫ ପରେ ଗତ ପ୍ରାୟ ୬ ବର୍ଷ ହେଲା ସେ ଲଣ୍ଡନ ଜେଲ୍‌ରେ ଅଛନ୍ତି। ପ୍ରତ୍ୟର୍ପଣ ବିରୋଧରେ ନିରବ ମୋଦୀଙ୍କର ପ୍ରାୟତଃ ସମସ୍ତ ଆବେଦନ ଶେଷ ହୋଇସାରିଛି। ଏପରିକି ଫେରାର ହେବା ଭୟ ଥିବାରୁ ତାଙ୍କର ଜାମିନକୁ ମଧ ଏକାଧିକ ଥର ଖାରଜ କରାଯାଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୯,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୦୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୯,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୦୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୯,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୦୯,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୯,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୯,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୦୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୯, ୪୦୦ ଓ ୧, ୦୯,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ ଟଙ୍କା ହୋଇଛି।

# ୟୁପିଆଇ ପେମେଣ୍ଟ୍‌ରେ ଟୋଲ୍ ପ୍ଲାଜାରେ ରିହାତି

ନୂଆଦିଲ୍ଲୀ, ୫।୧୦: ଗାଡି ଚାଳକଙ୍କ ପାଇଁ କଡା ନିୟମ କଲେ ସରକାର। ଟୋଲ୍ ପେମେଣ୍ଟକୁ ନେଇ ଲାଗୁ ହେଲା ନୂଆ ନିୟମ। ଲୋକଙ୍କ ଦେୟ ପଦ୍ଧତିକୁ ଆଧାର କରି ଲାଗୁ ହେବ ଭିନ୍ନ ଶୁଳ୍କ। ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ନଗଦ ପେମେଣ୍ଟ କମ୍ କରିବା ପାଇଁ ସରକାର ଏହି ନିୟମ ପ୍ରଚଳନ କରିଛନ୍ତି। ହଁ ଆଜ୍ଞା, ଆସନ୍ତା ନଭେମ୍ବର ୧୫ ତାରିଖରୁ ଲାଗୁ ହେବାକୁ ଯାଉଛି ନୂଆ ଟୋଲ୍ ନିୟମ। ନୂଆ ନିୟମ ଅନୁଯାୟୀ, ଫାସ୍‌ଟାଗ୍ ବିନା ଜାତୀୟ ରାଜପଥରେ ପ୍ରବେଶ କରୁଥିବା ଯାନଗୁଡ଼ିକରୁ ସେମାନଙ୍କର ପେମେଣ୍ଟ ପଦ୍ଧତି ଉପରେ ଆଧାର କରି ଭିନ୍ନ ଭିନ୍ନ ଶୁଳ୍କ ମୁଲ୍କ ଆଦାୟ କରାଯିବ। ଅର୍ଥାତ ଜାତୀୟ ରାଜପଥରେ ଟୋଲ୍ ପେମେଣ୍ଟକୁ ଡିଜିଟାଲ୍ କରିବା ପାଇଁ ସରକାର ଏହି ନୂଆ ନିୟମ ଲାଗୁ କରିଛନ୍ତି। ଏବେ ମହଙ୍ଗା ହେବ ଫାଷ୍ଟାଗ୍ ନଥିବା ଗାଡ଼ି ପାଇଁ ନଗଦ ଦେୟ। ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିବା ପାଇଁ କମ ଶୁଳ୍କ ଦେବାକୁ ପଡିବ। ଯଦି ଜଣେ ଉପଭୋକ୍ତା ନଗଦ ଦେୟ ଦିଅନ୍ତି, ତେବେ ତାଙ୍କଠାରୁ ପ୍ରଯୁଜ୍ୟ ଟୋଲ୍ ଟ୍ୟାକ୍ସର ଦୁଇଗୁଣ ଟଙ୍କା ଆଦାୟ କରାଯିବ। କିନ୍ତୁ ଯଦି ସେହି ଉପଭୋକ୍ତା ୟୁପିଆଇ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ପେମେଣ୍ଟ କରନ୍ତି ତେବେ ଟ୍ୟାକ୍ସ ୧.୨୫ ଗୁଣ ଟୋଲ୍ ଦେବାକୁ ପଡିବ।

ଉଦାହରଣ ସ୍ୱରୂପ, ଫାଷ୍ଟାଗ୍ ବ୍ୟବହାର କରି ୧୦୦ ଟଙ୍କା ଟୋଲ୍ ଦେଲେ ୨୦୦ ଟଙ୍କା ନଗଦ ଏବଂ ୟୁପିଆଇରେ ୧୨୫ ଟଙ୍କା ଦେବାକୁ ପଡିବ। ଫାସ୍‌ଟାଗ୍ ନଥିବା ଯାନବାହନଗୁଡ଼ିକ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରିହାତି। ଏହାର ଅର୍ଥ ହେଉଛି ଯେ ଫାସ୍‌ଟାଗ୍ ବ୍ୟବହାର ନ କରୁଥିବା ଉପଭୋକ୍ତାମାନେ ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିବା ସମୟରେ କମ୍ ଟ୍ୟାକ୍ସ ଦେବେ। ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ନଗଦ କାରବାରକୁ ହ୍ରାସ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। ଏହି ନିୟମ ଟୋଲ୍ ପ୍ଲାଜାରେ ପେମେଣ୍ଟ ପଦ୍ଧତିରେ ମଧ ଏକ ବଡ଼ ପରିବର୍ତ୍ତନ ଆଣିବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅନୁଯାୟୀ, ୨୦୦୮ର ଜାତୀୟ ରାଜପଥ ଟୋଲ୍ ନିୟମ ସଂଶୋଧନ କରାଯାଇଛି।

ତେବେ ସୂଚନା ଅନୁଯାୟୀ, ଏହି ନିୟମ ନଭେମ୍ବର ୧୫ ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି।




## ନଭେମ୍ବର ୧୫ରୁ ଆରମ୍ଭ

ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଡିଜିଟାଲ୍ ଟ୍ରାଞ୍ଜାକ୍ସନକୁ ପ୍ରୋତ୍ସାହିତ କରିବା ଏବଂ ଟୋଲ୍ ପ୍ଲାଜାରେ ଦକ୍ଷତା ବୃଦ୍ଧି କରିବା। ଯାହାଦ୍ୱାରା ଟୋଲ୍ ପ୍ଲାଜାରେ ଯାନବାହାନ ଭିଡ଼ କମ୍ ହେବା ସହିତ ରାଜପଥ ବ୍ୟବହାରକାରୀଙ୍କ ପାଇଁ ଯାତ୍ରା ସମୟ ଉନ୍ନତ କରିବା। ସରକାର ଆଶା ରଖିଛନ୍ତି, ଏହି ନୂଆ ବ୍ୟବସ୍ଥା ଫଳରେ ଯାତ୍ରୀମାନେ ଅଧିକ ସଂଖ୍ୟାରେ ଫାଷ୍ଟାଗ୍ କିମ୍ବା ୟୁପିଆଇ ଦ୍ୱାରା ଟୋଲ୍ ପେମେଣ୍ଟ କରିବେ ଉଭୟ ଯାହା ଟ୍ରାଫିକ୍ ଏବଂ ସମୟକୁ ସଂରକ୍ଷଣ କରିବ।

# ଏଚ୍‌ଆଣ୍ଡଏମ୍‌ର ଉତ୍ସବ ସଂଗ୍ରହ ସହ ରେଡି ଟୁ ୱେୟର ପୋଷାକ

**କୋଲକାତା, ୫।୧୦(ସଂଚାର ବ୍ୟୁରୋ):** କ୍ୟାପସୁଲରେ ବୋଲ୍ଡ, ଷ୍ଟେଟମେଟ ତିଆରି କରୁଥିବା ମହିଳା ପୋଷାକର ଏକ ଅନ୍ତର୍ଭୁକ୍ତ ଯାହା ପୋଷାକ ପିନ୍ଧିବାର ଆନନ୍ଦକୁ ଗ୍ରହଣ କରେ। ପ୍ରଥମ ବୁନ୍ଦା ସେପ୍ଟେମ୍ବର ୨୫ ତାରିଖରୁ ଏଚ୍ ଆଣ୍ଡ ଏମ୍ ଷ୍ଟେ ଷ୍ଟୋର ଏବଂ ଅନଲାଇନରେ ଏଚ୍ ଆଣ୍ଡ ଏମ୍ ଏବଂ ମିନ୍ତ୍ରା ଠାରେ ଉପଲବ୍ଧ। ଭୁବନେଶ୍ୱରର ଏସ୍‌ବିଏସ୍‌ପିଏଲ୍, ସହିଦ ନଗର ସ୍ଥିତି ବନରେ ଏହି ସଂଗ୍ରହ ଉପଲବ୍ଧ ହୋଇଛି। ଦ୍ୱିତୀୟ ଡ୍ରପ୍ ଅକ୍ଟୋବର ୯ ତାରିଖରେ ଲାଇଭ ହେବ। 'ଦୀପାବଳି ପାଇଁ ଏହି ରୋମାଞ୍ଚର ଏବଂ ସ୍ୱତନ୍ତ୍ର ଅଫରକୁ ଫେରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଗ୍ରାହକଙ୍କୁ ଷ୍ଟାଇଲ୍ ଏବଂ ଆତ୍ମବିଶ୍ୱାସ ସହିତ ଉତ୍ସବ ପାଳନ କରିବାକୁ ଏବଂ ପୋଷାକ ପିନ୍ଧିବାକୁ ପ୍ରେରଣା ଦେବା ଜାରି ରଖିବାକୁ ସୁପର ଆଧୁନିକ ଅନୁଭବ କରେ ବୋଲି ଏଚ୍ ଆଣ୍ଡ ଏମ୍‌ର କନସେପ୍ଟ ଡିଜାଇନର ଏଲିଆନା ମାସଗାଲୋସ୍ କହିଛନ୍ତି।

ଯାହା ସାହସ ହସୀ ହେବା ପାଇଁ ଏକ ନିମନ୍ତ୍ରଣ, ନୂତନ ମହିଳା ପୋଷାକ ସଂଗ୍ରହ ନାରୀତ୍ୱର ଆଧୁନିକ, ଚୁମ୍ବକୀୟ ବ୍ୟାଖ୍ୟା ସହିତ ପ୍ରେରଣା ଦେଇଥାଏ। ଛୁଟିଦିନର ଉତ୍ସବର ମନୋବଳ ସହିତ ସନ୍ତୁଳିତ ଭାବରେ, ଏକ ଉଚ୍ଚତର ଗ୍ଲାମର ଟେଲର୍ଡ ଖଣ୍ଡ, ଫିଟ୍ ହୋଇଥିବା ପୃଥକ ସନ୍ଧ୍ୟାରେ ପୋଷାକର ସମସାମୟିକ ମିଶ୍ରଣକୁ ସୂଚିତ କରେ। କଟ୍ରାଷ୍ଟର ଆକର୍ଷଣ ସହିତ ଖେଳିବା, ଏହି ସଂଗ୍ରହରେ ଫର୍ମ-ଫିଟିଂ ଟପ୍, କ୍ରପ୍ ହୋଇଥିବା କିମ୍ବା କାନ୍ଧ–ପ୍ରକାଶ କରୁଥିବା ଏବଂ ବଡିସୁଟ୍ ରହିଛି, ଯାହା ଡ୍ରାପ୍ ହୋଇଥିବା ଆକୃତି ସହିତ ଯୋଡି ହୋଇଛି ଯାହା ସିଲୁଏଟକୁ ବଢାଇଥାଏ, ଯେଉଁଥିରେ ଶାଢ଼ି-ଅନୁପ୍ରାଣିତ ସ୍କର୍ଟ, ଫ୍ରିଙ୍ଗଡ୍ ଡ୍ରେସ୍ ଏବଂ ଫ୍ଲୋଇଙ୍ଗ୍ ମ୍ୟାକ୍ସି ଡ୍ରେସ୍ ଅନ୍ତର୍ଭୁକ୍ତ। ପୋଷାକର ପରିପୂରକ ଭାବରେ, ଏହି ଲଡେଇରେ ଉତ୍ସବ-ଅନୁପ୍ରାଣିତ ରଙ୍ଗ ଏବଂ ପ୍ରି ରେ କ୍ୟୁରେଟେଡ ଏଚ୍ ଆଣ୍ଡ ଏମ୍ ହୋମ୍ ଉତ୍ପାଦ ମଧ ଅନ୍ତର୍ଭୁକ୍ତ ହୋଇଛି, ଯେଉଁଥିରେ ଏମ୍ବ୍ରୋଡେରୀ ମୋଟିଫ୍, ପୁରାତନ ସୁନା ଏବଂ ପୁଷ୍ପ ଅନ୍ତର୍ଭୁକ୍ତ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ସିଓଡି ଚାର୍ଜ ବାହାନାରେ ଲୁଟୁଛନ୍ତି ଇ-କମର୍ସ କମ୍ପାନୀ

ନୂଆଦିଲ୍ଲୀ, ୫।୧୦: ସରକାର କ୍ୟାସ୍ ଅନ୍ ଡେଲିଭରି(ସିଓଡି) ଉପରେ ଶକ୍ତ ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏଥିପାଇଁ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଘୋଷଣା କରିଛନ୍ତି। ପ୍ଲାଟ୍‌ଫର୍ମଗୁଡ଼ିକ ସିଓଡ଼ି ପାଇଁ ଗ୍ରାହକଙ୍କଠାରୁ ଅତିରିକ୍ତ ଚାର୍ଜ ଆଦାୟ କରୁଛନ୍ତି। ଏବେ ଏ ମାମଲାର ସରକାରୀ ଯାଞ୍ଚ ଆରମ୍ଭ ହେବାକୁ ଯାଉଛି। ଅଭିଯୋଗ ରହିଛି ଯେ, ଏହି ଚାର୍ଜ ଗ୍ରାହକଙ୍କୁ ଭୁଆଁ ବୁଲାଇ ଆଦାୟ କରାଯାଉଛି। ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ଆଧାର କରି ଉପଭୋକ୍ତା ବ୍ୟାପାର ମନ୍ତ୍ରାଳୟ ଏ ନିର୍ଦ୍ଦେଶ ଦେଇଛି। ଉକ୍ତ ପୋଷ୍ଟରେ ଏହିଭଳି ଏଣୁତେଣୁ ଅନେକ ଚାର୍ଜକୁ ନେଇ ପର୍ଦ୍ଦାଫାଶ ହୋଇଥିଲା। ଏହାକୁ ଲୋକଙ୍କ ପକ୍ଷରୁ କଡ଼ା ସମାଲୋଚନା କରାଯାଇଥିଲା। ଏହାପରେ 'ଡାର୍କ ପାଟର୍ଣ୍ଣ' କୁହାଯାଉଥିବା ଏହି ପ୍ରସଙ୍ଗ ଉପରେ ତର୍କ ଆରମ୍ଭ ହୋଇଯାଇଛି। ଚଳିତ ସପ୍ତାହ ଆରମ୍ଭରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ



ଏକ ପୋଷ୍ଟ ଭାଇରାଲ ହୋଇଥିଲା। ଏଥିରେ ଜଣେ ଗ୍ରାହକ ଫ୍ଲିପ୍‌କାର୍ଟରେ ଏକ ଅର୍ଡରରେ ୨୨୬ ଟଙ୍କାର ଅତିରିକ୍ତ ସିଓଡ଼ି ଚାର୍ଜ ଉପରେ ଚିନ୍ତା ପ୍ରକଟ କରିଥିଲେ। ଏହି ଚାର୍ଜର ବିବରଣୀରେ 'ଅଫର୍ ହ୍ୟାଣ୍ଡଲିଂ ଫି', 'ପେମେଣ୍ଟ ହ୍ୟାଣ୍ଡଲିଂ ଫି' ଏବଂ 'ପ୍ରୋଟେକ୍ଟ ପ୍ରମିଜ୍ ଫି' ଆଦି ସାମିଲ ଥିଲା। ଗ୍ରାହକଜଣକ ନିଜ ପୋଷ୍ଟରେ ଲେଖିଥିଲେ ଯେ, ଜୋମାଟୋ/ସ୍ୱିଗି/ଜେପ୍‌ଟୋର ରେନ୍ ଫି'କୁ ଭୁଲିଯାଆନ୍ତୁ। ଫ୍ଲିପ୍‌କାର୍ଟର ମାଷ୍ଟରଷ୍ଟ୍ରୋକ୍ ଦେଖନ୍ତୁ: ଅଫର୍ ହ୍ୟାଣ୍ଡଲିଂ ଫି, ପେମେଣ୍ଟ ହ୍ୟାଣ୍ଡଲିଂ ଫି' ଏବଂ ପ୍ରୋଟେକ୍ଟ ପ୍ରମିଜ୍ ଫି'। ଗ୍ରାହକଜଣକ କ୍ୱିକ୍-କମର୍ସ ଏବଂ ଫୁଡ୍-ଡେଲିଭରି ଆପ୍‌ଗୁଡ଼ିକ ପକ୍ଷରୁ ନିଆଯାଉଥିବା ଅତିରିକ୍ତ ଚାର୍ଜଗୁଡ଼ିକୁ କଟାକ୍ଷ କରିଥିଲେ।

କେନ୍ଦ୍ରମନ୍ତ୍ରୀ ଯୋଶୀ ଏହି ପୋଷ୍ଟର ସିଧା ଜବାବ ଦେଇଥିଲେ। ସେ କହିଲେ, ଉପଭୋକ୍ତା ବ୍ୟାପାର ବିଭାଗକୁ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ବିରୋଧରେ ଅଭିଯୋଗ ମିଳିଛି, ଯେଉଁମାନେ କ୍ୟାସ୍-ଅନ୍-ଡେଲିଭରୀ ପାଇଁ ଅତିରିକ୍ତ ଚାର୍ଜ ନେଉଛନ୍ତି। ଏହା ଏକ ଡାର୍କ ପାଟର୍ଣ୍ଣ ବର୍ଗୀକୃତ କାର୍ଯ୍ୟକଳାପ, ଯାହା ଉପଭୋକ୍ତାଙ୍କୁ ଭୁଆଁ ବୁଲାଇବା ତଥା ଶୋଷଣ କରିବା ପାଇଁ ଉଦ୍ଦିଷ୍ଟ। ଏବେ ବୃହତ୍ ଭାଗ ଭାରତୀୟ ଅନ୍‌ଲାଇନ୍ ସପିଂ ଉପରେ ନିର୍ଭରଶୀଳ। ଯେଉଁଭଳି ଭାବେ ଇ-କମର୍ସ କାରବାର ବଢିଚାଲିଛି, ବିଲିଂ ଏକ ବଡ଼ ଚିନ୍ତା ପାଲଟିଛି। କେତେକ ଇ-କମର୍ସ କମ୍ପାନି ଡିଜିଟାଲ ପେମେଣ୍ଟକୁ ତ୍ୱରାନ୍ୱିତ କରୁଛନ୍ତି। କିନ୍ତୁ ସିଓଡି ବିକଳ୍ପ ଚୟନ କରିବାବେଳେ ଅତିରିକ୍ତ ଚାର୍ଜ ଲଗାଇବା ଅନୁଚିତ ବୋଲି ମନ୍ତ୍ରାଳୟ ପ୍ରକାଶ କରିଛି।

## ଟ୍ରମ୍ପଙ୍କ ଟାରିଫ ଟେନସନ୍ ମଧ୍ୟରେ ଭାରତକୁ ଆଉ ଏକ ବଡ଼ ଝଟକା

ନୂଆଦିଲ୍ଲୀ,୫।୧୦: ସେପ୍ଟେମ୍ବର ୨୬ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୨.୩୩ ବିଲିୟନ ଡଲାର ହ୍ରାସ ପାଇ ୭୦୦.୨୪ ବିଲିୟନ ଡଲାର ହୋଇଛି। ଶୁକ୍ରବାର ଆରବିଆଇ ଏହି ତଥ୍ୟ ପ୍ରକାଶ କରିଛି। ଏକ ସପ୍ତାହ ପୂର୍ବରୁ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ୭୦୨.୫୭ ବିଲିୟନ ଡଲାର ଥିଲା, ଯାହା ୩୯୬ ନିୟୁତ ଡଲାର ହ୍ରାସ ପାଇଛି। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ଭଣ୍ଡାରର ଏକ ପ୍ରମୁଖ ଅଂଶ, ବୈଦେଶିକ ମୁଦ୍ରା ସମ୍ପତ୍ତି ୪.୩୯ ବିଲିୟନ ଡଲାର ହ୍ରାସ ପାଇ ୫୮୧.୭୬ ବିଲିୟନ ଡଲାର ହୋଇଛି। ଏହି ସମ୍ପତ୍ତିଗୁଡ଼ିକ ମଧ୍ୟରେ ୟୁରୋ, ପାଉଣ୍ଡ ଏବଂ ୟେନ ଭଳି ଅଣ-ଆମେରିକୀୟ ମୁଦ୍ରାରେ ମୂଲ୍ୟବୃଦ୍ଧି କିମ୍ବା ଅବମୂଲ୍ୟାୟନର ପ୍ରଭାବ ମଧ ଅନ୍ତର୍ଭୁକ୍ତ। ସମ୍ପ୍ରତି ମୁଦ୍ରା ନୀତି କମିଟି ବୈଠକରେ, ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ୧୧ ମାସର ସାମଗ୍ରୀ ଆମଦାନୀ କିମ୍ବା ଦେଶର ମୋଟ ବକେୟା ବାହ୍ୟ ଋଣର ପ୍ରାୟ ୯୫.୪ ପ୍ରତିଶତ ପୂରଣ କରିବା ପାଇଁ ଯଥେଷ୍ଟ। ଏହା ଭାରତର ବୈଦେଶିକ ମୁଦ୍ରା ସ୍ଥିତି ଏବଂ ଆର୍ଥିକ ସ୍ଥିରତାର ଶକ୍ତିକୁ ପ୍ରତିଫଳିତ କରେ।

## ଗୃହ ଋଣ ଉପରେ ୧.୮ ଲକ୍ଷ ସବସିଡି



ନୂଆଦିଲ୍ଲୀ, ୫।୧୦: ନୂଆ ଘର ତୋଳିବା ସ୍ୱପ୍ନ ହେବ ଏବେ ସାକାର । ମୋଦି ସରକାରଙ୍କ ଯୋଜନା ଆପଣଙ୍କ ଘର ପାଇବାର ସ୍ୱପ୍ନକୁ ପୂରଣ କରିବ । ଗୃହ ଋଣ ଉପରେ ₹୧.୮୦ ଲକ୍ଷ ସବସିଡି । ଘର କିଣିବା ସମସ୍ତଙ୍କର ସ୍ୱପ୍ନ । କିନ୍ତୁ ଏହି ସ୍ୱପ୍ନକୁ ବାସ୍ତବରେ ପୂରଣ କରିବା ସହଜ ନୁହେଁ । ତଥାପି, ମୋଦି ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଆଶାର କିରଣ ହୋଇ ରହିଛି। ଏହି ଯୋଜନା ଏକ ସୁଧ ସବସିଡି ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ନିମ୍ନ-ଆୟ ଗୋଷ୍ଠୀ, ଏବଂ ମଧ୍ୟମ-ଆୟ ଗୋଷ୍ଠୀ ପରିବାର ପାଇଁ ଗୃହ ଋଣ ଉପରେ 4% ପର୍ଯ୍ୟନ୍ତ ସୁଧ ସବସିଡି ପ୍ରଦାନ କରେ। ତେବେ ଚାଲନ୍ତୁ ଜାଣିବା ଏହି ଯୋଜନା କାହା ପାଇଁ ? ଆଉ କିଏ ଏହି ଯୋଜନାର ଲାଭ ଉଠାଇ ପାରିବେ । ଆର୍ଥିକ ଭାବରେ ଦୁର୍ବଳ ବର୍ଗଙ୍କ ବାର୍ଷିକ ଆୟ 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ନିମ୍ନ ଆୟ ଗୋଷ୍ଠୀଙ୍କ ବାର୍ଷିକ ଆୟ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ମଧ୍ୟମ ଆୟ ଗୋଷ୍ଠୀଙ୍କ ବାର୍ଷିକ ଆୟ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବା ପରିବାର ଏହି ଯୋଜନାର ଲାଭ ଉଠାଇ ପାରିବେ । ଏହି ରାଶି ପାଞ୍ଚଟି କିସ୍ତିରେ ସିଧାସଳଖ ଲାଭ ହସ୍ତାନ୍ତର ମାଧ୍ୟମରେ ଋଣ ଆକାଉଣ୍ଟକୁ ସିଧାସଳଖ ସ୍ଥାନାନ୍ତରିତ ହେବ। ସର୍ତ୍ତ ହେଉଛି ଋଣ ସକ୍ରିୟ ରହିବା ସହିତ ଏବଂ ଋଣ ପରିମାଣର ଅଧାରୁ ଅଧିକ ବାକି ଥିବ। ବ୍ୟାଙ୍କ ଏହି ସବସିଡି ସିଧାସଳଖ ଋଣ ମୂଳରୁ କାଟିବ, ଯାହା ଦ୍ୱାରା ଋଣଗ୍ରହୀତାଙ୍କ EMI ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ। ଏହି ଯୋଜନା କେବଳ ସେହି ପରିବାରଗୁଡ଼ିକୁ ଲାଭ ଦେବ ଯେଉଁମାନଙ୍କର କୌଣସି ସହର କିମ୍ବା ଗାଁରେ ପୂର୍ବରୁ ସ୍ଥାୟୀ ଘର ନାହିଁ । ଏହାର ଅର୍ଥ ହେଉଛି ଆର୍ଥିକ ଭାବରେ ଦୁର୍ବଳ ଏବଂ ମଧ୍ୟମ ଆୟ ପରିବାରଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ଡାଉନପେମେଣ୍ଟ ବିନା ଘର କିଣିପାରିବେ। ସରଳ ଭାଷାରେ କହିବାକୁ ଗଲେ, ଯଦି କୌଣସି ପରିବାର ୮ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣ ନିଅନ୍ତି, ତେବେ ସୁଧ ସବସିଡି ପ୍ରାୟ ୧.୮ଲକ୍ଷ ଋଣ ମୂଲ୍ୟ ହ୍ରାସ କରିବ। ଏହି ସବସିଡି କେବଳ ପ୍ରଥମ ୮ଲକ୍ଷ ଋଣ ଉପରେ ଉପଲବ୍ଧ ହେବ। ଏହାର ଅର୍ଥ ହେଉଛି ଯେ ଯଦି ଆପଣ ୧୦ କିମ୍ବା ୧୨ ଲକ୍ଷ ଗୃହ ଋଣ ନିଅନ୍ତି । ତେବେ ସବସିଡି କେବଳ ୮ଲକ୍ଷ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ସବସିଡି ସୁଧ ବୋଝ ହ୍ରାସ କରି ପ୍ରଦାନ କରାଯିବ ଏବଂ ୧୨ବର୍ଷ ମଧ୍ୟରେ ଗଣନା କରାଯିବ। ଏହି ଯୋଜନାକୁ ଚାରୋଟି ବର୍ଗରେ ବିଭକ୍ତ କରାଯାଇଛି । ହିତାଧିକାରୀ-ନେତୃତ୍ୱାଧୀନ ନିର୍ମାଣ, ସହଭାଗୀତାରେ ସୁଲଭ ଗୃହ, ସୁଲଭ ଭଡା ଘର, ଏବଂ ସୁଧ ସବସିଡି ଯୋଜନା। ସୁଧ ସବସିଡି ଯୋଜନାରେ ସର୍ବାଧିକ ସବସିଡି ୧.୮୦ଲକ୍ଷ । ଏହି ଯୋଜନାର ଲାଭ କେବଳ ସେହି ପରିବାରମାନଙ୍କୁ ମିଳିବ ଯେଉଁମାନଙ୍କର ପୂର୍ବରୁ କୌଣସି ସ୍ଥାନରେ ପକ୍କା ଘର ନାହିଁ, ତାହା ସହର ହେଉ କିମ୍ବା ଗାଁରେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଉଦ୍ଦେଶ୍ୟ ହେଉଛି ସମସ୍ତ ପରିବାର, ବିଶେଷକରି ଆର୍ଥିକ ଦୁର୍ବଳ ବର୍ଗର ପରିବାରକୁ ଘର ପାଇବାର ସ୍ୱପ୍ନ ପୂରଣ କରିବାରେ ସକ୍ଷମ କରିବା।

## ରିଲାଏନ୍ସ ଜିଓର ଜବରଦସ୍ତ ଅଫର

## ୨ଜି-ମୁକ୍ତ ହେବ ଭାରତ, ସୁଲଭ ମୂଲ୍ୟରେ ମିଳିବ ମୋବାଇଲ

ଭୁବନେଶ୍ୱର ୦୫।୧୦ : ରିଲାଏନ୍ସ ଜିଓ ଏହାର "୨ଜି-ମୁକ୍ତ ଭାରତ" ଅଭିଯାନର ଅଂଶ ଭାବରେ ଓଡ଼ିଶାରେ ଗ୍ରାହକମାନଙ୍କୁ ୨ଜିରୁ ୪ଜିକୁ ଅପଗ୍ରେଡ୍ କରିବା ଲାଗି ଏକ ବଡ଼ ପଦକ୍ଷେପ ନେଇଛି । ଏହି ଦୀପାବଳିରେ, ଜିଓ ଭାରତ ମୋବାଇଲ୍ ଫୋନ୍ ମାତ୍ର ୬୯୯ ଟଙ୍କାରୁ ଆରମ୍ଭ ହୋଇ ବେଶ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। କମ୍ପାନୀ ରାଜ୍ୟର ୯୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି , ଯେଉଁମାନେ ଏପର୍ଯ୍ୟନ୍ତ ୨ଜି ନେଟୱାର୍କ ବ୍ୟବହାର କରୁଛନ୍ତି। ଜିଓ କେବଳ ଅତ୍ୟାଧୁନିକ ୪ଜି ପ୍ରଯୁକ୍ତି ବ୍ୟବହାର କରି ଡିଜିଟାଲ୍ ଇଣ୍ଡିଆର ରୋଡମ୍ୟାପକୁ ଆଗକୁ ବଢ଼ାଉଛି। ଓଡିଶାରେ ଜିଓ ଭାରତ ଫୋନ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରୁଛି କାରଣ ଏହାର ମାସିକ ରିଚାର୍ଜ ସବୁଠାରୁ ଶସ୍ତା ରହିଛି। ଗ୍ରାହକମାନଙ୍କୁ ୨୮-ଦିନର ବୈଧତା ରହିଥିବା ପ୍ଲାନ ପାଇଁ କେବଳ ୧୨୩ ଟଙ୍କା ଦେବାକୁ ପଡିବ। ଏହି ସୁଲଭ ପ୍ଲାନରେ ଦୈନିକ ଅଧ ଜିବି ଲେଖାଏଁ ୧୪ ଜିବି ଡାଟା ଏବଂ ଅସୀମିତ କଲିଂ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ, ଅନ୍ୟ ଟେଲିକମ୍ କମ୍ପାନୀଗୁଡ଼ିକର ସମାନ ଅବଧି ପ୍ଲାନ ସର୍ବନିମ୍ନ ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ସେଥିରେ ମାତ୍ର ୨ଜିବି ଡାଟା ମିଳିଥାଏ। ଏହିଭଳି ଦେଖିଲେ ଜିଓ ଭାରତ ରିଚାର୍ଜ ମୂଲ୍ୟ ଅନ୍ୟ ଅପରେଟରମାନଙ୍କ ତୁଳନାରେ ୩୮ ପ୍ରତିଶତ ଶସ୍ତା ରହିଛି ଯାହା ଦ୍ୱାରା ଗ୍ରାହକମାନେ ପ୍ରତିମାସ ଅନ୍ୟୁନ ୭୬ ଟଙ୍କା ସଞ୍ଚୟ କରିପାରିବେ। ଜିଓ ଭାରତ ବାର୍ଷିକ ପ୍ଲାନ ମଧ ଉପଲବ୍ଧ ରହିଛି, ଯାହା ପାଇଁ ଗ୍ରାହକମାନଙ୍କୁ କେବଳ ୧୨୩୪ ଟଙ୍କା ଦେବାକୁ ପଡିବ। ଜିଓ ଭାରତ ଫୋନ୍ ସୁଲଭ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବା ସହିତ ମନୋରଞ୍ଜନ ଏବଂ ଦୈନନ୍ଦିନ ଆବଶ୍ୟକତାଗୁଡିକୁ ମଧ ପୂରଣ କରିଥାଏ। ଗ୍ରାହକମାନଙ୍କୁ ଜିଓ ହଟଷ୍ଟାର ସବସ୍କ୍ରିପସନ୍, ଜିଓ ସାଭନ୍‌ରେ ଆଠ କୋଟିରୁ ଅଧିକ ଗୀତର ଉପଲବ୍ଧତା ଏବଂ ଜିଓ ଟିଭିରେ ୬୦୦ରୁ ଅଧିକ ଚ୍ୟାନେଲ ଦେଖିବାର ସୁବିଧା ମିଳିଥାଏ। ଏହା ସହିତ, ଜିଓ ଭାରତ ଫୋନରେ ଜିଓ ପେ ଜରିଆରେ ଗ୍ରାହକମାନେ ୟୁପିଆଇ (ୟୁପିଆଇ) ଟଙ୍କା ଦେଣନେଣ କରିପାରିବେ।

# କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ବୃଦ୍ଧି ପାଉଛି ଦୁର୍ଘଟଣା



**ଦାରିଙ୍ଗବାଡି,୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ଡୁଲୁରୀ ପାଇନ ବଣ ନିକଟ ବୁଲାଣି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଉକ୍ତ ବୁଲାଣି ରାସ୍ତାକୁ ଗତ କିଛି ବର୍ଷ ତଳେ ପୂର୍ତ୍ତ ବିଭାଗ ବ୍ଲକ ସ୍ପଟ ଭାବେ ଚିହ୍ନଟ କରି ଡୁଲୁରୀ ନାଳରେ ଏକ ନୂତନ ପୋଲ ନିର୍ମାଣସହ ସିଧାରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ପରବର୍ତ୍ତୀ ସମୟରେ ପୋଲ ନିର୍ମାଣ କାର୍ଯ୍ୟ ମଧ କରାଗଲା ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ପୋଲ ରେ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାରେ ବିଳମ୍ବ ଯୋଗୁଁ ଉକ୍ତ ନୂତନ ରାସ୍ତାରେ ଯାତାୟାତ ହୋଇପାରିନାହିଁ। ପୂର୍ବ ଭଳି ଯାତ୍ରୀମାନେ ସେହି ବୁଲାଣି ରାସ୍ତାରେ ଯାତାୟାତ କରୁଥିବା ବେଳେ ପ୍ରତିବର୍ଷ ଉକ୍ତ ବୁଲାଣି ରାସ୍ତାରେ ବଡ଼ବଡ଼ ଦୁର୍ଘଟଣା ଘଟିବା ସହ ଲୋକଙ୍କ ଅକାଳରେ ଜୀବନ ଚାଲିଯାଉହିବା ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟା ରେ ୩ ଜଣ ଉକ୍ତ ବୁଲାଣି ରାସ୍ତାରେ ବାଇକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ଏହାକୁ ନେଇ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଦାରିଙ୍ଗବାଡି ଆସିଥିବା ସମୟରେ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଶୀଘ୍ର ଉକ୍ତ ପୋଲ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ କହିଛନ୍ତି ସେ, ଏଥର ଜିଲା ମିଟିଂରେ ଉକ୍ତ ପୋଲ ନିର୍ମାଣରେ ବିଳମ୍ବ ଘଟଣାକୁ ଉଠାଇବେ।

# ନିର୍ମାଣାଧୀନ କଲଭର୍ଟରେ ଲାଗୁଛି ମୂଲ୍ୟବାନ ଶାଳକାଠ

## ବନ ବିଭାଗ ଜାଣି ବି ଚୁପ



**ଫିରିଙ୍ଗିଆ,୫।୧୦(ସଂଚାର ବ୍ୟୁରୋ):** ସରକାର ପରିବେଶ ବଞ୍ଚାଅ ଜୀବନ ବଞ୍ଚାଅ ନାରା ଦେବା ସହ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେଇ ଓଡିଶାର କୋଣେ ଅନୁକୋଣେ ବୃକ୍ଷ ରୋପଣ କରାଉଛନ୍ତି।ଏଇ କିଛି ଦିନ ତଳେ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ୭୫ ତମ ଜନ୍ମଦିନରେ ସମଗ୍ର ଓଡିଶାରେ ୭୫ ଲକ୍ଷ ଗଛ ଲଗେଇବାକୁ ସଂକଳ୍ପ କରି ଚାରା ରୋପଣ କରିଥିଲେ। ଓଡିଶାର ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି। ହେଲେ ଗୋଟେ ପଟେ ସରକାର ଚାରା ରୋପଣ ଓ ତାର ଯତ୍ନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନ୍ୟପଟେ ବନ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ରକ୍ଷଣ ବେକ୍ଷଣ ଅଭାବ ଓ ଲମ୍ପଟ ସ୍ୱଭାବ ଯୋଗୁଁ କୋଟି କୋଟି ଟଙ୍କାର ମୂଲ୍ୟବାନ ଗଛ ସବୁ ହଣା ହୋଇ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ନୁଆଁପଦର ପଞ୍ଚାୟତରୁ, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୁଆଁପଦର ପଞ୍ଚାୟତ ଅନ୍ତର୍ଗତ ନୁଆଁପଦର- ମତିଙ୍ଗିଆ ଦେଇ ପାଙ୍ଗା ମାହା ରାସ୍ତାରେ ନିର୍ମିତ ହେଉଥିବା କଲଭର୍ଟରେ ସେଣ୍ଟ୍ରିଂ ପାଇଁ ବ୍ୟବହାର କରାଯାଇଛି ଶହ ଶହ ମୂଲ୍ୟବାନ ଶାଳ କାଠ। ସ୍ଥାନୀୟ ଫରେଷ୍ଟର ବ୍ରଜ ସୁନ୍ଦର ଦାସ ଜାଣିଶୁଣି ଚୁପ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସମସ୍ତେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ବ୍ରଜ ସୁନ୍ଦର ଦାସ ଓ ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବାରୁ ଏଭଳି ବେନିୟମ କାର୍ଯ୍ୟ ହେଉଛି ବୋଲି ସନ୍ଦେହ କରୁଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଜନ ଫୁଲବାଣୀ ପକ୍ଷରୁ ନିର୍ମିତ ହେଉଥିବା ନୁଆଁପଦର ଠାରୁ ମତିଙ୍ଗିଆ- ପାଙ୍ଗା ମାହା ପ୍ରଧାନମନ୍ତ୍ରୀ ସଡ଼କରେ ସ୍ଥାନେ ସ୍ଥାନେ କଲଭର୍ଟ ସବୁ ନିର୍ମିତ ହେଉଛି ଆଉ ଏହି ନିର୍ମାଣଧୀନ କଲଭର୍ଟ ରେ ସେଣ୍ଟ୍ରିଂ ପାଇଁ ବ୍ୟବହାର ହେଉଛି ମୂଲ୍ୟବାନ ଶହ ଶହ ଶାଳ ବଳି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆରକ୍ଷୀ ଉପଖଣ୍ଡଙ୍କ କାର୍ଯ୍ୟାଳୟ ପଛ ପଟୁ ଦୋକାନ ଘରୁ ଚୋରି

**ଯାଜପୁର,୫।୧୦(ସଂଚାର ବ୍ୟୁରୋ):** ଟାଉନ ଥାନା ଅନ୍ତର୍ଗତ ତାରାମଦନ ଠାରେ ଦେବେଶ୍ୱର ଗାର୍ମେଣ୍ଟସ ରୁ ଝରକା ତାଡି ଡ୍ରେସ ଚୋରି ହୋଇଥିବା ର ଅଭିଯୋଗ ହୋଇଛି। ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ପଛ ପଟ ରୁ ଚୋରି ଘଟଣା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣା ରୁ ଜଣାଯାଏ ପୋଲିସ ଷ୍ଟେସନ ରୁ ଦୁଇଶହ ମିଟର ଅବସ୍ଥିତ ଦୋକାନ ରୁ



ଚୋରି ଘଟଣା ପୋଲିସ ପାଇଁ ଚିନ୍ତା ର ବିଷୟ ପାଲଟିଛି।

ଯାଜପୁର ଟାଉନ ରେ ଲଗାତାର ଚୋରିଓ ଚେନ ଛଡେଇ ନେବା ଘଟଣା ପୋଲିସ ର ମୁଣ୍ଡ ବିନ୍ଧା ର କାରଣ ପାଲଟିଛି। ଏ ସମ୍ପର୍କ ରେ ଦେବେଶ୍ୱର ଗରମେଣ୍ଟସ ର ମାଲିକ ଭରତ ନାୟକ ଅଭିଯୋଗ କରିବା ପରେ ସାମ୍ନା ଘର ସିସି ଟିଭି ଫୁଟେଜ ରୁ ପୋଲିସ ସୁରାକ ପାଇବା ପରେ ସ୍ଥାନୀୟ ଗ୍ରାମ ର ସେକ ଅଜୁ ଙ୍କ ପୁଅ ସେକ ରେହେମାନ ଚୋରି କରିଥିବା ର ଜାଣିବାକୁ ପାଇ ପୋଲିସ ପଚରା ଉଚରା କରୁଛି।ଅନ୍ୟ କୋଉମାନେ ତା ସହିତ ସଶ୍ଳିଷ୍ଟ ଅଛନ୍ତି ଖୁବ ଶୀଘ୍ର ଧରା ପଡ଼ିବେ ବୋଲି ପୋଲିସ ସୂଚନା ଦେଇଛି । ସ୍ଥାନୀୟ ଅଞ୍ଚଳ ରେ ଚୋରି ଘଟଣା କୁ ନେଇ ସାଧାରଣ ରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚୋର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହୋଇଛି।

# ଗଣ୍ଡଗୋଳ ପରେ ବାଇକ୍ ପୋଡିଲା ଜ୍ୱାଇଁ



**ଭବାନୀପାଟଣା,୫।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା କାଉଡୋଳା ଗ୍ରାମରେ ବିଳମ୍ବିତ ରାତିରେ ଶଶୁର ଘର ଆଗରେ ଜ୍ୱାଇଁ ଉଦ୍ଭକ୍ତ କାଣ୍ଡ ଭିଆଇଛି। ସ୍ୱାମୀ ନିର୍ଯ୍ୟାତନା ସହି ନପାରି ସ୍ତ୍ରୀ ବାପ ଘରେ ଆସି ରହୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଜ୍ୱାଇଁ ରତ୍ନାକର ସରାଫ ଆସି ଗଣ୍ଡଗୋଳ ସହ ଗାଳିଗୁଲଜ କରିଥିଲେ ଓ ପରେ ଶ୍ୱଶୁର ଘର ଆଗରେ ଥିବା ସମ୍ପର୍କୀୟ ରଖିଥିବା ଏକ ବାଇକ କୁ ପୋଡି ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଝିଅଙ୍କ ପରିବାର ରବିବାର ଆମପାଣି ଥାନା ର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ କାଉଡୋଳା ଗ୍ରାମ ର ନାରାୟଣ ଧଙ୍ଗଡ଼ା ମାଝୀ ଙ୍କ ଝିଅ ଲିପି ଧଙ୍ଗଡ଼ା ମାଝୀ ଙ୍କୁ ଧର୍ମଗଡ଼ ବ୍ଲକ କୋକସରା ଥାନା ଅନ୍ତର୍ଗତ ଝାର କୁଣ୍ଡାମାଳ ଗ୍ରାମର ରତ୍ନାକର ସରାଫ ଗତ ୮ ବର୍ଷ ତଳେ ପ୍ରେମ ବିବାହ କରି ନେଇଥିଲା। କିଛି ବର୍ଷ ଦୁହେଁ ସ୍ୱାମୀ ସ୍ତ୍ରୀ ଭଲରେ ରହିବା ପରେ ପରବର୍ତ୍ତୀ ସମୟରେ ନିଜ ସ୍ତ୍ରୀ ଉପରେ ବିଭିନ୍ନ ସମୟରେ ନିର୍ଯାତନା ଦେବାରୁ ଝିଅ ସ୍ୱାମୀର ନିର୍ଯ୍ୟାତନା ଓ ମାଡ଼ଗାଳି ସହି ନପାରି ବାପା ଘର କାଉଡୋଳାକୁ ଆସିଥିଲା। ଶନିବାର ବିଳମ୍ବିତ ରାତିରେ ରତ୍ନାକର ଆସି ଗାଳିଗୁଲଜ କରିବା ପରେ ରାଗରେ ଘର ସାମ୍ନାରେ ଥିବା ସମ୍ପର୍କୀୟଙ୍କ ବାଇକରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବାରୁ ବାଇକ ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଅନେକ ସମୟରେ ଆସି ରତ୍ନାକର ଏମିତି ଗଣ୍ଡଗୋଳ କରୁଥିବା ମଧ୍ୟ କହିଛନ୍ତି। ଏନେଇ ରବିବାର ସମ୍ପୃକ୍ତ ଯୁବକ ଙ୍କ ସ୍ତ୍ରୀ ଲିପି ଆମପାଣି ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି।

# କୋଲାବ ଜଳଭଣ୍ଡାରରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

**କୋରାପୁଟ,୫।୧୦(ସଂଚାର ବ୍ୟୁରୋ):** ଦୁଇଦିନ ତଳେ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ରବିବାର ସକାଳେ କୋଲାବ ଜଳଭଣ୍ଡାରରୁ ଉଦ୍ଧାର ହୋଇଛି। ମୃତକ ଜଣକ ସୁନାବେଡ଼ା ଥାନା ପୁରୁଣା ଡୁମୁରିପୁଟ ଗ୍ରାମର ୩୬ ବର୍ଷୀୟ ଡମ୍ବୁ ଆମାପାଡିଆ ବୋଲି ଜଣାପଡ଼ିଛି। ମୃତ ଡମ୍ବୁ ଗତ ଦୁଇଦିନ ହେଲା ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବାବେଳେ ରବିବାର ସକାଳେ କୋରାପୁଟ ଟାଉନ ଥାନା ଅନ୍ତର୍ଗତ ହାଟପଦା ଶ୍ମଶାନ ନିକଟରେ କୋଲାବ ଜଳଭଣ୍ଡାରରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାର ହେବା ପରେ ମୃତ ଡମ୍ବୁର ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ।

# ଓଡିଶୀ ସାଧନା ପୀଠ ପକ୍ଷରୁ ନିର୍ବାଣ ନୃତ୍ୟ ଉତ୍ସବ ଅନୁଷ୍ଠିତ



**ବ୍ରହ୍ମପୁର,୫।୧୦(ସଂଚାର ବ୍ୟୁରୋ):** ଓଡିଶୀ ସାଧନା ପୀଠ (ବ୍ରହ୍ମପୁର) ପକ୍ଷରୁ ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରରେ ନିର୍ବାଣ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ରୂପେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ସଂସ୍କୃତି ବିଭାଗର ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିଶାଙ୍କ, ଅବସରପ୍ରାପ୍ତ ଡିଆଇପିଆରଓ ରବି ନାରାୟଣ ବେହେରା, ଓଡିଶୀ ନୃତ୍ୟ ଗୁରୁ ଜୟନ୍ତ ଆଚାର୍ଯ୍ୟ, ଅନୀଲ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ଶିଳ୍ପୀ ମାନଙ୍କ ଦ୍ୱାରା ପରିବେଷିତ ପଲ୍ଲବୀ, ମଙ୍ଗଳାଚରଣ, ରାଜସ୍ଥାନୀ, ସମ୍ବଲପୁରୀ ଆଦି ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନ ପକ୍ଷରୁ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡିଶା ଆଦର୍ଶ ସମ୍ମାନ, ଗୁରୁ ସତ୍ୟବାଦୀ ସାହୁଙ୍କୁ ଶୀରୋମଣୀ ସମ୍ମାନ, ଗୁରୁ ଗାୟତ୍ରୀ ରଣବୀରଙ୍କୁ ଶ୍ରେଷ୍ଠ ଉପାସକ ସମ୍ମାନ, ସୁଶ୍ରୀ ସୃଷ୍ଟି ସାହୁଙ୍କୁ ସ୍ୱର୍ଗତ ସତ୍ୟ ନାରାୟଣ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ପାଖାପାଖି ୧୦୦ ଜଣ ନୃତ୍ୟ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ପିଲାଙ୍କୁ ସଠିକ୍ ଓଡିଶୀ ନୃତ୍ୟ ଶିକ୍ଷା ଦେଇ ଏହାର ପ୍ରଚାର ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଓଡିଶୀ ସାଧନା ପୀଠର ଗୁରୁ ଶ୍ରୀ ସୁରଜ କୁମାର ସାହୁ ମତ ରଖିଛନ୍ତି।

# ବ୍ଲକରେ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲ୍ଲାପାଳ



**ଫୁଲବାଣୀ,୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗସ୍ତ ରେ ଆସି ବ୍ଲକ ରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସମୀକ୍ଷା କରିଥିଲେ । ପ୍ରଥମେ ଜିଲ୍ଲାପାଳ ଏହି ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କେଳାପଡା ପଞ୍ଚାୟତ ର ଅମୃତ ସରୋବର, ହାଟ, ଅଙ୍ଗନୱାଡି କେନ୍ଦ୍ର, ଜାଜେଶପାଙ୍ଗା ପେବର ରାସ୍ତା, ନିର୍ମାଣଧିନ ପଞ୍ଚାୟତ ସୁବିଧା କେନ୍ଦ୍ର, ସାଡିଙ୍ଗିଆ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ବୁଲି ଦେଖିଥିଲେ ର କିଆ ମୁଣ୍ଡା ସ୍କୁଲ ଉନ୍ନତିକରଣ, ପାଙ୍ଗା ଉପରସାହି ପଞ୍ଚାୟତ ମାଳା ଠାରେ ନୂତନ କୋଠା ନିର୍ମାଣ, ପାଙ୍ଗା ଠାରେ ନୂତନ ମେଡିକାଲ ଗୃହ ନିର୍ମାଣ, ବୁଲି ଦେଖିଥିଲେ । ତେବେ ଜିଲ୍ଲାପାଳ ଙ୍କ ଏହି ଗସ୍ତ ସମୟରେ, ଫିରିଙ୍ଗିଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଏପିଓ ସୁମନ୍ତ ଉଠାଣ ସିଂ, ପ୍ରମୁଖଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ଯବାନ ସମ୍ବର୍ଦ୍ଧନା

**ନବରଂଗପୁର/ରାଇଘର,୫।୧୦(ସଂଚାର ବ୍ୟୁରୋ):** ରାଇଘର ବ୍ଲକ ଲଛିନ୍ଦର ନିଜ କର୍ତ୍ତବ୍ୟରୁ ଅବସର ନେଇ ଘରକୁ ଖେଳି ଯାଇଥିଲା। ଛେଲିଡଙ୍ଗରି ପଞ୍ଚାୟତ ଅନ୍ତର୍ଗତ ନୂଆପାରା ଗ୍ରାମର ଫେରିବା ପରେ ପରିବାର ମଧ୍ୟରେ ଖୁସିର ଲହରୀ ଲଛିନ୍ଦର ଗଣ୍ଡ ସାମରିକ ସେନାରୁ ଅବସର ନେଇ ଘରକୁ ଫେରିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଆଜି ଦିନ ୧୨ଟା ସମୟରେ ଗ୍ରାମର ଶତାଧିକ ଲୋକେ ବାଜା ରୋଷିଣୀରେ ତାଙ୍କୁ ସ୍ୱାଗତ କରିବା ସହିତ ଦେଶ ପାଇଁ ତାଙ୍କ ଚାକିରି କାଳରେ ଦେଇଥିବା ଅବଦାନକୁ ନେଇ ପ୍ରଶଂସା କରିଥିଲେ।

## ବନ୍ୟପ୍ରାଣୀ ସପ୍ତାହ ପାଳନ



**ସୁନ୍ଦରଗଡ଼,୫।୧୦(ସଂଚାର ବ୍ୟୁରୋ):** ଆବାହମାନ କାଳରୁ ପ୍ରାକୃତିକ ସମ୍ବଳ ଭାବରେ ଜଳ, ଜମି, ଜଙ୍ଗଲ, ଜନ ସଙ୍ଗେ ସଙ୍ଗେ ଜନ୍ତୁ ମଧ୍ୟ ପରିବେଶ ସନ୍ତୁଳନ ସହିତ ଜୈବ ବିବିଧତା ପାଇଁ ଅପରିହାର୍ଯ୍ୟ। ତେବେ ବର୍ତ୍ତମାନର ଆଧୁନିକ ଦୁନିଆରେ ବଢି ବଢି ଚାଲିଛି ଜଗତିକରଣ ସଙ୍ଗେ ସଙ୍ଗେ ବ୍ୟାପକ ଶିଳ୍ପାୟନ। ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନର ସମୟରେ ସବୁଠୁ ବଡ ଆହ୍ୱାନ ହୋଇଥିବା ବେଳେ ପ୍ରାକୃତିକ ସମ୍ବଳର ସୁପରିଚାଳନା ଆଗାମୀ ପିଢ଼ୀ ପାଇଁ ନିତାନ୍ତ ଆବଶ୍ୟକ। ରବିବାର ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳ ତରଫରୁ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତିଲଡ଼େଗା ଗ୍ରାମରେ ୭୧ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଥିଲା।

## ଅଟଳ ସେନା ପକ୍ଷରୁ ଚାରାରୋପଣ

**ସାଲେପୁର,୫।୧୦ (ସଂଚାର ବ୍ୟୁରୋ):** ରଟିଲୋ ପଞ୍ଚାୟତ ଅନ୍ତର୍ଗତ ସାଧୁବର ପୀଠ ପ୍ରାଙ୍ଗଣ, ବୁରୁଡ଼ା ଠାରେ ଅଟଳ ସେନା, ଓଡିଶା ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅବସର ରେ ଅଟଳ ସୈନିକ ମାନଙ୍କ ଦ୍ୱାରା ଶତାଧିକ ବୃକ୍ଷ



ରୋପଣ କରାଯାଇଛି। ଏଥିରେ ରାଜ୍ୟସଭାପତି ଦିବାକର ପ୍ରଧାନଙ୍କ ତତ୍ୱାବଧାନରେ ଅଟଳ ବୁଦ୍ଧିଜୀବୀ ସଂଘ ର ରାଜ୍ୟସଭାପତି ଡ଼ଃ ଉମେଶ ଚନ୍ଦ୍ର ପତି, ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡ଼ଃ ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ପ୍ରତାପ କିଶୋର ମିଶ୍ର, ସନ୍ତୋଷ ସାମଲଙ୍କ ସମେତ ଅନେକ ଗ୍ରାମବାସୀଙ୍କ ଉପସ୍ଥିତି ରହି ବୃକ୍ଷରୋପଣ କାମକୁ ସଫଳ କରିଥିଲେ।

# ଧରାବତରଣ କଲେ ଧନଦାତ୍ରୀ ମା 'ଗଜଲକ୍ଷ୍ମୀ

● ସୁଉଚ୍ଚ ତୋରଣ ସାଙ୍ଗକୁ ଆଖି ଝଲସିଲା ଭଳି ଆଲୋକମାଳା



**କାକଟପୁର/ଅସ୍ତରଙ୍ଗ,୫।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ ବାଲିପତ୍ତାଳ ଗ୍ରାମରେ ମା 'ଗଜଲକ୍ଷ୍ମୀ ପୂଜା ପାଇଁ ସମଗ୍ର ଅଞ୍ଚଳ ବର୍ତ୍ତମାନ ଉତ୍ସବ ମୁଖର ହୋଇ ଉଠିଛି। ଚଳିତ ବର୍ଷ ମା 'ଗଜଲକ୍ଷ୍ମୀ ପୂଜା କମିଟି ୫୨ବର୍ଷରେ ପଦାର୍ପଣ କରିଥିବା ବେଳେ ଶନିବାର ଅପରାହ୍ନ ରେ ନିକଟସ୍ଥ ଦେବୀ ନଦୀରୁ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଦେବୀ ଙ୍କ ପ୍ରାଣ ପ୍ରତିଷ୍ଠା କରି ହୋମ ଓ ପୂଜା କର୍ମ ସମ୍ପର୍ଣ୍ଣ କରାଯାଇ ସନ୍ଧ୍ୟା ଆଳତି କାର୍ଯ୍ୟ ପଣ୍ଡିତ ମାନଙ୍କ ଦ୍ୱାରା ସମାପିତ ହେଉଛି। ସୋମବାର ସୂର୍ଯ୍ୟପୂଜା, ଗୋ ପୂଜା, ପୂର୍ଣ୍ଣାହୂତି ହେବାର କାର୍ଯ୍ୟକ୍ରମ ରହିଛି। ପୂଜାରେ କର୍ତ୍ତା ଭାବେ କେଦାର ବେହେରା ଓ ମାମାଲି ବେହେରା ରହିଛନ୍ତି।ସୁନ୍ଦର ସାଜସଜ୍ଜା, ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ମାଳା ଲୋକଙ୍କୁ ଅଧିକ ଆକର୍ଷିତ କରୁଛି। ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।ଚଳିତ ବର୍ଷ ମା 'ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମଙ୍ଗଳବାର ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ବୁଧବାର ଦିନ ଗ୍ରାମାଞ୍ଚଳ କୁନି ପ୍ରତିଭା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଓ ରବିବାର ପଣାଭୋଗ ଓ ଭସାଣି ଯାତ୍ରା ହେବ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି।

# ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ପୂଜା ପାଳିତ

**ବୋରିଗୁମ୍ମା,୫।୧୦(ସଂଚାର ବ୍ୟୁରୋ):** ବୋରିଗୁମ୍ମା ସହର ଉପକଣ୍ଠ ଦୁଲ୍ହାଗୁଡା ସ୍ଥିତ ନୂତନ ବାସଭବନରେ ବାସ କରୁଥିବା ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିଜ ବାସଭବନରେ ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ପୂଜା କରିଥିଲେ। ମୋଟ ୨୫ ଗୋଟି ପରିବାର ସାମୁହିକ ଭାବେ ନବରାତ୍ର ଓ ଶାରଦୀୟ ପୂଜା କରିଥିବା ବେଳେ ଶେଷ ଦିନରେ ୧୩ ଜଣ ଅବସର ପ୍ରାପ୍ତ ଶିକ୍ଷକଶିକ୍ଷୟତ୍ରୀ, ୧୦ ଜଣ ଅବସର ପ୍ରାପ୍ତ ଭାରତୀୟ ସୈନିକ, ଜଣେ ଆଧ୍ୟାତ୍ମିକ ବ୍ୟକ୍ତି,୨ ଜଣ ସମାଜସେବୀ, ଜଣେ ବାଲୁକା ଶିଳ୍ପୀ, ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ରେ କୃତିତ୍ୱ ଅର୍ଜନ କରିଥିବା ୩ ଜଣ ବିଦ୍ୟାର୍ଥୀ ଓ ଅଭାବ ଅନାଟନ ମଧ୍ୟରେ ସଂଘର୍ଷ କରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିବା ୫ ଜଣ ପ୍ରତିଭାଙ୍କୁ ସମ୍ମାନିତ କରିବା ସହ ଔପଢୌକନ ସହ ଉପହାର ପ୍ରଦାନ କରିଥିଲେ।

# ମାଧବଙ୍କ ମୃତ୍ୟୁକୁ ନେଇ ଚିନ୍ତାରେ ପରିବାର



**ଯାଜପୁର ରୋଡ଼,୫।୧୦(ସଂଚାର ବ୍ୟୁରୋ):** ରସୁଲପୁର ବ୍ଲକ ପଂହଁଗା ପଞ୍ଚାୟତ ବାସିନ୍ଦା ମାଧବ ଦାସ (୬୯ଙ୍କ ମୃତ୍ୟୁ ଏବେ ସନ୍ଦେହ ଘେରରେ। ଦୀର୍ଘ ୬ ଦିନ ପରେ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି ସ୍ତ୍ରୀ ଓ ଝିଅ। ସାଇଂଟିଫିକ ଟିମର ଉପସ୍ଥିତିରେ ଯାଜପୁର ରୋଡ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ପହଂଗା ଗ୍ରାମର ମାଧବ ଦାସ ଗତ ୩୦ତାରିଖ ଦିନ ତାଙ୍କ ଦୁଇ ସାଙ୍ଗଙ୍କ ସହ କୌଣସି ଏକ କାମରେ ବାଇକ ଯୋଗେ ପାଖ ଗ୍ରାମ ରାଉତରାପୁର ଯାଇଥିଲେ। ସେଠାରୁ ଫେରିବା ସମୟରେ ମାଧବ ରାସ୍ତାରେ ପରିସ୍ରା କରିବା ପାଇଁ ଗାଡି ରଖିବାକୁ କହିଥିଲେ। ଦୁଇ ସାଙ୍ଗଙ୍କ କହିବା ଅନୁଯାଇ ମାଧବ ଅତ୍ୟଧିକ ମଦ୍ୟପାନ କରିଥିବାରୁ ପରିସ୍ରା କରିବା ସମୟରେ ମୁଣ୍ଡ ବୁଲାଇ ତଳେ ପଡ଼ିଯାଇଥିଲେ। ଏବଂ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କୁ ଯାଜପୁର ରୋଡ ମେଡିକାଲକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ମୃତ ଶରୀରକୁ ପରିବାରଙ୍କ ଦ୍ୱାରା ଗାଁ ଶ୍ମଶାନରେ ପୋତିବା ସମୟରେ ତାଙ୍କ ମୁଣ୍ଡରେ ଏକ ଆଘାତର ଚିହ୍ନ ହୋଇଥିବା ପରିବାର ଲୋକେ ଦେଖିଥିଲେ। ମନରେ ସନ୍ଦେହ ଆସିବାରୁ ଦୁଇ ସାଙ୍ଗଙ୍କୁ ଡାକି ଘରେ ମାଧବଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ଘଟଣା ସମ୍ପର୍କରେ ପଚାର ଉଚରା କରିଥିଲେ। ମନରେ ସଂନ୍ଦେହ ଆସିବାରୁ ପୁନର୍ବାର ମାଧବଙ୍କ ସ୍ତ୍ରୀ ଓ ଝିଅ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଯାଜପୁର ରୋଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଆଧାର କରି ଯାଜପୁର ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସବକୁ ମାଟି ତଳୁ ବାହାର କରି ଟାଉନ ମେଡିକାଲକୁ ସବ ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଥିଲେ। ରିପୋର୍ଟ ଆସିବା ପରେ ଯଦି ଏହା ହତ୍ୟା ଜନିତ ଘଟଣା ହୋଇଥାଏ ତେବେ ଦୋଷୀ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅଯିବ ବୋଲି ଥାନା ଅଧିକାରୀ ଆଶିଷ ସାହୁ ସୂଚନା ଦେଇଥିବା କଥା ପଦାକୁ ଆସିଛି।

# ଆର୍‌ଟିଆଇରେ ମିଳୁନି ସୂଚନା ନ'ମିଳିବାରୁ ସାମ୍ବାଦିକ ସମ୍ମିଳନୀ




**ଲାଞ୍ଜିଗଡ଼,୫।୧୦(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ବିଭିନ୍ନ ଫଣ୍ଡରୁ ବ୍ଲକର ୨୬ଗୋଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଥିବା ବେଳେ ଅନେକ ପଞ୍ଚାୟତରେ ମନରେଗା, ସିଏଫସି ଓ ଏସଏଫସି ଫଣ୍ଡରେ ଆସୁଥିବା ସରକାରୀ ଅର୍ଥ ରାଶିକୁ ଅଳ୍ପ କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହେଉଥିବାବେଳେ ବ୍ଲକର ୨୬ଗୋଟି ପଞ୍ଚାୟତର ଉକ୍ତ କାର୍ଯ୍ୟର ଖର୍ଚ୍ଚ ସବିଶେଷ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ମାଳିଯୁବାଙ୍ଗ ପଞ୍ଚାୟତ ମାଳିଯୁବାଙ୍ଗ ଗାଁର ରାମଚନ୍ଦ୍ର ମୁଣ୍ଡଛିନା ଏନେଇ ଲାଞ୍ଜିଗଡ଼ ବ୍ଲକ ବିଡ଼ିଓଙ୍କୁ ୧୮/୦୬/୨୫ରେ ସୂଚନା ଅଧିକାର ଆଇନ ବଳରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ର କାମ ଖର୍ଚ୍ଚ ସବିଶେଷ ସୂଚନା ମାଗିଥିଲେ। କିନ୍ତୁ ପ୍ରଥମ ଅପିଲ ପରେ ମଧ୍ୟ କୌଣସି ସୂଚନା ମିଳିପାରିନାହିଁ। ତେବେ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ କେଉଁ ଉଦେଶ୍ୟ ରଖି ଅପିଲ ପରେ ମଧ୍ୟ କୌଣସି ତଥ୍ୟ ଦେଉନ'ଥିବା ବେଳେ ଆଜି ବେନାଗାଁ ଠାରେ ସାମ୍ବାଦିକ ସମ୍ମିଳନୀରେ ସେ ମତପ୍ରକାଶ କରିଛନ୍ତି ଯେ' ସୂଚନା ଅଧିକାର ଆଇନ ୨୦୦୫ ଅନୁଯାଇ ଭାରତର ସମସ୍ତ ନାଗରିକଙ୍କ ଅଧିକାର ଅଛି ଯେ' ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିବା କିନ୍ତୁ ପରିତାପର ବିଷୟ ଏହି ଆଇନ ସ୍ୱତେ ମଧ୍ୟ ଲାଞ୍ଜିଗଡ଼ ପ୍ରଶାସନ ଏବେ ଯାଏଁ କୌଣସି ତଥ୍ୟ ଦେଇ ନାହାନ୍ତି।

## ଚୋରା ବାଲି ଚାଲାଣକୁ ବିରୋଧ

# ବନ୍ଦ ନହେଲେ ଆନ୍ଦୋଳନର ଚେତାବନୀ



**ବାଲିଆପାଳ,୫।୧୦ (ସଂଚାର ବ୍ୟୁରୋ):** ଦକ୍ଷିଣ ବାଲିଆପାଳରେ ସମୁଦ୍ର ଉପକୂଳବର୍ତ୍ତୀ ଡଗରା, ଚଉମୁଖ, ବେତଗଡ଼ିଆ, ଅଁଳା ଡିହା, ଜମ୍ବିରାଇ, ନୁଆ ଗାଁ, ପ୍ରମୁଖ ଛଅଟି ପଞ୍ଚାୟତ ମାନଙ୍କରେ ଦିନକୁ ଦିନ ବେଧଡକ ଭାବେ ଚୋରା ବାଲି ଚାଲାଣ ବଢ଼ିବାରେ ଲାଗିଛି। ନିଘୋଡ଼ ନିଦରେ ଶୋଇଛନ୍ତି ଖଣି ଅଧିକାରୀ।ବାଲିଆପାଳ ପୋଲିସ, ଖଣି ଅଧିକାରୀ ଏବଂ ଅସାଧୁ ବାଲି ମାଫିଆଙ୍କ ତ୍ରୀମୁଖି ସଲାସୁତୁରାରେ ହେଉଛି ବାଲି ହରିଲୋଟ। ସୁଚନା ଅନୁସାରେ କିଛି ଦିନ ପୂର୍ବରୁ ଅଳାଁଡିହା ଠାରେ ଧର୍ମକୁ ଆଖି ଠାର ପରି କିଛି ବାଲି ଟ୍ରାକ୍ଟରକୁ ଧରି ପୁଣି ସେହି ବାଲି ମାଫିଆଙ୍କୁ ନିଲାମ ଆକାରରେ ଅଧିକାରୀ ହସ୍ତାନ୍ତର କରି ହାତ ବାନ୍ଧି ପଳାଇ ଆସିଥିଲେ। ଉକ୍ତ ବାଲିକୁ ପଞ୍ଚାୟତ ଅଫିସ୍ ସାମ୍ନାରେ ବାଲି ମାଫିଆ ନିଲାମ ବାଲି ଦର୍ଶାଇ ପ୍ରତ୍ୟେକ ଦିନ ଶହଶହ ଟ୍ରୀପ ବାଲି ଚାଲାଣ କରୁଛନ୍ତି। ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ପାଣି ନିଷ୍କାସନ ହୋଇନପାରି ପଞ୍ଚାୟତ ଅଫିସ୍ ଭିତରେ ପାଣି ପଶିଛି। ଏନେଇ ଅଳାଁଡିହା ସରପଞ୍ଚ ମମତା କୁଲାରି ଅସୋନ୍ତୋଷ ପ୍ରକାଶ କରିବା ସହିତ ଶୁକ୍ରବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ବାଲି ଚୋରି ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏହା ବ୍ୟତିତ ଦିନକୁ ଦିନ ତଟକୁ ସୁରକ୍ଷା ଦେଉଥିବା ବାଲି ଆଡିଆ ଗୁଡିକ ମାଫିଆ ମାନଙ୍କ ଦ୍ୱାରା ଚାଲାଣ ହେବା ଫଳରେ ସମୁଦ୍ରର ଜୁଆର ପାଣି ଜନବସତି ଆଡ଼କୁ ମାଡ଼ି ଆସିବାର ସମ୍ଭାବନା ରହିଛି। ଏହି ଚୋରା ବାଲି ଚାଲାଣ ବନ୍ଦ କରାନଗଲେ ଲୋକ ଙ୍କ ଧନଜୀବନ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି। ଏହି ଚୋରା ବାଲି ଚାଲାଣ ବନ୍ଦ କରାନଗଲେ ଲୋକ ଙ୍କ ଧନଜୀବନ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି।

# ଆରଏସ୍‌ଏସ୍ ଶତାବ୍ଦୀ ବର୍ଷ ତଥା ବିଜୟା ଦଶମୀ ଉତ୍ସବ



**ସୁବର୍ଣ୍ଣପୁର,୫।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମର ଉଦଘାଟନ ହୋଇଛି। ୨୦୨୫ ମସିହା ବିଜୟା ଦଶମୀ ଦିନ ସଂଘକୁ ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଶତାବ୍ଦୀ ବର୍ଷ ପାଳନ ହୋଇଛି ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସ୍ୱୟଂ ସେବକ ସୋନପୁର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କ ମନ୍ଦିରରୁ ଏକ ବିରାଟ ସଞ୍ଚଳନ ବାହାରି ସୋନପୁର ଦୁର୍ଗା ମଣ୍ଡପ ଛକ, ବିଜୁ ପଟ୍ଟନାୟକ ଛକ, ମଟ୍ଟିପଡ଼ା, କଚେରି ଛକ, ଆମ୍ବେଦକର ଛକ, ବ୍ଲକ ଛକ ଦେଇ ରୟାଲ ପଡ଼ିଆରେ ସରିଥିଲା। ଏହି ସଞ୍ଚାଳନ ସମୟରେ ସହରର ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଭବ୍ୟ ସ୍ୱାଗତ ମାନ ହୋଇଥିଲା। ରୟାଲ ପଡ଼ିଆରେ ବିଭିନ୍ନ ପ୍ରକାର ଶାରୀରିକ ପ୍ରଦର୍ଶନ ନିୟୁଦ୍ଧ, ସୂର୍ଯ୍ୟ ନମସ୍କାର, ଦଣ୍ଡ ଯୋଗ, ପ୍ରହାର ମାନ ପ୍ରଦର୍ଶନ କରିଥିଲେ। ମଞ୍ଚାରେ ସୁବର୍ଣ୍ଣପୁର ଜିଲ୍ଲା ସଂଘ ପରିବାରର ମାନନୀୟ ଜିଲ୍ଲା ସଂଘ ଚାଳକ ଦିଲ୍ଲୀପ କୁମାର ତ୍ରିପାଠୀ, ଜିଲ୍ଲା କର୍ଯ୍ୟବାହ ଧର୍ମେନ୍ଦ୍ର ବଡମାଳି, ମୁଖ୍ୟ ଅତିଥି ଅବସର ପ୍ରାପ୍ତ ସେନା ଅଧିକାରୀ ପଦ୍ମଲୋଚନ ମହାଲିଙ୍ଗ ଓ ମୁଖ୍ୟ ବକ୍ତା ଭାବରେ ଡାକ୍ତର ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସ୍ୱୟଂସେବକ ମାନଙ୍କୁ ଦେଶର ସେନା ବାହିନୀ ସହିତ ତୁଳନା କରିଥିଲେ ଓ ସ୍ୱୟଂସେବକ ମାନଙ୍କୁ ଉତ୍ସାହୀତ କରିଥିଲେ।

# ବଜ୍ରପାତରେ ଚାଷୀ ମୃତ

**ବାରିପଦା,୫।୧୦(ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ସିମାନ୍ତ ଜାମଦା ଥାନା ଅଞ୍ଚଳରେ ବାଦଲ ଫଟା ବର୍ଷା ସାଙ୍ଗକୁ ବଜ୍ର ପାତରେ ଜନୈକ ଚାଷୀର ମୃତ୍ୟୁ ହୋଇଥିବା ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଯାଇଛି।ସୂଚନାଯୋଗ୍ୟ ଆଜି ରବିବାର ଅପରାହ୍ନ ୨ ଟା ପାଖାପାଖି ସମୟରେ ଆକାଶରେ ଦୁଇ ଘଣ୍ଟା ଧରି ବାଦଲ ଫଟା ବର୍ଷା ମୂଷଳ ଧାରାରେ ହୋଇଥିଲା। ଜାମଦା ଥାନା ଅଞ୍ଚଳର ଜାରକାଣୀ ପଞ୍ଚାୟତର ବାରୁଡ଼ି ଗ୍ରାମର ଚାଷୀ ହାତୀରାମ ସର୍ଦାର(୫୭) ଗାଁ ପଡ଼ିଆରେ ଗୋରୁ ଚରାଉଥିବା ସମୟରେ ହଠାତ୍ ବିଜୁଳି ଚଡ଼କ ମାରିଥିଲା। ବିଜୁଳି ଚଡକରେ ହାତୀରାମ ପଡ଼ିଆ ପାଖ ରାସ୍ତାରେ ଟଳି ପଡ଼ିଥିଲା। ତାଙ୍କୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।



ସଂଚାର SANCHAR
ସୋମବାର ୬ ଅକ୍ଟୋବର ୨୦୨୫
ସ୍ୱାସ୍ଥ୍ୟ




# ଖାଲି ପାଦରେ ଘାସରେ ଚାଲିବା ଶରୀର ପାଇଁ ଭଲ



**ନୂଆଦିଲ୍ଲୀ: ମଣିଷ ଜୀବନ ସବୁବେଳେ ବ୍ୟସ୍ତ। ଆଜି କାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଆମେ ପ୍ରାୟତଃ ପ୍ରକୃତି ଠାରୁ ଦୂରେଇ ଯାଉଛୁ। କାମର ଚାପ, ଘରୋଇ ସମସ୍ୟା ଭିତରେ ଏତେ ବ୍ୟସ୍ତ ହୋଇ ଯାଉଛୁ ଯେ- ନିଜ ପାଇଁ ସମୟ ଦେବାକୁ କିମ୍ବା ନିଜକୁ ପ୍ରକୃତି କୋଳରେ ହଜେଇ ଦେବାକୁ ବିଲକୁଲ ବି ସମୟ ପାଉନୁ। ଏପରିସ୍ଥଳରେ ଆମେ ଘର ଭିତରେ, ଅଫିସରେ କିମ୍ବା ବାହାରେ ସବୁବେଳେ ଜୋତା କିମ୍ବା ଚପଲ ପିନ୍ଧି ରହୁଛୁ। କିନ୍ତୁ ଆପଣ ଜାଣିଛନ୍ତି କି ? ଖାଲି ପାଦରେ ଚାଲିବା ଆମ ଶରୀର ପାଇଁ ଅନେକ ଉପକାରୀ ସାବ୍ୟସ୍ତ ହୋଇଥାଏ। ପ୍ରାଚୀନ କାଳରୁ ଆୟୁର୍ବେଦରେ ଖାଲି ପାଦରେ ଚାଲିବାର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି। ଏହାକୁ "ଅର୍ଥିଙ୍ଗ" କିମ୍ବା "ଗ୍ରାଉଣ୍ଡିଙ୍ଗ" ମଧ୍ୟ କୁହାଯାଏ, ଯାହାର ଅର୍ଥ ହେଉଛି ପୃଥିବୀର ପ୍ରାକୃତିକ ଶକ୍ତି ସହିତ ସିଧାସଳଖ ସଂଯୋଗ ସ୍ଥାପନ କରିବା। ଆସନ୍ତୁ ଜାଣିବା, ଖାଲି ପାଦରେ ଚାଲିବାର ମୁଖ୍ୟ ଉପକାରିତା ଗୁଡ଼ିକ କ'ଣ ଏବଂ ଆୟୁର୍ବେଦିକ ଡାକ୍ତରମାନେ ଏ ବିଷୟରେ କ'ଣ ପରାମର୍ଶ ଦିଅନ୍ତି। ଜାଣନ୍ତୁ ଖାଲି ପାଦରେ ଚାଲିବାର ମୁଖ୍ୟ ଫାଇଦା**

### ମାନସିକ ଶାନ୍ତି ଏବଂ ଚାପ ହ୍ରାସ

ପୃଥିବୀ ପୃଷ୍ଠରେ ମୁକ୍ତ ଇଲେକ୍ଟ୍ରନ୍ ରହିଛି, ଯାହା ଆମ ଶରୀରରେ ଥିବା ଅତିରିକ୍ତ ଇଲେକ୍ଟ୍ରନ୍‌କୁ ସନ୍ତୁଳିତ କରିଥାଏ। ଖାଲି ପାଦରେ ଚାଲିବା ଦ୍ୱାରା ଏହି ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ପ୍ରବେଶ କରନ୍ତି। ଯାହା ମାନସିକ ଚାପ, ଚିନ୍ତା ଏବଂ ଅବସାଦକୁ କମାଇବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କକୁ ଶାନ୍ତ ରଖେ ଏବଂ ନିଦ୍ରାକୁ ଉନ୍ନତ କରିଥାଏ। ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପୃଥିବୀରୁ ମିଳୁଥିବା ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ଥିବା ପ୍ରଦାହଜନକ ପ୍ରକ୍ରିୟାକୁ କମାଇବାରେ ସାହାଯ୍ୟ କରନ୍ତି। ଏହା ଗଣ୍ଠି ଯନ୍ତ୍ରଣା, ମାଂସପେଶୀର ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ପ୍ରଦାହଜନକ ରୋଗରୁ ମୁକ୍ତି ଦେଇଥାଏ।

### ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି

ଖାଲି ପାଦରେ ଚାଲିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଏହା ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ।

### ରକ୍ତ ସଞ୍ଚାଳନରେ ଉନ୍ନତି

ନୃତତ୍ତ୍ୱବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ତଳିପା ମାଲିସ୍ ହୋଇଥାଏ। ଏହା ପାଦର ଆକ୍ୟୁପ୍ରେସର ପଏଣ୍ଟଗୁଡ଼ିକୁ ଉତ୍ତେଜିତ କରେ, ଯାହା ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ। ଫଳରେ ହୃଦ୍ ରୋଗର ଆଶଙ୍କା କମିଯାଏ।

### ଶରୀରର ଶକ୍ତି ସ୍ତର ବୃଦ୍ଧି

ପୃଥିବୀର ଶକ୍ତି ସହିତ ସଂଯୋଗ ହେବା ଦ୍ୱାରା ଶରୀରରେ ସକରାତ୍ମକ ଶକ୍ତିର ପ୍ରବାହ ବଢ଼ିଥାଏ। ଏହା ଦିନସାରା ତାଜା ଏବଂ ଶକ୍ତିଯୁକ୍ତ ଅନୁଭବ କରିବାରେ ସାହାଯ୍ୟ କରେ।

### ଉନ୍ନତ ଦୃଷ୍ଟିଶକ୍ତି

ଆୟୁର୍ବେଦ ଅନୁଯାୟୀ, ପାଦର ତଳିପାରେ ଥିବା କିଛି ପଏଣ୍ଟ ଆଖି ସହିତ ଜଡିତ। ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଏହି ପଏଣ୍ଟଗୁଡ଼ିକ ସକ୍ରିୟ ହୁଏ, ଯାହା ଦୃଷ୍ଟିଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ।

### ସନ୍ତୁଳନ ଏବଂ ଶରୀରର ଉନ୍ନତି

ଜୋତା ନ ପିନ୍ଧି ଚାଲିବା ଦ୍ୱାରା ପାଦର ମାଂସପେଶୀ ସକ୍ରିୟ ହୁଏ। ଯାହା ଶରୀରର ସନ୍ତୁଳନ ଏବଂ ସଠିକ୍ ଶାରୀରିକ ସ୍ଥିତି ବଜାୟ ରଖିବାରେ ସାହାଯ୍ୟ କରେ।

### ଦିନକୁ କେତେ ମିନିଟ ଚାଲିବେ...

ଆୟୁର୍ବେଦିକ ଡାକ୍ତରମାନେ ଖାଲି ପାଦରେ ଚାଲିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅଭ୍ୟାସ ଭାବରେ ବିବେଚନା କରନ୍ତି। ସେମାନେ ପ୍ରାତଃକାଳରେ କିମ୍ବା ସନ୍ଧ୍ୟା ସମୟରେ, ଯେତେବେଳେ ପୃଥିବୀର ଶକ୍ତି ସବୁଠାରୁ ଅଧିକ ସକ୍ରିୟ ଥାଏ। ସେହି ସମୟରେ ଖାଲି ପାଦରେ ଚାଲିବାକୁ ପରାମର୍ଶ ଦିଅନ୍ତି। ପ୍ରାୟ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଦୈନିକ ଖାଲି ପାଦରେ ଚାଲିବା ସର୍ବୋତ୍ତମ। ଯଦି ଆପଣ ନୂଆ କରି ଏହି ଅଭ୍ୟାସ ଆରମ୍ଭ କରୁଛନ୍ତି, ତେବେ ୧୦-୧୫ ମିନିଟରୁ ଆରମ୍ଭ କରି ଧୀରେ ଧୀରେ ସମୟ ବଢ଼ାଇ ପାରିବେ। ସବୁଜ ଘାସ ଉପରେ, ମାଟିରେ କିମ୍ବା ବାଲି ଉପରେ ଖାଲି ପାଦରେ ଚାଲିବା ଅଧିକ ଲାଭଦାୟକ। କଂକ୍ରିଟ୍ କିମ୍ବା ପିଚୁ ରାସ୍ତାରେ ଚାଲିବାଠାରୁ ଏହା ଅଧିକ ଉପକାରୀ। ସକାଳର କଅଁଳିଆ ଖରାରେ ଘାସ ଉପରେ ଚାଲିବା ଶରୀର ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ।

### ଚାଲିବା ପୂର୍ବରୁ ସାବଧାନ

ଖାଲି ପାଦରେ ଚାଲିବା ପୂର୍ବରୁ ସ୍ଥାନଟି ସୁରକ୍ଷିତ ଅଛି କି ନାହିଁ, ତାହା ଯାଞ୍ଚ କରିନିଅନ୍ତୁ। କୌଣସି କଣ୍ଟା, କାଚ ଖଣ୍ଡ କିମ୍ବା ଅନ୍ୟ କୌଣସି ମାରାତ୍ମକ ବସ୍ତୁ ପଡ଼ିନଥିବା ସୁନିଶ୍ଚିତ କରନ୍ତୁ। ଯଦି ଆପଣଙ୍କର ମଧୁମେହ କିମ୍ବା ପାଦ ସମ୍ବନ୍ଧୀୟ କୌଣସି ଗୁରୁତର ସମସ୍ୟା ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ପରେ ହିଁ ଏହି ଅଭ୍ୟାସ ଆରମ୍ଭ କରନ୍ତୁ। ତେବେ ଖାଲି ପାଦରେ ଚାଲିବା ଏକ ସରଳ ଏବଂ ପ୍ରାକୃତିକ ଉପାୟ। ଯାହା ଶରୀର ଏବଂ ମନ ପାଇଁ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ଏହାକୁ ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ଆପଣ ଏକ ସୁସ୍ଥ ଓ ଶାନ୍ତ ଜୀବନ ବଞ୍ଚିପାରିବେ।

# ଲିପ୍‌ଷ୍ଟିକ୍‌ରେ ଲୁଚିଛି ଫୁସ୍‌ଫୁସ୍ କର୍କଟ ବିପଦ

ବିଶ୍ୱବ୍ୟାପୀ ସବୁଠାରୁ ଅଧିକ ବ୍ୟବହୃତ ପ୍ରସାଧନ ସାମଗ୍ରୀ ମଧ୍ୟରୁ ଲିପ୍‌ଷ୍ଟିକ୍ ହେଉଛି ଅନ୍ୟତମ। ଏହା ମୁଖମଣ୍ଡଳକୁ ଆକର୍ଷଣୀୟ କରିବା ସହ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିଥାଏ। ତେବେ ଏହାର ଆକର୍ଷଣ ତଳେ ଲୁଚି ରହିଥିବା ବିପଦ କଥା ହୁଏତ ଅନେକେ ଜାଣିନାହାନ୍ତି। ମହିଳାଙ୍କ ପାଇଁ ଅପରିହାର୍ଯ୍ୟ ପାଲଟିଥିବା ଏହି ସାମଗ୍ରୀରେ ରହିଛି ସୀସା ଓ କ୍ୟାଡ୍‌ମିୟମ୍ ଭଳି ବିଷାକ୍ତ ପଦାର୍ଥ। ଏଗୁଡ଼ିକ ଗମ୍ଭୀର ସ୍ୱାସ୍ଥ୍ୟସଂକଟ ସୃଷ୍ଟିକରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହି ଲୋଭନୀୟ ସାମଗ୍ରୀର ଦୀର୍ଘକାଳୀନ ବ୍ୟବହାର ଫୁସ୍‌ଫୁସ୍‌କୁ ପ୍ରଭାବିତ କରି କର୍କଟ ଭଳି ବିପଦର ଆଶଙ୍କା ସୃଷ୍ଟି କରେ ବୋଲି ଜଣାପଡ଼ିଛି।

ଏ ସଂପର୍କିତ ଅଧ୍ୟୟନ ଅନୁଯାୟୀ, ବଜାରରେ ଉପଲବ୍ଧ ଅନେକ ଜଣାଶୁଣା କମ୍ପାନିର ଲିପ୍‌ଷ୍ଟିକ୍‌ରେ ସୀସା, କ୍ୟାଡ୍‌ମିୟମ୍, କ୍ରୋମିୟମ୍, ବେରିଲିୟମ୍ ଓ ଥାଲିୟମ୍ ଭଳି କର୍କଟ ସୃଷ୍ଟିକାରୀ ଧାତୁ ଥାଏ। ଏପରିକି ପରୀକ୍ଷିତ ୯୬% ଲିପ୍‌ଷ୍ଟିକ୍‌ରେ ସୀସା, ୫୧%ରେ କ୍ୟାଡ୍‌ମିୟମ୍, ୯୦%ରେ ବେରିଲିୟମ୍ ଓ ୬୧%ରେ ଥାଲିୟମ୍ ରହିଛି। ଏହି ଧାତୁଗୁଡ଼ିକ ଚର୍ମ, ଖାଦ୍ୟଗ୍ରହଣ ବା ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଯାଇଥାଏ। ସୀସା ଏକ କର୍କଟ ସୃଷ୍ଟିକାରୀ ଧାତୁ ଓ ନ୍ୟୁରୋଟକ୍ସିନ୍ ହୋଇଥିବା ବେଳେ କ୍ୟାଡ୍‌ମିୟମ୍ ଏକ ଗ୍ରୁପ୍ ୧ ମାନବ କର୍କଟ ରୋଗ ସୃଷ୍ଟିକାରୀ ଧାତୁ। ଦୀର୍ଘସମୟ ବ୍ୟବହାର କଲେ ଫୁସ୍‌ଫୁସ୍, ସ୍ତନ ଓ ଏଣ୍ଡୋମେଟ୍ରିଆଲ୍ କର୍କଟ ଆଶଙ୍କା ସୃଷ୍ଟି ହୋଇଥାଏ। ଏହି କ୍ରମରେ କ୍ୟାଡ୍‌ମିୟମ୍ ଅତ୍ୟନ୍ତ କ୍ଷତିକାରକ ବୋଲି ବିଶେଷଜ୍ଞ ଡାକ୍ତର ଚେତାବନୀ ଦେଇଛନ୍ତି।

ଏହା ଫୁସ୍‌ଫୁସ୍ କର୍କଟ, ବୃକ୍କ କ୍ଷତି ଓ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି କରେ। ଭାରତୀୟ ଔଷଧ ଓ ପ୍ରସାଧନ ସାମଗ୍ରୀ ଆଇନ ଏଗୁଡ଼ିକର ବ୍ୟବହାର ସୀମା ଧାର୍ଯ୍ୟ କରିଛି। ସେଥି ମଧ୍ୟରେ ୨୦ ପିପିଏମ୍ ପର୍ଯ୍ୟନ୍ତ ସୀସା ଏବଂ ୧୦୦ ପିପିଏମ୍ ପର୍ଯ୍ୟନ୍ତ ମୋଟ୍ ଭାରୀ ଧାତୁ(ସୀସା ବ୍ୟତୀତ) ବ୍ୟବହାର ହୋଇପାରିବ। ତଥାପି ଲିପ୍‌ଷ୍ଟିକ୍ ଉତ୍ପାଦନରେ କ୍ୟାଡ୍‌ମିୟମ୍ ଭଳି କିଛି ଧାତୁ ପାଇଁ ସ୍ପଷ୍ଟ ଭାବେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇନାହିଁ। ତେବେ ଏ ବାବଦରେ ତନଖି ବ୍ୟବସ୍ଥା ଅତି ଦୁର୍ବଳ ଏବଂ ନିର୍ମାତାମାନେ ପ୍ରକୃତସ୍ତର ପ୍ରକାଶ କରିବାକୁ ବାଧ୍ୟ ନୁହନ୍ତି। ତେଣୁ ବିଷାକ୍ତ ରାସାୟନିକ ଲିପ୍‌ଷ୍ଟିକ୍ ବଦଳରେ ପ୍ରାକୃତିକ ଉପାଦାନରେ ତିଆରି ଲିପ୍‌ଷ୍ଟିକ୍ ଶ୍ରେୟସ୍କର ବୋଲି ଡାକ୍ତରମାନେ କହିଛନ୍ତି।



# ରାତିରେ ଶୋଇବା ପୂର୍ବରୁ ଦୁଇଟି ଲବଙ୍ଗ ଚୋବାନ୍ତୁ ମିଳିବ ଅନେକ ଫାଇଦା



ଛୋଟ ଦେଖାଯାଉଥିବା ଲବଙ୍ଗ ଅନେକ ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ରହିଛି ଯାହା ଅନେକ ରୋଗର ଚିକିତ୍ସାରେ ସାହାଯ୍ୟ କରିପାରେ। ଆୟୁର୍ବେଦ ମଧ୍ୟ ଲବଙ୍ଗକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରେ।ଔଷଧୀୟ ଗୁଣରେ ଭରପୂର ଏହି ମସଲାକୁ ନିୟମିତ ଭାବରେ ସେବନ କଲେ, ଅନେକ ଗମ୍ଭୀର ସମସ୍ୟାକୁ ଏଡାଯାଇପାରିବ।ଆଣ୍ଟି-ଇନ୍ଫ୍ଲ ।ମେଟରୀ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ବ୍ୟତୀତ, ଏଥିରେ ଭିଟାମିନ୍ ଇ, ଭିଟାମିନ୍ ସି, ଫୋଲେଟ୍, ରିବୋଫ୍ଲାଭିନ୍, ଭିଟାମିନ୍ ଏ, ଥିଆମିନ୍ ଏବଂ ଭିଟାମିନ୍ ଡି, ଓମେଗା-୩ ଫ୍ୟାଟି ଏସିଡ୍ ଭଳି ଜରୁରୀ ଉପାଦାନ ରହିଛି ଯାହା ସ୍ୱାସ୍ଥ୍ୟର ଉତ୍କୃଷ୍ଟ ଯତ୍ନ ନେଇଥାଏ। ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ରାତିରେ କେବଳ ୨ଟି ଲବଙ୍ଗ ଖାଇବା ଦ୍ୱାରା କ'ଣ ଲାଭ ମିଳିବ ଏବଂ ଏହାକୁ କିପରି ସେବନ କରିବେ।

**ପେଟସମସ୍ୟା:** ଲବଙ୍ଗଖାଇବାଦ୍ୱାରାକୋଷ୍ଠକାଠିନ୍ୟ, ଏସିଡିଟିଏବଂଗ୍ୟାସ୍‌ଭଳିପେଟ ସମସ୍ୟାରୁ ମୁକ୍ତି ମିଳିଥାଏ। ଲବଙ୍ଗ ଖାଇବା ଦ୍ୱାରା ପାଚନ କ୍ରିୟା ମଧ୍ୟ ଉନ୍ନତ ହୋଇଥାଏ।

**ପାଟି ଦୁର୍ଗନ୍ଧ:** ଯଦି ଆପଣଙ୍କ ପାଟିରୁ ଦୁର୍ଗନ୍ଧ ଆସୁଛି, ତେବେ ଏଥିପାଇଁ ଲବଙ୍ଗ ଲାଭଦାୟକ। ଶୋଇବା ପୂର୍ବରୁ ଦୁଇଟି ଲବଙ୍ଗ ଚୋବାନ୍ତୁ। ଏହା ପାଟି ଦୁର୍ଗନ୍ଧ ଦୂର କରିବା ସହିତ ଦାନ୍ତ ଯନ୍ତ୍ରଣା କମ କରିବାରେ ସାହାଯ୍ୟ କରିବ।

**ମୁଣ୍ଡବିନ୍ଧା:** ମୁଣ୍ଡବିନ୍ଧାରୁ ମୁକ୍ତି ପାଇବା ପାଇଁ, ଶୋଇବା ପୂର୍ବରୁ ଦୁଇଟି ଲବଙ୍ଗ ଚୋବାନ୍ତୁ। ଆପଣ ଭଲ ଅନୁଭବ କରିବେ।

**ଥଣ୍ଡା ଏବଂ କାଶ:** ଯଦିଆପଣଙ୍କରଥଣ୍ଡାଏବଂକାଶରସମସ୍ୟାରହିଥାଏ, ତେବେ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗ ସେବନ କରନ୍ତୁ।

**ରୋଗ ପ୍ରତିରୋଧକ ଶକ୍ତି:** ଯଦି ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ, ତେବେ ଏହାକୁ ପ୍ରତିଦିନ ଖାଇବା ଆରମ୍ଭ କରନ୍ତୁ। କିଛି ଦିନ ମଧ୍ୟରେ ଆପଣ ଏହାର ଲାଭ ଦେଖିବେ। ଶୋଇବାକୁ ଯିବା ପୂର୍ବରୁ ଦୁଇଟି ଲବଙ୍ଗ ଭଲ ଭାବରେ ଚୋବାନ୍ତୁ ଏବଂ ତା'ପରେ ଗୋଟିଏ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ଏଥିସହିତ ଆପଣ, ଦୁଇଟି ଲବଙ୍ଗ ପାଉଡର ଉଷୁମ ପାଣିରେ ମିଶାଇ ପିଅନ୍ତୁ।



# ଆଖିରେ ଦେଖାଯାଇଥାଏ ଉଚ୍ଚ ରକ୍ତଚାପର ଲକ୍ଷଣ

**ଆଜିକାଲି ମଣିଷଙ୍କୁ କଷ୍ଟ ଦେଉଥିବା ସବୁଠାରୁ ସାଧାରଣ ରୋଗ ହେଉଛି ଉଚ୍ଚ ରକ୍ତଚାପ । ପ୍ରାରମ୍ଭରେ, ଏହା ଅଧିକ ଲକ୍ଷଣ ଦେଖାଏ ନାହିଁ, କିନ୍ତୁ ସମୟ ସହିତ, ଏହା କ୍ରମଶଃ ବିପଦଜନକ ହୋଇଯାଏ। କିନ୍ତୁ କଣ ଆପଣ ଜାଣନ୍ତି ଯେ, ଆମ ଶରୀରର କେଉଁ ଅଙ୍ଗ ପ୍ରଥମେ ଉଚ୍ଚ ରକ୍ତଚାପର ଲକ୍ଷଣ ଦେଖାଏ ? ଯଦି ଆପଣ ଜାଣିନାହାଁନ୍ତି, ତେବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ସେହି ଅଙ୍ଗ ହେଉଛି ଆଖି। ଆଖି କିପରି ଉଚ୍ଚ ରକ୍ତଚାପର ଲକ୍ଷଣ ପ୍ରକାଶ କରେ ଏବଂ ଏହା କିପରି ଆଖିକୁ କ୍ଷତି ପହଞ୍ଚାଇପାରେ ତାହା ଆମେ ବୁଝାଇବା।**

ଅନେକ ରୋଗ ଅଛି ଯାହାର ଲକ୍ଷଣ ଆଖି ମାଧ୍ୟମରେ ଦେଖାଯାଏ, ଯେପରିକି ଉଚ୍ଚ ରକ୍ତଚାପ। ରେଟିନାରେ ପରିବର୍ତ୍ତନ ଉଚ୍ଚ ରକ୍ତଚାପର ପରିମାଣ ପ୍ରକାଶ କରେ ଏବଂ ଶରୀରର ଅନ୍ୟ ଅଂଶର କ୍ଷତିର ପରିମାଣ ଆକଳନ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଆଖିର ରେଟିନାରେ ଥିବା ଛୋଟ ରକ୍ତବାହୀ ନଳୀଗୁଡ଼ିକ ରକ୍ତଚାପରେ ସାମାନ୍ୟ ପରିବର୍ତ୍ତନକୁ ସହଜରେ ଚିହ୍ନଟ କରିପାରନ୍ତି । କାରଣ ସେମାନେ ବହୁତ ସମ୍ବେଦନଶୀଳ। ଆପଣ ଆଖିକୁ ଦେଖି ମଧ୍ୟ ଏହା ଆକଳନ କରିପାରିବେ, ରକ୍ତଚାପ ବୃଦ୍ଧି ପାଇବା ମାତ୍ରେ ଛୋଟ ରକ୍ତବାହୀ ନଳୀଗୁଡ଼ିକ ତୁରନ୍ତ ପୂର୍ବ ଅପେକ୍ଷା କଠିନ ଏବଂ ସଂକୀର୍ଣ୍ଣ ଦେଖାଯାଏ। ଏହାର ପ୍ରଭାବ ଆମ ଆଖି ଉପରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ।

### ଆଖିର କେତେ କ୍ଷତି ହୁଏ ?

ଯଦି ଉଚ୍ଚ ରକ୍ତଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହାର ପ୍ରଭାବ ଆଖିରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ। ରେଟିନା କ୍ଷତି ହେବା ଆରମ୍ଭ କରେ, ଯାହାକୁ ଡାକ୍ତରୀ ଶବ୍ଦ ଭାବରେ ହାଇପରଟେନ୍ସିଭ୍ ରେଟିନୋପାଥି କୁହାଯାଏ। ଏହି ସମୟ ମଧ୍ୟରେ, ରେଟିନା ଧମନୀଗୁଡ଼ିକ ପୂର୍ବ ଅପେକ୍ଷା ବହୁତ କଠିନ ଏବଂ ଘନ ହୋଇଯାଏ। ଯଦି ଏହି ପ୍ରଭାବ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଧମନୀ ଚାରିପାଖରେ ରୂପା ତାର ସୃଷ୍ଟି ହେବା ଆରମ୍ଭ ହୁଏ। ପରେ, ଏହି କଠିନ ଧମନୀଗୁଡ଼ିକ ଶିରାରେ ରକ୍ତ ପ୍ରବାହକୁ ମଧ୍ୟ ବାଧା ଦେବା ଆରମ୍ଭ କରେ, ଯାହାକୁ ଆର୍ଟେରିଓଭେନସ୍ ନିକିଙ୍ଗ କୁହାଯାଏ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହା ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିପାରେ। ଏହା ରେଟିନା ଶିରା ଅବରୋଧ, ରେଟିନା ଧମନୀ ଅବରୋଧ, ମାଲିଗ୍ନାଣ୍ଟ ହାଇପରଟେନସନ୍, ଏବଂ ଫୁଲା ଏବଂ ତରଳ ପଦାର୍ଥ ଲିକେଜ୍ ଭଳି ଅବସ୍ଥା ମଧ୍ୟ ସୃଷ୍ଟି କରିପାରେ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହା ହୃତପିଣ୍ଡ ଏବଂ ବୃକକ୍ ସହିତ ଆଖି ଉପରେ ମଧ୍ୟ ପ୍ରଭାବ ପକାଇପାରେ।

### ଡାକ୍ତରମାନେ କଣ କୁହନ୍ତି ?

ନୂଆଦିଲ୍ଲୀର ରୋହିଣୀର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ପ୍ରସିଦ୍ଧ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ସିଂହ କୁହନ୍ତି, "ଉଚ୍ଚ ରକ୍ତଚାପ କେବଳ ହୃତପିଣ୍ଡ ଏବଂ କିଡନୀକୁ ପ୍ରଭାବିତ କରେ ନାହିଁ, ଏହା ଆଖିକୁ ମଧ୍ୟ ପ୍ରଭାବିତ କରେ। ଯଦି ଆମେ ସମୟ ମଧ୍ୟରେ ଧ୍ୟାନ ନ ଦେବା, ତେବେ ଏହା ଆଖିକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ଉଚ୍ଚ ରକ୍ତଚାପ ଥିବା ରୋଗୀମାନେ ସମୟ ସମୟରେ ସେମାନଙ୍କର ଆଖି ଯାଞ୍ଚ କରାଇବା ଉଚିତ।"

● ଲଘୁଚାପ ବର୍ଷାରେ ଥୁଆମୂଳରାମପୁର ଅଞ୍ଚଳ ବେହାଲ

## ଭରା ନଈରେ ବାଇକ ସହ ଭାସିଗଲେ ଦୁଇ ଭାଇ



**କଳାହାଣ୍ଡି,୫।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ଲଘୁଚାପ ଜନିତ ବର୍ଷାର ବିପ୍ଳବ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁଯାଇ ଜିଲ୍ଲାର ଥୁଆମୂଳ ମୁଳରାମପୁର ବ୍ଲକରେ ୨୪ ଘଣ୍ଟାରେ ୩୧୨ ମିଲିମିଟରର ରେକର୍ଡ ବର୍ଷା ହୋଇଛି। ୨୦୧୭ ମସିହା ପରେ ପରେ ଏଭଳି ବର୍ଷା ହୋଇଥିବା ଜଣାପଡ଼ିଛି। ଫଳରେ ବିଭିନ୍ନ ସ୍ଥାନରେ ଭୁସ୍ଖଳନ ହେବା ଦ୍ୱାରା ମାଟି ଅତଡା ଖସି ଗମନାଗମନରେ ବାଧାସୃଷ୍ଟି ହୋଇଥିବା ଜଣାପଡ଼ିଛି। ଅନେକ ଲୋକଙ୍କ ଚାଷ ଜମି ବାଲି ମାଟିରେ ପୋତି ହୋଇଯାଇଥିବା ଯୋଗୁଁ ଫସଲହାନି ଘଟିଛି। ଅନେକ ଗରିବ ଲୋକଙ୍କ ଘର ମଧ୍ୟ ନଷ୍ଟ ହୋଇଥିବା ସୂଚନା ରହିଛି। ଜନଜୀବନ ପ୍ରଭାବିତ ହୋଇପଡ଼ିଛି। ହେଲେ ଗୁରୁବାର ଦିନ ହୋଇଥିବା ଲଗାଣ ବର୍ଷାରେ ଘଟିଥିଲା ଏକ ଦୁଃଖଦ ଘଟଣା। ଗୋଟିଏ ବାଇକରେ ଦୁଇ ଭାଇ ଯାଉଥିବା ବେଳେ ବନ୍ୟାଜଳର କ୍ଷିପ୍ର ସ୍ରୋତରେ ଭାସିଯାଇଥିଲେ। ବ୍ଲକର ହାଡ଼ଖୁସି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାଶ ଓ ତାଙ୍କ ବଡ଼ ଭାଇ ଦିଲ୍ଲୀପ କୁମାର ଦାଶ ଯିଏକି ଥୁଆମୂଳରାମପୁର ବ୍ଲକରେ ତାଙ୍କର ଶିକ୍ଷକ ଚାକିରି ଜୀବନ ବିତାଇଥିଲେ। ଦୁହେଁ ଘାଟଗୁରୁଡ଼ି ରେଞ୍ଜ ଅଫିସରେ ବିଜୟା ଦଶମୀ ପୂଜା ସାରି ଭବାନୀପାଟଣା ଫେରୁଥିବା ବେଳେ କର୍ଲାପାଟ ଥାନା ଅନ୍ତର୍ଗତ ସେମେଲପଦର ନିକଟ ଏକ ନାଳରେ ୨ ଜଣ ଭାସି ଯାଇଥିଲେ। ଶିକ୍ଷକ ପ୍ରଦୀପ ଦାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ବଡଭାଇ ଦିଲ୍ଲୀପ କୁମାର ଦାଶ ଏବେବି ନିଖୋଜ ଥିବା ଜଣାପଡ଼ିଛି। ଭବାନୀପାଟଣା ଓଡ୍ରାପ ଟିମ୍ ଏବଂ କର୍ଲାପାଟ ପୋଲିସ ଖୋଜୁଥିବା ଜଣାପଡ଼ିଛି।

# ସରକାରୀ ସହାୟତା ଅପେକ୍ଷାରେ କର୍କଟ ପୀଡ଼ିତା

## କାଗଜପତ୍ର ନ ଥିବାରୁ ମିଳୁନି ବିଧବା ଭତ୍ତା



**ଫିରିଙ୍ଗିଆ,୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କ ରିପୋର୍ଟ ସରକାରୀ ସହାୟତା ଅପେକ୍ଷାରେ ମୁଖ କର୍କଟ ପୀଡ଼ିତ ଅସହାୟ ବିଧବା ମହିଳା। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସୁମେରୁ ବନ୍ଧ ପଞ୍ଚାୟତ ୯ ନମ୍ବର ୱାର୍ଡ ସୁମେରୁ ବନ୍ଧ ଗାଁର ୩୮ ବର୍ଷୀୟ ମହିଳା ସବିତା ମଲ୍ଲିକ। ଯିଏ ଅସହାୟ ଅବସ୍ଥାରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ୫ ବର୍ଷରୁ ଧରି ସେ କ୍ୟାନସରରେ ପୀଡ଼ିତ ଥିବା ବେଳେ ୨ ବର୍ଷରୁ ଅଧିକ ହେବ ଗାଲରେ ଘା' ହୋଇ ଅହରହ ପାଣି ଝରୁଛି। ଅର୍ଥ ଅଭାବରୁ ନିଜର ଚିକିତ୍ସା କରିବା ଅସମ୍ଭବ ହୋଇ ପଡ଼ିଛି। ଝୋଟ ଉପରେ ନଳିତା ବିଡ଼ା ପରି ପାଖରେ କେହି ନଥିବା ବେଳେ ସ୍ୱାମୀ ସୁକା ମଲ୍ଲିକ ଗତ ଦୁଇ ବର୍ଷ ହେବ ଆରପାରିକୁ ଚାଲି ଗଲେଣି। ପରିବାରରେ ବର୍ତ୍ତମାନ ଦୁଇ ପୁଅ ଓ ଦୁଇ ଝିଅକୁ ନେଇଁ ବଡ଼ କଷ୍ଟରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। କୌଣସି କାମ କରିବାକୁ ସେ ସକ୍ଷମ ନଥିବାରୁ ଏକୁଟିଆ ପରିବାର ପୋଷିବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଛି।ବର୍ତ୍ତମାନ ବଡ଼ ପୁଅ ଶାନ୍ତନୁ ମଲ୍ଲିକଙ୍କୁ ୧୭ ବର୍ଷ ହୋଇଥିବା ବେଳେ ଝିଅ ଝୁଲି ମଲ୍ଲିକଙ୍କୁ ୧୩ ଓ ମଝିଆ ପୁଅ ପ୍ରଫୁଲ୍ଲ ମଲ୍ଲିକଙ୍କୁ ୮ ବର୍ଷ ଏବଂ ସାନ ଝିଅ ଜିଲି ମଲ୍ଲିକଙ୍କୁ ୪ ବର୍ଷ। ସୁମେରୁ ବନ୍ଧ ପଞ୍ଚାୟତ ଏବଂ ଗାଁର ବାସିନ୍ଦା ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର ଘର ଖଣ୍ଡିଏ ନାହିଁ କି ପଟ୍ଟା ମଧ୍ୟ ହୋଇନାହିଁ। ଗତ ୨ ବର୍ଷ ହେବ ସ୍ୱାମୀ ସୁକା ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାଗଜପତ୍ର ଓ ପ୍ରମାଣପତ୍ର ନଥିବାରୁ ବିଧବା ଭତ୍ତାଟିଏ ବି ହୋଇପାରିନି। ଯାହା ଫଳରେ ସବିତା କୌଣସି ସରକାରୀ ସୁବିଧା ନ ପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଙ୍କର ଆଧାର କାର୍ଡ, ଜମିପଟ୍ଟା କି କୌଣସି କାଗଜପତ୍ର ନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ଏବଂ ଫିରିଙ୍ଗିଆ ଜନ୍ମ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଧାଇଁ ଧାଇଁ କୋଡ଼ିଏରୁ ପଚିଶ ହଜାର ଖର୍ଚ୍ଚ କରିସାରିଲେଣି। ତଥାପି କୌଣସି ସହାୟତା ମିଳିନଥିବା କହିଛନ୍ତି ସବିତା। ସରକାରଙ୍କ ତରଫରୁ କେବଳ ରାସନ କାର୍ଡଟିଏ ମିଳିଛି। ସେଥିରେ ପୁଣି ତାଙ୍କୁ ମାତ୍ର ୨୫ କେଜି ଚାଉଳ ମିଳୁଛି। ଯାହାକି ୫ ପ୍ରାଣୀ କୁଟୁମ୍ବ ପାଇଁ ଯଥେଷ୍ଟ ନୁହେଁ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ



**ନୀଳଗିରି,୫।୧୦(ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅର୍ନ୍ତଗତ ସନ୍ତରାଗଡ଼ିଆ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ଔପଦା ବ୍ଲକ ୧୦୦ ଜଣ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶ ସହିତ ଘୋଷ ବାଦନ ଶହ ସନ୍ତରାଗଡ଼ିଆ ସରସ୍ୱତୀ ଶିଶୁ ମନ୍ଦିରରେ ଉଦଘାଟନ ଉତ୍ସବ ସମାପ୍ତ କରି ସ୍ୱୟଂସେବକ ମାନେ ଗୈରିକ ଧ୍ୱଜ ଧରି କାନପୁର, ନୟାପାଟଣା, କୁଳିଗଡ଼ି ଓ ସନ୍ତରାଗଡ଼ିଆ ଗ୍ରାମ୍ୟ ରେ ପଥ ସଞ୍ଚଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଲକ୍ଷ ଥିଲା ଯେ ଭାରତ ର ହିନ୍ଦୁ ସମାଜ କୁ ସଂଗଠିତ କରି ସଂଘ ଶାଖାରେ ବ୍ୟକ୍ତି ନିର୍ମାଣ, ସେବା, ସମର୍ପଣ, ସୁରକ୍ଷା ଭାବନା ନିର୍ମାଣ ପ୍ରକ୍ରିୟା ଚାଲୁ ରଖିବାକୁ ହେବ। ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ୭୦୦ ଶହ ସଂଘ ଶାଖା ବିସ୍ତାର ହେବ ବୋଲି ବାଲେଶ୍ୱର ଜିଲ୍ଲାର ବିଭାଗ ପ୍ରଚାରକ ସ୍ୱୟଂସେବକ ପ୍ରକାଶ କରିଛନ୍ତି।

## ମେରା ଯୁବା ଭାରତ ଦ୍ୱାରା ଆନ୍ତର୍ଜାତିକ ବୟସ୍କ ଦିବସ

**ବେତନଟୀ,୫।୧୦(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଲାଖବିନ୍ଧା ଗଡ଼ଦେଉଳିଆ ରେ ବୀରବିର୍ସା କ୍ଲବ ଓ ମେରା ଯୁବ ଭାରତ (ମାଇଁ ଭାରତ) ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡା ମିଳିତ ଆନୁକୁଲ୍ୟରେ 'ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ' ହୋଇଯାଇଅଛି କ୍ଲବ ର ସମ୍ପାଦକ ଶଙ୍କର ଚପିଆର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଗଦାଧର ଜେନା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଧ୍ୟକ୍ଷତା କରିଥିଲେ ମୁଖ୍ୟ ଅତିଥି ଡ. ରମାକାନ୍ତ ମହାନ୍ତ ପରିବେଶ ବିତ ତଥା ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ, ମୁଖ୍ୟବକ୍ତା ସନ୍ତୋଷ କୁମାର ଖଣ୍ଡା, ସମ୍ପାଦକ ଫୋର୍ଡ, ଓ ସମ୍ମାନୀୟା ଅତିଥି ପାନମଣି ମୁର୍ମୁ ଯୋଗଦେଇଥିଲେ। କ୍ଲବ ର ଝିଅ ମାନଙ୍କ ଦ୍ୱାରା ସମସ୍ତ ବୟସ୍କ ବ୍ୟକ୍ତି ଓ ଅତିଥି ମାନଙ୍କୁ କଂସା ଥାଳିରେ ପାଦ ଦେଇଥିଲେ।

# ଅଭିଯୋଗ କରିବାକୁ ଆସି ଥାନାଅଧିକାରୀଙ୍କ ସହ ଧସ୍ତାଧସ୍ତି

## ଘଟଣାକୁ ଚାପିଦେବାକୁ ଉଦ୍ୟମ



**ବାଲିଆପାଳ,୫।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଭିଃଯୋଗକାରୀ ଏବଂ ବାଲିଆପାଳ ଥାନା ଅଧିକାରୀ ମଧ୍ୟରେ ଥାନା ଭିତରେ ଧସ୍ତା ଧସ୍ତି ହୋଇଥିବା ଦେଖିବାକୁ ମିଳିଛି।ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ତେବେ ଏହି ଘଟଣାରେ ଅଭିଯୋଗକାରୀ ଯୁବକ ମାନେ ସରକାରୀ କର୍ମଚାରୀ ହୋଇଥିବା ବେଳେ ବାଲିଆପାଳ ପୋଲିସ ସେମାନଙ୍କ ଉପରକୁ ପ୍ରଥମେ ହାତ ଉଠାଇ ମାଡ ମାରିବା, ସେମାନଙ୍କ ପ୍ୟାଣ୍ଟ ସାର୍ଟ ଛିଣ୍ଡିଦେବା କୁ ନେଇ ଏବେ ଉଭୟ ପକ୍ଷ ଥାନା ଭିତରେ ବସି ଆପୋଷ ସମାଧାନ କରିଦେଇଥିବା ବେଳେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ମନାକରି ଉଭୟ ଘଟଣାକୁ ଏଡାଇ ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱର ଅଞ୍ଚଳର ଦୁଇ ଜଣ ଯୁବକ ତାଙ୍କର ପରିବାର ସହ ବାଲିଆପାଳ ଥାନା ବାସୁଦେବପୁର ଗ୍ରାମର ତାଙ୍କର ସଂପର୍କୀୟ ଙ୍କ ଘରକୁ ଆସିଥିଲେ, ରାସ୍ତା ରେ ଆସୁଥିବା ବେଳେ କେଉଁ ସ୍ଥାନରେ ତାଙ୍କ କାରର ନମ୍ବର ପ୍ଲେଟ୍ ଖସି ପଡ଼ିଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିଲେ, ମାତ୍ର କେଉଁ ଠାରେ ହଜିଛି କିମ୍ବା ଅନ୍ୟ କଣ ହୋଇଛି କହି ଅଭିଯୋଗ ରଖିବାକୁ ମନା କରିଥିଲେ ଥାନାରେ କାର୍ଯ୍ୟରତ ଥିବା ଦ୍ୱିତୀୟ ଅଧିକାରୀ।ଏହାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଦୁଇ ଜଣ ଯୁବକ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିଲେ, ଏନେଇ ଭିଡିଓ ଉତ୍ତୋଳନ କରିବାକୁ ମନା କରିବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିବା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ବାଲିଆପାଳ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଆସି ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରିବାରୁ ଥାନା ଅଧିକାରୀ ଏବଂ ଉକ୍ତ ଦୁଇ ଯୁବକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା, ଏପରିକି ଯୁବକ ମାନଙ୍କର ସାର୍ଟ ଛିଣ୍ଡିଯାଇଥିଲା ତେବେ ପୋଲିସ ସେମାନଙ୍କୁ ଥାନା ଭିତରେ ଅଟକ ରଖିଥିଲା ପରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ଜଣାଯାଇଛି।

## ବିଜେପିର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ



**ଦଶରଥପୁର,୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଦିନକୁ ଦିନ ପଞ୍ଚାୟତ ସ୍ତରରେ ବିଜେପି ନେତା ଓ କର୍ମୀ ମାନେ ସକ୍ରିୟ ହେବାରେ ଲାଗିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଏବେ ଠାରୁ ପଞ୍ଚାୟତ ଦଖଲ କରିବା ପାଇଁ ବିଜେପି ନେତା ଓ କର୍ମୀ ମାନେ ରଣ ନିତି ପ୍ରସ୍ତୁତି ଆରମ୍ଭ କରିଦେଇ ଥିବା ଦେଖିବା ପାଇଁ ମିଳିଛି।ଏହି ପରିପ୍ରେକ୍ଷୀରେ ଆଜି କୟାଁ ପଞ୍ଚାୟତସ୍ତ ମା ଜୟଚଣ୍ଡୀ ପୀଠରେ କୟାଁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ରୀନା କୁମାରୀ ନାୟକଙ୍କ ଆବାହକତ୍ୱରେ ଜୟଚଣ୍ଡୀ ମଣ୍ଡଳର କୟାଁ ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୟାଁ ପଞ୍ଚାୟତର ବୁଥ ସଭାପତି ସୂର୍ଯ୍ୟେନ୍ଦୁ ବିକାଶ ନାୟକ, ଉଦିତ ନାୟକ, ବାନାମ୍ବର ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ବିଜ୍ଞାନ ଦାସ, ବିଜୟ କୁମାର ନାୟକ, ଅଚ୍ୟୁତାନନ୍ଦ ଦାସଙ୍କ ସମେତ କୟାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସାହାଣୀ, ନାରୀନେତ୍ରୀ ପ୍ରଜ୍ଞା ନାୟକ, ବରିଷ୍ଠ ବିଜେପି ନେତା ବାସୁଦେବ ଦାସ, ସୁରଥ ମଲ୍ଲିକ, ସନ୍ତୋଷ ମାଝୀ, ଗିରିଶ ରାୟ, ପ୍ରଦୀପ୍ତ ନାୟକ, ସୁବାସ ମଲ୍ଲିକ, ପ୍ରମୁଖଙ୍କ ସମେତ ପ୍ରାୟ ଦୁଇ ସହରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଓଏଏସ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୫।୧୦(ସଂଚାର ବ୍ୟୁରୋ):** ସୋନପୁର ସହରର ବ୍ଲକ୍ ଛକ ଦୁର୍ଗା ପୂଜା ୨୦୨୫ ଅବସର ରେ ପୂଜା କମିଟି ପକ୍ଷରୁ ଆୟୋଜିତ ରାବଣ ପୋଡ଼ି ଉତ୍ସବ ରେ ୨୦୨୩ ପ୍ରଶାସନିକ ସେବା ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲା ର କୃତୀ ଛାତ୍ର ଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼.ନୃପ ରାଜ ସାହୁ ଓ ସମ୍ମାନିତ ଅତିଥି ଏସପି ନାରାୟଣ ନାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସମାଜ ର ଅବହେଳିତ ଅପହଞ୍ଚ ଅଞ୍ଚଳରେ ଜନତା ଙ୍କ ଉତ୍ତମ ସେବା ପ୍ରଦାନ ସହ ସଧାରଣ ଲୋକ ଙ୍କ ଅସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଓ ଏସପି ଶୁଭକାମନା ଜଣାଇଥିଲେ। ଶିକ୍ଷା, କଳା, ସଂସ୍କୃତି ସହ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜ୍ଜନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା କରା ଯାଇଛି। ୧୭ ନମ୍ବର ରାଙ୍କ ରଖିଥିବା ପଶ୍ଚିମ ଓଡ଼ିଶା ର ଟପ୍ପର ତଥା ସୁବର୍ଣ୍ଣପୁର ଜିଲ୍ଲା ର ତରଭା ରମ୍ପା ସିଂଢୋଲ ଗାଁ ର ସୁପ୍ରିୟା ମିଶ୍ର, ଜିଲ୍ଲାପାଳ ଙ୍କ ସୁ ପୁତ୍ର ସୌମ୍ୟ କାନ୍ତ ସାହୁ, ଡୁଙ୍ଗୁରିପାଲି ଗଜବନ୍ଦ ଗାଁ ର ଅନ୍ଧ ଝିଅ ସ୍ମୃତିଶିଖା ଭୋଇ, ସୋନପୁର ର ଅଂଶୁମାନ ସାହୁ, ସମୃଦ୍ଧ ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବା ବେଳେ ଜିଲ୍ଲା ର +୨ ଟପ୍ପର ଦେବେନ୍ଦ୍ର ଖମାରୀ, ପୂଜା କମିଟି ର ସକ୍ରିୟ ସଦସ୍ୟ ଭାବେ ସୁବ୍ରତ ସେଠୀ, ସର୍ବେଶ୍ୱର ନାୟକ ଙ୍କୁ ଓ କଳା କ୍ଷେତ୍ରରେ ଲକ୍ଷ୍ମୀ ପ୍ରିୟା ପାଣିଗ୍ରାହୀ ଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ସଡ଼କ ଦୁର୍ଘଟଣାରେ ଜିଲ୍ଲା ବିଜେଡି ସମ୍ପାଦକଙ୍କ ଅକାଳ ବିୟୋଗ



**ତିର୍ତ୍ତୋଲ,୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଅଶ୍ୱିନୀ ବିଶ୍ୱାଳ ଙ୍କ କଟକ ପାରାଦ୍ୱୀପ ରାସ୍ତାର ମଣିଜଙ୍ଗା ହୁକୁଟଲା ଠାରେ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ତିର୍ତ୍ତୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତିର୍ତ୍ତୋଲ ବ୍ଲକ କୋଷ୍ଠୀ ମଲ୍ଲୀକାପୁର ପଞ୍ଚାୟତ ର ବାସିନ୍ଦା ଅଶ୍ୱିନୀ ବିଶ୍ୱାଳ ଗତ କାଲି ବିଳମ୍ବିତ ରାତିରେ ତିର୍ତ୍ତୋଲ ରୁ ରାହାମା ଯାଉଥିବା ବାଟରେ ମଣିଜଙ୍ଗା ହୁକୁଟଲା ଠାରେ ସଡ଼କ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ କିଛି ଯୁବକ ପୋଲିସ ପିସିଆର ଗାଡି ମଣିଜଙ୍ଗା ମେଡିକାଲ କୁ ନେଇ ଆସିଥିଲେ। ତାଙ୍କର ଶରୀର ରେ ଗଭୀର ଆଘାତ ଲାଗିଥିବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ଅକାଳ ମୃତ୍ୟୁ ଖବର ପାଇ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ଅଧ୍ୟକ୍ଷଙ୍କ ସମେତ ବିଜେଡି ର ବହୁ ତୁଙ୍ଗ ନେତା କର୍ମୀ ଓ ଜନସାଧାରଣ ମାନେ ମଣିଜଙ୍ଗା ମେଡିକାଲରେ ପହଂଚି ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକଟ କରିଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

**ଜୟପୁର,୫।୧୦ (ସଂଚାର ବ୍ୟୁର):** ବିଦ୍ୟୁତ ସ୍ପର୍ଶରେ ମହିଳା ମୃତ୍ୟୁ। ବୈପାରୀଗୁଡା ଥାନା ଅନ୍ତର୍ଗତ ପୂଜାରୀଗୁଡା ଗ୍ରାମ ର କୃଷ୍ଣ ମାଝୀ ଙ୍କ ପତ୍ନୀ ବୃନ୍ଦା ମାଝୀ ନିଜ ଘର ର ବଲବ ଜଳାଇବା ପାଇଁ ସ୍ୱିଚ ଦବାଇବା ବେଳେ ବିଦ୍ୟୁତ ସର୍ଟ ହୋଇଥିଲା ଫଳରେ ଗୁରୁତର ହୋଇଯାଇଥିଲେ ଏବଂ ତାଙ୍କୁ ସଂଗେ ସଂଗେ ବୈପାରୀଗୁଡା ଡାକ୍ତରଖାନା ଆଣିଥିଲେ କିନ୍ତୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ମୃତ୍ୟୁ ବୃନ୍ଦା ଙ୍କ ପୁଅ ବୈପାରୀଗୁଡା ଥାନା ରେ ଲିଖିତ ଅଭିଯୋଗ ପରେ ବୈପାରୀଗୁଡା ପୋଲିସ ଶବ ଜବତ କରିବା ସହ ତଦନ୍ତ କରିବା ସହ ଆସନ୍ତାକାଲି ଶବ ବ୍ୟବଛେଦ ପରେ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯିବ ବୋଲି ବୈପାରୀଗୁଡା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## କ୍ଷେତ୍ରୀୟ ପାଇକ ସମାଜର ନୂଆଖାଇ ଭେଟଘାଟ



**ନବରଙ୍ଗପୁର / ଝରିଗାଁ,୫।୧୦ (ସଂଚାର ବ୍ୟୁରୋ):** ପୂର୍ବାହ୍ନ ୧୧ଘ: ସମୟରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଚିତା ବେଢ଼ା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗ୍ରାମ ପଣ୍ଡରା ଗନ୍ଧି ଠାରେ ଚାରିଗଡ଼ କ୍ଷେତ୍ରୀୟ ପାଇକ ସମାଜର ବ୍ଲକସ୍ତରିୟ ନୂଆଁଖାଇ ଭେଟଘାଟର ଆୟୋଜନ କରାଯାଇଥିଲା, ଏଥିରେ ମିଟିଂ ପରିଚାଳନା କରିଥିଲେ ଜିଲ୍ଲା ଓବିସି ମାର୍ଚ୍ଚାର ସାଧାରଣ ସଂପାଦକ ଶ୍ରୀ ଯୁକ୍ତ ପର୍ଶୁରାମ ନାୟକ, ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ପାପଡା ହାଣ୍ଡି ବ୍ଲକ ସଭାପତି ଶ୍ରୀଯୁକ୍ତ ନର୍ସିଂନାୟକ, ଅନ୍ୟତମ ଅତିଥି ଶ୍ରୀଉର୍ଦ୍ଧ୍ୱବ ନାୟକ, ସମ୍ମାନିତ ଅତିଥି ରୂପେ ଆମର ସିଂ ପାଇକ, ସମେତ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ସମାଜର ବନ୍ଧୁ ବର୍ଗ ଓ ମହିଳା ଉପସ୍ଥିତ ହୋଇଥିଲେ। ଏଥିରେ ସମାଜର ରିତିନିତି, ଓବିସି ମାନଙ୍କୁ ୨୭%ସ୍ଥାନ ସଂରକ୍ଷଣ ଓ ଗରିବ ଛାତ୍ରଛାତ୍ରୀ ମାନଙ୍କୁ ଆବାସିକ ବିଦ୍ୟାଳୟରେ ନାମଲେଖାଇବା, ରାଜନୈତିକ, ଚାକିରି, କ୍ଷେତ୍ରରେ ନିଯୁକ୍ତି ସୁଯୋଗ, ଆମର ସମାଜର ବେକାରୀ ଯୁବକଯୁବତୀ ମାନଙ୍କୁ ଓଟିଇଟି, ଆଇ, ଟାଇ, ଏ ଏନ୍ ମେ, ଜିଏନମେ, ବୈଶିକ୍ଷ ଶିକ୍ଷା କ୍ଷେତ୍ରରେ ସ୍ଥାନ ସରକ୍ଷେଣ, ସମାଜର ଗୋରିବ ପରିବାରଙ୍କୁ ବେବସାୟ ଋଣ ଯୋଗାଇବା, ବଣଜଙ୍ଗଲରେ ବସ ବାସ କରୁଥିବା ଗରିବ ଚାଷୀ ମାନଙ୍କୁ ଗାଇ ଛେଳିମେଣ୍ଢା ଋଣ ଯୋଗାଇବା ଓ ଅଭିଭୁକ୍ତ କୋରାପୁଟ ଜିଲ୍ଲାର ବନ୍ୟା ଅଞ୍ଚଳ, ଡଙ୍ଗର, ପାହାଡିଆରେ ଥିବା ପାଇକ ସମାଜକୁ ସରକାର ଆଦିବାସୀ ମାନ୍ୟତା ଦେବା, ବିଷୟରେ ସରକାର ଙ୍କୁ ଦାବି ଦେବା ସମ୍ବଦେ ଆଲୋଚନା କରାଯାଇ ଥିଲା।

## ମୟୂରଭଞ୍ଜ କଳାକାର ସଂଘର ସାଂଗଠନିକ ବୈଠକ



**ବେତନଟୀ,୫।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ଦୁଇଶତାଧିକ କଳାକାର ଗଣ ସ୍ଥାନୀୟ ଦମୟନ୍ତୀ ମଣ୍ଡପରେ ଏକ ବନ୍ଧୁମିଳନ ସମାବେଶରେ ନିଜର ସଂଗଠନ ଓ ଦାବି ସଂପର୍କରେ ଆଲୋଚନା କରିଥିଲେ। ଏଥିରେ ସଭାପତି ଡଃ କୃପାସିନ୍ଧୁ ମହାନ୍ତ ଅଧ୍ୟକ୍ଷତା କରିଥିଲାବେଳେ ସଂପାଦକ ସଞ୍ଜୟ କୁମାର ମହାନ୍ତ ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ହରିଶ ଚନ୍ଦ୍ରନନ୍ଦ ଗୋସ୍ୱାମୀ, ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଆଇନଜୀବୀ ତଥା ସଂଗଠକ ସଚ୍ଚିଦାନନ୍ଦ ମହାନ୍ତି ମଞ୍ଚାସୀନ ଥାଇ ସଂଘ ଗଠନ ଓ ଦାବି ହାସଲ ନିମନ୍ତେ କିଭଳି ଶ୍ରମ, ଅର୍ଥ ବ୍ୟୟ, ସ୍ୱାର୍ଥତ୍ୟାଗ କରିବାକୁ ପଡେ, ଏହା ନାନାଦି ଉଦାହରଣ ମାଧ୍ୟମରେ ଉଦବୋଧନ ଦେଇ ସଂଗଠନକୁ ମଜବୁତ୍ କରିବାର ପରାମର୍ଶ ଦେଇଥିଲେ। ସଭାପତି ଡଃ ମହାନ୍ତ ତାଙ୍କ ବକ୍ତବ୍ୟରେ ସଂଘର ଆଗାମୀ ଦିନରେ କାର୍ଯ୍ୟକ୍ରମ ସହ ଦାବି ଉପରେ ଆଲୋକପାତ କରିଥିଲେ।

## ବ୍ରଏଲର କୁକୁଡ଼ାର ଚାରୋଟି ଗୋଡ଼ ଦେଖିବାକୁ ଲାଗିଛି ଲୋକଙ୍କ ଭିଡ଼

**ବୋରିଗୁମ୍ମା,୫।୧୦ (ସଂଚାର ବ୍ୟୁରୋ):** ଆମେ ସମସ୍ତେ ସାଧାରଣ ରେ ଜାଣୁ କୁକୁଡ଼ାର ଦୁଇଟି ଗୋଡ଼ କିନ୍ତୁ ବୋରିଗୁମ୍ମା ଅଞ୍ଚଳରେ ଦେଖିବାକୁ ମିଳିଛି ନିଆରା ଦୃଶ୍ୟ।ଗୋଟିଏ କୁକୁଡ଼ାର ଚାରୋଟି ଗୋଡ଼।ଦେଖିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ।ବୋରିଗୁମ୍ମା କୋଷାଗୁଡା ମେଘା ପୋଲଟ୍ରି ଫାର୍ମ ନାମକ କୁକୁଡ଼ା ଫାର୍ମ ରେ ଏଭଳି ବିସ୍ମୟ କୁକୁଡ଼ା ଦେଖିବାକୁ ମିଳିଛି।ଗତ କିଛିଦିନ ତଳେ ଛତିଶଗଡ଼ ରୁ କୁକୁଡ଼ା ଗାଡ଼ି ଆସିଥିଲା ସେ କୁକୁଡ଼ା ମଧ୍ୟରୁ ଗୋଟିଏ କୁକୁଡ଼ାର ଚାରୋଟି ଗୋଡ଼ ଦେଖି ମାଲିକ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।ଖବର ପ୍ରସାରିତ ହେବା ପରେ ଚାରି ଗୋଡ଼ କୁକୁଡ଼ା ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗି ରହିଛି।

## ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ହାତୀ-ମଣିଷ ଲଢେଇ

# ଗାଈଚରାଳିକୁ ଦଳିଦେଲା ଦନ୍ତା



**ଲାଞ୍ଜିଗଡ଼,୫।୧୦(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି। ହାତୀ ମଣିଷ ଲଢ଼େଇ ଭିତରେ ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହିତ୍ରାହି ଡାକୁଥିବାବେଳେ ବନବିଭାଗ ଦ୍ୱାରା ନିୟୋଜିତ ଥିବା ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ଼ ଟିମ କାର୍ଯ୍ୟରେ ଆସୁନ'ଥିବା ମତ ପ୍ରକାଶ ପାଇଛି। ଜଙ୍ଗଲୀ ହାତୀ ଆକ୍ରୋଶର ଶିକାର ହୋଇଛି ଆଉ ଜଣେ ଯୁବକ। ହାତୀ ମଣିଷ ଲଢ଼େଇରେ ୧୮ ବର୍ଷିୟା ଯୁବକର ଜୀବନ ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ କୁମଖାଲ ପଞ୍ଚାୟତର କାତେଲବାୟୁ ଗାଁରେ। ସୂଚନା ଅନୁସାରେ ଆଦି ମାଝୀଙ୍କ ଏକ ମାତ୍ର ପୁଅ ଅନିଲ ମାଝୀ ନିଜ ଗାଈ ଓ ଛେଳି କୁ ନେଇ ନିକଟସ୍ତ ବରୀ ଜଙ୍ଗଲକୁ ଚରାଇବା ପାଇଁ ନେଇଥିଲା ଏହି ସମୟରେ ହାତୀ ଓ ଅନିଲ ସାମ୍ନା ସାମ୍ନି ହୋଇଥିଲେ। ପ୍ରାଣ ବିକଳରେ ଅନ୍ୟ ଗାଈ ଚରାଳିମାନେ ଦୌଡ଼ି ପଳାଇ ଯାଇଥିବାବେଳେ ଅନିଲ ହାତୀ ହାବୁଡ଼ରେ ପଡ଼ି ଯାଇଥିଲା। ହାତୀ ଅନିଲକୁ ଶୁଣ୍ଢରେ ଟେକି କଚାଡ଼ି ଦେଇ ଛାତିରେ ଦଳି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ହାତୀ ପଳାଇବା ପରେ ଗ୍ରାମବାସୀ ମାନେ ଅନିଲକୁ ଡାକ୍ତର ଖାନା ନେବାପାଇଁ ଚେଷ୍ଟା କରିଥିଲେ ହେଲେ ଅନିଲର ମୃତ୍ୟୁ ହୋଇ ଯାଇଥିଲା। ବନବିଭାଗ ଖବର ପାଇ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝୀ ଓ ତାଙ୍କ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣା ପଡ଼ିଛି। ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ମୃତ ପରିବାରକୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଖବର ଲେଖାଯିବା ପୂର୍ବରୁ ଶବ ବ୍ୟବଚ୍ଛେଦର କୌଣସି ବ୍ୟବସ୍ଥା ହୋଇନ'ଥିବା ଜଣାପଡ଼ିଛି।

## ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ, କାଦୁଅ ରାସ୍ତା ପାଇଁ ଲୋକେ ହନ୍ତସନ୍ତ



**ବାରିପଦା,୫।୧୦(ସଂଚାର ବ୍ୟୋରୋ):** ଚଳିତ ବର୍ଷ ବର୍ଷା ରେକର୍ଡ ଭାଙ୍ଗିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଛାଡୁନାହିଁ ବର୍ଷା। ରାସ୍ତା ଘାଟ ର ଅବସ୍ଥା କହିଲେ ନସରେ। ଖାଲ ଖମାର କାଦୁଅ ପଚ ପଚ ରେ ଯାଉଛନ୍ତି ଲୋକେ। ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ମୟୁରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ମୁଣ୍ଡାଠାକୁରା ପଞ୍ଚାୟତର ମୁଣ୍ଡାକାଟି ରୁ ଏକତାଳି ପର୍ଯ୍ୟନ୍ତ ରାସ୍ତା ବେହାଲ। ବର୍ତ୍ତମାନର ବର୍ଷା ଦିନରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଏକତାଳି ଗାଁ ମୁଣ୍ଡ ବର୍ଷା ଯୋଗୁଁ ରାସ୍ତାଟି କାଦୁଆ ପଚ ପଚ। ଫଳରେ ଲୋକମାନଙ୍କୁ ଯିବା ଆସିବାରେ ଅନେକ ଅସୁବିଧା ହେଉଅଛି। ବିଶେଷ କରି ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେବା ସହିତ ରୋଗୀ ଏବଂ ଗର୍ଭବତୀ ମହିଳାମାନେ ଡ଼ାକ୍ତରଖାନା ଯିବା ପାଇଁ ମଧ୍ୟ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ସୂଚନା ଥାଉକି ଯେ ଏହି ରାସ୍ତା ଟି ସୁଲାଇପାଟ କୁ ସଂଯୋଗ ହୋଇଛି। ତେଣୁ ସୁଲେଇପାଟ ପର୍ଯ୍ୟଟନସ୍ଥଳୀ। ତେଣୁ ଏହି ରାସ୍ତାରେ ଲୋକମାନେ ଯେପରି ସୁରୁଖୁରୁରେ ଯିବା ଆସିବା କରି ପାରିବେ, ସେଥିପାଇଁ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଲଘୁଚାପଜନିତ ବର୍ଷାରେ ଭୁଶୁଡ଼ିଲା ଘର



**ଲାଞ୍ଜିଗଡ଼,୫।୧୦(ସଂଚାର ବ୍ୟୋରୋ):** ଗତ କିଛି ଦିନ ହେଲା କଳାହାଣ୍ଡି ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ହେବାରେ ଲାଗିଛି।ଏହି ଲଗାଣ ବର୍ଷାରେ ଅନେକ ଲୋକଙ୍କ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ଲାଞ୍ଜିଗଡ଼ ବ୍ଲକରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁଁ ଜଣେ ଅସହାୟଙ୍କ ଘର ଭୁଶୁଡି ପଡ଼ିଥିବା ଜଣାପଡ଼ିଛି। ସୂଚନା ପ୍ରକାଶଯେ'କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ପଞ୍ଚାୟତ ଅଧିନସ୍ତ ଗାରେଶ ଗ୍ରାମର କୃପା ହରପାଳଙ୍କ ଘର ଲଘୁଚାପ ବର୍ଷା ପ୍ରଭାବରେ ଭୁସୁଡ଼ି ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ କୃପା। ତାଙ୍କ ପରିବାର କହିଲେ କେହି ନାହାନ୍ତି। ହଁ ଆଜ୍ଞା, ଦୀର୍ଘ ବର୍ଷହେଲା ସେ ଏକା ହିଁ ଉକ୍ତ ମାଟି ଘରେ ବସବାସ କରି ରହି ଆସୁଥିଲେ। ଭାଇ ପୁଅ, ବହୁ ବା ଗ୍ରାମର ସମ୍ପର୍କୀୟ କେହି କିଛି ଖାଇବାକୁ ଦେଲେ ଖାଇ ସେଇ ମାଟି କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜୁ ଥିଲେ କୃପା। ହେଲେ ପରିତାପର ବିଷୟଯେ'ତାହା ବି ଦଇବ ସହି ପାରିଲା ନାହିଁ ବୋଧେ ଯେ'ଲଗାଣ ବର୍ଷାରେ ଭାଙ୍ଗିଦେଲା ଘର।ସରକାରୀ ସହାୟତା କହିଲେ ମାସକୁ ମାତ୍ର ପାଞ୍ଚ କେଜି ଚାଉଳ ଛଡ଼ା ଆଉ କିଛି ସେବା ମିଳିପାରୁନାହିଁ। ଖରା ବର୍ଷାରେ ମୁଣ୍ଡ ଗୁଞ୍ଜୁଥିବା ମାଟି କୁଡ଼ିଆ ଏବେ ଭୁସୁଡ଼ି ଯିବାରୁ ବାସହରା ଅବସ୍ଥାରେ ରହିଛନ୍ତି ଶ୍ରୀ ହରପାଲ। ତେଣୁ ଯଥା ସମ୍ଭବ ପଞ୍ଚାୟତ କର୍ତ୍ତୃପକ୍ଷ ତଥା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ କୌଣସି ସେବା ଯୋଗାଇ ଦେବାକୁ

## ବିଶ୍ୱଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମ ଚିନ୍ତନ କାର୍ଯ୍ୟକ୍ରମ

**ନୀଳଗିରି,୫।୧୦(ସଂଚାର ବ୍ୟୋରୋ):** ନୀଳଗିରି ସ୍ଥିତ ଡିଭାଇନ ଟ୍ୟୁଟୋରିଆଲ୍ ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନରେ ବିଶ୍ୱଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଯାହାର ନାମ:- 'ଗୁରୁ କୃପାଳୁ ତବ ଶରଣମ୍, ବନ୍ଦେ ଅହମ ଶ୍ରୀଗୁରୁ ଚରଣମ୍' ଶୀର୍ଷକ :- ଗୁରୁ ଶିଷ୍ୟ ସମ୍ବନ୍ଧ ସୁଦୃଢ଼ୀ କରଣ ନିମନ୍ତେ ଅନ୍ୱେଷଣ । ଉକ୍ତ ଉତ୍ସବ ପ୍ରଦୀପ ପ୍ରଜ୍ୱଳନ ଓ ବେଦ ମନ୍ତ୍ର ରୁ ଆରମ୍ଭ ହୋଇଥିଲା। ଯେଉଁଥିରେ ବହୁ ବିଶିଷ୍ଟ ଦକ୍ଷ ଅବସରପ୍ରାପ୍ତ ଗୁରୁଜୀ ଗୁରୁମା ତଥା କାର୍ଯ୍ୟରତ ଗୁରୁଜୀ ଉପସ୍ଥିତ ରହି ଏହି ଆଲୋଚନା ଚକ୍ରରେ ମହତ୍ୱ ମନ୍ତବ୍ୟ ଦେଇଛନ୍ତି । ଏଥିରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୁରୁ ଓ ଶିଷ୍ୟ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା । ଏହି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ସ୍ୱାଗତ ଅଭିଭାଷଣ ଡିଭାଇନ ଶିକ୍ଷାଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର।